ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଡିସେମ୍ବର ୨୫/୨୦୨୧ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Balasore, Saturday, December 25/2021 ★★★★

୪୮ଶ ଭାଗ ୩୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ବାବା ଅପରାଜିତଙ୍କ ଶତକ**

ସୌରାଷ୍ଟ୍ର ବିପକ୍ଷ ବିଜୟ ହଜାରେ ଟ୍ରଫି ମ୍ୟାଚରେ ତାମିଲନାଡୁ ଓପନର ବାବା ଅପରାଜିତ ଶତକ ହାସଲ କରିଛନ୍ତି।

୧୨

୦୨

**ଘୃଣା ବିସ୍ତାର କରନ୍ତି ହିନ୍ଦୁତ୍ୱବାଦୀ**

ହିନ୍ଦୁତ୍ୱବାଦୀ ସର୍ବଦା ଘୃଣା ବିସ୍ତାର କରି ହିଂସା ଉସୁକାଉଥିବାରୁ ସବୁ ସମ୍ପ୍ରଦାୟର ଲୋକଙ୍କୁ ମୂଲ୍ୟ ଦେବାକୁ ପଡ଼ିଥାଏ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।



# ବଡ଼ଦିନ, ନୂଆବର୍ଷ ପାଇଁ କଟକଣା

- ଜିରୋ ନାଇଟ୍ ସେଲିବ୍ରେଶନକୁ ବାରଣ
- ସାମାଜିକ ସମାବେଶ, ରାଲି, ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ
- ବାହାଘର, ଅନ୍ତ୍ୟେଷ୍ଟି କ୍ରିୟାକୁ ଅନୁମତି, ଭୋଜିକୁ ନା

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

କରୋନା ସଂକ୍ରମଣ ଜାରି ରହିଥିବାବେଳେ ନୂଆ ଭାରିଆଣ୍ଟ ଓମିକ୍ରନ୍‌କୁ ନେଇ ଏବେ ଚିନ୍ତା ବଢ଼ିଛି। ସଂକ୍ରମଣ ଏଡାଇବାକୁ ବଡ଼ଦିନ ଓ ନୂଆବର୍ଷ ପାଇଁ ରାଜ୍ୟ ସରକାର କଟକଣା ଲଗାଇଛନ୍ତି। ଶନିବାର ଅର୍ଥାତ୍ ୨୫ ତାରିଖ ବଡ଼ଦିନ ଓ ଡିସେମ୍ବର ୩୧ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ଏହା ଲାଗୁ ହେବ। ଏ ନେଇ ଶୁକ୍ରବାର ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି)ଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବଡ଼ଦିନ ପାଳନକୁ କେବଳ ଚର୍ଚ୍ଚ ଭିତରେ ସୀମିତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସର୍ବାଧିକ ୫୦ ଜଣଙ୍କୁ ନେଇ କୋଭିଡ୍ ପ୍ରୋଟୋକଲ ମାନି ବଡ଼ଦିନ ପାଳନ ହେବ। ଏଥିସହ ଜିଲା ପ୍ରଶାସନ ବା ମହାନଗର ନିଗମ କର୍ତ୍ତୃପକ୍ଷ ବା ସ୍ଥାନୀୟ କର୍ତ୍ତୃପକ୍ଷ ଯଦି କିଛି ନିୟମ କରିଥା'ନ୍ତି, ତା'ହେଲେ ତାକୁ ବି ପାଳନ କରିବାକୁ ପଡ଼ିବ। ସେହିଭଳି ଜିରୋ ନାଇଟ୍ ସେଲିବ୍ରେଶନକୁ ମଧ୍ୟ ବାରଣ କରାଯାଇଛି। ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ହୋଟେଲ, କ୍ଲବ ଓ ରେଷ୍ଟୁରାଣ୍ଟରେ କୌଣସି ପ୍ରକାର କାର୍ଯ୍ୟକ୍ରମ କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ପାର୍କ, କନ୍‌ଭେନ୍‌ଶନ ହଲ୍ ଓ କଲ୍ୟାଣ ମଣ୍ଡପରେ ବି ନୂଆବର୍ଷ ପାଳନ ଉପରେ କଟକଣା ଲଗାଯାଇଛି। ସମସ୍ତ ପ୍ରକାର ମିଳିତ ଭୋଜି, ସାମାଜିକ ସମାବେଶ, ରାଲି, ନାଚ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସମ୍ପୂର୍ଣ୍ଣ ମନା କରାଯାଇଛି।

ଅନ୍ୟପକ୍ଷରେ ରାଜ୍ୟ ସରକାର ନୂଆ ଗାଇଡ୍‌ଲାଇନରେ ବାହାଘରକୁ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି। ବାହାଘର ବ୍ୟତୀତ ଅନ୍ୟ ସମସ୍ତ ଉତ୍ସବ ପାଳନ ଉପରେ ରୋକ୍ ଲଗାଇଛନ୍ତି। ବାହାଘରକୁ ଅନୁମତି ମିଳିଥିବାବେଳେ ବିବାହ ଉତ୍ସବ ଭୋଜି ବା ରିସେପ୍‌ଶନ ପାର୍ଟି ଉପରେ କଟକଣା ଲଗାଯାଇଛି। ଅର୍ଥାତ୍ କୋଭିଡ୍ କଟକଣାରେ ବାହାଘର ହୋଇପାରିବ, କିନ୍ତୁ ଅତିଥିଙ୍କ ପାଇଁ ଭୋଜି କରିପାରିବେ ନାହିଁ। ବାହାଘରରେ ଭିଡ଼ ନ କରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍–୧୯ କଟକଣା ମଧ୍ୟରେ ଅନ୍ତ୍ୟେଷ୍ଟି କ୍ରିୟା ବା ଶେଷକୃତ୍ୟ ସମ୍ପନ୍ନ କରିବାକୁ ମଧ୍ୟ ଅନୁମତି ମିଳିଛି। ଯେପରି ଅଧିକ ଲୋକଙ୍କ ଭିଡ଼ ନ ଜମିବ ସେଥିପାଇଁ ଏହିସବୁ କାର୍ଯ୍ୟକ୍ରମ ଉପରେ ସ୍ଥାନୀୟ ପ୍ରଶାସନର ନଜର ରହିବ। ଏ ନେଇ ଜିଲାପାଳ, ମହାନଗର ନିଗମ କମିଶନର, ପୋଲିସ କମିଶନରଙ୍କୁ କୋଭିଡ୍ ନିୟମକୁ କଡ଼ାକଡ଼ି ପାଳନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦରକାର ପଡ଼ିଲେ ଅଧିକ କଟକଣା ଲଗାଇବାକୁ ବି ସେମାନଙ୍କୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର।

ସୂଚନାଯୋଗ୍ୟ, ବଡ଼ଦିନ ଓ ନୂଆବର୍ଷ ପାଇଁ ପ୍ରଥମେ ଡିସେମ୍ବର ୨୫ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଥିଲା। ପରେ ଏଥିରେ ପରିବର୍ତ୍ତନ କରାଯାଇ କେବଳ ବଡ଼ଦିନ ୨୫ ତାରିଖ ଓ ଡିସେମ୍ବର ୩୧ରୁ ଜାନୁୟାରୀ ୨ ତାରିଖରେ କଟକଣା ଲାଗୁହେବା ନେଇ ସଂଶୋଧିତ ନିର୍ଦ୍ଦେଶନାମା ଜାରି କରିଛନ୍ତି ଏସ୍ଆର୍‌ସି। ଏଠାରେ ଉଲ୍ଲେଖଯୋଗ୍ୟ, ଡିସେମ୍ବର ୨୬ ହେଉଛି ବିଜୁ ଜନତା ଦଳ (ବିଜେଡି)ର ୨୫ତମ ପ୍ରତିଷ୍ଠା ଦିବସ।

# ବଦଳିଲା ସଂରକ୍ଷଣ ତାଲିକା

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

- ପ୍ରକାଶ ପାଇଲା ସାନି ଚିଠା ବିଜ୍ଞପ୍ତି
- ପଛୁଆବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ ନାହିଁ
- ମହିଳାଙ୍କ ପାଇଁ ୫୦% ସଂରକ୍ଷିତ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ ସଂରକ୍ଷଣ ତାଲିକାକୁ ବଦଳାଇଛନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଶୁକ୍ରବାର ସାନି ସଂରକ୍ଷଣ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ ଥିବା ସଂରକ୍ଷଣ ତାଲିକାରେ ପରିବର୍ତ୍ତନ କରାଯାଇଛି। ନୂତନ ପ୍ରକାଶିତ ଚିଠା ବିଜ୍ଞପ୍ତିରେ ଅନୁସୂଚିତ ଜନଜାତି ପାଇଁ ୭ ଜିଲା ପରିଷଦ ଆସନ ସଂରକ୍ଷିତ ରହିଥିବା ବେଳେ ଅନୁସୂଚିତ ଜାତି ପାଇଁ ୫ ଜିଲା ପରିଷଦ ଆସନ ସଂରକ୍ଷିତ ରହିଛି । ସେହିପରି ୧୦ ଜିଲା ପରିଷଦ ଆସନ ଅଣସଂରକ୍ଷିତ ରହିଛି ।

ରାଜ୍ୟ ସରକାର ୫୦ପ୍ରତିଶତ ଆସନରେ ମହିଳାଙ୍କୁ ପ୍ରାର୍ଥୀ କରିବା ନେଇ ପୂର୍ବ ବିଜ୍ଞପ୍ତିରେ ପ୍ରକାଶ କରିଥିବା ବେଳେ ସାନି ବିଜ୍ଞପ୍ତିରେ ମଧ୍ୟ ସମାନ ସଂଖ୍ୟକ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ କରିଛନ୍ତି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପଛୁଆବର୍ଗ ପାଇଁ କୌଣସି ସ୍ଥାନ ସଂରକ୍ଷିତ କରାଯାଇ ନାହିଁ । ଏ ନେଇ ଜନସାଧାରଣଙ୍କଠାରୁ ଆସନ୍ତା ଜାନୁୟାରୀ ୩ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ପୂର୍ବ ବିଜ୍ଞପ୍ତିରେ ପଛୁଆବର୍ଗଙ୍କ ପାଇଁ ୪ ଜିଲା ସଂରକ୍ଷିତ ରଖାଯାଇଥିବା ବେଳେ ଏସ୍‌ସି/ଏସ୍‌ଟିଙ୍କ ପାଇଁ ୧୪ ଏବଂ ୬ ଜିଲା ଅଣସଂରକ୍ଷିତ ମହିଳାଙ୍କ ପାଇଁ ରଖାଯାଇଥିଲା। କେନ୍ଦ୍ରାପଡ଼ା, ନୟାଗଡ଼, ଦେବଗଡ଼, ସୋନପୁର, ଝାରସୁଗୁଡ଼ା ଏବଂ ବଲାଙ୍ଗୀର ଜିଲା ପରିଷଦ ଆସନ ଅଣସଂରକ୍ଷିତ ଥିଲା।

ଜିଲା ପରିଷଦ ଅଧ୍ୟକ୍ଷ ସଂରକ୍ଷଣ ସାନି ଚିଠା ତାଲିକା: ପୃଷ୍ଠା-୪

ଆଜିର ସମ୍ପାଦକୀୟ ସୁରକ୍ଷାର ସ୍ୱର

DADLS-53










OIPR-15001/13/0094/2122






# ବିଶ୍ୱରେ ଚତୁର୍ଥ ଲହର

ନୂଆଦିଲ୍ଲୀ, ୨୪।୧୨(ପି.ଟି.)

ବିଶ୍ୱ ଏବେ କୋଭିଡ୍ ମହାମାରୀର ଚତୁର୍ଥ ଲହରକୁ ସାମ୍ନା କରୁଥିବା ନେଇ ଶୁକ୍ରବାର କେନ୍ଦ୍ର ସରକାର ଜନସାଧାରଣଙ୍କୁ ସତର୍କ କରାଇଛନ୍ତି। ଏଭଳି ସମୟରେ ମହାମାରୀକୁ ନେଇ ଲୋକେ ଖାମଖିଆଲି ନ ହେବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗହଳିଠାରୁ ଦୂରେଇ ରହିବା, ଆବଶ୍ୟକ ନ ଥିଲେ ଭ୍ରମଣରେ ନ ଯିବା ଏବଂ କରୋନା ସତର୍କତା ନିୟମ ପାଳନ କରିବା ଉପରେ କେନ୍ଦ୍ର ସରକାର ଜୋର୍ ଦେଇଛନ୍ତି। ଏଥିସହିତ କୋଭିଡ୍ ଟିକାକରଣ ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି।

ବିଶ୍ୱରେ କରୋନା ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ବଢ଼ିଚାଲିଛି। ଏବେ ଏହା ୧୦୮ ଦେଶକୁ ବ୍ୟାପିଲାଣି। ଭାରତରେ ଓମିକ୍ରନ୍ ସଂକ୍ରମଣ ୩୬୦ରେ ପହଞ୍ଚିଲାଣି । ଗୁରୁବାର ସାରା ବିଶ୍ୱରେ କୋଭିଡ୍-୧୯ ସଂକ୍ରମଣ ୯ ଲକ୍ଷ ରେକର୍ଡ କରାଯାଇଛି। ତେଣୁ ମହାମାରୀର ନୂଆ ଲହର ଆସିଥିବା ସ୍ପଷ୍ଟ ହୋଇଛି ବୋଲି ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି। ଯଦିଓ ୟୁରୋପ, ଉତ୍ତର ଆମେରିକା ଓ ଆଫ୍ରିକା ତୁଳନାରେ ଏସିଆରେ ନୂଆ ମାମଲା ସଂଖ୍ୟା କମ୍ ରହିଛି, ତଥାପି ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଭାରତରେ ଗତ ୪ ସପ୍ତାହ ହେଲା ଦୈନିକ କୋଭିଡ୍ ସଂକ୍ରମଣ ପ୍ରାୟ ୭,୦୦୦ ରହୁଛି। ଦେଶରେ ବର୍ତ୍ତମାନ ସୁଦ୍ଧା ୨ଟି ଲହର ଅନୁଭୂତ ହୋଇଛି।



■ସତର୍କ କରାଇଲା କେନ୍ଦ୍ର
■ଭାରତରେ ୩୬୦ ଓମିକ୍ରନ୍ ସଂକ୍ରମିତ

ପ୍ରଥମ ଲହର ୨୦୨୦ ସେପ୍ଟେମ୍ବରରେ ଏବଂ ଦ୍ୱିତୀୟ ଲହର ୨୦୨୧ ମେ'ରେ ଶୀର୍ଷ ଛୁଇଁଥିଲା। ଏବେ ବିଶ୍ୱରେ ପଜିଟିଭିଟି ହାର ୬.୧ ପ୍ରତିଶତ ଥିବାବେଳେ ଭାରତରେ ୫.୩ ପ୍ରତିଶତ ରହିଛି।

ଭାରତରେ ଚିହ୍ନଟ ୩୬୦ ଓମିକ୍ରନ୍ ସଂକ୍ରମିତଙ୍କ ମଧ୍ୟରୁ ୧୨୧ ଜଣଙ୍କର ବିଦେଶ ଭ୍ରମଣ ହିଷ୍ଟ୍ରି ରହିଛି। ଅନୁଧ୍ୟାନ କରାଯାଇଥିବା ୧୮୩ ମାମଲା ମଧ୍ୟରୁ ୯୧ ଜଣ କୋଭିଡ୍ ଟିକାର ସମ୍ପୂର୍ଣ୍ଣ ଡୋଜ୍ ଏବଂ ୩ ଜଣ ବୁଷ୍ଟର ଡୋଜ୍ ନେଇଛନ୍ତି। ୭୦ ପ୍ରତିଶତ ମାମଲାରେ କୌଣସି ଲକ୍ଷଣ ଦେଖାଯାଉନାହିଁ। ସଂକ୍ରମିତଙ୍କ ମଧ୍ୟରୁ ୬୧ ପ୍ରତିଶତ ପୁରୁଷ ବୋଲି ସରକାର ସୂଚନା ଦେଇଛନ୍ତି। ଡେଲ୍ଟା ତୁଳନାରେ ଓମିକ୍ରନ୍ ଭାରିଆଣ୍ଟ ଦ୍ରୁତ ସଂକ୍ରମିତ ହେଉଛି। ଗୋଷ୍ଠୀ ସଂକ୍ରମଣ ଅଞ୍ଚଳରେ ଏହା ୧.୫ରୁ ୩ ଦିନ ମଧ୍ୟରେ ଦ୍ୱିଗୁଣିତ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍ଓ) କହିଛି।

କେରଳ ଓ ମିଜୋରାମରେ ସଂକ୍ରମଣ ହାର ଅଧିକ ରହିଛି। ଦେଶର ୨୦ଟି ଜିଲାରେ ସାପ୍ତାହିକ ପଜିଟିଭିଟି ହାର ୫ରୁ ୧୦ ପ୍ରତିଶତ ଥିବାବେଳେ ୨ ଜିଲାରେ ୧୦ ପ୍ରତିଶତରୁ ଅଧିକ ରହିଛି। ବର୍ତ୍ତମାନ ସୁଦ୍ଧା ଭାରତର ପ୍ରାୟ ୬୧ ପ୍ରତିଶତ ସାବାଳକ କୋଭିଡ୍ ଟିକାର ଉଭୟ ଡୋଜ୍ ନେଇଥିବାବେଳେ ୮୯ ପ୍ରତିଶତ ପ୍ରଥମ ଡୋଜ୍ ନେଇଛନ୍ତି। ଓମିକ୍ରନ ସଂକ୍ରମଣକୁ ଦୃଷ୍ଟିରେ ରଖି ଘରୋଇ ହସ୍ପିଟାଲଗୁଡ଼ିକୁ ପ୍ରସ୍ତୁତ ରହିବାକୁ ସରକାର ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ଦେଶର ୧୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଓମିକ୍ରନ୍ ବ୍ୟାପିଲାଣି। ବର୍ତ୍ତମାନ ସୁଦ୍ଧା ୩୬୦ ଜଣ ଓମିକ୍ରନ୍‌ରେ ସଂକ୍ରମିତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୧୪ ଜଣ ସୁସ୍ଥ ହେଲେଣି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୮୮ ଜଣ ଆକ୍ରାନ୍ତ ହୋଇଥିବାବେଳେ ଦିଲ୍ଲୀରେ ୬୭, ତେଲଙ୍ଗାନାରେ ୩୮, ତାମିଲନାଡୁରେ ୩୪, କର୍ଣ୍ଣାଟକରେ ୩୧, ଗୁଜରାଟରେ ୩୦, କେରଳରେ ୨୭ ଏବଂ ରାଜସ୍ଥାନରେ ୨୨ ସଂକ୍ରମିତ ହୋଇଛନ୍ତି। ହରିୟାଣା, ଓଡ଼ିଶା, ଜମ୍ମୁ-କଶ୍ମୀର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ, ଚଣ୍ଡିଗଡ଼, ଲଦାଖ ଏବଂ ଉତ୍ତରାଖଣ୍ଡରେ ହାରାହାରି ସଂକ୍ରମଣ ୧ରୁ ୪ ମଧ୍ୟରେ ରହିଛି।

## ସଂକ୍ଷେପରେ

### ଆମେରିକା, ୟୁରୋପରେ ଡେଲ୍‌ମିକ୍ରନ୍ ସଂକ୍ରମଣ

**ନୂଆଦିଲ୍ଲୀ, ୨୪।୧୨:** କୋଭିଡ୍-୧୯ର ନୂଆ ଭାରିଆଣ୍ଟ ଓମିକ୍ରନ୍ ପ୍ରଥମେ ଦକ୍ଷିଣ ଆଫ୍ରିକାରେ ଚିହ୍ନଟ ହୋଇ ବର୍ତ୍ତମାନ ସୁଦ୍ଧା ୧୦୮ ଦେଶକୁ ମାଡ଼ିଗଲାଣି। ପୂର୍ବରୁ ଘାତକ ସାଜିଥିବା ଡେଲ୍ଟା ଭାରିଆଣ୍ଟ ସଂକ୍ରମଣ ଉତ୍ତର ଆମେରିକା ଏବଂ ୟୁରୋପରେ ଜାରି ରହିଥିବା ବେଳେ ଏବେ ତାହା ସହ ଓମିକ୍ରନ୍‌ର ମିଶ୍ରଣରୁ ଡେଲ୍‌ମିକ୍ରନ୍ ସୃଷ୍ଟି ହୋଇଛି। ଡେଲ୍‌ମିକ୍ରନ ଯୋଗୁ ସଂକ୍ରମଣ ଦ୍ରୁତତର ହେଉଥିବା ଜଣାପଡ଼ିଛି। ପାଶ୍ଚାତ୍ୟ ଦେଶରେ ଡେଲ୍‌ମିକ୍ରନ୍ ଭାରିଆଣ୍ଟ ସଂକ୍ରମଣର ସୁନାମି ଆଣିବ ବୋଲି ମହାରାଷ୍ଟ୍ର କୋଭିଡ୍-୧୯ ଟାସ୍କଫୋର୍ସ ସଦସ୍ୟ ଡ. ଶଶାଙ୍କ ଜୋଷୀ କହିଛନ୍ତି। ଡେଲ୍‌ମିକ୍ରନ୍ କରୋନା ଭୂତାଣୁର ନୂଆ ଭାରିଆଣ୍ଟ ନୁହେଁ। ଡେଲ୍ଟା ଏବଂ ଓମିକ୍ରନ୍ ମିଳିତ ଭାବେ କୋଭିଡ୍ ସଂକ୍ରମଣ ବଢ଼ାଉଥିବାରୁ ଏହାକୁ ଡେଲ୍‌ମିକ୍ରନ୍ କୁହାଯାଇଛି। ଆମେରିକାରେ ନୂଆ ସଂକ୍ରମଣର ୭୩ ପ୍ରତିଶତ ଓମିକ୍ରନ୍ ଯୋଗୁ ହେଉଥିବା ଜଣାପଡ଼ିଛି। ଗତ ମାସରେ ଆମେରିକାରେ ନୂଆ ସଂକ୍ରମଣର ୯୯.୫ ପ୍ରତିଶତ ଡେଲ୍ଟା ଭାରିଆଣ୍ଟ ଯୋଗୁ ହେଉଥିଲା। ସେହିପରି ବ୍ରିଟେନରେ ବୁଧବାର ପ୍ରଥମ ଥର ଲାଗି ଦୈନିକ କୋଭିଡ୍ ସଂକ୍ରମଣ ଲକ୍ଷେ ଟପିଥିଲା। ରୋଗ ପ୍ରତିରୋଧ ଶକ୍ତି ଦୁର୍ବଳ ଥିବା ବ୍ୟକ୍ତି, ବରିଷ୍ଠ ନାଗରିକ ଏବଂ ବହୁବିଧ ରୋଗ ଥିବା ବ୍ୟକ୍ତି ଡେଲ୍ଟା ଏବଂ ଓମିକ୍ରନ୍ ଭାରିଆଣ୍ଟ ଦ୍ୱାରା ସଂକ୍ରମିତ ହେବା ସମ୍ଭାବନା ଅଧିକ। ସେହିପରି କମ୍ ଟିକାକରଣ ହୋଇଥିବା ଅଞ୍ଚଳରେ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି।

### ଜାନୁୟାରୀରୁ ମୁମ୍ବାଇରେ ୱାଟର ଟ୍ୟାକ୍ସି ସେବା



**ମୁମ୍ବାଇ, ୨୪।୧୨:** ଦେଶର ବାଣିଜ୍ୟିକ ରାଜଧାନୀ ଭାବେ ପରିଚିତ ମୁମ୍ବାଇରେ ଜାନୁୟାରୀରୁ ନୂଆ ପରିବହନ ବ୍ୟବସ୍ଥା ୱାଟର ଟ୍ୟାକ୍ସି ସେବା ଆରମ୍ଭ ହେବାକୁ ଯାଉଛି। ଏହି ସେବା ଦକ୍ଷିଣ ମୁମ୍ବାଇ ଏବଂ ନଭି ମୁମ୍ବାଇ ମଧ୍ୟରେ ଅବାଧ ଯାତାୟାତ ସୁବିଧା ଯୋଗାଇପାରିବ। ଫେରି ହ୍ୱାର୍ଫସ୍ଥିତ ଡୋମେଷ୍ଟିକ୍ କ୍ରୁଜ୍ ଟର୍ମିନାଲ ଏବଂ ବେଲପୁର ଓ ନେରୁଲ ଟର୍ମିନାଲ ମଧ୍ୟରେ ୱାଟର ଟ୍ୟାକ୍ସି ସେବା ଆରମ୍ଭ ହେବ। ଇଣ୍ଟରନ୍ୟାଶନାଲ କ୍ରୁଜ୍ ଟର୍ମିନାଲରୁ ଏଲିଫାଣ୍ଟା, ଡୋମେଷ୍ଟିକ୍ କ୍ରୁଜ୍ ଟର୍ମିନାଲ (ଡିସିଟି)ରୁ ରେୱାସ୍, ଧରମତାର, କରନଜାଦେ, ଡୋମେଷ୍ଟିକ୍ କ୍ରୁଜ୍ ଟର୍ମିନାଲରୁ ବେଲପୁର, ନେରୁଲ, ଐରୋଲି, ଭାଶି, ଖଣ୍ଡେରି ଆଇଲାଣ୍ଡ ଏବଂ ଜବହାରଲାଲ ନେହେରୁ ବନ୍ଦର ମଧ୍ୟରେ ୱାଟର ଟ୍ୟାକ୍ସି ସେବା ଉପଲବ୍ଧ ହେବ।

### ଲୁଧିଆନା କୋର୍ଟ ବିସ୍ଫୋରଣ ପଛରେ ଖଲିସ୍ତାନୀ ଆତଙ୍କବାଦୀ

**ନୂଆଦିଲ୍ଲୀ, ୨୪।୧୨:** ପଞ୍ଜାବର ଲୁଧିଆନା ଜିଲା କୋର୍ଟରେ ଗୁରୁବାର ହୋଇଥିବା ବିସ୍ଫୋରଣ ପଛରେ ପାକିସ୍ତାନ ଆଇଏସ୍ଆଇ ସମର୍ଥିତ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନର ହାତ ଥିବା ଗୋଇନ୍ଦା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହି ବିସ୍ଫୋରଣରେ ଜଣକର ମୃତ୍ୟୁ ଘଟିବା ସହ ୬ ଜଣ ଆହତ ହୋଇଥିଲେ। ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ ଲାଲ୍‌କିଲ୍ଲା ଘଟଣା ପରେ ପଞ୍ଜାବରେ ଖଲିସ୍ତାନୀ ଶକ୍ତି ଆକ୍ରମଣ ଯୋଜନା କରିପାରେ ବୋଲି ଆଶଙ୍କା କରାଯାଉଥିଲା। ସେଥିପାଇଁ ଗୋଇନ୍ଦା ସଂସ୍ଥାଗୁଡ଼ିକ ଏହି ସଂଗଠନ ଉପରେ କଡ଼ା ନଜର ରଖିଥିଲେ। ପଞ୍ଜାବରେ ଆତଙ୍କବାଦୀ କାର୍ଯ୍ୟ ଲାଗି ସ୍ଥାନୀୟ କର୍ମୀମାନଙ୍କୁ ପାକିସ୍ତାନରେ ଥିବା ପରିଚାଳକମାନେ ନିର୍ଦ୍ଦେଶ ଦେଉଥିଲେ। ପୂର୍ବରୁ ରାଜ୍ୟ ପୋଲିସର ମିଳିତ ଅଭିଯାନ ଯୋଗୁ ସେମାନଙ୍କର କେତେକ ଯୋଜନା ବିଫଳ ହୋଇଥିଲା। ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ସହାୟତାରେ ପଞ୍ଜାବରେ ପୁଣିଥରେ ଖଲିସ୍ତାନୀ ଆନ୍ଦୋଳନକୁ ଉଜ୍ଜୀବିତ କରିବା ଲାଗି ଉଦ୍ୟମ ହେଉଛି। ଏଥିପାଇଁ ସ୍ଥାନୀୟ ଗ୍ୟାଙ୍ଗ୍‌ର ସହଯୋଗ ନିଆଯାଇଥିବା ନିର୍ଦ୍ଦିଷ୍ଟ ସୂଚନା ମିଳିଛି ବୋଲି ଅଧିକାରୀ ଜଣକ କହିଛନ୍ତି। ନଭେମ୍ବରରେ ପଠାନକୋଟ୍ ସ୍ଥିତ ସେନା କ୍ୟାଣ୍ଟନମେଣ୍ଟ ଗେଟ୍ ନିକଟରେ ଗ୍ରେନେଡ ବିସ୍ଫୋରଣ ସ୍ଥାନୀୟ ଅପରାଧୀମାନେ ଘଟାଇଥିଲେ। ଚଳିତ ବର୍ଷ ପଞ୍ଜାବ ନିକଟରେ ୪୨ଟି ଡ୍ରୋନ୍ ଉଡ଼ୁଥିବା ଦେଖାଯାଇଥିଲା। ଗତ ୫ ମାସରେ ପଞ୍ଜାବ ପୋଲିସ ୭ ଟିଫିନ ବୋମା ଏବଂ ୧୦ରୁ ଊର୍ଦ୍ଧ୍ୱ ହ୍ୟାଣ୍ଡ ଗ୍ରେନେଡ୍ ସୀମାନ୍ତ ସହରରୁ ଜବତ କରିଛି।

## ପୋଲିସ ଗୁଳିରେ ନାବାଳିକା ନିହତ

ଲସ୍ଏଞ୍ଜେଲସ୍, ୨୪।୧୨

ଆମେରିକାର ଲସ୍ଏଞ୍ଜେଲସ୍‌ରେ ଗୁରୁବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ଏକ କପଡ଼ା ଦୋକାନର ଡ୍ରେସିଂ ରୁମ୍‌ରେ ପୋଷାକ ବଦଳାଉଥିବାବେଳେ ପୋଲିସ ଗୁଳିରେ ଜଣେ ୧୪ ବର୍ଷୀୟା ଝିଅଙ୍କ ଜୀବନ ଯାଇଛି। ସାନ୍ ଫେର୍ନାଣ୍ଡୋସ୍ଥିତ ନର୍ଥ ହଲିଉଡ୍ ଏରିଆର ବର୍ଲିଂଟନ୍ ଷ୍ଟୋରରେ ଜଣେ ବ୍ୟକ୍ତି ଉପର ମହଲାରୁ ତଳକୁ ସାମଗ୍ରୀଗୁଡ଼ିକୁ ଫିଙ୍ଗିବାରେ ଲାଗିଥିଲେ। ଛୁଟିରେ ଶପିଂ କରିବା ପାଇଁ ଗହଳି ଲାଗିଥିବାବେଳେ ସେ ଜଣେ ମହିଳାଙ୍କୁ ସାଇକେଲ ତାଲାରେ ଆକ୍ରମଣ କରିଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ଗୁଳି ଚଳାଇଥିଲା। ଗୁଳିମାଡ଼ରେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା। କିନ୍ତୁ ପୋଲିସର ଗୋଟିଏ ଗୁଳି ଲକ୍ଷ୍ୟଭ୍ରଷ୍ଟ ହୋଇ ଡ୍ରେସିଂ ରୁମ୍ କାନ୍ଥ ଭେଦ କରିଥିଲା। ଭିତରେ ନାବାଳିକା ଜଣକ ନିଜ ମା'ଙ୍କ ସହ ଡ୍ରେସ୍ ଚେଞ୍ଜ କରୁଥିଲେ। ନିରୀହ ବାଳିକାଙ୍କ ମୃତ୍ୟୁ ଘଟିବା ପରେ ପୋଲିସ ମୁଖ୍ୟ ମାଇକେଲ ମୁରେ କ୍ଷମା ମାଗିଛନ୍ତି।

## ରସାୟନ କାରଖାନାରେ ବିସ୍ଫୋରଣ: ୪ ମୃତ

ବଡୋଦରା, ୨୪।୧୨

ଗୁଜରାଟର ବଡୋଦରା ଜିଆଇଡିସି ଅଞ୍ଚଳରେ ଥିବା ଏକ ରାସାୟନିକ କାରଖାନାରେ ବିସ୍ଫୋରଣ ଘଟି ୪ ବର୍ଷର ଶିଶୁକନ୍ୟା ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ଏହି ବିସ୍ଫୋରଣରେ ଅନ୍ୟ ୧୧ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସକାଳ ୯ଟା ୩୦ ସମୟରେ ଘଟିଥିବା ବିସ୍ଫୋରଣରେ ୧୫ ଜଣ ଆହତ ହୋଇଥିଲେ। ସେମାନଙ୍କୁ ନିକଟବର୍ତ୍ତୀ ହସ୍ପିଟାଲକୁ ନିଆଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିସ୍ଫୋରଣର କାରଣ ଜାଣିବା ପାଇଁ ତଦନ୍ତ ଚଳାଇଛି।

## କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ବ୍ଲାକ୍‌ମେଲ୍ ଉଦ୍ୟମ: ୫ ଗିରଫ

ନୂଆଦିଲ୍ଲୀ, ୨୪।୧୨

ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସା ଘଟଣାର ଭିଡିଓ ଜରିଆରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ବ୍ଲାକ୍‌ମେଲ୍ କରିବା ଲାଗି ଉଦ୍ୟମ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ୫ ଜଣ ବିପିଓ କର୍ମଚାରୀଙ୍କୁ ଗିରଫ କରିଛି। ସେମାନଙ୍କ ପାଖରେ ହିଂସାକାଣ୍ଡର ଭିଡିଓ ରହିଥିବା କହି ଅଭିଯୁକ୍ତମାନେ ମିଶ୍ରାଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ କରିବାକୁ ଉଦ୍ୟମ ଚଳାଇଥିଲେ ବୋଲି ପୋଲିସ କହିଛି। ବଟି ପୈଠ କରିବା ଲାଗି ଗତ ୧୭ ତାରିଖରେ ମିଶ୍ରାଙ୍କ ପାଖକୁ କଲ୍ ଆସିବା ପରେ ତାଙ୍କର ଦିଲ୍ଲୀ ବାସଭବନ ଉପରେ ପୋଲିସ ନଜର ରଖିଥିଲା।

# ୫ ରାଜ୍ୟରେ ରାତି କର୍ଫ୍ୟୁ

ଲକ୍ଷ୍ନୌ/ମୁମ୍ବାଇ/ଚଣ୍ଡିଗଡ଼, ୨୪।୧୨

କୋଭିଡ୍-୧୯ ଏବଂ ଓମିକ୍ରନ୍ ସଂକ୍ରମଣ ବଢୁଥିବାରୁ ଏହାକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ ଓ ହରିୟାଣାରେ ରାତ୍ରିକାଳୀନ କର୍ଫ୍ୟୁ ଜାରି କରାଯିବା ସହ ଜନ ସମାବେଶ ଉପରେ କଟକଣା ଲାଗୁ ହୋଇଛି। ମହାରାଷ୍ଟ୍ରରେ ଗତ ୨୪ ଘଣ୍ଟା ମଧ୍ୟରେ ୨୦ ନୂଆ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହେବା ପରେ ସେଠାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଛି। ସଂକ୍ରମଣ ବଢୁଥିବାରୁ ରାଜ୍ୟ ସରକାର କେତେକ କଟକଣା ଲାଗୁ କରିଛନ୍ତି। ରାତି ୯ରୁ ସକାଳ ୬ ପର୍ଯ୍ୟନ୍ତ ସର୍ବସାଧାରଣ ସ୍ଥାନରେ ୫ରୁ ଅଧିକ ଲୋକ ଏକାଠି ହେବାକୁ ବାରଣ କରାଯାଇଛି। ବନ୍ଦ ପ୍ରକୋଷ୍ଠରେ ବିବାହ ଲାଗି ସର୍ବାଧିକ ୧୦୦ ଲୋକଙ୍କୁ ଅନୁମତି ମିଳିଥିବାବେଳେ ଖୋଲା ସ୍ଥାନରେ ବିବାହ କାର୍ଯ୍ୟକ୍ରମରେ ୨୫୦ ପର୍ଯ୍ୟନ୍ତ ଲୋକ ଭାଗ ନେଇପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ସେହିପରି ଉତ୍ତରପ୍ରଦେଶରେ ଶନିବାରଠାରୁ ରାତି ୧୧ରୁ ଭୋର ୫ଟା ପର୍ଯ୍ୟନ୍ତ ରାତ୍ରି କର୍ଫ୍ୟୁ ଲାଗୁ କରିବା ପାଇଁ ଯୋଗୀ ଆଦିତ୍ୟନାଥ ସରକାର ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏଥିସହିତ ବିବାହ ଆଦି ସାମାଜିକ ଉତ୍ସବରେ ୨୦୦ରୁ ଅଧିକ ଲୋକ ଭାଗନେବାକୁ ଅନୁମତି ଦିଆଯିବ ନାହିଁ। ତେବେ ରାଜନୈତିକ ରାଲି ପାଇଁ ଏପର୍ଯ୍ୟନ୍ତ କୌଣସି କଟକଣା ଲାଗୁ କରାଯାଇନାହିଁ। ହରିୟାଣାରେ ରାତି ୧୧ରୁ ସକାଳ ୫ କର୍ଫ୍ୟୁ ଲାଗୁ ହେବା ସହ ସାମାଜିକ ଉତ୍ସବ ଓ କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଲୋକ ଏକତ୍ର ହେବା ଉପରେ କଟକଣା ଜାରି କରାଯାଇଛି।

ଗୁଜରାଟର ଅହମ୍ମଦାବାଦ ବଡୋଦରା, ସୁରଟ, ରାଜକୋଟ, ଜାମନଗର, ଭାବନଗର, ଜୁନାଗଡ଼, ଗାନ୍ଧୀନଗରରେ ମଧ୍ୟ ଶନିବାର ରାତି ୧୧ରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି କରାଯାଇଛି। ମଧ୍ୟପ୍ରଦେଶ ସରକାର ଗୁରୁବାରଠାରୁ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ କରିଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ରାତି ୧୧ରୁ ସକାଳ ୫ଟା ଯାଏ ଏହି କର୍ଫ୍ୟୁ ଜାରି ରହିବ। ଓମିକ୍ରନ୍ ସଂକ୍ରମଣ ଥିବା ଦେଶରୁ ଆସିଥିବା ଅନ୍ତର୍ଜାତୀୟ ଯାତ୍ରୀମାନଙ୍କ ଲାଗି ବିମାନ ବନ୍ଦରରେ ଆଇଟି-ପିସିଆର୍ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି। ଜଣେ ନେଗେଟିଭ୍ ଚିହ୍ନଟ ହେଲେ ମଧ୍ୟ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନରେ ରହିବାକୁ ଓ ଅଷ୍ଟମ ଦିନରେ ପୁଣି ଥରେ ପରୀକ୍ଷା କରାଇବାକୁ କୁହାଯାଇଛି। ପଜିଟିଭ୍ ଚିହ୍ନଟ ହେଲେ ହସ୍ପିଟାଲରେ ଚିକିତ୍ସା କରାଯିବାର ବ୍ୟବସ୍ଥା ହୋଇଛି।



ଆଗ୍ରାସ୍ଥିତ ତାଜମହଲ ସମ୍ମୁଖରେ ଖ୍ରୀଷ୍ଟମାସ ଦିବସ ପାଳନ ବେଳେ ପିଲାମାନେ ସାନ୍ତା ବେଶରେ ଖୁସି ମନାଉଛନ୍ତି।

# ବୋଟ୍‌ରେ ନିଆଁ: ୪୦ ଦଗ୍ଧ



ଢାକା, ୨୪।୧୨

ବାଂଲାଦେଶର ଦକ୍ଷିଣ ଭାଗରେ ଥିବା ସୁଗନ୍ଧା ନଦୀରେ ଏକ ବୋଟ୍‌ରେ ଶୁକ୍ରବାର ନିଆଁ ଲାଗିବାରୁ ଅନ୍ୟୁନ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ହସ୍ପିଟାଲରେର ଚିକିତ୍ସାଧୀନ ୭୨ ଜଣଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି। ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି।

ତିନି ମହଲା ବିଶିଷ୍ଟ ଏମ୍‌ଭି ଅଭିଯାନ-୧୦ ରାଜଧାନୀ ଢାକାରୁ ୮୦୦ ଯାତ୍ରୀଙ୍କୁ ନେଇ ବର୍ଗୁନା ଅଭିମୁଖେ ଯାତ୍ରା କରୁଥିବାବେଳେ ୨୫୦ କି.ମି. ଦୂର ଝଲକାଠି ଜିଲାରେ ଶୁକ୍ରବାର ସ୍ଥାନୀୟ ସମୟ ଭୋର ୩ଟାରେ ନଈ ମଝିରେ ଏହାର ଇଞ୍ଜିନ ରୁମ୍‌ରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଧାସରେ ୪୦ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ। କେତେଜଣ ଯାତ୍ରୀ ଆତଙ୍କରେ ଜୀବନ ବଞ୍ଚାଇବା ପାଇଁ ସୁଗନ୍ଧା ନଦୀକୁ ଲମ୍ଫ ମାରିଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣ ଭାସିଯାଇଛନ୍ତି। ଏହି ନଦୀ ମଝିରେ ବୋଟ୍‌ରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡର କାରଣ ଜାଣିବା ପାଇଁ ୩ଟି ପୃଥକ୍ ତଦନ୍ତ ଲାଗି ନିର୍ଦ୍ଦେଶ ଦିଆଯାଇଥିବା ଜାହାଜ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଖାଲେଦ ମହମୁଦ ଚୌଧୁରୀ ସୂଚନା ଦେଇଛନ୍ତି। ନିଖୋଜ ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ତଟରକ୍ଷୀ, ଅଗ୍ନିଶମ ଓ ପୋଲିସ ବାହିନୀ ପକ୍ଷରୁ ମିଳିତ ଉଦ୍ୟମ ଜାରି ରହିଛି। ଯାତ୍ରୀମାନେ ଶୋଇପଡ଼ିଥିବାରୁ ନିଆଁ ଲାଗିବା ବିଷୟ ଜାଣିପାରି ନ ଥିଲେ ବୋଲି ଜଣେ ଅଧିକାରୀ କହିଛନ୍ତି।

## ଦିଲ୍ଲୀରେ ୧୦୦% ପ୍ରଥମ ଡୋଜ୍ ଟିକାକରଣ

**ନୂଆଦିଲ୍ଲୀ, ୨୪।୧୨:** ଦିଲ୍ଲୀରେ ୧୦୦ ପ୍ରତିଶତ ଯୋଗ୍ୟ ହିତାଧିକାରୀ କୋଭିଡ୍ ଟିକାର ପ୍ରଥମ ଡୋଜ୍ ନେଇସାରିଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶୁକ୍ରବାର ଘୋଷଣା କରିଛନ୍ତି। ଏଥିପାଇଁ ସେ ଡାକ୍ତର, ଏଏନ୍ଏମ୍, ଶିକ୍ଷକ, ଆଶାକର୍ମୀ ଓ ସମସ୍ତ ଆଗଧାଡ଼ିର କର୍ମଚାରୀଙ୍କୁ କେଜ୍‌ରିୱାଲ ୧୪୮.୩୩ ଲକ୍ଷ ସାଲ୍ୟୁଟ ଜଣାଇଛନ୍ତି। ଏଥିସହିତ ସେ ଜିଲାପାଳ, ସିଡିଏମ୍ଓ, ଡିଆଇଓ ଏବଂ ଅନ୍ୟ ସମସ୍ତ ଜିଲା ପଦାଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଧର୍ମ ସଂସଦରେ ଘୃଣିତ ବକ୍ତବ୍ୟକୁ ନେଇ ଏତଲା

ଡେରାଡୁନ୍, ୨୪।୧୨

ହରିଦ୍ୱାର ଧର୍ମ ସଂସଦରେ ଘୃଣିତ ବକ୍ତବ୍ୟକୁ ନେଇ ଜିତେନ୍ଦ୍ର ନାରାୟଣ ତ୍ୟାଗୀ ଓ ଅନ୍ୟମାନଙ୍କ ବିରୋଧରେ ଏତଲା ଦାଏର ହୋଇଛି। ସଂଖ୍ୟାଲଘୁଙ୍କ ବିରୋଧରେ ହିଂସାକାଣ୍ଡ ପାଇଁ ଲୋକଙ୍କୁ ଉତ୍ତେଜିତ କରିବା ଉଦ୍ଦେଶ୍ୟରେ ଏଭଳି ବକ୍ତବ୍ୟ ଦିଆଯାଇଥିବା ଅଭିଯୋଗ ହୋଇଛି। ଚଳିତ ମାସ ଆରମ୍ଭରେ ୱାସିମ ରିଜ୍‌ଭି ହିନ୍ଦୁଧର୍ମ ଗ୍ରହଣ କରିବା ସହ ନିଜ ନାମ ବଦଳାଇ ଜିତେନ୍ଦ୍ର ନାରାୟଣ ତ୍ୟାଗୀ ରଖିଥିଲେ। ଅନ୍ୟ ବକ୍ତାମାନେ ମଧ୍ୟ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ। ଉକ୍ତ ଭାଷଣର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଆଇପିସିର ଧାରା ୧୫୩ଏରେ ଏତଲା ଦାଏର ହୋଇଥିବା ହରିଦ୍ୱାର କୋତ୍‌ୱାଲି ଥାନା ଏସ୍ଏଚ୍ଓ ରକିନ୍ଦର ସିଂ କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

## ଘୃଣା ବିସ୍ତାର କରନ୍ତି ହିନ୍ଦୁତ୍ୱବାଦୀ: ରାହୁଲ

ନୂଆଦିଲ୍ଲୀ, ୨୪।୧୨



ହିନ୍ଦୁତ୍ୱବାଦୀମାନେ ସବୁବେଳେ ଘୃଣା ବିସ୍ତାର କରି ହିଂସା ଉସୁକାଇଥାଆନ୍ତି। ସେମାନଙ୍କ ଏଭଳି କାର୍ଯ୍ୟ ଯୋଗୁ ସବୁ ସମ୍ପ୍ରଦାୟର ଲୋକଙ୍କୁ ମୂଲ୍ୟ ଦେବାକୁ ପଡ଼ିଥାଏ ବୋଲି ଶୁକ୍ରବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାଜପାକୁ ଟାର୍ଗେଟ କରିଛନ୍ତି। ହରିଦ୍ୱାର ବେଦ ନିକେତନ ଧାମରେ ଡିସେମ୍ବର ୧୭ରୁ ୨୦ ପର୍ଯ୍ୟନ୍ତ ଚାଲିଥିବା ସଂସଦରେ ଏକ ନିର୍ଦ୍ଦିଷ୍ଟ ସମୁଦାୟ ବିରୋଧରେ ଘୃଣା ମନ୍ତବ୍ୟ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ରାହୁଲ 'ଭାରତ ହିଂସା ବିରୋଧୀ' ଏବଂ 'ହରିଦ୍ୱାର ହେଟ୍ ଆସେମ୍ବ୍ଲି' କହି ଟୁଇଟ୍ କରିଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ପାଇଁ ଏହି ପ୍ରସଙ୍ଗ ଅସ୍ତ୍ର ପାଲଟିଛି।

# ଚାଇନା ବିରୋଧୀ ବିଲ୍‌କୁ ବାଇଡେନ୍‌ଙ୍କ ମୋହର

ୱାଶିଂଟନ, ୨୪।୧୨

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଚାଇନାର ଶିଞ୍ଜିଆନ୍ ପ୍ରଦେଶରେ ସଂଖ୍ୟାଲଘୁ ଉଇଗର ସମ୍ପ୍ରଦାୟ ଉପରେ ହେଉଥିବା ଅତ୍ୟାଚାର ଏବଂ ମାନବାଧିକାର ଉଲ୍ଲଂଘନ ପ୍ରସଙ୍ଗରେ ବେଜିଂକୁ ଦଣ୍ଡିତ କରିବା ପାଇଁ ଏହି ଆଇନ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଗତ ସପ୍ତାହରେ ଏହା ସିନେଟର ଉଭୟ ଗୃହରେ ସର୍ବସମ୍ମତିକ୍ରମେ ପାରିତ ହୋଇଥିଲା। ଶିଞ୍ଜିଆନ୍ ଅଞ୍ଚଳରୁ





ଆମଦାନୀ କରାଯାଇଥିବା ସାମଗ୍ରୀ ଉତ୍ପାଦନରେ ଗୋଟି ଶ୍ରମିକଙ୍କୁ ନିୟୋଜିତ କରାଯାଇ ନ ଥିବା ନେଇ କମ୍ପାନୀଗୁଡ଼ିକ ପ୍ରମାଣ ନ ଦେବା ପର୍ଯ୍ୟନ୍ତ ସେଗୁଡ଼ିକ ଆମେରିକାକୁ ଆସିପାରିବ ନାହିଁ। ଉଇଗର ଫୋର୍ସଡ୍ ଲେବର ପ୍ରିଭେନ୍‌ସନ୍ସ

### ଉଇଗରଙ୍କୁ ନିର୍ଯାତନା

ଆକ୍ଟ ନାମରେ ଅଣାଯାଇଥିବା ନୂଆ ଆଇନ ଫଳରେ ଉଇଗର ଓ ମୁସଲମାନ ସଂଖ୍ୟାଲଘୁଙ୍କ ଉପରେ ଚାଇନାର ବର୍ବରତାକୁ ହ୍ରାସ କରାଯାଇପାରିବ ବୋଲି ଆମେରିକା ମନେକରୁଛି। ଦାସ ଶ୍ରମିକମାନଙ୍କ ବ୍ୟବହାର ପାଇଁ ଚାଇନାର କମ୍ୟୁନିଷ୍ଟ ପାର୍ଟିକୁ ଆମେରିକା ଉତ୍ତରଦାୟୀ କରିବ। ଏଥିଲାଗି ଉକ୍ତ ଆଇନ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ବୋଲି ସିନେଟର ମାର୍କୋ ରୁବିଓ ଏକ ବିବୃତିରେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୮୮,୩୩,୮୦୮ | ୫୪,୦୪,୧୪୮ | ୨୪,୯୪,୭୧,୨୮୮ |
| ଭାରତ | ୩,୪୭,୭୨,୬୫୭ | ୪,୭୯,୧୩୩ | ୩,୪୨,୧୫,୯୭୭ |
| ଓଡ଼ିଶା | ୧୦,୫୩,୬୪୫ | ୮୪୫୦(+୫୩) | ୧୦,୪୩,୬୦୧ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୨୮୪୮ ଏକର ଜମି ଅଧିଗ୍ରହଣ ବାକି

■ ଅଟକିଛି ୧୧ ରେଳ ପ୍ରକଳ୍ପ କାମ

■ ୨୬ବର୍ଷ ପରେ ବି ଖୋର୍ଦ୍ଧା-ବଲାଙ୍ଗୀର ପ୍ରକଳ୍ପ କାମ ସରୁନି

ଯାଜପୁର ଅଫିସ,୨୪।୧୨



ରାଜ୍ୟରେ ବର୍ତ୍ତମାନ ୧୧ଟି ରେଳପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଚାଲିଛି। କରୋନା ମହାମାରୀ ପାଇଁ ଜମି ଅଧିଗ୍ରହଣ କାମ କିଛି ମାତ୍ରାରେ ବିଳମ୍ବ ହୋଇଛି। କିନ୍ତୁ ପରବର୍ତ୍ତୀ ସମୟରେ ଜମି ଅଧିଗ୍ରହଣ କାମ ପୂର୍ଣ୍ଣମାତ୍ରାରେ ଚାଲୁ ରହିବା ସହିତ ଅଧିକୃତ ଜମିକୁ ରେଳବାଇ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଉଛି। ତେବେ ରେଳପ୍ରକଳ୍ପର ନିର୍ମାଣ କାର୍ଯ୍ୟ ରେଳବାଇ କର୍ତ୍ତୃପକ୍ଷଙ୍କ ପରିସରଭୁକ୍ତ। ରାଜ୍ୟ ସରକାରଙ୍କ ଯୋଜନା ଓ ସଂଯୋଜନ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗତ ବିଧାନସଭାରେ ବିଧାୟକ ମୋହନଚରଣ ମାଝିଙ୍କ ଏକ ପ୍ରଶ୍ନ ଉପରେ ଉପରୋକ୍ତ ଉତ୍ତର ରଖିଛନ୍ତି। ଏହାସହ ପ୍ରକଳ୍ପୱାରୀ ବାକି ରହିଥିବା ଜମି ଅଧିଗ୍ରହଣ ନେଇ ମନ୍ତ୍ରୀ ବେହେରା ତଥ୍ୟ ରଖିଛନ୍ତି। ଧରିତ୍ରୀରେ ଅଧିକାରୀଙ୍କୁ ଅଧିଗ୍ରହଣ ବୋଝ, ଭାଗବଣ୍ଟା ଛିଣ୍ଡୁନି ପ୍ରକଳ୍ପ ବିଳମ୍ବିତ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଗତ ବିଧାନସଭାରେ ରେଳପ୍ରକଳ୍ପର ଅଗ୍ରଗତିରେ ଅବହେଳା ସମ୍ପର୍କରେ ପ୍ରଶ୍ନ ଉଠିଥିଲା। ମନ୍ତ୍ରୀଙ୍କ ଉତ୍ତର ଅନୁସାରେ ୨୮୪୮ ଏକର ଜମି ଅଧିଗ୍ରହଣ ବାକି ରହିଥିବା ସ୍ପଷ୍ଟ ହୋଇଛି। ତେବେ ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥର ୧୧୨-୨୮୯ କିମି ମଧ୍ୟରେ ଏବଂ ଜୟପୁର-ନବରଙ୍ଗପୁର ରେଳପଥର ପୂର୍ଣ୍ଣାଙ୍ଗ ନିମନ୍ତେ ରାଜ୍ୟ ସରକାର ବିନା ମୂଲ୍ୟରେ ଜମି ଯୋଗାଇବା ସହ ନିର୍ମାଣ କାର୍ଯ୍ୟରେ ୫୦ ପ୍ରତିଶତ ଅର୍ଥ ଦେବାକୁ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହାବାଦ୍ ଜୟପୁର-ମାଲକାନଗିରି ରେଳପଥ ପ୍ରକଳ୍ପ ଅଟକଳର ୨୫ ପ୍ରତିଶତ ଅର୍ଥ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସହମତି ପ୍ରକାଶ କରିବା ସହ ରେଳ ମନ୍ତ୍ରଣାଳୟ ସହ ଚୁକ୍ତି କରିଛନ୍ତି। ତେବେ ଏଯାଏ ନିର୍ମାଣାଧୀନ ପ୍ରକଳ୍ପଗୁଡିକ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କେତେ ଅର୍ଥ ପ୍ରଦାନ କରି ସାରିଛନ୍ତି ତାହା ଉକ୍ତ ଉତ୍ତରରେ ଦର୍ଶାଯାଇ ନାହିଁ।

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିବାର ୨୬ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ୩୯ ପ୍ରତିଶତ କାମ ସମ୍ପୂର୍ଣ୍ଣ ଏବଂ ଅନୁଦାନର ୪୩ ପ୍ରତିଶତ ଖର୍ଚ୍ଚ ହୋଇଥିବା ପୂର୍ବ ରିପୋର୍ଟରେ ଦର୍ଶାଯାଇଥିଲା। ତେବେ ଏହାର ସମାଧାନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ବୈଠକ ବସୁଥିଲେ ହେଁ କିଛି ସୁଫଳ ମିଳି ପାରୁ ନାହିଁ। ଏହି ପ୍ରକଳ୍ପ ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ବିବାଦ ଯୋଗୁ ଅଧାରେ ଲାଖିଛି। ଏହି ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ସମୟରେ ଲକ୍ଷ୍ୟଧାର୍ଯ୍ୟ ହେଉଥିଲେ ହେଁ ତାହା କେବଳ କାଗଜ କଲମରେ ସୀମିତ ରହୁଛି। ଉକ୍ତ ପ୍ରକଳ୍ପ ପାଇଁ ଗତ ବିଧାନସଭାର ରିପୋର୍ଟ ଅନୁସାଯାୟୀ, ବୌଦ୍ଧ ଜିଲାର ୩୧୨.୨୮ ଏକର ଏବଂ ନୟାଗଡ଼ ଜିଲାର ୨୧୨.୫୨ ଏକର ଜମି ଅଧିଗ୍ରହଣ ବାକି ରହିଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହି ମହତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁ ନ ଥିବା ମତପ୍ରକାଶ ପାଇଛି। ସେହିପରି ସମ୍ବଲପୁର-ଟିଟିଲାଗଡ଼ ଦୋହରୀକରଣ ପାଇଁ ବରଗଡ଼ ଜିଲାର ୫.୬୨ ଏକର ଓ ବଲାଙ୍ଗୀର ଜିଲାର ୮.୩୧୮ ଏକର, ବିଜୟନଗରମ-ସମ୍ବଲପୁର (ଟିଟିଲାଗଡ଼) ୩ୟ ଲାଇନ ପ୍ରକଳ୍ପରେ କଳାହାଣ୍ଡି ଜିଲାର ୧୧.୫୩୦ ଏକର ଓ ରାୟଗଡ଼ା ଜିଲାର ୫୦.୮୩୭ ଏକର, ବଂଶପାଣି-ଦୈତାରୀ-ଟମକା-ଯଖପୁରା ଦୋହରୀକରଣ ପ୍ରକଳ୍ପରେ କେନ୍ଦୁଝର ଜିଲାର ୬.୬୫ ଏକର ଓ ଯାଜପୁର ଜିଲାର ୮.୧୬ ଏକର, ତାଳଚେର-ବିମଳାଗଡ଼ ନୂଆ ରେଳ ସଂଯୋଗ ପ୍ରକଳ୍ପରେ ଅନୁଗୋଳ ଜିଲାର ୧୫୩.୩୯ ଏକର, ଦେବଗଡ଼ ଜିଲାର ୧୮୮.୨୪୦ ଏକର ଓ ସୁନ୍ଦରଗଡ଼ ଜିଲାର ୨୪୭.୬୪୦ ଏକର, ଜୟପୁର-ମାଲକାନଗିରି ନୂଆ ପ୍ରକଳ୍ପରେ କୋରାପୁଟ ଜିଲାର ୪୯୮.୨୯୬ ଏକର, ଜୟପୁର-ନବରଗଙ୍ଗପୁର ନୂଆ ପ୍ରକଳ୍ପରେ କୋରାପୁଟ ଜିଲାର ୬୨୩.୨୨୮ ଏକର ଓ ନବରଙ୍ଗପୁର ଜିଲାର ୪୫.୮୦୪ ଏକର, ସମ୍ବଲପୁର-ତାଳଚେର ଦୋହରୀକରଣ ପ୍ରକଳ୍ପରେ ସମ୍ବଲପୁର ଜିଲାର ୧୫.୧୯ ଏକର ଓ ଅନୁଗୋଳ ଜିଲାର ୩୧.୮୫୭ ଏକର, ଭଦ୍ରକ-ନିର୍ଗୁଣ୍ଡି ୩ୟ ଲାଇନ ପ୍ରକଳ୍ପରେ ଯାଜପୁର ଜିଲାର ୬.୫୧ ଏକର ଓ କଟକ ଜିଲାର ୨୨.୨ ଏକର ଏବଂ ଜରପଦା-ବୁଢାପଙ୍କ-ସାଲେଗାଓଁ ମଧ୍ୟରେ ୩ୟ ଓ ୪ର୍ଥ ଲାଇନ ପ୍ରକଳ୍ପରେ ଢେଙ୍କାନାଳ ଜିଲାର ୧୫୯ ଓ ଅନୁଗୋଳ ଜିଲାର ୨୪୪.୮୨୦ ଏକର ଜମି ଅଧିଗ୍ରହଣ ବାକି ରହିଛି। ଅନୁଗୋଳ-ସୁକିନ୍ଦା ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ କରାଯାଇ ରେଳବାଇ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ସମସ୍ତ ଜିଲାରେ ଓଡ଼ିଶା ପ୍ରଶାସନିକ ଅଧିକାରୀଙ୍କୁ ଜିଲା ଜମି ଅଧିଗ୍ରହଣ ଅଧିକାରୀ (ଡିଏଲ୍ଓ) ଭାବେ ଅବସ୍ଥାପିତ କରାଯାଇଛି। କିନ୍ତୁ ଜମି ଅଧିଗ୍ରହଣରେ ବିଳମ୍ବ କାରଣରୁ ଅନେକ ସ୍ୱପ୍ନର ରେଳପ୍ରକଳ୍ପର ଅଗ୍ରଗତି ପରାହତ ହୋଇଛି। ବିଧାନସଭାଠାରୁ ଆରମ୍ଭ କରି ପରିବହନ ବିଭାଗସ୍ତରରେ ଏକାଧିକ ସମୀକ୍ଷା ବୈଠକରେ କେବଳ କାର୍ଯ୍ୟାନୁଷ୍ଠାନରେ ସୀମିତ ରହୁଥିବାରୁ ପ୍ରକଳ୍ପଗୁଡ଼ିକ ଅଧାରେ ଅଟକିଛି ବୋଲି ମତପ୍ରକାଶ ପାଇଛି।

## ଘାଟିରେ ଟ୍ରକ୍-ବାଇକ୍ ମୁହାଁମୁହିଁ, ୨ ମୃତ

**ରାୟଗଡ଼ା ଅଫିସ, ୨୪।୧୨:** ରାୟଗଡ଼ା ଥାନା କୁମ୍ଭିକୋଟା ଫାଣ୍ଡି ଅଞ୍ଚଳର ଗୁମ୍ମାଘାଟିରେ ଶୁକ୍ରବାର ଦୁର୍ଘଟଣା ଘଟି ୨ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟିକିରି ଥାନା ଅଧୀନ ମଉଳିଗୁଡ଼ାର ଶଙ୍କର ମାଝି (୩୮), କଳାହାଣ୍ଡି ଜିଲା ତୁର୍ଲାଖମାନ ଗ୍ରାମର ପ୍ରମୋଦ ଭୋଇ। ପ୍ରମୋଦଙ୍କ ବଡବାପା ନିରଞ୍ଜନ ଗୁରୁତର ଅଛନ୍ତି।

ପୋଲିସ ସୂଚନାନୁଯାୟୀ, ଗୁରୁବାର ରାତିରେ ଏକ ପାଉଡର ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଗୁମ୍ମାଘାଟି ବୁଲାଣିରେ ଓଲଟିପଡ଼ିଥିଲା। ଟ୍ରକ୍‌ଟି ସେଠାରେ ସେହିଭଳି ପଡି ରହିଛି। ଟ୍ରାଫିକ୍ ସମସ୍ୟା ଉପୁଜିବାରୁ ପୋଲିସ ଶୁକ୍ରବାର ଯାତାୟାତ ସ୍ୱାଭାବିକ କରିବା ବ୍ୟବସ୍ଥା କରାଇଥିଲା। ଏହି ସମୟରେ ଅପରାହ୍ନରେ ଟିକିରିରୁ ଏକ ବାଇକ (ଓଡି-୧୮ଜେ-୪୯୪୨)ରେ ଶଙ୍କର, ପ୍ରମୋଦ ଓ ନିରଞ୍ଜନ ଘାଟି ରାସ୍ତାଦେଇ ଯାଉଥିଲେ। ଟ୍ରକ୍ ଓଲଟି ପଡ଼ିଥିବା ସ୍ଥାନରେ ବିପରୀତ ଦିଗରୁ ଆସୁଥିବା ଏକ କାଠ ବୋଝେଇ ଟ୍ରକ୍ ସହ ମୁହାଁମୁହିଁ ହୋଇଥିଲା। କାଠ ବୋଝେଇ ଟ୍ରକ୍ ଓଲଟି ପଡିବା ସହ ଶଙ୍କର ଓ ପ୍ରମୋଦଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା।




## ଅଭିଯୋଗକାରିଣୀଙ୍କ ନାଁରେ ମାମଲା ରୁଜୁ ନିର୍ଦ୍ଦେଶ

**ଗଣ ବଳାତ୍କାର ମାମଲା**

**ଫୁଲବାଣୀ ଅଫିସ, ୨୪।୧୨:** ଏକ ଗଣ ବଳାତ୍କାର ମାମଲାର ବିଚାର କରି ଫୁଲବାଣୀ ଫାଷ୍ଟଟ୍ରାକ କୋର୍ଟ ବିଚାରପତି ଭାସ୍କର ଚନ୍ଦ୍ର ସାହୁ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରି ଅଭିଯୋଗକାରିଣୀଙ୍କ ନାଁରେ ମାମଲା ରୁଜୁ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ ମେ'ରେ ଫୁଲବାଣୀ ସଦର ଥାନାକୁ ଜଣେ ଯୁବତୀ ଆସି ତାଙ୍କୁ ଗଣ ବଳାତ୍କାର କରାଯାଇଥିବା ନେଇ ଏତଲା ଦେଇଥିଲେ। ପୋଲିସ ଏହି ଘଟଣାରେ ୪୮/୨୦ରେ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଶୁଣାଣି ସମୟରେ ଅଭିଯୋଗକାରିଣୀ ପୂର୍ବର ଅଭିଯୋଗ ଓ ମାଜିଷ୍ଟ୍ରେଟଙ୍କ ଆଗରେ ଦେଇଥିବା ବୟାନକୁ ଅସ୍ୱୀକାର କରିଥିଲେ। ସେହିପରି ସାକ୍ଷୀମାନେ ମଧ୍ୟ ଭିନ୍ନ ବୟାନ ରଖିଥିଲେ। ଏହି ମାମଲାର ଶୁଣାଣି କରି ବିଚାରପତି ସମସ୍ତ ଅଭିଯୁକ୍ତଙ୍କୁ ଖଲାସ କରିବା ପରେ ଅଭିଯୋଗକାରିଣୀଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ ଧାରା ୧୯୩ ଅନୁଯାୟୀ ମାମଲା ରୁଜୁ କରିବା ପାଇଁ ଆଦେଶ ଦେଇଛନ୍ତି। ଏଥିସହ ମାମଲାର ବିଚାର ନ ସରିବା ପର୍ଯ୍ୟନ୍ତ ପିଡିତାଙ୍କୁ କ୍ଷତିପୂରଣ ନ ଦେବା ପାଇଁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ପିପି ବିଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଗର୍ଭିଣୀ ହାତୀ ମୃତଦେହ ଠାବ



ମୃତ ମାଇହାତୀ।

ଢେଙ୍କାନାଳ ଅଫିସ, ୨୪।୧୨

ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜ୍ ଅଧୀନ ଲହଡ଼ା ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ଏକ ଗର୍ଭିଣୀ ହାତୀର ମୃତ୍ୟୁ ଘଟିଛି। ମୃତ ମାଇହାତୀର ଆନୁମାନିକ ବୟସ ୧୫ବର୍ଷ ହେବ। ବ୍ୟବଚ୍ଛେଦ ସମୟରେ ଏହାର ପେଟରୁ ଏକ ମୃତ ଅଣ୍ଡିରା ହାତୀ ଶାବକ ବାହାରିଛି। ତେବେ ହାତୀମୃତ୍ୟୁକୁ ନେଇ ସ୍ଥାନୀୟ ବାସିନ୍ଦା ଏବଂ ବନ ବିଭାଗ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇଛି। ଉକ୍ତ ହାତୀ କପିଳାସ ଅଭୟାରଣ୍ୟର ପିମ୍ପିରିଆ ନିକଟ ଟ୍ରେଞ୍ଚ୍‌ରେ ପଡ଼ି ମରିଥିବା ସାଧାରଣରେ ଅଭିଯୋଗ ହୋଇଛି। ଏଥିପାଇଁ ବନ ବିଭାଗର ଅବହେଳାକୁ ଦାୟୀ କରିଛନ୍ତି ପୂର୍ବତନ ବିଧାୟକ ନବୀନ ନନ୍ଦ। ଏ ନେଇ ସେ ଟୁଇଟ୍ କରି କ୍ଷୋଭବ୍ୟକ୍ତ କରିଛନ୍ତି। ତେବେ ଟ୍ରେଞ୍ଚ୍‌ରେ ପଡ଼ି ହାତୀ ମରିବା ଅଭିଯୋଗକୁ ବନ ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, କପିଳାସ ଅଭୟାରଣ୍ୟ ସୀମାଠାରୁ ୧ କିଲୋମିଟର ବାହାରେ ଉକ୍ତହାତୀର ମୃତଦେହ ଠାବ କରାଯାଇଛି। ଗର୍ଭନଷ୍ଟ ହୋଇଯିବାରୁ ଛୁଆ ସହ ମା' ହାତୀର ମୃତ୍ୟୁ ଘଟିଛି। ଡିଏଫ୍ଓ ଏବଂ ବନ କର୍ମଚାରୀଙ୍କ ଉପସ୍ଥିତିରେ ପ୍ରାଣୀ ଚିକିତ୍ସକ ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି।

## କୋର୍ଟରେ ପିଟିଶନ ଦାଖଲ କଲେ ସୁମିତଙ୍କ ଜେଜେ ମା'

**ବ୍ରହ୍ମପୁର ଅଫିସ,୨୪।୧୨:** ତପସ୍ୱିନୀ ଦାଶ ଓ ଡା. ସୁମିତ ସାହୁଙ୍କ ପାରିବାରିକ ବିବାଦ ତୁଟିବାର ନାଁ ନେଉନି। ବାହାରେ ତପସ୍ୱିନୀଙ୍କ ଧାରଣା ଯୋଗୁ ଘରେ ଭୟଭୀତ ଅବସ୍ଥାରେ ବନ୍ଦୀ ହୋଇ ରହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଡା.ସୁମିତଙ୍କ ମା' ଓ ଜେଜେ ମା' ଶୁକ୍ରବାର ବ୍ରହ୍ମପୁର ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତରେ ଓକିଲଙ୍କ ଜରିଆରେ ପିଟିଶନ ଦାଖଲ କରିଛନ୍ତି। ଘରେ ତପସ୍ୱିନୀ ଜୋର ଜବରଦସ୍ତ ପ୍ରବେଶ କରିବା ଯୋଗୁ ଭୟଭୀତ ଅବସ୍ଥାରେ ଥିବା ଓ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଥିବା ଉଲ୍ଲେଖ କରିଛନ୍ତି। ପିଟିଶନରେ ତପସ୍ୱିନୀଙ୍କ ସହ ତାଙ୍କ ବାପା, ମା ଓ ଦୁଇ ଭାଇଙ୍କୁ ପକ୍ଷଭୁକ୍ତ କରାଯାଇଛି। ସୂଚନାଯୋଗ୍ୟ, ତପସ୍ୱିନୀ ନିଜ ହକ୍ ପାଇଁ ଶାଶୁଘର ସମ୍ମୁଖରେ ଧାରଣା ଜାରି ରଖିଥିବା ବେଳେ ଡା. ସୁମିତ ଗୁରୁବାର ଠାରୁ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆଉ ୧୫ ଦିନ ଯାଏ ଛୁଟି ନେଇଛନ୍ତି। ଧାରଣାସ୍ଥଳରେ ୧୪୪ ଧାରା ଜାରି କରାଯାଇଥିବା ବେଳେ ଦିନରାତି ପୋଲିସ ପହରା ଦେଉଛି।

## ତିନି ଲେୟାର, ଏନ୍-୯୫ ମାସ୍କ ପିନ୍ଧିବାକୁ ପରାମର୍ଶ

**'ଓମିକ୍ରନ୍'ରୁ ସୁରକ୍ଷା ଚିନ୍ତା**

■ ୧୯ ଜିଲାରୁ ୧୪୧ ନୂଆ କରୋନା ପଜିଟିଭ୍

■ ଜିନୋମ ସିକ୍ୱେନ୍ସିଂ ପାଇଁ ଯାଇଛି ଆଉ ୪ ନମୁନା

■ ଆଇସିୟୁ ବେଡ୍, ଭେଣ୍ଟିଲେଟର ପ୍ରସ୍ତୁତ, ଟିକାକରଣକୁ ଗୁରୁତ୍ୱ



ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ଓଡ଼ିଶାରୁ ୪ଜଣ 'ଓମିକ୍ରନ୍' ଆକ୍ରାନ୍ତ ଚିହ୍ନଟ ହେବାପରେ ସତର୍କ ହୋଇଛି ସ୍ୱାସ୍ଥ୍ୟ ବିଭାଗ। ଗୋଟିଏ ଲେୟାର ମାସ୍କ ନ ପିନ୍ଧି ତିନି ଲେୟାର ମାସ୍କ କିମ୍ବା ଏନ୍-୯୫ ମାସ୍କ ପିନ୍ଧିବା ପାଇଁ ଡିଏମ୍ଇଟି ରମାରମଣ ମହାନ୍ତି ପରାମର୍ଶ ଦେଇଛନ୍ତି। ଏଥିସହ ଓମିକ୍ରନ ୫ଗୁଣ ଅଧିକ ଜୋରରେ ବ୍ୟାପୁଥିବାରୁ ବଣଭୋଜି, ଗହଳି ଉପରେ ରୋକ ଲଗାଯାଇଛି। ଯେଉଁଠି ଗହଳି ଓ ବଣଭୋଜି ହେଉଛି, ସେଠାରେ ଆକ୍ସନ ନେବାକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏଥିସହ ଆଉ ୪ଟି ନମୁନା ଜିନୋମ ସିକ୍ୱେନ୍ସିଂ ପାଇଁ ଯାଇଥିବା ସେ ସୂଚନା ଦେଇଛନ୍ତି। ଆଇସିୟୁ ବେଡ୍ ଓ ଭେଣ୍ଟିଲେଟର ସବୁକୁ କାର୍ଯ୍ୟକ୍ଷମ ମୋଡ୍‌ରେ ରଖାଯାଇଥିବା ଡିଏମ୍ଇଟି ସୂଚନା ଦେଇଛନ୍ତି।

ଓମିକ୍ରନକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଥିବାରୁ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ଦୁଇଟି ଅଧ୍ୟୟନ କହୁଛି ଓମିକ୍ରନ୍‌ର ବିଶେଷ ପ୍ରଭାବ ପଡ଼ି ନ ପାରେ। କିନ୍ତୁ ପୂର୍ବପରି ଆମକୁ ସଜାଗ ରହିବାକୁ ପଡ଼ିବ। ଭିଡ଼ ନିୟନ୍ତ୍ରଣ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପ୍ରଧାନମନ୍ତ୍ରୀଙ୍କ ବୈଠକରେ ସର୍ଭିଲାନ୍ସ, ଟିକାକରଣ, କୋଭିଡ୍ ନିୟମ ପାଳନ ଉପରେ ଗୁରୁତ୍ୱ ଦିଆଯାଇଛି। ଯେତେ ପଜିଟିଭ୍ ଚିହ୍ନଟ ହେବେ, ସେମାନଙ୍କର ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯିବ ବୋଲି ସେ କହିଛନ୍ତି। ଏପଟେ ସଂକ୍ରମଣ ରୋକିବା ପାଇଁ ଟିକାକରଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଆଜି ସୁଦ୍ଧା ରାଜ୍ୟରେ ୪ କୋଟି ୮୨ ଲକ୍ଷ ଟିକା ଦିଆଯାଇଛି ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା. ବିଜୟ ପାଣିଗ୍ରାହୀ। ରାଜ୍ୟରେ ଘରକୁ ଘର ଟିକାକରଣ ଜାରି ରହିଛି। ୨ କୋଟି ୮୮ ଲକ୍ଷ ଲୋକ ପ୍ରଥମ ଡୋଜ୍ ନେଇ ସାରିଛନ୍ତି। ୩୭ ଲକ୍ଷ ଲୋକ ପ୍ରଥମ ଡୋଜ୍ ଟିକା ନେଇ ନ ଥିବାବେଳେ ୩୧ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇନାହାନ୍ତି। ଜାନୁୟାରୀ ୧୫ ସୁଦ୍ଧା ସମସ୍ତଙ୍କୁ ପ୍ରଥମ ଡୋଜ୍ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପାଣିଗ୍ରାହୀ କହିଛନ୍ତି।

ଅନ୍ୟପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୧୯ ଜିଲାରୁ ୧୪୧ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୦,୫୩,୬୪୫ରେ ପହଞ୍ଚିଛି। ସେହିଭଳି ରାଜ୍ୟରେ ଆଉ ୨ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ପରେ କରୋନା ଜନିତ ମୃତ୍ୟୁ ୮,୪୫୦କୁ ବୃଦ୍ଧି ପାଇଛି।



**ଆଜିର ମନ୍ତବ୍ୟ**

ବିରୋଧୀ ଦଳଗୁଡ଼ିକ ସେମାନଙ୍କ ଅଭଦ୍ର ବ୍ୟବହାର ପାଇଁ ଆତ୍ମସମୀକ୍ଷା କରିବା ଜରୁରୀ। **-ପୀୟୂଷ ଗୋୟଲ, କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ ସଭାରେ ଶାସକ ଦଳ ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ମେରି ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୭ରୁ ଯୁକ୍ତ ୨ ପରୀକ୍ଷା ପାଇଁ ଫର୍ମ ପୂରଣ ଆରମ୍ଭ

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ) - ୨୦୨୨ ଯୁକ୍ତ୨ ବୋର୍ଡ ପରୀକ୍ଷା ପାଇଁ ଆସନ୍ତା ୨୭ ତାରିଖରୁ ଅନ୍‌ଲାଇନ ଫର୍ମ ପୂରଣ ବା ଆବେଦନ ଆରମ୍ଭ ହେବ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷ, ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖାଯାଇଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଏହି ଆବେଦନ ପ୍ରକ୍ରିୟା ଚାଲିବ। ୪ ତାରିଖ ପର୍ଯ୍ୟନ୍ତ ବିନା ଫାଇନ୍‌ରେ ଓ ୫ରୁ ୮ ତାରିଖ ପର୍ଯ୍ୟନ୍ତ ଫାଇନ୍ ସହ ଫର୍ମ ପୂରଣ କରାଯିବ। ତେବେ ଜାନୁୟାରୀ ୫ରୁ ୬ ତାରିଖ ମଧ୍ୟରେ ଆବେଦନ କଲେ ଛାତ୍ରୀଛାତ୍ରଙ୍କୁ ଶହେ ଟଙ୍କା ଫାଇନ୍ ଏବଂ ୭ରୁ ୮ ତାରିଖ ମଧ୍ୟରେ ଆବେଦନ ପାଇଁ ୪୫୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବ ବୋଲି କୁହାଯାଇଛି। ଆବେଦନ ପାଇଁ ଆଉ ତାରିଖ ବୃଦ୍ଧି କରାଯିବ ନାହିଁ। ତେଣୁ ଛାତ୍ରୀଛାତ୍ର, ଅଭିଭାବକମାନେ ଏହି ସମୟସୀମା ମଧ୍ୟରେ ଧ୍ୟାନର ସହିତ ଆବେଦନ କରିବାକୁ ପରିଷଦ ପରାମର୍ଶ ଦେଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବର୍ତ୍ତିବୁ ଯେବେ ସଂସାର ପଥେ**
**କର୍ମକୁ କର ସାଥୀ**
**ପାପ ସାଙ୍ଗରେ ମେଳ ନ ଖାଇ**
**ଧର ସାଇଁ କି ନିତି।**

କର୍ମ ହିଁ ଜୀବନ। ସଂସାରକୁ ଆସିଛ ମାନେ କର୍ମ କରି ଚାଲ, କର୍ମ ଉପରେ କେବଳ ନିଜର କର୍ତ୍ତୃତ୍ୱ ଅଛି। ଅନ୍ୟାୟ ଅନୀତି ତଥା ପାପ ମାର୍ଗ ଛାଡ଼ିଦେଇ ସୁମାର୍ଗରେ ଜୀବନ ଅତିବାହିତ କରିବା ଉଚିତ। ଭଗବାନଙ୍କ ଉପରେ ଭରସା ଓ ଲୟ ରଖି ବାଟ ଚାଲିଲେ ସବୁକିଛି ସୁଗମ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଆ ଖୋଜୁଥାଇ ବରଷା**
**ମନ ଖୋଜୁଥାଏ ଯାହାକୁ ଯେତେ**
**ପାଏ ନାହିଁ ତା' ଭରସା।**

ବାଆର କେବଳ ବର୍ଷାକୁ ପ୍ରତୀକ୍ଷା ; ମନ ଭିତରେ କିନ୍ତୁ ଅସରନ୍ତି ଆଶାର ଭଣ୍ଡାର। ମଣିଷର ସବୁ ଆଶା ବା ଇଛା ସବୁବେଳେ ସବୁ ସମୟରେ ପୂର୍ଣ୍ଣ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ପ୍ରତି ସପ୍ତାହରେ ଯାଞ୍ଚ ହେବ ମଦ ଦୋକାନ

**■ ୧୦୩୭ କୋଟିର ଗଞ୍ଜେଇ ଗଛ ନଷ୍ଟ**
**■ ୮୯ କୋଟି ଟଙ୍କାର ସାମଗ୍ରୀ ଜବତ**

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ଏଣିକି ପ୍ରତି ସପ୍ତାହରେ ସବ୍‌ଇନ୍ସପେକ୍ଟରମାନେ ମଦ ଦୋକାନଗୁଡ଼ିକର ଅନୁଧ୍ୟାନ କରିବେ। ୧୫ ଦିନରେ ଥରେ ଇନ୍ସପେକ୍ଟର ଏବଂ ମାସକୁ ଥରେ ଅବକାରୀ ସୁପରିଟେଣ୍ଡେଣ୍ଟ ଯାଞ୍ଚ କରି ନିର୍ଦ୍ଦେଶାଳୟକୁ ରିପୋର୍ଟ ପ୍ରଦାନ କରିବେ। ରାଜ୍ୟ ଅବକାରୀ କମିଶନର ଆଶିଷ କୁମାର ସିଂ ଶୁକ୍ରବାର ବିଭାଗୀୟ ସମୀକ୍ଷା ବୈଠକରେ ଏହି ନିର୍ଦ୍ଦେଶ ଦେଇଛନ୍ତି।

ସମୀକ୍ଷା ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ନଭେମ୍ବର ଶେଷ ସୁଦ୍ଧା ରାଜ୍ୟରେ ୧୦୩୭ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ବୌଦ୍ଧ, ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲାରେ ୮,୬୮୬ ଏକର ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛ ଠାବ କରାଯାଇ ଧ୍ୱଂସ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୧୦୩୭,୪୫,୭୩,୦୦୦ ଟଙ୍କା ହେବ। କନ୍ଧମାଳ ଜିଲାରେ ସର୍ବାଧିକ ୫୩ ଲକ୍ଷ ୨୧ହଜାର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବାବେଳେ ମାଲକାନଗିରିରେ ୩୨,୭୩,୭୦୦, ଗଜପତିରେ ୧୪,୪୪,୪୮୦, କୋରାପୁଟରେ ୨,୭୫,୮୯୦, ରାୟଗଡାରେ ୪୩,୦୦୦, ବୌଦ୍ଧରେ ୧୬,୨୫୦ ଏବଂ କଳାହାଣ୍ଡି ଜିଲାରେ ୨୫୩ ଗଛ ନଷ୍ଟ ହୋଇଛି। ଗତ ୧୧ ମାସ ମଧ୍ୟରେ ବ୍ୟାପକ ଚଢ଼ାଉ କରାଯାଇ ୫୦୪୦ ଲିଟର ନକଲି ବିଦେଶୀ ମଦ, ୧୮୨୨ ଲିଟର ଟିକସ ଫାଙ୍କି ବିଦେଶୀ ମଦ, ୩୪୫୭ ଲିଟର ସ୍ପିରିଟ୍, ୧୬,୯୪୩ କେଜି ଗଞ୍ଜେଇ, ୭.୬ କେଜି ଅଫିମ, ୮ କେଜି ୫୮୦ ଗ୍ରାମ ବ୍ରାଉନସୁଗାର, ୫୧୯ ଲିଟର କଫ ସିରପ୍ ଜବତ ହୋଇଛି। ନିଶା ଦ୍ରବ୍ୟ ଚାଲାଣରେ ବ୍ୟବହୃତ ୧୪୦୬ ଯାନବାହନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି, ଯାହାର ମୂଲ୍ୟ ୮୯ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ସମୟ ମଧ୍ୟରେ ୨୫,୫୩୪ ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୧୯,୩୯୫ ଜଣ ଗିରଫ ହୋଇଛନ୍ତି। ବେଆଇନ ନିଶା କାରବାର ଉପରେ ଅଙ୍କୁଶ ଲଗାଇବା ସହ ଗଞ୍ଜେଇ ଏବଂ ବ୍ରାଉନ୍‌ସୁଗାର କାରବାର ଧରପଗଡ଼ ପାଇଁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି ବୋଲି ସୂଚନା ଦିଆଯାଇଛି।

# ନିଆଁରେ ୨ ହଜାର କୁଇଣ୍ଟାଲ ଝୋଟ ଜଳିଗଲା

ମାହାଙ୍ଗା,୨୪।୧୨(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ତହସିଲ ଅନ୍ତର୍ଗତ କୁହୁଣ୍ଡା ଗ୍ରାମସ୍ଥିତ ଏକ ଝୋଟ ଗୋଦାମରେ ଶୁକ୍ରବାର ଅପରାହ୍ଣରେ ନିଆଁ ଲାଗି ୨ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଝୋଟ ଜଳିଯାଇଛି। ଏହାର ମୂଲ୍ୟ ଏକ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗୋଦାମ ମାଲିକ ତଥା ମୂଳବସନ୍ତ ପଞ୍ଚାୟତ ଗୁଣ୍ଡୁପୁର ଗ୍ରାମର ଝୋଟ ବ୍ୟବସାୟୀ ଅର୍ଜୁନ ସାହୁ ଓ ଭୀମ ସାହୁ କହିଛନ୍ତି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ। ଗୋଦାମ ଭିତରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ କୁଆଁପାଳ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସେମାନେ ଏହାକୁ ଆୟତ୍ତ କରି ନ ପାରିବାରୁ ସାଲେପୁର ଦମକଳ ବାହିନୀ ପହଞ୍ଚି ରାତିରେ ଏହାକୁ ଲିଭାଇବାକୁ ଉଦ୍ୟମ କରିଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ନିଆଁ ସମ୍ପୂର୍ଣ୍ଣ ଲିଭି ନ ଥିଲା।



ଝୋଟ ଗୋଦାମରେ ନିଆଁ ଲାଗିଛି।

# କୌଶଲ୍ୟାଗଙ୍ଗରେ ପ୍ରଥମ ଗିଫ୍ଟ ଟିଲାପିଆ ହାଚେରି

ଭୁବନେଶ୍ୱର,୨୪।୧୨(ବ୍ୟୁରୋ) - ରାଜ୍ୟର ପ୍ରଥମ ଗିଫ୍ଟ ଟିଲାପିଆ ହାଚେରି ବା ଯାଆଁଳ ଉତ୍ପାଦନ କେନ୍ଦ୍ର କୌଶଲ୍ୟାଗଙ୍ଗସ୍ଥିତ ସରକାରୀ ମାଛ ଫାର୍ମରେ ପ୍ରତିଷ୍ଠା କରାଯାଇଛି। ମାଛ ଚାଷୀଙ୍କ ଆବଶ୍ୟକତା ଓ ଆଗ୍ରହକୁ ଦେଖି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ହାଚେରି ଦ୍ୱାରା ରାଜ୍ୟର ଚାଷୀଙ୍କ ଆବଶ୍ୟକତା ପୂରଣ ସହିତ ଏହି ଅଧିକ ଅମଳକ୍ଷମ ପ୍ରଜାତିର ଏହି ମାଛ ଯାଆଁଳ ପଡ଼ୋଶୀ ରାଜ୍ୟକୁ ମଧ୍ୟ ପଠାଯାଇପାରିବ। ଏଠାରେ କାର୍ପ ମାଛ ଓ ଅନ୍ୟ କେତେକ ଉନ୍ନତ ପ୍ରଜାତିର ମାଛ ଯାଆଁଳ ଉତ୍ପାଦନ ବ୍ୟତୀତ ଗବେଷଣା ଓ ଚାଷୀଙ୍କୁ ଜ୍ଞାନକୌଶଳ ପ୍ରଦାନ କରାଯାଉଛି। ଚଳିତ ବର୍ଷ ଏହି ସରକାରୀ ଫାର୍ମରେ ୩୫ କୋଟି ଉନ୍ନତ ଗୁଣ୍ଡ ଯାଆଁଳ ଉତ୍ପାଦନ ସହିତ ୧୦୬ଲକ୍ଷ ଚାଷୀଙ୍କୁ ଯୋଗାଇ ଦିଆଯାଇଛି। ଗିଫ୍ଟ ଟିଲାପିଆ ନାମକ ଏକ ଉନ୍ନତ ପ୍ରଜାତି ତଥା ଅଧିକ ଅମଳକ୍ଷମ ମାଛ ଗତ ତିନିବର୍ଷ ଧରି ଓଡ଼ିଶାରେ ପରୀକ୍ଷାମୂଳକ ଭାବେ ଚାଷକରାଯାଇଥିଲା। ଏହି ମାଛ ୭ମାସ ଅବଧିରେ ଏକର ପ୍ରତି ଗୋଟିଏ ଚାଷରେ ୩-୪ ମେଟ୍ରିକ୍ ଟନ୍ ଉତ୍ପାଦନ ଯୋଗୁ ଅନେକ ଚାଷୀ ଏହି ମାଛର ଚାଷ ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି। ବାର୍ଷିକ ୫୦ ଲକ୍ଷ ଯାଆଁଳ ଉତ୍ପାଦନ କ୍ଷମତାସମ୍ପନ୍ନ ଏହି ନୂଆ ହାଚେରି ୪୭୦୦ ବର୍ଗଫୁଟ ଅଞ୍ଚଳରେ ରହିଥିବାବେଳେ ୨ କୋଟି ଟଙ୍କା ବ୍ୟୟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ନନ୍ଦନକାନନରେ ସମ୍ବର ମୃତ୍ୟୁ

ବାରଙ୍ଗ,୨୪।୧୨(ଡି.ଏନ୍.ଏ.)- ପ୍ରାଣୀ ଉଦ୍ୟାନ ନନ୍ଦନକାନନର ତୃଣଭୋଜି ସଫାରିରେ ରହୁଥିବା ୯ବର୍ଷର ଅଣ୍ଡିରା ସମ୍ବରର ଶୁକ୍ରବାର ସକାଳେ ମୃତ୍ୟୁ ହୋଇଛି। ସମ୍ବରଟି ସଫାରି ମୁଖ୍ୟଫାଟକ କଡ଼ରେ ମରିପଡିଥିବା ଜନ୍ତୁ ରକ୍ଷକ ଦେଖିବାକୁ ପାଇଥିଲେ। ଦୀର୍ଘ ୨ବର୍ଷ ହେବ ଏହି ସମ୍ବର ପିଠିରେ ଏକ ଘା' ହୋଇଥିଲା। ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଉଥିଲା। କାଉ, ଚଢେଇ ଥଣ୍ଟ ମାରି ଘା'କୁ ରକ୍ତାକ୍ତ କରି ପକାଉଥିଲେ।

## ଜିଲା ପରିଷଦ ଅଧ୍ୟକ୍ଷ ସଂରକ୍ଷଣ ସାନିଟିଠା ତାଲିକା

| ଜିଲା | ବର୍ଗ |
|---|---|
| ଅନୁଗୋଳ | ଅଣସଂରକ୍ଷିତ |
| କଟକ | ଅଣସଂରକ୍ଷିତ |
| କନ୍ଧମାଳ | ଅନୁସୂଚିତ ଜନଜାତି ମହିଳା |
| କଳାହାଣ୍ଡି | ଅଣସଂରକ୍ଷିତ |
| କେନ୍ଦୁଝର | ଅଣସଂରକ୍ଷିତ |
| କେନ୍ଦ୍ରାପଡ଼ା | ଅନୁସୂଚିତ ଜାତି ମହିଳା |
| କୋରାପୁଟ | ଅନୁସୂଚିତ ଜନଜାତି ମହିଳା |
| ଖୋର୍ଦ୍ଧା | ମହିଳା |
| ଗଜପତି | ଅଣସଂରକ୍ଷିତ |
| ଗଞ୍ଜାମ | ମହିଳା |
| ଜଗତ୍‌ସିଂହପୁର | ଅନୁସୂଚିତ ଜାତି |
| ଝାରସୁଗୁଡ଼ା | ମହିଳା |
| ଢେଙ୍କାନାଳ | ମହିଳା |
| ଦେବଗଡ଼ | ଅଣସଂରକ୍ଷିତ |
| ନବରଙ୍ଗପୁର | ଅନୁସୂଚିତ ଜନଜାତି |
| ନୟାଗଡ଼ | ଅଣସଂରକ୍ଷିତ |
| ନୂଆପଡ଼ା | ମହିଳା |
| ପୁରୀ | ମହିଳା |
| ବରଗଡ଼ | ଅଣସଂରକ୍ଷିତ |
| ବଲାଙ୍ଗୀର | ମହିଳା |
| ବାଲେଶ୍ୱର | ଅଣସଂରକ୍ଷିତ |
| ବୌଦ୍ଧ | ଅନୁସୂଚିତ ଜାତି ମହିଳା |
| ଭଦ୍ରକ | ଅନୁସୂଚିତ ଜାତି |
| ମୟୂରଭଞ୍ଜ | ଅନୁସୂଚିତ ଜନଜାତି |
| ମାଲକାନଗିରି | ଅନୁସୂଚିତ ଜନଜାତି ମହିଳା |
| ଯାଜପୁର | ଅନୁସୂଚିତ ଜାତି ମହିଳା |
| ରାୟଗଡ଼ା | ଅନୁସୂଚିତ ଜନଜାତି ମହିଳା |
| ସମ୍ବଲପୁର | ମହିଳା |
| ସୁନ୍ଦରଗଡ଼ | ଅନୁସୂଚିତ ଜନଜାତି |
| ସୋନପୁର | ଅଣସଂରକ୍ଷିତ |

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଶା କରିଥିବା କାର୍ଯ୍ୟ ପାଇଁ ବହୁ ଶ୍ରମ ସ୍ୱୀକାର କରିବାକୁ ହେବ। ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇ ସାଙ୍ଗଠନିକ କାର୍ଯ୍ୟ ତ୍ୱରାନ୍ୱିତ କରିପାରିବେ। ପାରିବାରିକ ସମସ୍ୟା ବିଶେଷ ଭାବେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ଦିନଟିରେ କିଛି ସମୟ ଟେନ୍ସନ ଲାଗି ରହିଲେ ମଧ୍ୟ ପରକ୍ଷଣରେ ମାନସିକ ଅସ୍ଥିରତା ଦୂରେଇ ଯିବ।

**ବୃଷ**
ବିଭିନ୍ନ ଝମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ସମ୍ପୂର୍ଣ୍ଣଭାବେ ସନ୍ତୋଷ ଆସିବ ନାହିଁ। ବାକି ପଡିଥିବା କାମ ସାରିବେ ନା ହାତକୁ ନେଇଥିବା କାମ ଆରମ୍ଭ କରିବେ ଏହି ଚିନ୍ତାରେ ବ୍ୟସ୍ତ ରହି ପାରନ୍ତି। ପ୍ରତିରୋଧ ମଧ୍ୟରେ ଆଶା କରିଥିବା ଜିନିଷଟି ପାଇବାରେ ଅସୁବିଧା ରହିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଭାରାକ୍ରାନ୍ତ ମନରେ ଦିନଟି କଟାଇବେ।

**ମିଥୁନ**
ମାନସିକ ଅସ୍ଥିରତା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ। ସଦାବେଳେ ଝଗଡା କରିବାକୁ ଚାହିଁବସିଥିବା ଲୋକଟିର ସାମନା କରିବା ପାଇଁ ଚିନ୍ତା ଲାଗି ରହିବ। ସରକାରୀସ୍ତରରେ ସବୁ ଘଟଣା ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ଯେଉଁ କାମ ହାତକୁ ନେଇଛନ୍ତି, ତାହା ସମ୍ପନ୍ନ ହୋଇପାରିବ। ଗୁପ୍ତ ଶତ୍ରୁତା ଓ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ବହୁତ ଦିନରୁ ରହିଆସିଥିବା ସମସ୍ୟା ଆଜି ଆକସ୍ମିକ ସମାଧାନ ହୋଇଯିବ। ଆଲୋଚନା କାଳରେ ଭଲ କଥା କହିଲେ ମଧ୍ୟ ବନ୍ଧୁ ଭୁଲ୍ ବୁଝିପାରନ୍ତି। ଆପଣଙ୍କ ସାହାଯ୍ୟଲାଭ କରି ରୋଗୀବନ୍ଧୁ କିମ୍ବା ସହଯାତ୍ରୀଟି ଆଜି ବହୁତ ଖୁସି ହୋଇଯିବ। ବାଧାପ୍ରାପ୍ତ ପରିବହନରେ ଉନ୍ନତି ପରିଲକ୍ଷିତ ହେବ ଓ ସମସ୍ୟା ସମାଧାନରୁ ଖୁସି ରହିବେ।

**କନ୍ୟା**
କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁ ନିଜର ପୂର୍ବପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସିପାରିବେ। ଆର୍ଥିକ ଦିଗଟି ପୂର୍ବପରି ରହିବାର ବିଶେଷ ଆନନ୍ଦ ଅନୁଭବ କରିବେ। ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ଚଳିବାକୁ ବାଧ୍ୟ ହେବେ।

**ତୁଳା**
ଆଜି ଦିନରେ ଆପଣଙ୍କ କୌଣସି କଥାରେ ଅଭାବ ରହିବ ନାହିଁ। କର୍ମକ୍ଷେତ୍ରରେ ଆପଣ ଏମିତି ଯୁକ୍ତି କରିବେ ଯେ ସମସ୍ତଙ୍କ ମୁହଁ ବନ୍ଦ ହୋଇଯିବ। ସନ୍ଧ୍ୟା ସମୟରେ ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରି ପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବ।

**ବିଛା**
ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବେ। ସଭାସମିତି କିମ୍ବା ଆଲୋଚନା ନତୁବା ଗଠନମୂଳକ କାର୍ଯ୍ୟରେ ଯୋଗଦେଇପାରନ୍ତି। ବନ୍ଧୁଙ୍କ ସହ ସମୟ କଟାଇପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ, ଯୋଗାଯୋଗ, ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ଭଲ।

**ଧନୁ**
କର୍ମକ୍ଷେତ୍ରରେ ନୀଚ ମନୋଭାବର ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଅଫିସିଆଲି କାମରେ ଅବହେଳିତ କାର୍ଯ୍ୟ ସକାଶେ ଉପରିସ୍ଥଙ୍କ ତିରସ୍କାର ଶୁଣିବାକୁ ପଡିପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ନ ରହିଲେ ହରାଇବାକୁ ପଡିପାରେ।

**ମକର**
ସକାଳୁ ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବ। କର୍ମକ୍ଷେତ୍ରରେ ବିବାଦ ବୃଦ୍ଧି କାରଣରୁ କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ନିଜ ଲୋକଙ୍କ ଖାପଛଡା ମନୋଭାବ, ଘରଲୋକଙ୍କ ମନଇଚ୍ଛା କାମ ହେତୁ ବ୍ୟସ୍ତ ରହିପାରନ୍ତି। ତଥାପି ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**କୁମ୍ଭ**
ପରିସ୍ଥିତିକୁ ଲାଘବ ଉଦ୍ଦେଶ୍ୟରେ ଅନ୍ୟ ସକାଶେ ଅଯଥା କଷ୍ଟ ଅନୁଭବ କରିବେ। ସଭାସମିତିରେ ବନ୍ଧୁମେଳରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଅପରାହ୍ଣରେ ଭଲ୍ ସମ୍ପର୍କ ଥିବା ବନ୍ଧୁ ସାଧାରଣ କଥାରେ ବିଗିଡି ଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ।

**ମୀନ**
କର୍ମକ୍ଷେତ୍ରରେ ବନ୍ଧୁମାନେ ଫାଇଦା ପାଇଁ ବିଭିନ୍ନ ଫନ୍ଦିଫିକର କରିବାକୁ ମନ ବଳାଇବେ। ହାତକୁ ନେଇଥିବା କାମଟିକୁ ଶେଷ କରିବା ସକାଶେ ପ୍ରତିରୋଧର ସାମନା କରିବାକୁ ପଡିପାରେ। ବାଣିଜ୍ୟ, ବ୍ୟବସାୟ,ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ମିଳିପାରେ। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କରନ୍ତୁ।

# ରେଳ ଷ୍ଟେଶନରେ ବିନା ମାସ୍କରେ ବୁଲିଲେ ଦଣ୍ଡ ମିଳିବ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ) - ଏଣିକି ବିନା ମାସ୍କରେ ରେଳ ଷ୍ଟେଶନରେ ବୁଲିଲେ ଦଣ୍ଡିତ କରାଯିବ। ଏ ସମ୍ପର୍କରେ ଖୋର୍ଦ୍ଧା ରୋଡ୍ ରେଳପଥ ଡିଆର୍‌ଏମ୍ ରିଙ୍କେଶ ରାୟ ସୂଚନା ଦେଇ କହିଛନ୍ତି, ରାଜ୍ୟରେ ଓମିକ୍ରନ୍ ସଂକ୍ରମିତ ଚିହ୍ନଟ ହେବାପରେ ରେଳ ଷ୍ଟେଶନରେ ବ୍ୟାପକ ପଦକ୍ଷେପ ନିଆଯାଇଛି। ପ୍ରତିଦିନ ରାଜ୍ୟ ବାହାରୁ ଏପରିକି ଅନେକ ବିଦେଶ ଫେରନ୍ତା ବିମାନବନ୍ଦରରୁ ଓହ୍ଲାଇ ସିଧାସଳଖ ରେଳ ଷ୍ଟେଶନକୁ ଆସିଥାନ୍ତି। ଟ୍ରେନ୍ ଯୋଗେ ନିଜ ଅଞ୍ଚଳକୁ ଯାଇଥାନ୍ତି। ତେଣୁ ସଂକ୍ରମଣ ଏଡାଇବା ପାଇଁ ମାସ୍କ ବ୍ୟବହାରକୁ କଡାକଡି କରାଯାଉଛି।


# classifieds Everyday
0674-2580101, 2549302

real estate

## SALE

Plot sale near Infocity-2 and AIIMS Hospital, Bhubaneswar. 9439206202, 9777433701. D-71753

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-22395

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ 1200sqft. 3,00,000/-, ନଖରା ତ୍ରିନାଥବଜାର sqft.-200 (Outright). 9348232008. D-22629

ଭୁବନେଶ୍ୱର ପୁରୀ ବାଇପାସ୍‌ରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ମିଳୁଅଛି । ଯୋଗାଯୋଗ ଫୋନ୍- 9827339640. D-22646

ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542. D-71742

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891. D-22647

Gharabari developed plot internal 30' road, Derasdam 1K.M. side of Vikash Residential School, 800/-sqft. with registration, Mutation 5feet boundary. Contact: 7008105759. D-71758

construction

Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239. D-71757

healthcare

Newly open full body massage ladies and gents. 8327740003, 8455985899. D-71831

@999 refreshing your mind, body with the best therapy - 7873794731. D-71921

Full body massage in homely atmosphere all therapy. Contact: 8114881641. D-60893

One hour any therapy by expert therapist @800 only. 9078484455. D-71458

Newly Open Saikrupa Panchakarma Spa positively health benefits with Expert. 8984068077. D-22620

Refreshing your mind, body with tha best therapy at Lotus SPA. 8018891951. D-71832

## BUSINESS

Wanted to let out a running hostel in Unit-3 Kharvel Nagar in an excellent location. If any party is interested in taking the responsibility and good in finance, please contact at 9642506154 / 9642506222. D-22635

## LOST

I Smt. Kusum Mishra, W/o- Narasingha Mishra, Post/Ps/Dist.- Bolangir, Odisha declare that the deed of sale related to Mouza- Bolangir-Kha-Khata No.- 888/1538 and Plot No.-617/1482 to an extent of area Ac- 0.060, vide Reg. deed of sale bearing No.- 2687 of 1976 dated 08.06.1976 has been lost on dated 18.12.2021 recorded in my name. I wishes to create a mortgage of the said landed property for a Loan/ Credit facility from Union Bank of India, Po/Dist.- Bolangir. In this context a FIR also has been lodged at Town Police Station, Bolangir vide GD No.- 20 dated 18.12.2021 regarding loss of Original deed of sale. D-22644

Original gharabari RoR bearing Khata No.- 741/501, Plot No.- 821/1907 (548) area Ac 0.027 dec. of Mouza-Cuttack Sadar, Unit-27 Gandarpur has been lost. The finder may please be inform Manjulata Barik, W/o- Late Ganeswar Barik, Plot No.- 548, Mahanadi Vihar, Cuttack. Mob: 6370631168. D-63228


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୁରକ୍ଷାର ସ୍ୱର



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତରାଖଣ୍ଡର ଭୌଗୋଳିକ ସ୍ଥିତି ଯୋଗୁ ସେଠାରେ ଇଣ୍ଡିଆନ୍ ଫରେଷ୍ଟ ସର୍ଭିସ (ଆଇଏଫ୍ଏସ୍) ଏବଂ ବନ ଅଧିକାରୀମାନଙ୍କର ଗୁରୁତ୍ୱ ଯଥେଷ୍ଟ ରହିଛି। ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାରୁ, ରାଜ୍ୟ ସରକାର ସେଠାରେ ଅସନ୍ତୁଷ୍ଟ ଥିବା ବନ ଅଧିକାରୀଙ୍କ ଏକ ବଡ଼ ଗୋଷ୍ଠୀକୁ ସନ୍ତୁଷ୍ଟ କରି ପାରିନାହାନ୍ତି। ନିକଟରେ ଫରେଷ୍ଟ ଚିଫ୍, ଚିଫ୍ ୱାଇଲ୍ଡଲାଇଫ୍ ୱାର୍ଡେନ ଏବଂ ପ୍ରିନ୍ସିପାଲ କଞ୍ଜରଭେଟର ଅଫ୍ ଫରେଷ୍ଟଙ୍କ ସମେତ ୩୦ ଜଣ ଆଇଏଫ୍ଏସ୍ ଅଧିକାରୀଙ୍କୁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ଧାମି ବଦଳି କରିଛନ୍ତି। କୋର୍ବେଟ ବ୍ୟାଘ୍ର ଅଭୟାରଣ୍ୟରେ ଅନିୟମିତତାକୁ ଭିତ୍ତିକରି ଏହି ବଦଳି କରାଯାଇଛି। ସର୍ଭିସ ରୁଲ୍ ବୁକ୍ର ଉଲ୍ଲଂଘନ କରାଯାଇ ଉକ୍ତ ବଦଳି ମନମୁଖି କରାଯାଇଛି ବୋଲି କାର୍ଯ୍ୟରତ ବନ ଅଧିକାରୀମାନେ ଯୁକ୍ତି ବାଢ଼ିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଉଛି, ଆଇଏଫ୍ଏସ୍ ଅଧିକାରୀମାନଙ୍କ ବିନା ସହମତିରେ ବହୁ ସମୟରେ ଷ୍ଟେଟ୍ ଡେପୁଟେଶନ ବା ରାଜ୍ୟ ପ୍ରତିନିଯୁକ୍ତି ଦିଆଯାଉଛି। ଏହା ବ୍ୟତୀତ ଆଇଏଫ୍ଏସ୍ ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଅନେକ ପଦବୀରେ ସ୍ୱଚ୍ଛ କ୍ୟାରିୟର ରେକର୍ଡ ନ ଥିବା ପ୍ରୋଭିନ୍ସିଆଲ ଫରେଷ୍ଟ ସର୍ଭିସ (ପିଏଫ୍ଏସ୍) ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଉଛି। ଏବେ ରାଜ୍ୟର ସ୍ୱୀକୃତ ଆଇଏଫ୍ଏସ୍ ଅଧିକାରୀମାନଙ୍କ ସଂଖ୍ୟା ରହିଛି ୧୧୩। ଉତ୍ତରାଖଣ୍ଡ ଆଇଏଫ୍ଏସ୍ ସଂଘର ସଭାପତି କପିଲ ଲାଲ୍ ସରକାରଙ୍କ ନିଷ୍ପତ୍ତିକୁ ପ୍ରତିବାଦ କରିଛନ୍ତି। ଅସନ୍ତୁଷ୍ଟ ଅଧିକାରୀମାନେ ସମ୍ମିଳିତ ଭାବେ ସର୍ଭିସ କ୍ଷେତ୍ରର ସୁରକ୍ଷା ପାଇଁ ସ୍ୱର ତୀବ୍ର କରିଛନ୍ତି। ସଂଯୋଗବଶତଃ, ନ୍ୟାଶନାଲ ଟାଇଗର କଞ୍ଜରଭେଶନ ଅଥରିଟି (ଏନ୍ଟିସିଏ) କୋର୍ବେଟ ଟାଇଗର ରିଜର୍ଭର କଳାଗଡ ଟାଇଗର ଡିଭିଜନରେ ଘଟିଥିବା ବହୁ ଅନିୟମିତତା ସୁନିଶ୍ଚିତ କରିବା ଯୋଗୁ ର୍ୟାଙ୍କ୍ଗୁଡ଼ିକ ମଧ୍ୟରେ ଏବେ ଅସ୍ଥିରତା ପ୍ରକାଶ ପାଇଛି। ୨୦୧୩ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ, ଆଇଏଫ୍ଏସ୍ ଅଧିକାରୀମାନଙ୍କ ନିଯୁକ୍ତିବେଳେ ପଦବୀରେ ରହିବାର ଏକ ସର୍ବନିମ୍ନ କାର୍ଯ୍ୟକାଳ ସୁନିଶ୍ଚିତ କରିବାକୁ ପଡ଼ିବ। ଏବେ କରାଯାଇଥିବା ବଦଳି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରୁଛି ବୋଲି ଆଇଏଫ୍ଏସ୍ ଅଧିକାରୀମାନେ କହିଛନ୍ତି।

### ବଦଳି ପାଇଁ ଚାପ

ସେଣ୍ଟ୍ରାଲ୍ ସେକ୍ରେଟାରିଏଟ୍ ସର୍ଭିସ (ସିଏସ୍ଏସ୍) କ୍ୟାଡର୍ର ଆସିଷ୍ଟାଣ୍ଟ ସେକ୍ସନ ଅଫିସର୍(ଏଏସ୍ଓ)ମାନେ ବଦଳି ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ( ଡିଓପିଟି)କୁ ଅନୁରୋଧ କରୁଛନ୍ତି ଏବଂ ଏହି ସଂଖ୍ୟା ବଢ଼ୁଛି। ସେମାନେ ମନ୍ତ୍ରୀ ଓ ଏମ୍ପିଙ୍କ ମାଧ୍ୟମରେ ଏହାକୁ ପଠାଉଛନ୍ତି। ଏଭଳି ଘଟଣାକୁ ଲକ୍ଷ୍ୟ କରି କେନ୍ଦ୍ର ତା'ଦୃଷ୍ଟିକୋଣ କଠୋର କରିଛି। ତେବେ ଡିଓପିଟି ଜାରି କରିଥିବା ଅର୍ଡର ବଳରେ ଏହା ବେଶିଦିନ ଟିକ୍କି ନ ରହିବା ଅଧିକ ସମ୍ଭାବନା ରହିଛି। ଡିଓପିଟି ସଚିବ ପ୍ରଦୀପ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶ ସରକାରଙ୍କ ଅଭିମୁଖ୍ୟ ସ୍ପଷ୍ଟ କରିଛି। ବ୍ୟକ୍ତିଗତ ଓ ଚିକିତ୍ସାକୁ ଆଧାର କରି ଏଏସ୍ଓ ର୍ୟାଙ୍କ ଅଧିକାରୀମାନଙ୍କୁ ତାଙ୍କ ବିଭାଗରେ କିମ୍ବା ବାହାରକୁ ଆନ୍ତଃକ୍ୟାଡର ବଦଳି ପାଇଁ ଅତ୍ୟଧିକ ଆବେଦନ ଡିଓପିଟିକୁ ଆସୁଛି। ସାଧାରଣତଃ ଏହି ର୍ୟାଙ୍କ୍ ଅଧିକାରୀମାନଙ୍କ ବଦଳି ପସନ୍ଦ ମୁତାବକ କରିବା ଲାଗି ମନ୍ତ୍ରୀ ଓ ପାର୍ଲାମେଣ୍ଟ ସଦସ୍ୟମାନଙ୍କ ମାଧ୍ୟମରେ ଆବେଦନଗୁଡ଼ିକୁ ପଠାଯାଉଛି। ଗ୍ରୁପ୍ ବି' ଅଣ ଗେଜେଟେଡ ଅଧିକାରୀ ଭାବେ କାର୍ଯ୍ୟରତ ଏଏସ୍ଓ ଅଧିକାରୀମାନଙ୍କର ଏଭଳି ମାମଲାରେ ସରକାର ଗମ୍ଭୀରତା ପ୍ରକାଶ କରିଛନ୍ତି। ଏହି ଅଧିକାରୀମାନେ ଯଦି ସେମାନଙ୍କ ପସନ୍ଦ ମୁତାବକ ବଦଳି ଲାଗି ମନ୍ତ୍ରୀ ଓ ଏମ୍ପିମାନଙ୍କ ମାଧ୍ୟମରେ ପ୍ରଭାବ ବା ଚାପ ପକାନ୍ତି, ତେବେ ସେମାନେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହୋଇ ପାରନ୍ତି ବୋଲି ସରକାର ସ୍ପଷ୍ଟ କରିଛନ୍ତି। ଡିଓପିଟି ନିର୍ଦ୍ଦେଶ ମଧ୍ୟ ସ୍ପଷ୍ଟ କରିଛି ଯେ, କେହି ସରକାରୀ ଚାକିରିଆ ତାଙ୍କୁ ସୁହାଇବା ଭଳି ବଦଳି ପାଇଁ କୌଣସି ରାଜନୈତିକ କିମ୍ବା ଅନ୍ୟ ବାହ୍ୟ ଚାପ ପକାଇବେ ନାହିଁ କି ପକାଇବାକୁ ଚେଷ୍ଟା କରିବେ ନାହିଁ। ତେବେ ଆଗକୁ ପରିଣାମ କ'ଣ ହେଉଛି ତାହା ଦେଖିବାକୁ ବାକି ରହିଲା।

### ଚନ୍ନି ମାନିନେଲେ

ନିକଟରେ ହେବାକୁ ଥିବା ପଞ୍ଜାବ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ସତର୍କତାର ସହ ପଦକ୍ଷେପ ନେଉଥିବା ମନେକରାଯାଉଛି। ନିକଟରେ ସେ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଇକ୍‌ବାଲ ପ୍ରୀତ ସିଂ ସହୋତାଙ୍କୁ ପଦରୁ ହଟାଇ ତାଙ୍କ ସ୍ଥାନରେ ସିଦ୍ଧାର୍ଥ ଚଟୋପାଧ୍ୟାୟଙ୍କୁ କାର୍ଯ୍ୟକାରୀ ଡିଜିପି ଭାବେ ନିଯୁକ୍ତ କରିଛନ୍ତି। ୧୯୮୬ ବ୍ୟାଚ୍ର ଆଇପିଏସ୍ ଅଧିକାରୀ ଚଟୋପାଧ୍ୟାୟ ଜଣେ ନିୟମିତ ଡିଜିପି ନିଯୁକ୍ତି ନ ପାଇବା ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିବେ। ସୂତ୍ରରୁ ଜଣାପଡ଼ିଛି ଯେ, ୧୯୮୮ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସହୋତା ଚନ୍ନି ପଞ୍ଜାବର ମୁଖ୍ୟମନ୍ତ୍ରୀ ହେବା ପରେ ଡିଜିପି ଭାବେ ନିଯୁକ୍ତି ପାଇଥିଲେ। ଏବେ ଏହି ପଦକ୍ଷେପ ବିରୋଧରେ ତାଙ୍କ ସରକାର ଏବଂ ପାର୍ଟିର କେତେଜଣ ସ୍ୱର ଉଠିବା ଅଧିକ ସମ୍ଭାବନା ରହିଛି। ଏପରି କି ରାଜ୍ୟ କଂଗ୍ରେସ ସଭାପତି ନବଜୋତ ସିଂ ସିଦ୍ଧୁଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇଲେ ବା ମାନିନେଲେ ବୋଲି ଅନେକେ କହୁଛନ୍ତି। ସିଦ୍ଧୁ ଦୀର୍ଘ ଦିନ ହେବ ସହୋତାଙ୍କୁ ହଟାଇବା ଲାଗି ଦାବି କରି ଆସୁଥିଲେ। ଏହା ପୂର୍ବରୁ ମଧ୍ୟ ସିଦ୍ଧୁ ରାଜ୍ୟର ଆଡଭୋକେଟ ଜେନେରାଲ ଏ.ପି.ଏସ୍. ଦେଓଲଙ୍କୁ ହଟାଇବା ପାଇଁ ବାଧ୍ୟ କରିଥିଲେ। କୋଡ୍ ଅଫ କଣ୍ଡକ୍ଟ ଲାଗିବା ପୂର୍ବରୁ ଏହି ସବୁ ପଦକ୍ଷେପ ନେବାକୁ ଚନ୍ନି ବାଧ୍ୟ ହୋଇଛନ୍ତି। କଂଗ୍ରେସ ପାର୍ଟିର ଗୋଳମାଳିଆ ସ୍ଥିତିରେ ଦଳକୁ ଏକାଠି କରିବା ତାଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ।

Email: dilipcherian@gmail.com

# ମଣିଷରୁ ଦେବତା ନା ଅସୁର



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ଧରାପୃଷ୍ଠରେ ଜୀବଜଗତର ବିକାଶ ସମ୍ପର୍କରେ ଡାର୍‌ୱଇନ୍‌ଙ୍କ ବିବର୍ତ୍ତନ ମତବାଦକୁ ଏବେ ମଧ୍ୟ ସର୍ବଶ୍ରେଷ୍ଠ ବୋଲି ଗଣନା କରାଯାଏ। ଏଥିଅନୁସାରେ ପରିବେଶ ପ୍ରଭାବରେ ଜିନୀୟସ୍ତରରେ ଆସୁଥିବା ପରିବର୍ତ୍ତନ ହେତୁ ନୂତନ ନୂତନ ଜୀବ ଶ୍ରେଣୀମାନଙ୍କର ବିକାଶ ଘଟିଲା। ଏଣୁ ଜୀବନର ସ୍ଥିତି ଏହି ବିବର୍ତ୍ତନ ପ୍ରକ୍ରିୟା ସହିତ ଓତପ୍ରୋତ ଭାବେ ଜଡ଼ିତ। ଏହା ଏବେ ମଧ୍ୟ ଚାଲିଛି ଏବଂ ଜୀବଜଗତର ରୂପରେଖକୁ ପ୍ରଭାବିତ କରିବାରେ ଲାଗିଛି। ମଣିଷ ଏଥିରୁ ବାଦ୍ ପଡ଼ିନାହିଁ।

ବିବର୍ତ୍ତନ ଏକ ନିଶ୍ଚିତ ଘଟଣା ଏବଂ ଏହା ଅବିରତ ଭାବେ ଆମ ଶରୀର ମଧ୍ୟରେ ବିଭିନ୍ନ ପରିବର୍ତ୍ତନ ଆଣୁଛି। ଭବିଷ୍ୟତରେ ମଧ୍ୟ ଏହା ଚାଲିବ, ଯେପର୍ଯ୍ୟନ୍ତ ଧରାପୃଷ୍ଠରୁ ଜୀବଜଗତ ସମ୍ପୂର୍ଣ୍ଣ ବିଲୁପ୍ତ ନ ହୋଇଛି। ଏ ପ୍ରକ୍ରିୟା ଏବେ ଚାଲିଥିବାର ଅନେକ ପ୍ରମାଣ ରହିଛି। ତାହା ମଣିଷକୁ ବଦଳାଇବାରେ ଲାଗିଛି।

ଅଗଷ୍ଟ (୨୦୨୧) ଜର୍ନାଲ୍ ଅଫ୍ ଆନାଟୋମିରେ (ଆମେରିକୀୟ) ଏକ ବିସ୍ମୟକର ଆବିଷ୍କାର ସମ୍ପର୍କରେ ନିବନ୍ଧଟିଏ ପ୍ରକାଶ ପାଇଛି। ସେଥିରେ ସୂଚିତ କରାଯାଇଛି ଯେ, ବର୍ତ୍ତମାନ ମଣିଷର ବାହୁରେ ନୂତନ ଧମନୀଟିଏ ସୃଷ୍ଟି ହେବାରେ ଲାଗିଛି। ତା'ଠାରେ ବିବର୍ତ୍ତନ ପ୍ରକ୍ରିୟା ଏବେ ବି ସକ୍ରିୟ ବୋଲି ଏଥିରୁ ପ୍ରମାଣ ମିଳୁଛି। ତଦନୁଯାୟୀ ଗର୍ଭାଶୟରେ ଥିଲାବେଳେ ଭ୍ରୁଣଠାରେ ଏହା ସୃଷ୍ଟି ହୋଇଥାଏ, କିନ୍ତୁ କ୍ରମେ ତାହା ଉଭେଇଯାଏ। ଏବେ ସେପରି ହେଉନାହିଁ। ଅନେକଙ୍କଠାରେ ଜନ୍ମ ହେଲାପରେ ମଧ୍ୟ ତାହା ରହିଯାଉଛି।

ମଣିଷଠାରେ ବିବର୍ତ୍ତନୀୟ ପରିବର୍ତ୍ତନର ଅନ୍ୟ ଏକ ଦୃଷ୍ଟାନ୍ତ ହେଲା ଶରୀରର ତାପମାତ୍ରା ହ୍ରାସ। ସୃଷ୍ଟିକାଳରୁ ତାହା ଯେତିକି ଥିଲା ଏବେ ନାହିଁ। ଜଣାପଡ଼ିଛି ଯେ, ୧୮୬୮ ମସିହାଠାରୁ ଆଜିଯାଏ ୯୮.୬ ଡିଗ୍ରୀ ଫାରେନ୍‌ହାଇଟ୍‌କୁ ସୁସ୍ଥ ଶରୀରର ତାପମାତ୍ରା ରୂପେ ଗଣନା କରାଯାଉଛି। ଏଥିରୁ ଅଧିକ ହେଲେ ତାହାକୁ ଜ୍ୱର ଏବଂ କମ୍ ହେଲେ ଅଳ୍ପ-ତପ୍ତତା ବୋଲି କୁହାଯାଉଛି। କିନ୍ତୁ ନିକଟରେ (୨୦୨୦ ମସିହା) ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ (ଆମେରିକା)ର ଭେଷଜ ବିଜ୍ଞାନ ବିଭାଗର ପ୍ରଫେସର ଜୁଲି ପାରସୋନେଟ୍‌ଙ୍କ ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ପ୍ରତି ୧୦ ବର୍ଷରେ ଏହା ପ୍ରାୟ ୦.୦୫ ଡିଗ୍ରୀ ହାରରେ ହ୍ରାସ ପାଇବାରେ ଲାଗିଛି। ଫଳରେ ବର୍ତ୍ତମାନ ଏହା ହାରାହାରି ୯୭.୯ ଡିଗ୍ରୀ ଫାରେନ୍‌ହାଇଟ୍‌ରେ ପହଞ୍ଚିଗଲାଣି। ଅତଏବ ମଣିଷର ଶରୀର ଶୀତଳରୁ ଶୀତଳତର ହେବା ଲାଗି ବଦଳି ଚାଲିଛି।

ପୁନଶ୍ଚ ମଣିଷଠାରେ ବିବର୍ତ୍ତନ ପ୍ରକ୍ରିୟାର ଅନ୍ୟତମ ପରିପ୍ରକାଶ ଘଟିଛି ଅସ୍ଥିର ସାନ୍ଦ୍ରତା ହ୍ରାସ ରୂପେ। ତା' ପୂର୍ବପୁରୁଷଙ୍କଠାରେ ତାହା ଅଧିକ ସାନ୍ଦ୍ର ଏବଂ ଭାରି ଥିଲା। କିନ୍ତୁ ବିବର୍ତ୍ତନ ଏବଂ ପାରିପାର୍ଶ୍ୱିକ ଅବସ୍ଥାରେ ପରିବର୍ତ୍ତନ ହେତୁ ବିଗତ ପ୍ରାୟ ୧୬୦୦୦ ବର୍ଷ ଧରି ତା' ଅସ୍ଥି ଦୁର୍ବଳ ହେବାରେ ଲାଗିଛି। ଏହି ସମୟରେ ମଣିଷ ଚାଷକର୍ମ ଆରମ୍ଭ କରିଥିଲା ଏବଂ ବସତି ସ୍ଥାପନ କରିଥିଲା। ଆମେରିକୀୟ ନୃତତ୍ତ୍ୱବିତ୍ ହାବିବା ଚିର୍‌ଚିର ଏବଂ ତାଙ୍କ ସହଯୋଗୀମାନେ ବିଗତ ୨୦୧୫ ମସିହାରେ କରିଥିବା ଏକ ଅଧ୍ୟୟନରୁ ଉପସଂହାରରେ ପହଞ୍ଚିଛନ୍ତି ଯେ, ଶିକାର ଓ ଖାଦ୍ୟ ସଂଗ୍ରହ ବଦଳରେ କୃଷିକର୍ମ ଆରମ୍ଭ ହେତୁ ମଣିଷକୁ ଖାଦ୍ୟ ନିରାପତ୍ତା ମିଳିବା ପରଠାରୁ ତା'ର କଙ୍କାଳ ସୂକ୍ଷ୍ମ ହେବାକୁ ଲାଗିଛି। ଅନ୍ୟ ଭାଷାରେ କହିବାକୁ ଗଲେ ଜୀବନଧାରା ସହିତ ତାଳ ଦେଇ ତା'ଠାରେ ଏହି ବିବର୍ତ୍ତନୀୟ ପରିବର୍ତ୍ତନ ଆସିଛି।

ଶରୀରର ପ୍ରତିରକ୍ଷା ବ୍ୟବସ୍ଥା ମଧ୍ୟ ମଣିଷଠାରେ ବିବର୍ତ୍ତନର ସୂଚନା ବହନ କରିଥାଏ। ବିବିଧ ଜୀବାଣୁ, ଭୂତାଣୁ ଏବଂ ତଜ୍ଜନିତ ରୋଗ ପ୍ରତି ତା'ର ରୋଗ ପ୍ରତିରୋଧ ଶକ୍ତି ମୂଳତଃ ବିବର୍ତ୍ତନ ସହିତ ସମ୍ପୃକ୍ତ। ଆଗଭଳି ଅନେକ ଭୂତାଣୁଜନିତ ରୋଗ ତାକୁ ଏବେ ଆଉ ମାରିପାରୁ ନାହିଁ, ଯାହା କି ଏକଦା ଅତି ଘାତକ ଥିଲା। ଏହାର କାରଣ ହେଲା ଯେ, ଯେଉଁମାନେ ଏଥିରୁ ବଞ୍ଚିଗଲେ ତାଙ୍କଠାରେ ସୃଷ୍ଟି ହୋଇଥିବା ନୂତନ ବିବର୍ତ୍ତନୀୟ ବୈଶିଷ୍ଟ୍ୟଗୁଡ଼ିକୁ ତାଙ୍କ ବଂଶଜମାନେ ଉତ୍ତରାଧିକାର ସୂତ୍ରରେ ଲାଭ କଲେ। ଚାଲନ୍ତୁ କୋଭିଡ୍-୧୯ କଥା ବିଚାରକୁ ନେବା। ଏବେ ଏହା ଏକ ଭୟଙ୍କର ମହାମାରୀ ରୂପେ ପରିଗଣିତ ହେଉଛି। କିନ୍ତୁ କିଛି ବର୍ଷ ପରେ ତାହା ଆଉ ସେପରି ରହିବ ନାହିଁ। ସାଧାରଣ ଶର୍ଦ୍ଦି ବା ଫ୍ଲୁ ଭଳି ମଧ୍ୟ ଏହାର ଚିକିତ୍ସା ସହଜ ହେବ।

ସେହିପରି ସାଧାରଣତଃ କେତେକ ଖାଦ୍ୟ ମଣିଷଠାରେ ଆଲର୍ଜି ସୃଷ୍ଟି କରନ୍ତି। ବିଭିନ୍ନ ପ୍ରକାର କୋଳି, ଗହମରେ ଥିବା ଶ୍ୱେତସାର ଗ୍ଲୁଟେନ, କ୍ଷୀରରେ ଥିବା ଶର୍କରା ଲାକ୍ଟୋଜ୍ ଆଦି ଏହାର ଉଦାହରଣ। ଏଗୁଡ଼ିକ ପ୍ରତି ତା'ର ଅସହିଷ୍ଣୁତା ଥାଏ। ଅନେକ ଲୋକ ଏହାକୁ ଅନୁଭବ କରିପାରନ୍ତି ନାହିଁ ଏବଂ ସେଥିସହିତ ଚଳିଯାଆନ୍ତି। ଲାକ୍ଟୋଜ୍ ପ୍ରତି ଅସହିଷ୍ଣୁତା ଆମ ଦେଶରେ ବହୁଳ ଭାବେ ଦେଖାଯାଏ। କିନ୍ତୁ ଦିନକୁଦିନ ତାହା ହ୍ରାସ ପାଇବାରେ ଲାଗିଛି। ଆଜକୁ ପ୍ରାୟ ୫୦୦୦ରୁ ୧୦୦୦୦ ବର୍ଷ ପୂର୍ବେ ୟୁରୋପୀୟମାନଙ୍କଠାରେ ଜିନୀୟ ପରିବର୍ତ୍ତନ ହେତୁ ପ୍ରଥମେ ଲାକ୍ଟୋଜ୍ ପ୍ରତି ସହନଶୀଳତା ସୃଷ୍ଟି ହୋଇଥିଲା। ତହିଁରେ କ୍ରମେ ଅନ୍ୟମାନେ ତାହା ହାସଲ କଲେ। ବିଭିନ୍ନ ଖାଦ୍ୟର ଆବଶ୍ୟକତା ସହିତ ବିବର୍ତ୍ତନ କାରଣରୁ ଏହା ଜାତ ହୋଇଥିଲା ବୋଲି ମନେକରାଯାଏ। ଖାଦ୍ୟାଭ୍ୟାସ ସହିତ ସମ୍ପୃକ୍ତ ଜିନ୍‌ମାନଙ୍କ ଧ୍ରୁବୀକରଣ ହେତୁ ଏପରି ଘଟିଥାଇପାରେ। ସେହିପରି ମଣିଷର ହାରାହାରି ଉଚ୍ଚତା ବୃଦ୍ଧି, ମସ୍ତିଷ୍କର କିଛି ଅଂଶ ଅଧିକ ସକ୍ରିୟ ହେବା, ଶରୀରର ପ୍ରତିରକ୍ଷା ଜିନ୍‌ମାନଙ୍କରେ ପରିବର୍ତ୍ତନ ଆସିବା ଇତ୍ୟାଦିକୁ ମଧ୍ୟ ବିବର୍ତ୍ତନ ହେତୁ ଘଟୁଥିବାର କୁହାଯାଉଛି।

ଜୀବଜଗତର ସୁଦୀର୍ଘ ବିବର୍ତ୍ତନୀୟ ଯାତ୍ରା ଗଭୀର ମହାସାଗରମାନଙ୍କରୁ ଆରମ୍ଭ ହୋଇଥିଲା। ଏଣୁ ପ୍ରଥମେ ଜଳରେ ପ୍ରାଣୀମାନଙ୍କଠାରୁ ଏହାର ଅୟମାରମ୍ଭ ଘଟି ତତ୍ପରେ ବାୟୁ ସାହାଯ୍ୟରେ ଶ୍ୱାସକ୍ରିୟା ସଂପାଦନ କରୁଥିବା ଜୀବମାନଙ୍କର ବିକାଶ ଘଟିଲା ଏବଂ କ୍ରମେ ତହିଁରୁ କିଛି ଭୂଭାଗକୁ ଆସିଲେ। ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ, ଏକ ଜାତିର 'କୋମ୍‌ଜେଲି' ହେଉଛି ସ୍ଥଳଭାଗରେ ବାସ କରୁଥିବା ସର୍ବ ପ୍ରଥମ ଜୀବ। ତତ୍ପରେ ପ୍ରାୟ ୩୬୦ ନିୟୁତ ବର୍ଷ ପୂର୍ବେ 'ହାଗ୍‌ଫିସ୍' ଏବଂ 'ଲାମ୍ପ୍ରେଜ୍' ଭଳି ସ୍ଥଳଚରମାନେ ସୃଷ୍ଟି ହେଲେ। ଏବର ପ୍ରାଣୀମାନଙ୍କଠାରେ ଭୂପୃଷ୍ଠରେ ବଞ୍ଚିବା ପାଇଁ ଆବଶ୍ୟକ ହେଉଥିବା କାନ୍ଧ, କହୁଣି, ଗୋଡ଼ ଏବଂ ବେକ ଭଳି ମଣିଷଠାରେ ଥିବା କିଛି ଅଙ୍ଗ ବିକଶିତ ହେବାକୁ ଲାଗିଲା। କ୍ରମେ ଏହିସବୁ ଅଙ୍ଗ ଧାରଣ କରୁଥିବା ମାଙ୍କଡ଼ ଜାତୀୟ ପ୍ରାଣୀଙ୍କର ଆବିର୍ଭାବ ହେଲା ଏବଂ ତା'ଠାରୁ ବିଭିନ୍ନ ସ୍ତର ଦେଇ ମଣିଷ ସୃଷ୍ଟି ହେଲା। ଜିନୀୟ ପରିବର୍ତ୍ତନର ଏସବୁରେ ଥିଲା ମୁଖ୍ୟ ଭୂମିକା। ତେବେ, ତା'ର ପୂର୍ବପୁରୁଷ ରୂପେ ପରିଗଣିତ ଗରିଲା ଓ ତା' ମଧ୍ୟରେ ଜିନୀୟ ପ୍ରଭେଦତା କେବଳ ୩.୬ ଶତାଂଶ। ଏତିକି ମାତ୍ର ପରିବର୍ତ୍ତନ ସେହି ବନବାସୀ ଜୀବଟିକୁ ଚିନ୍ତାଶକ୍ତି ସମ୍ପନ୍ନ ବୁଦ୍ଧିମାନ ମଣିଷରେ ପରିଣତ କଲା। ଏପରି ସ୍ଥଳେ, ବର୍ତ୍ତମାନ ତା'ଠାରେ ଆସୁଥିବା ବିବର୍ତ୍ତନୀୟ ପରିବର୍ତ୍ତନ ତାକୁ ହୁଏତ ଦିନେ ଅତିମାନବ ବା ଆମ କଳ୍ପନାର ଦେବତାରେ ପରିଣତ କରିଦେବ ବୋଲି ଆଶା କରାଯିବା ସ୍ୱାଭାବିକ। କିନ୍ତୁ ବର୍ତ୍ତମାନର ମଣିଷ ଚରିତ୍ର ଯେପରି ନକାରାତ୍ମକ ଭାବେ ବଦଳି ଚାଲିବାର ଦେଖାଯାଉଛି ତାହା ମନରେ ସଂଶୟଟିଏ ମଧ୍ୟ ସୃଷ୍ଟି କରେ—ସେ ଅସୁରରେ ପରିଣତ ହେବାକୁ ଯାଉନି ତ?

ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର

# କରୁଣାମୟ ଯିଶୁ



ଇଂ ରୌଶନ୍ ଖାନ୍

ଦକ୍ଷିଣ ଅୟନାନ୍ତ ଅର୍ଥାତ୍ ମକର କ୍ରାନ୍ତିରେ (ଡିସେମ୍ବର ୨୧) ସୂର୍ଯ୍ୟ ଅବସ୍ଥାନ କରୁଥିବାରୁ ଏହି ଦିନ ଫ୍ରିଜିୟାନ ବା ଏଥେନିୟାନମାନଙ୍କ ସୂର୍ଯ୍ୟ ଦେବତା ଅତିଶୁ(At-tisu) ଜନ୍ମକୁ ଅନ୍‌କନକ୍ୱର୍ଡ ସନ୍( Uncon-quered sun) ରୂପେ ପାଳନ କରାଯାଇଥାଏ। ଏହି ପରମ୍ପରା ଅନୁସାରେ ଡିସେମ୍ବର ୨୪ ତାରିଖ ଦିନ ଖ୍ରୀଷ୍ଟ ଜନ୍ମୋତ୍ସବର ପୂର୍ବ ସନ୍ଧ୍ୟାରେ ରୋମନ କ୍ୟାଥୋଲିକ ଓ ପ୍ରୋଟେଷ୍ଟାଣ୍ଟମାନେ 'ବଡ଼ଦିନ ପର୍ବ' ପାଳନ କରନ୍ତି। ଏହି ପର୍ବକୁ ପ୍ରଥମେ ଗ୍ରୀକ୍‌ର ପ୍ରାଚୀନ ମତାବଲମ୍ବୀଙ୍କ ଦ୍ୱାରା ଜାନୁୟାରୀ ୬ ତାରିଖ ଦିନ ଚିରାଚରିତ ପ୍ରଥାରେ ପାଳନ କରାଯାଉଥିଲା। କିନ୍ତୁ ଚତୁର୍ଥ ଶତାବ୍ଦୀ ବେଳଠାରୁ ଡିସେମ୍ବର ୨୫ ତାରିଖ ଦିନଟିକୁ ଏକ୍ସମାସ୍ ରୂପେ ଧାର୍ଯ୍ୟ କରାଯାଇଛି।

ତେବେ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ତାରିଖ ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଯିଶୁଙ୍କ ଜନ୍ମ ରହସ୍ୟ ଓ ଆଗମନର ଆଭିମୁଖ୍ୟ ତା'ଠାରୁ ଯଥେଷ୍ଟ ମହତ୍ତ୍ୱ ରଖିଥାଏ। ବାଇବେଲ ଅନୁଯାୟୀ ଯିଶୁ କୌଣସି ରାଜପ୍ରାସାଦରେ ଜନ୍ମ ହୋଇ ନ ଥିଲେ। ବରଂ ମାତା ମେରୀଙ୍କ ଗର୍ଭରୁ ସେ ଜନ୍ମ ନେଇଥିଲେ ଏକ ଘୋଡ଼ାଶାଳରେ; ଯାହାଙ୍କ ଜନ୍ମ ଉତ୍ସବ ମହା ଆଡ଼ମ୍ବରରେ ପାଳନ କରାଯାଇ ନ ଥିଲା। ବରଂ ସେ ଜନ୍ମ ହେବା ପରେ ଲୁଗାରେ ଗୁଡ଼ା ହୋଇ ଶୋଇଥିଲେ ଦାନା କୁଣ୍ଡରେ। ସେ ତ୍ରାଣକର୍ତ୍ତା ସାଜିଥିଲେ ଅଗଣିତ ଦୁଃଖୀ, ଦରିଦ୍ର ଓ ଆଶ୍ରୟହୀନ ମଣିଷଙ୍କର। ଗରିବ ମେଷ ପାଳକମାନେ ହିଁ ପ୍ରଥମେ ତାଙ୍କର ଦର୍ଶନ କରିଥିଲେ।

ଯିଶୁ ଶବ୍ଦର ଅର୍ଥ ବାଣୀ ବା 'କଲାମ୍'। ତେଣୁ ଯିଶୁଙ୍କୁ କଲାମୁଲ୍ଲା କୁହାଯାଏ। ଯିଶୁ ଥିଲେ କୁମାର ସମ୍ଭୂତ। ଈଶ୍ୱରଙ୍କ ପ୍ରତ୍ୟକ୍ଷ ଆଦେଶ ବହନ କରି ଯିଶୁ ପ୍ରଭୁଙ୍କ ବାକ୍ୟକୁ ପ୍ରଚାର କରି ନିଜ ନାମର ଯଥାର୍ଥତା ପ୍ରତିପାଦନ କରିଥିଲେ ଏବଂ ପୃଥିବୀରେ ସତ୍ୟ, ନ୍ୟାୟ, ଦୟା ଓ କ୍ଷମାଦି ପ୍ରତିଷ୍ଠା କରିଯାଇଥିଲେ। ସୁତରାଂ ବାଇବେଲ କୁହେ : 'ଆଦ୍ୟରେ ବାକ୍ୟ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ...ସେ ଦେହବନ୍ତ ହୋଇ ପ୍ରକାଶିତ ହେଲେ' (ଯୋହନ:୧୪,୧ ତିମିଥି ୩:୧୬) ପବିତ୍ର କୋରାନ ଏହି ବାଣୀକୁ ସମର୍ଥନ କରେ: 'ହେ ମରିୟମ! ନିଶ୍ଚୟ ତୁମକୁ ଅଲ୍ଲାଃ ନିଜ ବାଣୀ ମାଧ୍ୟମରେ ଏକ ପୁତ୍ରର ସୁସମ୍ବାଦ ଦେଇଛନ୍ତି। ଆମ୍ଭେ ତାଙ୍କୁ ଲୋକମାନଙ୍କ ପାଇଁ କରୁଣାର ନିଦର୍ଶନ କରିବୁ।' (ଆଲେ ଇମ୍ରାନ:୪୬)

ଯିଶୁଙ୍କ ଜନ୍ମ ସ୍ଥାନ ଯିହୁଦା ଥିଲା (ଯୋହନ ୪:୩) କିନ୍ତୁ ଅବତାର ନିଜ ମାତୃଭୂମିରେ ଆଦର ପାଆନ୍ତି ନାହିଁ। ତେଣୁ ସେ ଯିହୁଦା ପରିତ୍ୟାଗ କରି ଗାଲିଲିକୁ ଗଲେ (୪:୪୩)। ତେବେ ମୋସେସଙ୍କ ୧୪୦୦ ବର୍ଷ ପରେ ଇସ୍ରାଇଲୀୟ ଅବତାରମାନଙ୍କ ଆବିର୍ଭାବ କ୍ରମରେ ଯିଶୁ ଥିଲେ ଅନ୍ତିମ କଡି। ଇହୁଦି ଧର୍ମଗ୍ରନ୍ଥ ତୋରାହର ଭବିଷ୍ୟତବାଣୀ ଅନୁଯାୟୀ ଯିଶୁ ନିଜକୁ ଇହୁଦିଙ୍କ ମସିହ ଭାବରେ ଘୋଷଣା କଲେ। ମାତ୍ର ତାଙ୍କର ସାମାଜିକ ଓ ଧର୍ମୀୟ ସଂସ୍କାରକୁ ବିରୋଧ କରୁଥିବା ତତ୍କାଳୀନ ମୌଳବାଦୀଙ୍କଠାରୁ ତାଙ୍କୁ ନାନା ଅପନିନ୍ଦା ଓ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଲା। ଏପରି କି ଫାରୁଶି ଶତ୍ରୁଗଣ ପଣ୍ଟିଅସ ପିଲାଟଙ୍କ ନିର୍ଦ୍ଦେଶ କ୍ରମେ ନିଷ୍ପାପ ଯିଶୁଙ୍କୁ ଧରି ନେଇ କ୍ରୁଶରେ ଚଢ଼ାଇଲେ। କିନ୍ତୁ ତାଙ୍କ ଆଗମନର ଆଭିମୁଖ୍ୟକୁ ସ୍ପଷ୍ଟ କରି ସେ କହିଥିଲେ 'ମୁଁ ଯେ ବ୍ୟବସ୍ଥା କି ଭାବବାଦୀମାନଙ୍କ ଧର୍ମଶାସ୍ତ୍ର ଲୋପ କରିବାକୁ ଆସିଛି, ଏପରି ଭାବ ନାହିଁ, ବରଂ ସଫଳ କରିବାକୁ ଆସିଛି।' (ମାଥିଉ ୫:୧୭-୧୮) 'ମୁଁ ଇସ୍ରାଇଲ ବଂଶର ହଜି ଯାଇଥିବା ମେଷମାନଙ୍କ ବିନା ଆଉ କାହା ନିକଟକୁ ପ୍ରେରିତ ହୋଇନାହିଁ।' (ମାଥିଉ ୧୫:୨୬) ନୂତନ ସମାଚାରରେ ରହିଥିବା ତାଙ୍କର ଏକେଶ୍ୱର ବାର୍ତ୍ତା ମଧ୍ୟରୁ ଗୋଟିଏ ହେଉଛି 'ଏକମାତ୍ର ସତ୍ୟ ଈଶ୍ୱର ଯେ ତୁମ୍ଭେ, ତୁମ୍ଭଙ୍କୁ ଓ ପ୍ରେରିତ ଯିଶୁଖ୍ରୀଷ୍ଟଙ୍କୁ ଜାଣିବା ଅନନ୍ତ ଜୀବନ ଅଟେ।' (ଯୋହନ ୧୭:୩)

### ବଡ଼ଦିନ ଉପଲକ୍ଷେ

'ମସିହ'ଶବ୍ଦ 'ସିୟାହତ୍'ରୁ ଆସିଛି, ଯାହାର ଅର୍ଥ ପଦଯାତ୍ରା କରିବା। ପର୍ଯ୍ୟଟକଙ୍କ ପରି ଯିଶୁ ଦେଶ ଦେଶ ବୁଲି ଧର୍ମ ପ୍ରଚାର କରୁଥିବାର ପ୍ରଖ୍ୟାତ ଐତିହାସିକ ଖାୱଣ୍ଡଙ୍କ ପୁସ୍ତକ 'ରଓଜାତୁସ୍ ସଫା'ରେ ଉଲ୍ଲେଖ ଅଛି। ଯିଶୁ ନାସିବିଏନ ଯାଇ କେତେକ ଅଲୌକିକ ଶକ୍ତି ପ୍ରଦର୍ଶନ କରି ଲୋକମାନଙ୍କୁ ଅନେକ ଦୁଃସାଧ ରୋଗରୁ ଆରୋଗ୍ୟ ପ୍ରଦାନ କରିଥିଲେ। ବାଇବେଲରେ ଲେଖାଅଛି : ଅନ୍ଧ ଓ କୁଷ୍ଠ ରୋଗୀଙ୍କୁ ଇସ୍ରାଇଲମାନେ ଅସ୍ପୃଶ୍ୟ ମନେକରୁଥିଲେ ଓ ଅନ୍ୟମାନଙ୍କ ସହିତ ସାମାଜିକ ସମ୍ପର୍କ ରଖିବାକୁ ଅନୁମତି ଦେଉ ନ ଥିଲେ। ଯିଶୁ ସେହି ଲୋକମାନଙ୍କୁ ଏ ପ୍ରକାର ଅତ୍ୟାଚାରରୁ ମୁକ୍ତ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଥିଲେ। ଅବତାରମାନେ ଦିବ୍ୟ ଚିକିତ୍ସକ ହୋଇଥିବା ଯୋଗୁ ସେ ଅନ୍ଧକୁ ଦିବ୍ୟ ଚକ୍ଷୁ ଓ ବଧିରକୁ ଦିବ୍ୟ କର୍ଣ୍ଣ ପ୍ରଦାନ କରିଥିଲେ (ମାଥିଉ ୧୩:୧୫)। ଏହି ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ଆଜିକାଲି ପ୍ରଚାର କରାଯାଉଥିବା ହିଲିଂ ଟଚ୍ କାର୍ଯ୍ୟକ୍ରମ ମାଧ୍ୟମରେ ଯିଶୁଙ୍କ ଆରୋଗ୍ୟ ପ୍ରଦାନକାରୀ ଚମତ୍କାରିତା ଯଥାର୍ଥ ମନେହୁଏ ନାହିଁ।

ଯିଶୁ ସବୁ ଅବତାରଙ୍କ ପରି ଏକବ୍ରହ୍ମ ଉପାସନାର ଶିକ୍ଷା ଦେଇଥିଲେ (ମାଥିଉ ୪:୧୦, ଲୁକ ୪:୮) କିନ୍ତୁ ବର୍ତ୍ତମାନ ପ୍ରଚଳିତ ତ୍ରିତ୍ୱବାଦ ଶିକ୍ଷାରେ ଈଶ୍ୱରଙ୍କ ଅସ୍ତିତ୍ୱକୁ ତିନି ଭାଗରେ ବିଭକ୍ତ କରାଯାଇଛି। ଯଥା ପିତା, ପୁତ୍ର ଓ ପବିତ୍ର ଆତ୍ମା। ଏହି ମତବାଦ ଚତୁର୍ଥ ଶତାବ୍ଦୀର ପ୍ରାରମ୍ଭରେ ଏକ ଖ୍ରୀଷ୍ଟୀୟ ବିଧି ନିକାଲା(Nicala) ନାମରେ ପ୍ରଣୟନ କରାଗଲା :

"O one Lord Jesus Christ, the son of God begotton from the Father as only begottor......God from God, Light from Light'.'. ତେବେ ଏହାର ପରିଣାମ ସ୍ୱରୂପ ତ୍ରିତ୍ୱବାଦର ସିଦ୍ଧାନ୍ତ ରୂପେ ଖ୍ରୀଷ୍ଟ ଜଗତରେ ଜନ୍ମ ନେଲା ସନ୍ଥ ପାଉଲଙ୍କ ଉତ୍ତରକାଳୀନ ଧର୍ମ; ଯାହା ପ୍ରକୃତ ପକ୍ଷେ ଯିଶୁଙ୍କ ପ୍ରବର୍ତ୍ତିତ ମୌଳିକ ବାର୍ତ୍ତା ବହନ କରୁନାହିଁ।

ସୁତରାଂ ଯିଶୁଙ୍କ ପର୍ବତ ଉପରୁ ଉପଦେଶ ଭିତରେ ଏକ ଆଜ୍ଞା ଥିଲା 'ତୁମେ ଆପଣା ପ୍ରତିବେଶୀଙ୍କୁ ଆତ୍ମତୁଲ୍ୟ ପ୍ରେମ କର'। କିନ୍ତୁ ଏବେ ମନେହୁଏ ଆଧୁନିକ ସଭ୍ୟତାରେ ପ୍ରତିବେଶୀର ସଂଜ୍ଞା ଯେପରି ବଦଳି ଯାଇଛି। ନିଜ ପଡ଼ିଶାରେ ରହୁଥିବା ଅସଂଖ୍ୟ ଗରିବ ମଣିଷଙ୍କ ପାଖରେ ଯେତେବେଳେ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ, ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଗରମ ପୋଷାକ ଖଣ୍ଡେ ନାହିଁ, ସେହି ସମୟରେ ଯିଶୁଙ୍କ ଜୟନ୍ତୀ ପାଳନ କରିବାକୁ ଯାଇ ଆମେ କି ପ୍ରକାର କର୍ତ୍ତବ୍ୟ ନିର୍ବାହ କରୁ? ସେହି ମଣିଷଙ୍କ ପାଖରେ ଯିଶୁଙ୍କର କି ପରିଚୟ ଆମେ ଦେଉ? ଯେତେବେଳେ ନାଲି ନେଳି ବିଜୁଳିରେ ସଜା ଯାଇଥିବା ଘର ଉପରେ ରଙ୍ଗିନ କୃତ୍ରିମ ତାରା, ଅଭିନନ୍ଦନ, ପିକନିକ୍, ହୋଟେଲ୍, ଡ୍ୟାନ୍ସ ବାର, ସାନ୍ତାକ୍ଲଜ ପୁଣି ଖ୍ରୀଷ୍ଟମାସ୍ ଟ୍ରୀ! ଏସବୁ ବାହ୍ୟ ପ୍ରଦର୍ଶନ ଗୌଣ ହୋଇଯିବ। ଯେତେବେଳେ ଆମେ ହରାଇ ବସିଥିବା ବଡ଼ଦିନର ମହତ୍ତ୍ୱକୁ ପ୍ରକୃତ ଅର୍ଥରେ ବୁଝିପାରିବା, ସେତେବେଳେ ଯିଶୁଙ୍କ ଜୟନ୍ତୀ ପାଳନ ଅବସରରେ ବନ୍ଧୁ ମିଳନ, ଶୁଭେଚ୍ଛା କାର୍ଡ ଓ ଉପହାରର ଉପଲବ୍ଧିକୁ ସମସ୍ତେ ସାଦରେ ଗ୍ରହଣ କରିବେ। ସେତେବେଳେ ବିଶ୍ୱରେ ଶାନ୍ତି, ପ୍ରେମ ଓ କରୁଣାର ଅବତାର ଯିଶୁ ମସିହଙ୍କର କ୍ରୁଶ ଉପରେ ବୁହାଇଥିବା ପ୍ରତିଟି ରକ୍ତ ବିନ୍ଦୁ ମନୁଷ୍ୟର ପାପକୁ ଧୋଇ ଦେବାରେ ସହାୟକ ହେବ ଏବଂ ତାଙ୍କର ମହାନ୍ ତ୍ୟାଗ ଓ ବଳିଦାନକୁ ବିଶ୍ୱବାସୀ ମନେ ରଖିବେ।

ସହକାରୀ ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ, ସମ୍ବଲପୁର
ମୋ: ୯୪୩୭୬୮୪୮୫୯

## ଏଇ ଭାରତରେ

ଜଣେ ବ୍ୟକ୍ତି ୮ ହଜାରରୁ ଅଧିକ ଶୁଆଙ୍କୁ ଖାଇବାକୁ ଦେବା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଚେନ୍ନାଇର ଜୋଶେଫ ଶେଖରଙ୍କ ଦ୍ୱାରା ଏହା ସମ୍ଭବ ହୋଇଛି। ସବୁଠୁ ବଡ଼କଥା ହେଉଛି, ଜୋଶେଫ ଶୁଆମାନଙ୍କ ଖାଦ୍ୟ ପାଇଁ ତାଙ୍କ ଆୟର ୪୦% ଖର୍ଚ୍ଚ କରୁଛନ୍ତି। ତାଙ୍କର ଏକ ଦୋକାନ ଅଛି। ୨୦୦୪ରେ ତାଙ୍କ ଅଗଣାରେ ୫ଟି ଶୁଆ ବସିଥିଲେ ଓ ଭାତ ଖାଇବାକୁ ଚେଷ୍ଟା କରିବା ଲକ୍ଷ୍ୟ କରି ଶେଖର ସେମାନଙ୍କୁ ଭାତ ଖାଇବାକୁ ଦେଇଥିଲେ। ପରେ ସେ ଦୀର୍ଘ ୧୫ ବର୍ଷ ହେବ ବହୁ ଘାତ ପ୍ରତିଘାତ ସହି ଏହା ଚାଲୁ ରଖିଛନ୍ତି। ଶୁଆ ସଂଖ୍ୟା ୫ରୁ ବଢି ଏବେ ୮,୦୦୦ରୁ ଅଧିକ ହୋଇଛି। ଶୁଆମାନେ ଏବେ ତାଙ୍କ ପାଇଁ 'ଗ୍ରୀନ୍ ଫ୍ରେଣ୍ଡ' ପାଲଟିଯାଇଛନ୍ତି ଓ ତାଙ୍କୁ ଲୋକେ 'ଚେନ୍ନାଇର ବାର୍ଡମ୍ୟାନ' ବୋଲି ସମ୍ବୋଧନ କରୁଛନ୍ତି। ଶୁଆମାନେ ପ୍ରତିଦିନ ୭୫ କେ.ଜି. ଭାତ ଖାଉଛନ୍ତି। ଭାତ ଓ ପାଣି ଯୋଗାଇବାରେ ତାଙ୍କ ପରିବାର ଲାଗିପଡ଼ନ୍ତି। କେବଳ ଏତିକି ନୁହେଁ ଶୁଆଙ୍କ ପସନ୍ଦ ଖାଦ୍ୟ ମଧ୍ୟ ବହୁ ସମୟରେ କିଣି ସେମାନଙ୍କୁ ଦିଅନ୍ତି ଜୋଶେଫ। କାଠର ଛୋଟ ଛୋଟ ବାକ୍ସରେ ଶୁଆମାନଙ୍କୁ ଖାଇବାକୁ ଦିଅନ୍ତି। ଦଳ ଦଳ ଶୁଆ ଆସି ସେଥିରୁ ଭାତ ଖାଇ ଉଡ଼ିଯାଆନ୍ତି। ପ୍ରତିଦିନ ସକାଳ ୪ଟାରେ ଉଠି ଜୋଶେଫ ସେଗୁଡ଼ିକୁ ସଫା କରନ୍ତି। ତାଙ୍କର ଏହି କାର୍ଯ୍ୟ ଦେଖିବାକୁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ତାଙ୍କ ଘରକୁ ଆସୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଡିସେମ୍ବର ୧୯୯୬**

- ପାପୁଆ ନ୍ୟୁଗିନିର ପାହାଡ଼ ପାଦଦେଶରେ ଅବସ୍ଥିତ ଏକ ଗ୍ରାମରେ ମାଟି ଅତଡ଼ା ଖସିବା ଫଳରେ ୩୮ ଜଣଙ୍କର ମୃତ୍ୟୁ।
- ପାଟନାସ୍ଥିତ ଫତୁଆ ଥାନା ଅନ୍ତର୍ଗତ ଶାହାଜାନପୁରଠାରେ ଏକ ପଥର ଚିପ୍ସ ଓ ଯାତ୍ରୀ ବୋଝେଇ ଟ୍ରକ୍ ଓଲଟି ପଡ଼ିବା ଫଳରେ ୫୦ ମୃତ।
- ଗୋଟିଏ ଇଞ୍ଜିନ ଆକାମୀ ହୋଇପଡ଼ିବା ଫଳରେ ୨୨ ଜଣ ଲୋକଙ୍କୁ ନେଇ ଯାଉଥିବା ଭାରତୀୟ ବିମାନ ବାହିନୀର ଏନ୍. ଆଭ୍ରୋ ବିମାନ ନେଲୋର ଜିଲାର ବୁଜ୍ଜାପୁରମ୍ ଗ୍ରାମଠାରେ ଦୁର୍ଘଟଣାଗ୍ରସ୍ତ ହୋଇ ଧ୍ୱଂସ ପାଇଯିବା ଫଳରେ ସମସ୍ତ ୨୨ ଜଣ ଆରୋହୀଙ୍କ ପ୍ରାଣହାନୀ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | 7 | 5 | | | 9 |
| | 9 | | | | | | | |
| | | 7 | | | | 4 | 8 | |
| 9 | | 6 | 4 | | | | 5 | |
| | 7 | | | | 6 | | 4 | |
| | 2 | | | | | 7 | | |
| | | | | | 2 | | 7 | |
| | | 3 | 1 | | | | | 5 |
| | | 9 | | 3 | | | | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 4 | 9 | 3 | 8 | 1 | 6 | 5 |
| 6 | 9 | 5 | 4 | 2 | 1 | 8 | 7 | 3 |
| 1 | 3 | 8 | 6 | 5 | 7 | 2 | 4 | 9 |
| 5 | 2 | 7 | 3 | 8 | 9 | 4 | 1 | 6 |
| 8 | 6 | 9 | 1 | 4 | 5 | 7 | 3 | 2 |
| 3 | 4 | 1 | 2 | 7 | 6 | 5 | 9 | 8 |
| 4 | 8 | 2 | 7 | 9 | 3 | 6 | 5 | 1 |
| 7 | 1 | 3 | 5 | 6 | 2 | 9 | 8 | 4 |
| 9 | 5 | 6 | 8 | 1 | 4 | 3 | 2 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଯୋଗ୍ୟ ହିତାଧିକାରୀଙ୍କୁ ଉପେକ୍ଷା

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ବଣ୍ଟନରେ ବ୍ୟାପକ ଜାଲିଆତି ଓ ପାତରଅନ୍ତର କରାଯାଉଥିବା ଅଭିଯୋଗ ହେଉଛି। ରାଜନୈତିକ ନେତାଙ୍କ ପକ୍ଷପାତିତା ଓ ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳାରୁ ଗୋଟିଏ ଗୋଟିଏ ପରିବାରକୁ ଦୁଇ ତିନିଟି ଆବାସଗୃହ ମିଳୁଛି। ବିଡ଼ମ୍ବନାର ବିଷୟ, ସମଗ୍ର ସତ୍ୟବାଦୀ ବ୍ଲକରେ ୧୨ ହଜାରରୁ ଊର୍ଦ୍ଧ୍ୱ ଦରିଦ୍ର ପରିବାର ଆବାସ ଯୋଜନାରୁ ବଞ୍ଚିତ ହୋଇ ଭଙ୍ଗାଚାଳ ଓ ପଲିଥିନ ତଳେ ଜୀବନ ଅତିବାହିତ କରୁଛନ୍ତି। ଶାସନ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ବଣ୍ଟନରେ ପାତରଅନ୍ତର କରାଯାଉଛି। ରାଜ୍ୟ ସରକାର ଅଧିକ ଆବାସ ଯୋଗାଇ ଦେବା ପାଇଁ ଡିଣ୍ଡିମ ପିଟୁଥିବାବେଳେ କୁଜିନେତା ଓ ଦଲାଲମାନେ ୧୫ରୁ ୨୫ ହଜାର ଟଙ୍କା ନେଇ ୱାର୍କ ଅର୍ଡର ଦେବାର ପ୍ରତିଶ୍ରୁତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନେକ ପଞ୍ଚାୟତରେ ବାପ ଇନ୍ଦିରାଆବାସ ପାଇଥିବାବେଳେ ପୁଅ ମଧ୍ୟ ଉକ୍ତ ଯୋଜନାରେ ସାମିଲ ହୋଇ ଘର କରୁଥିବାର ନଜିର ଦେଖିବାକୁ ମିଳୁଛି। ଏଭଳି ସ୍ଥିତିରେ ସରକାରୀ ଯୋଜନାର ସଫଳତା ଦରିଦ୍ରତମ ପରିବାରଗୁଡିକ ପାଉ ନ ଥିବା ସମୟରେ ସ୍ୱଚ୍ଛଳ ପରିବାର ମାଲାମାଲ ହେଉଛନ୍ତି। ଏ ପ୍ରସଙ୍ଗରେ ରାଜ୍ୟ ସରକାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ।

– ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବିକଳ ମୋର ଅନ୍ତର ବନ୍ଧୁ!
ତୁମରି ଲାଗି କାନ୍ଦିଛି କେତେ
ହତାଶା ପରେ ହତାଶା ଘେନି
ନୂତନ ଆଶା ବାନ୍ଧିଛି କେତେ।
–(ନିଜ ଭୁଲା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସ୍କୁଲ ପାଖରେ ପ୍ରଧାନ ଶିକ୍ଷକଙ୍କ ବେକ କାଟି ହତ୍ୟା

**ଟିକିରି, ୨୪।୧୨(ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ ଦରାଗୁଡ଼ା ଥାନା ଅଧୀନ ତୁରେଇ ଘାଟି ସ୍କୁଲ ପାଖରେ ଶୁକ୍ରବାର କେହି ଦୁର୍ବୃତ୍ତ ପ୍ରଧାନ ଶିକ୍ଷକଙ୍କ ବେକ କାଟି ହତ୍ୟା କରିଛନ୍ତି। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ମୁକୁନ୍ଦ ପ୍ରସାଦ ନାଥଶର୍ମା। ସୂଚନାନୁଯାୟୀ, ପ୍ରଧାନ ଶିକ୍ଷକ ମୁକୁନ୍ଦପ୍ରସାଦ ତୁରେଇଘାଟିରେ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଟଙ୍କା ବାଣ୍ଟିବାକୁ ଯାଇଥିଲେ। ଟଙ୍କା ବାଣ୍ଟିସାରି ସ୍କୁଲ ପାଖରେ ଠିଆ ହୋଇଥିବା ବେଳେ ହଠାତ୍ କେହି ଜଣେ ଏକ ମାରଣାସ୍ତ୍ରରେ ମୁକୁନ୍ଦପ୍ରସାଦଙ୍କ ବେକ କାଟି ଦେଇଥିଲେ। ଖବରପାଇ ଦରାଗୁଡ଼ା ପୋଲିସ, ଅଣ୍ଡରାକଞ୍ଚ ଥାନାଧିକାରୀ, ରାୟଗଡ଼ା ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ୧୮୫/୨୧ରେ ଏକ ହତ୍ୟା ମାମଲା ରୁଜୁ କରିଛି।

---

## ZILLA SWASTHYA SAMITI, DHENKANAL
### DISTRICT PROGRAMME MANAGEMENT UNIT
### NATIONAL HEALTH MISSION

**Notice No. 7240** **Dt.21.12.21**

**TENDER CALL NOTICE FOR SUPPLY OF MANPOWER**

No. E-768: Sealed tenders are invited from reputed registered companies/firms/agencies/trust/societies having adequate experience in taking up the works for supply of different categories of manpower under National Health Mission, Dhenkanal. The last date for receiving the tender document by the office of the undersigned is **11.01.2022** till 5.30 P.M. and the same will be opened on 12.01.2022 at 11 A.M. The detail terms & conditions can be downloaded from the website **www.dhenkanal.nic.in.** The undersigned is not responsible for any postal delay. The undersigned reserves the right to reject any or all the proposals without assigning any reason thereof.

**Sd./- CDM & PHO cum District Mission Director, Dhenkanal**

OIPR-10059/11/0018/2122

---

## ODISHA POLICE STATE HEAD QUARTERS, CUTTACK
### e-RFP

No. D-254

### Office of the D.G & I.G. of Police, Odisha, Cuttack

1. e-RFP are invited from reputed bidders in respect of the "e-RFP" (Request for Proposal) for Selection of System Implementation Partner (SIP) for conducting Computer Based Recruitment Examination (CBRE) for Combined Recruitment Examination of Group-B Posts of Odisha Police Service, Odisha Prison Service and Odisha Fire Service - 2018 and 2019 during the current financial year, 2021-22.

**The details schedule of the e-RFP is as follows:**

| | |
|---|---|
| Date of Publication of RFP in the Website of MSTC | 24.12.2021 |
| Last date & time to accept pre-bid queries through e-mail **(aig.provisioning@gmail.com)** | 01.01.2022, 17.00 hrs. |
| *Virtual/Pre-Bid Meeting (is to be communicated to interested bidders) | 05.01.2022, 11.00 hrs. |
| Publication of Corrigendum to RFP (if any) in the website of MSTC/ Odisha Police | 13.01.2022 |
| Last date & time of Submission of Bid on MSTC | 07.02.2022, 17.00 hrs. |
| Date of Opening of General & Technical Bid | 11.02.2022, 11.00 hrs. |
| Technical Presentation by the Bidders | 16.02.2022, 11.00 hrs. |
| Date of Opening of Commercial/ Financial Bid | 22.02.2022 |
| Venue | State Police Headquarters, Cuttack, Buxi Bazar, Odisha |
| Earnest Money Deposit (EMD) | There shall be no provision for earnest money deposit. However, the bidder will have to exeucte the bid security declaration in lieu of bid security with stipulation that if they withdraw, re-modify their bills during the period of validity, they will be suspended for 2 years. |

Interested eligible bidder may visit the website of MSTC Limited **(www.mstcecommerce.com/eproc** and Odisha Police website to go trhough RFP & download RFPs including Scope of work & terms & conditions etc. Therefore, Interested bidders are requested to register on MSTC poral **www.mstchecommerce.com/eproc** for details of e-RFP and participation.

Interested bidder are requested to regularly visit the MSTC website & Odisha Police website as all subsequent addendum/corrigendum/ change of above schedule of events of RFP shall be hosted on MSTC website.

OIPR-12029/11/0040/2122 **Sd./- A.I.G. of Police (Prov.) Odisha, Cuttack**

---

## OFFICE OF THE EXECUTIVE ENGINEER
## RWS&S DIVISION, KENDRAPARA

No. O-1497

**At: Ichhapur, Post: Shree Baladevjew,**
**E-mail: eerwsskendrapara@gmail.com**

### INVITATIONS FOR BIDS (IFB) [e-Procurement]

**Bid Identification No. RWS/89/2021-2022**

**Letter No. 7629** **Dated: 22.12.21**

1. The Executive Engineer, RWS&S Division, Kendrapara on behalf of Governor of Odisha invites lump sum bid in **DOUBLE** cover system in **ONLINE MODE** from eligible contractors for Rural Piped Water Supply Schemes in Kendrapara District.
2. Name of the Work : Execution of One 40 LPCD Retrofitting RPWS Schemes to Dutiala, Charigaon and Pandiri of Kendrapara Block on Clubbed up mode in Kendrapara District.
3. No. of Work : 01 (One) No. on Clubbed up Mode
4. Value of the Work : Rs.287.85 lakhs
5. Concerned tender inviting authority : Executive Engineer, RWS&S Division, Kendrapara
6. Security Amount (Rs.) (Online): Rs.287900/-
7. Cost of Bid Document (Rs.) (Online) : Rs.10,000/-
8. Class of Bidder : "B" & "A" Class
9. Period of Completion : 330 Days
10. Availability of bid documents in the website : From Date: 29.12.2021 at 10.00 A.M. to Date: 12.01.2022 till 5.30 P.M.
11. Last date & time of seeking tender clarification : Upto 03.01.2022 till 5.30 P.M.
12. Date of Opening of Bid : On date 13.01.2022 at 11.00 A.M.

The bidders have to participate in the tender through ONLINE bidding only. Further details can be had from the website i.e. **http://tendersorissa.gov.in**.

Subsequent corrigendum/addendum if required shall only be appeared in the above website.

**Sd./- (Er. B.K. Nayak)**
**Executive Engineer, RWS&S Division, Kendrapara**

OIPR-25004/11/0030/2122

---

### GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE CHIEF CONSTRUCTION ENGINEER
## LOWER SUKTEL IRRIGATION PROJECT, BALANGIR

No. A-729 AT: LALTIKRA, DIST.- BALANGIR, PIN - 767002
email Id: ccelsp@gmail.com

**Government of Odisha "e" PROCUREMENT NOTICE**
**Bid Identification No. 03/2021-22 of CCE, LSP, Balangir**

| | | |
|---|---|---|
| I | Name of Work | Execution of Pressurized UGPL Irrigation Network System for Left and Right Commands of Lower Suktel Irrigation Project with Distribution network upto 1 Ha. Sub-Chak Compatible with micro irrigation having total planned CCA of 40000 Ha. on EPC mode (Turn-Key Basis) including power system connectivity, Electro-Mechanical Components, PIM and operation & maintenance of complete commissioned system for 15 years. |
| II | Period of Completion | 30 (Thirty) Calendar Months including rainy season |
| III | Date & time of availability of bid document in the portal | 28.12.2021 at 10 A.M. |
| IV | Last date/time for receipt of bid in the portal | 10.02.2022 upto 5.00 P.M. |
| V | Name & address of the Officer Inviting Bid | Chief Construction Engineer, Lower Suktel Irrigation Project, Balangir, At; Laltikra, P.O.- Rajendra College, Dist.- Balangir, PIN - 767002 |

Further details can be seen from the e-Procurement portal **http://tendersodisha.gov.in**.
Any Corrigendum/Addendum/Cancellation will be displayed in the Govt. website only.

**Sd./- Chief Construction Engineer**
**Lower Suktel Project, Balangir**

OIPR-32333/11/0004/2122

---

### ପୌର ପରିଷଦ କାର୍ଯ୍ୟାଳୟ, କନ୍ଧମାଳ, ଫୁଲବାଣୀ
## Office of the Municipal Council, Phulbani
## Khandhamal, Phulbani

Tel.No. 06842-253619, Fax-06842-253619; E-mail: municipality.plb@rediffmail.com
Letter No. 4000 Date 18.12.2021

### TENDER NOTICE

No.C-1667:- Bid documents consisting of 1 (One) Nos. of civil works with estimated cost (work value), cost of tender paper, time of completion, class of contractors and the set of terms and conditions applicable for the contract and required necessary documents available in Phulbani Municipality.

| | | | |
|---|---|---|---|
| 1. | Name of the works | : | Civil works as mentioned in the office |
| 2. | No. of works | : | 1 (One) only |
| 3. | Tender amount | : | 14,42,000.00 |
| 4. | Date & time of Availability of Bid Documents on the portal | : | From date 20.12.2021, 10.00 AM to Date 29.12.2021, 5.00 PM |
| 5. | Last date & time of availability of Bid Documents on the portal | : | 29.12.2021, 5.00 PM |
| 6. | Bid opening date and time | : | 30.12.2021, 11.00 AM |
| 7. | Name and address of bid inviting officer | : | Executive Officer, Phulbani Municipality |

Further details of the tender documents can be seen from municipality office in working hours.

**Sd./- Executive Officer, Phulbani Municipality**

OIPR-13195/11/0003/2122

---

## ODISHA LIFT IRRIGATION CORPORATION LTD.

**(A Government of Odisha Undertaking)**
**Plot No. N-17/2, Nayapalli, Bhubaneswar - 751012**
**Phone No. (0674) 2390195 (Off), Fax No. (0674) 2395844**
**E-Mail ID: olicltd123@bsnl.in, olicltd@ymail.com, www.odishalift.co.in**

### NATIONAL COMPETITIVE BIDDING THROUGH e-Procurement

**No. IT-87/2021-9449/OLIC** **Dated: 21.12.2021**

No. CAD-2445: The Managing Director, OLIC Ltd., Bhubaneswar invites online percentage rate tender through e-procurement for Installation, Electrification, Energisation and Commissioning of cluster bore wells in the State of Odisha. Interested bidders may visit website: **www.tendersodisha.gov.in** and OLIC website **www.odishalift.co.in** to view and download Detailed Tender Call Notice and bid documents. The bids should be submitted only online in the website **www.tendersodisha.gov.in**.

**Important Features of this NCB are as under:**

A. Brief description of work : Installation, electrification, energisation and commissioning of Borewell in Bargarh District (05 Packages)
B. Estimated Cost of works : Rs.1328.99 lakhs for each Package
C. Date and time of availability of bid document in the portal : From Dt.30.12.2021 to Dt.25.01.2022 (upto 17.00 hours)
D. Last date/time for receipt of bid in the portal : Dt.25.01.2022 upto 17.00 hours
E. Last date of seeking clarification : Dt.12.01.2022 upto 17.00 hours
F. Technical Bid will be opened on : Dt.27.01.2022 at 11.00 hours

Any addendum/corrigendum/cancellation of tender will be available in the said website.

Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

**Sd./- Managing Director**
**OLIC Ltd., Bhubaneswar**

OIPR-32135/11/0018/2122

---

## CHIEF DISTRICT MEDICAL AND PUBLIC HEALTH OFFICER, KALAHANDI

**Notice No. 6883** **Dt.21.12.21**

**QUOTATION CALL NOTICE HIRING OF PRIVATE VEHICLE**

No. E-774: Sealed tender quotation are invited from interested reputed travel agencies/tour operation or private individuals for providing one No. of AC driven BOLERO/SUMO GOLD VEHICLE having sitting capacity within 07 to 09 persons including driver, which shall confirm to the terms & condition (Annexure - 1 to 3) details mentioned in district website i.e. **www.kalahandi.nic.in** for use to operationalize Mobile Ophthalmic Units (MOU) in the District for improved access to eye care services, will be located at District Head Quarter under the Office of the CHIEF DISTRICT MEDICAL & PUBLIC HEALTH OFFICER, KALAHANDI on monthly rent basis.

1. The quotation completed in all respect should reach to the undersigned on or before 03.01.2022 by 4 P.M. through Registered Post/Speed Post/Tender Box only. The envelope containing the quotation offer should be superscripted 'Quotation offer hiring of Vehicle at the top of the envelope it shall be opened on 04.01.2022 at 12 Noon in presence of bidders or their authorized representatives, in the office chamber of CHIEF DISTRICT MEDICAL & PUBLIC HEALTH OFFICER, KALAHANDI.

The authority reserves the right to cancel or reject the any or all tender without any reason thereof.

OIPR-10076/11/0020/2122 **Sd./- Chief District Medical & Public Health Officer, Kalahandi**

---

### Government of Odisha
## "e" Procurement Notice
### Bid Identification No. 20 of 2021-22

No.O-1490:-

| | | | |
|---|---|---|---|
| 1 | Number of works | : | 1 No. of Bridge |
| 2 | Estimated cost (Approx.) | : | Rs.84.16 lakh |
| 3 | Period of completion | : | 9 calendar months |
| 4 | Date & time of available of bid documents in the portal | : | 24.12.2021 at 11.00 hrs. |
| 5 | Last date & time for receipt of bids inthe portal | : | 07.01.2022 at 17.00 hrs. |
| 6 | Date of opening of tender | : | 10.01.2022 at 11.00 hrs. |
| 7 | Name and address of the officer inviting bid | : | Executive Engineer, Rural Works Division, Jagatsinghpur |

Further details can be seen from the Government website: **www.tendersorissa.gov.in**

**Sd./- Executive Engineer**
**Rural Works Division, Jagatsinghpur**

OIPR-25056/11/0025/2122

---

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553 **No. CAD-2458**

Lifeline of Odisha

### NOTICE INVITING TENDER (NIT)
**(DOMESTIC COMPETITIVE e-BIDDING)**

Odisha Power Transmission Corporation Ltd(OPTCL), Bhubaneswar invites bids (in e-tendering mode only) under single stage two-part bidding system with E-RA from reputed EPC/Turnkey Contractors for following turnkey projects.

**01) CPC-45/2021-22:** Construction of 220kV LILO line from 220kV Balimela-Jayanagar Ckt-I to Newly Constructed 220/33kV Grid S/S Govindpali with construction of 02 nos of 220kV feeder bays at Govindpali substation.

**02) CPC-46/2021-22:** Construction of 132kV SC line on DC tower from 132/33 kV Grid S/S Patanagarh to 132/33kV Grid S/S, Kantabanji with 132kV Bay extension work at both ends.

**03) CPC-47/2021-22:** Construction of 2x20MA, 132/33kV Grid S/S with SAS, Rampur at Aglpur with associated 132kV LILO line on 132kV Bolangir-Barapali line.

**04) CPC-48/2021-22:** Construction of 2x20MVA, 220/33kV Grid S/S with SAS, at Madanpur Rampur with associated 220kV LILO line on 220kV Kesinga-Baliguda line.

Complete set of bidding documents are available on **www.tenderwizard.com/OPTCL** portal and OPTCL's official website: **www.optcl.co.in** with effect from 24.12.2021, 03.00PM.

HIPR-42/2021-22 OIPR-04011/11/0123/2122 **Sd/- CGM (CPC)**

---

### STATE INSTITUTE FOR RURAL DEVELOPMENT & PANCHAYATI RAJ
**PR & DW Department, Govt. of Odisha**
**Gopabandhu Nagar, Unit - VIII, Bhubaneswar**

No. I-293

## EXPRESSION OF INTEREST
(Extension of Timeline for submission of Online Application for Empanelment of Resource Persons of SIRD & PR)

No. **2225** Date : **22.12.2021**

In continuation to the last Expression of Interest of SIRD&PR vide No. 2031, dated 01.12.2021, the last date for the submission of online application has been extended till **31.12.2021.**

The candidates are required to apply through online using their email account. The online link and the ToR is available on the official website of SIRD&PR (sirdodisha.nic.in). The other Terms & Conditions remain unchanged. Any off-line Application will **NOT** be entertained.

**Online application will be activated till 31.12.2021**

OIPR-19012/11/0004/2122 Sd/- DIRECTOR

---

### GOVERNMENT OF ODISHA
## OFFICE OF THE DIVISIONAL FOREST OFFICER, BAMRA WILDLIFE DIVISION, BAMRA, SAMBALPUR

At/P.O.- Bamra, Dist.- Sambalpur, E-mail: dfobmbwl004@gmail.com
BID IDENTIFICATION No. 1F-BMB/03 (Online)/2021-22

### E-Procurement Notice

**No. 289** **Dated: 22.12.2021**

No. mm-306: The Divisonal Forest Officer, Bamra Wildlife Division, Bamra, Sambalpur on behalf of Governor of Odisha, invites Percentage Rate bids in Single Cover System in ONLINE MODE.

1. No. of Work : 01 (One) No. Building Work (Composite)
2. Tender Cost : Rs.6,000/- (each)
3. Class of Contractor : "D" & "C" Class Contractors
4. Availability of Bid document in the website : 18.00 hours of 24.12.2021 to 17.00 hours of 03.01.2022
5. Date of Opening of Tenders : 11.30 hours on Dt.04.01.2022
6. The biddes have to participate in ONLINE bidding only. Further details can be seen from the website **www.tendersodisha.gov.in** only. Any Coorigendum/Addendum/Cancellation of tender will be displayed in the website said only.

**Sd./- Divisional Forest Officer**
**Bamra Wildlife Division**

OIPR-08064/11/0005/2122

---

### Government of Odisha
## OFFICE OF THE CHIEF CONSTRUCTION ENGINEER
## CUTTACK (R&B) CIRCLE, CUTTACK

**E-mail.ID-sectcrb_2006@yahoo.co.in,**
No.B-886:- **Tel/Fax – 0671-2301751/2302751**

### ( 'e' – PROCUREMENT NOTICE )
**Bid Identification No.CCE.Ctc.(R&B) 34/2021-22.**

1. The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road & Building works as mentioned below.
2. No. of work :- 49 Nos.
3. Nature of work :- Road & Building works.
4. Class of contractor :- 'B', 'A', Special & Super Class.
5. Tender paper cost :- Rs.10000/- (online)
6. Available of bid documents in the web site :- From 13.01.2022 to 16.00 Hours of 28.01.2022
7. Date of opening of bid :- Dt.29.01.2022 at 11.00 Hours.
8. The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said web site.

**Sd/-P.K.Pradhan, Chief Construction Engineer, Cuttack (R&B) Circle**

OIPR-34012/11/0047/2122

---

### Government of Odisha, e- Procurement Notice
### INVITATION FOR BIDS (IFB)
**Bid Identification No. C.C.E.Dkl.(R&B) 13/2021-22**
**Email Id-sedklpwd@gmail.com**
**Letter No. 2419 Dt.21.12.2021**

No.B-887:- The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building, Road & Bridge works as detailed below:

1. Name of the work : Building. Road & Bridge works
2. No of works : 21 (Twenty one) Nos.
3. Estimated Cost : Rs. 2,36,51,658/- to Rs. 8,53,99,393/- (as given in column No. 03 of table)
4. Cost of tender paper : Rs 10,000.00
5. Class of contractor : 'B' , 'A' 'Special' & 'Super' Class (as given in column No. 06 of table)
6. Period of Completion of work : 06 (Six) to 11(Eleven) Calendar months (as given in column No. 07 of table)
7. Date and time of availability of bid document in the website : From Dt.31.01.2021 to 5.30 P.M. of Dt.14.01.2022
8. Date of opening of bid : Dt.15.01.2022 at 11.30 hours

The bidders have to participate in ONLINE biding only further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Chief Construction Engineer, Dhenkanal(R&B) Circle,Dhenkanal**

OIPR-34132/11/0016/2122

---

### ଓଡ଼ିଶା ସରକାର
## ଗ୍ରାମ୍ୟ ନିର୍ମାଣ ବିଭାଜନ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ

**Letter No. 11216 (W/E)** **Dt.04.12.2021**

### ବିଜ୍ଞାପନ

No. XXXIII-11: ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ, ଭୁବନେଶ୍ୱରର ଅଧୀନରେ ଖୋର୍ଦ୍ଧା ବ୍ଲକର କାୟା ଏବଂ ଗୋଳବାଇ ଶାସନ ଗ୍ରାମ ଏବଂ ଟାଙ୍ଗୀ ବ୍ଲକର ତଳପଡ଼ା ଗ୍ରାମର ନିମ୍ନ ଲିଖିତ ପ୍ଲଟର ମଲାଗୁଣୀ ସେତୁର ଉଭୟ ପଟ ସଂଯୋଗ ରାସ୍ତା ନିମନ୍ତେ ଜମି ଅଧିକରଣ କରାଯିବ। ଏହି ଜମିର ହିତାଧିକାରୀମାନଙ୍କ ନାମ ଓ ଜମିର ବିବରଣୀ ସଂଲଗ୍ନ କରାଯାଇଅଛି। ଏହି ହିତାଧିକାରୀ ତାଲିକାରେ ଯଦି କାହାର କିଛି ଅଭିଯୋଗ ଅଛି ତ ଏହି ବିଭାଜନର ଗ୍ରାମ୍ୟ ନିର୍ମାଣ ଉପବିଭାଜନ, ଖୋର୍ଦ୍ଧା କାର୍ଯ୍ୟାଳୟରେ ବିଜ୍ଞାପନ ବାହାରିବାର ୭ଦିନ ମଧ୍ୟରେ ଲିଖିତ ଆକାରର ଅଭିଯୋଗ ଦର୍ଶାଇଲେ ତାହା ବିଚାର ଯୋଗ୍ୟ ହେବ, ନଚେତ୍ ନିମ୍ନ ଜମି ମାଲିକମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ବିବେଚନା କରାଯାଇ ତାଙ୍କର ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ତେଣୁ ପ୍ରକୃତ ଜମିମାଲିକମାନଙ୍କୁ ଅନୁରୋଧ କରାଯାଇଅଛି କି ସେମାନେ ତାଙ୍କର ନିମ୍ନ ଲିଖିତ ଦସ୍ତାବିଜ୍ ଉପ-ନିର୍ବାହୀ ଯନ୍ତ୍ରୀ ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣିପରେ ପ୍ରଦାନ କଲେ ବିକ୍ରି କବଲା କରିବା ପାଇଁ ଉପନିବନ୍ଧ ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଅତ୍ୟାବଶ୍ୟକ ଆୟୋଜନ କରାଯିବ।

**ବିକ୍ରି କବଲା କରିବା ପାଇଁ ନିମ୍ନ ଲିଖିତ ଆବଶ୍ୟକ ଦସ୍ତାବିଜ/କାଗଜ ପତ୍ର:**

5. CERTIFICATE OF ENCUMBRANCE ON PROPERTY (EC)
6. LEGAL HEIR CERTIFICATE ISSUED BY TAHASILDAR, IN CASE OF LAND OWNER IS NOT ALIVE.
7. VOTER ID CARD
8. AADHAAR CARD

**ସ୍ୱା/– ନିର୍ବାହୀଯନ୍ତ୍ରୀ**
**ଗ୍ରାମ୍ୟନିର୍ମାଣ ବିଭାଜନ, ଭୁବନେଶ୍ୱର**

**ବି.ଦ୍ର.: ହିତାଧିକାରୀମାନଙ୍କ ନାମ ଏବଂ ଜମିର ବିବରଣୀ ସଂଲଗ୍ନ କରାଗଲା।**

### ଭୂମି ଅନୁସୂଚୀ
**ମୌ: କାୟା, ଗୋଳବାଇଶାସନ ଏବଂ ତଳପଡ଼ା, ଥାନା: , ତହସିଲ: ଖୋର୍ଦ୍ଧା ଏବଂ ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା**

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ଖତିଆନ ରକବା | ପ୍ରସ୍ତାବିତ ଖର୍ଦ୍ଦି ରକବା | କିସମ | ଜମି ରେକର୍ଡ଼ଧାରୀଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୧ | ୫୧୮/ ୫୨୪ | ଏ୦.୧୦୫ | ଏ୦.୦୨୦ | ବାଜେଫସଲ | ମେରୁ ପ୍ରଧାନ, ଦୋଳ ପ୍ରଧାନ, ଘନଶ୍ୟାମ ପ୍ରଧାନ, ପି. ବିଶୁନି ପ୍ରଧାନ, ସୁକେଇ ପ୍ରଧାନ, ସ୍ୱା. ହରି ପ୍ରଧାନ, ଭାଗୀରଥୀ ପ୍ରଧାନ, ଲୋକନାଥ ପ୍ରଧାନ, ପି. ହରି ପ୍ରଧାନ, ଜା: ଖଣ୍ଡାୟତ, ବା: ଗୁଣ୍ଡୁଣି, ପୋ: ଗୋଳବାଇ, ଥା: ଜଙ୍କିଆ, ଜି: ଖୋର୍ଦ୍ଧା | |
| ୨ | ୧୦୩/୨୪୧ | ୫୧୮ | ଏ୦.୩୯୦ | ଏ୦.୦୪୦ | ଶାରଦ ଦୁଇ | ମେରୁ ପ୍ରଧାନ, ଦୋଳ ପ୍ରଧାନ, ଘନଶ୍ୟାମ ପ୍ରଧାନ, ପି. ବିଶୁନି ପ୍ରଧାନ, ସୁକେଇ ପ୍ରଧାନ, ସ୍ୱା. ହରି ପ୍ରଧାନ, ଭାଗୀରଥୀ ପ୍ରଧାନ, ଲୋକନାଥ ପ୍ରଧାନ, ପି. ହରି ପ୍ରଧାନ, ଜା: ଖଣ୍ଡାୟତ, ବା: ଗୁଣ୍ଡୁଣି, ପୋ: ଗୋଳବାଇ, ଥା: ଜଙ୍କିଆ, ଜି: ଖୋର୍ଦ୍ଧା | |
| ୩ | ୧୦୩/ ୧୩୯ | ୪୮୯ | ଏ୦.୧୨୫ | ଏ୦.୧୨୫ | ବାଜେଫସଲ | ରାଜଲକ୍ଷ୍ମୀ ମହାପାତ୍ର, ସ୍ୱା. ସୁରେଶ ମହାପାତ୍ର, ଜା: ମାଳୀ, ବା: ଗୁଣ୍ଡୁଣୀ, ଥା: ଜଙ୍କିଆ, ଜି: ଖୋର୍ଦ୍ଧା | |
| ୪ | ୪୫ | ୧୪୩୨ | ଏ୦.୦୪୦ | ଏ୦.୦୧୫ | ବଗାୟତ | ବଳରାମ ଶ୍ରୀଚନ୍ଦନ, ପି. ଭାଗବତ ଶ୍ରୀଚନ୍ଦନ, ଜା: ଓଡ଼ ପାଇକ, ବା: ଗୁଣ୍ଡୁଣି | |
| ୫ | ୪୫ | ୧୪୩୧/ ୧୮୭୭ | ଏ୦.୦୯୫ | ଏ୦.୦୩୦ | ଶାରଦ ତିନି | ବଳରାମ ଶ୍ରୀଚନ୍ଦନ, ପି. ଭାଗବତ ଶ୍ରୀଚନ୍ଦନ, ଜା: ଓଡ଼ ପାଇକ, ବା: ଗୁଣ୍ଡୁଣି | |
| ୬ | ୭୪ | ୨୫୦/ ୧୯୬୨ | ଏ୦.୦୮୫ | ଏ୦.୦୧୫ | ଶାରଦ ଦୁଇ | ସଦାଶିବ ମହାପାତ୍ର, ପି. ଦୀନବନ୍ଧୁ ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ, କିସ୍ମତ ଆଠ ଅଣା, ରଘୁନାଥ ମହାପାତ୍ର, ପି. ମାଗୁଣୀ ମହାପାତ୍ର, ଜା: ବ୍ରାହ୍ମଣ, ବା: ନିଜିଗାଁ, କିସ୍ମତ ଆଠଅଣା | |
| ୭ | ୧୬୬/୧ | ୧୪୩୨/୧୯୭୦ | ଏ୦.୦୪୫ | ଏ୦.୦୧୮ | ବଗାୟତ | ବଳରାମ ଶ୍ରୀଚନ୍ଦନ, ପି. ଭାଗବତ ଶ୍ରୀଚନ୍ଦନ, ଜା: ଓଡ଼ ପାଇକ, ବା: ଗୁଣ୍ଡୁଣି | |
| ୮ | ୩୬୧ | ୨୯୩ | ଏ୧.୦୪୬ | ଏ୦.୮୬ | ବଗାୟତ | ବାଞ୍ଛାନିଧି ପଟ୍ଟନାୟକ, ପି. ପଦ୍ମ ଚରଣ ପଟ୍ଟନାୟକ, ବୃନ୍ଦାବନ ପଟ୍ଟନାୟକ, ପି. ଚକ୍ରଧର ପଟ୍ଟନାୟକ, ସାଧୁ ଚରଣ ପଟ୍ଟନାୟକ, ପି. କୁଞ୍ଜ ବିହାରୀ ପଟ୍ଟନାୟକ, ପଦ୍ମା ଦେଇ, ସ୍ୱା. ହାଡ଼ିବନ୍ଧୁ ପଟ୍ଟନାୟକ, ଜା: କରଣ, କାଶୀନାଥ ଦାସ, ଫକୀର ଦାସ, ପି. ମଧୁସୂଦନ ଦାସ, ଆନନ୍ଦ ଦାସ, ଶଙ୍କର ଦାସ, ପି. ଜନାର୍ଦ୍ଦନ ଦାସ, ହରିହର ଦାସ, ପି. ଚିନ୍ତାମଣି ଦାସ, ଶଦାଶିବ ଦାସ, ପି. ଜଗନ୍ନାଥ ଦାସ, ଜା: ବ୍ରାହ୍ମଣ, ବା: ଗୋଳବାଇ | |

OIPR-25066/14/0040/2122 **Sd./- Executive Engineer, Rural Works Division, Bhubaneswar**

---

### ଓଡ଼ିଶା ସରକାର
## ଗ୍ରାମ୍ୟ ନିର୍ମାଣ ବିଭାଜନ, ଭୁବନେଶ୍ୱରଙ୍କ କାର୍ଯ୍ୟାଳୟ

**Letter No. 11220 (W/E)** **Dt.04.12.2021**

### ବିଜ୍ଞାପନ

No. XXXIII-13: ଗ୍ରାମ୍ୟ ଉନ୍ନୟନ ବିଭାଗ, ଓଡ଼ିଶା ସରକାର ତଥା ଗ୍ରାମ୍ୟ ନିର୍ମାଣ ବିଭାଜନ, ଭୁବନେଶ୍ୱର ଅଧୀନରେ ଟାଙ୍ଗୀ ବ୍ଲକର ନରମାନବୀ ଏବଂ ଗୋଡ଼ିପଡ଼ା ଗ୍ରାମର ନିମ୍ନ ଲିଖିତ ପ୍ଲଟର କୁଶୁମି ସେତୁର ଉଭୟ ପଟ ସଂଯୋଗ ରାସ୍ତା ନିମନ୍ତେ ଜମି ଅଧିକରଣ କରାଯିବ। ଏହି ଜମିର ହିତାଧିକାରୀମାନଙ୍କ ନାମ ଓ ଜମିର ବିବରଣୀ ସଂଲଗ୍ନ କରାଯାଇଅଛି। ଏହି ହିତାଧିକାରୀ ତାଲିକାରେ ଯଦି କାହାର କିଛି ଅଭିଯୋଗ ଅଛି ତ ଏହି ବିଭାଜନର ଗ୍ରାମ୍ୟ ନିର୍ମାଣ ଉପବିଭାଜନ, ଖୋର୍ଦ୍ଧା କାର୍ଯ୍ୟାଳୟରେ ବିଜ୍ଞାପନ ବାହାରିବାର ୭ଦିନ ମଧ୍ୟରେ ଲିଖିତ ଆକାରରେ ଅଭିଯୋଗ ଦର୍ଶାଇଲେ ତାହା ବିଚାର ଯୋଗ୍ୟ ହେବ, ନଚେତ୍ ନିମ୍ନ ଜମି ମାଲିକମାନଙ୍କୁ ଯୋଗ୍ୟ ସ୍ୱତ୍ୱାଧିକାରୀ ଭାବେ ବିବେଚନା କରାଯାଇ ତାଙ୍କର ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯିବ। ନିର୍ଦ୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

ତେଣୁ ପ୍ରକୃତ ଜମିମାଲିକମାନଙ୍କୁ ଅନୁରୋଧ କରାଯାଇଅଛି କି ସେମାନେ ତାଙ୍କର ନିମ୍ନ ଲିଖିତ ଦସ୍ତାବିଜ୍ ଉପ-ନିର୍ବାହୀ ଯନ୍ତ୍ରୀ ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣୀପରେ ପ୍ରଦାନ କଲେ ବିକ୍ରି କବଲା କରିବା ପାଇଁ ଉପନିବନ୍ଧ ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ ଅତ୍ୟାବଶ୍ୟକ ଆୟୋଜନ କରାଯିବ।

**ବିକ୍ରି କବଲା କରିବା ପାଇଁ ନିମ୍ନ ଲିଖିତ ଆବଶ୍ୟକ ଦସ୍ତାବିଜ/କାଗଜ ପତ୍ର:**

9. CERTIFICATE OF ENCUMBRANCE ON PROPERTY (EC)
10. LEGAL HEIR CERTIFICATE ISSUED BY TAHASILDAR, IN CASE OF LAND OWNER IS NOT ALIVE.
11. VOTER ID CARD
12. AADHAAR CARD

**ସ୍ୱା/– ନିର୍ବାହୀଯନ୍ତ୍ରୀ**
**ଗ୍ରାମ୍ୟନିର୍ମାଣ ବିଭାଜନ, ଭୁବନେଶ୍ୱର**

**ବି.ଦ୍ର.: ହିତାଧିକାରୀମାନଙ୍କ ନାମ ଏବଂ ଜମିର ବିବରଣୀ ସଂଲଗ୍ନ କରାଗଲା।**

### ଭୂମି ଅନୁସୂଚୀ
**ମୌ: ନରମାନବୀ ଏବଂ ଗୋଡ଼ିପଡ଼ା, ଥା: , ତହସିଲ: ଟାଙ୍ଗୀ, ଜିଲ୍ଲା: ଖୋର୍ଦ୍ଧା**

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ଖତିଆନ ରକବା | ପ୍ରସ୍ତାବିତ ଖର୍ଦ୍ଦି ରକବା | କିସମ | ଜମି ରେକର୍ଡ଼ଧାରୀଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୫୩ | ୩୪୯ | ଏ୧.୬୦୫ | ଏ୦.୧୩୭ | ପୁରାତନ ପତିତ | ବନ ରାଉତ, ପି. ଜୟ ରାଉତ, ମହେଶ୍ୱର ରାଉତ, ପି. କ୍ଷେତ୍ର ରାଉତ, ମଦନ ରାଉତ, ପି. କୃଷ୍ଣ ରାଉତ, ବାସୁଦେବ ରଣସିଂ, ବୀର ରାଉତ, ପି. ରଘୁ ରାଉତ, ଜାତି: ଓଡ଼ିଆ ଅଚ୍ୟୁତ ରାଉତ ଓ ଶ୍ରୀବସ୍ତ ରାଉତ, ପି. ଉଦ୍ଧବ ରାଉତ, ଜାତି: ଖଣ୍ଡାୟତ, ସ୍ଥା: ଭଗବତୀପୁର | |
| ୨ | ୩୯ | ୧୫୭ | ଏ୦.୩୪୫ | ଏ୦.୧୧୯ | ଶାରଦ ତିନି | ବାଲା ପରିଡ଼ା, ବାଞ୍ଛା ପରିଡ଼ା, ପି. ବରଜୁ ପରିଡ଼ା, ଜା: ଖଣ୍ଡାୟତ, ସ୍ଥା: ନିଜଗାଁ | |
| ୩ | ୧୧ | ୧୫୮ | ଏ୦.୯୫୦ | ଏ୦.୦୫୧ | ଶାରଦ ତିନି | କୁଳମଣି ପରିଡ଼ା, ପି. ବରଜୁ ପରିଡ଼ା, ଜା: ଖଣ୍ଡାୟତ, ସ୍ଥା: ନିଜଗାଁ | |

OIPR-25066/14/0038/2122 **Sd./- Executive Engineer, Rural Works Division, Bhubaneswar**

## ଖୋଲିଲା ଧାନମଣ୍ଡି

ଚମ୍ପୁଆ,(ଡି.ଏନ.ଏ.): ଚମ୍ପୁଆ ବ୍ଲକର ରଜିଆ ପଞ୍ଚାୟତ କାର୍ଯ୍ୟାଳୟ ଓ ଭଣ୍ଡା ଲ୍ୟାମ୍ପରେ ଧାନ ମଣ୍ଡିର ଶୁଭାରମ୍ଭ କରାଯାଇଛି। ନିୟନ୍ତ୍ରିତ ବଜାର କମିଟି ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ନାୟକ ଓ ପୂର୍ବତନ ପାଟଣା ବିଧାୟକ ହୃଷିକେଶ ନାଏକ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଲ୍ୟାମ୍ପ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଧାନ କିଣାରେ ଅହେତୁକ ବିଳମ୍ବ ହୋଇଛି। ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ଉପଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଧାନ କିଣାଯିବ।

## ସଂକ୍ଷେପରେ

### ସ୍କୁଲ ପାଖରେ ତମାଖୁ ବିକି ଦଣ୍ଡ ଗଣିଲେ

ବାରିପଦା ଅଫିସ,୨୪।୧୨- ମୟୂରଭଞ୍ଜ ଜିଲା ବାରିପଦା ଟାଉନ ପୋଲିସ ଓ ସ୍ୱାସ୍ଥ୍ୟ ବିଭାଗ ଶୁକ୍ରବାର ମିଳିତ ଚଢ଼ାଉ କରି ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ଓ ସିଗାରେଟ ବିକ୍ରି କରୁଥିବା ଦୋକାନୀଙ୍କଠାରୁ ଜରିମାନା ଆଦାୟ କରିଛି। ସିଗାରେଟ ଓ ତମାଖୁ ଜାତ ଦ୍ରବ୍ୟ ଅଧିନିୟମ-୨୦୦୩ ଅନୁଯାୟୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଥିବା ୧୦ଟି ଦୋକାନରୁ ମୋଟ ଏକ ହଜାର ଟଙ୍କା ଜରିମାନା ଆଦାୟ ହେବା ସହିତ ବିକ୍ରି ଉପରେ କଟକଣା ଲାଗୁ କରାଯାଇଛି। ନିଶାଦ୍ରବ୍ୟ କାରବାର ବନ୍ଦ ନ କରିବା ପର୍ଯ୍ୟନ୍ତ ପ୍ରତିଦିନ ଏହି ବ୍ୟବସାୟୀଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଟାଉନ ଥାନାଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି। ତେବେ ଗ୍ରାମାଞ୍ଚଳର ଶିକ୍ଷାନୁଷ୍ଠାନଗୁଡିକ ନିକଟରେ ଥିବା ଦୋକାନୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

### ୫ ଦୋକାନ ଜଳିଗଲା

ଭଣ୍ଡାରିପୋଖରୀ, ୨୪।୧୨ (ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାରରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୫ ଦୋକାନ ଜଳିଯାଇଛି। ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ପୂର୍ଣ୍ଣଚନ୍ଦ୍ର ଦାସଙ୍କ ତେଜରାତି ଦୋକାନ, ନିରାକାର ଦାସଙ୍କ ଫଳ ଦୋକାନ, କୁନା ସାହୁଙ୍କ ବାଇକ୍, ସାଇକେଲ ପାର୍ଟସ ଓ ମରାମତି, ପରେଶ ବେହେରାଙ୍କ ଜଳଖିଆ ଏବଂ ସୁଦାମ ଦାସଙ୍କ ସାର ଦୋକାନ ଜଳିଯାଇଛି। ଅଗ୍ନିକାଣ୍ଡରେ ପରେଶଙ୍କ ଜଳଖିଆ ଦୋକାନରେ ଥିବା ଗ୍ୟାସ ଟାଙ୍କି ଫାଟିଯାଇ ଘର ଛପରର ଏକ କର୍କଟି ସିଟ୍‌କୁ ପ୍ରାୟ ୪୦ ମିଟର ଉଡ଼ାଇ ଏକ ନିମ୍ବ ଗଛରେ ଲାଗି ଯାଇଥିଲା। ଭଣ୍ଡାରିପୋଖରୀ ଦମକଳ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିଲେ ମଧ୍ୟ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି।

### ପରିବେଶ ଉନ୍ନୟନ ସମିତି ପକ୍ଷରୁ ସଚେତନତା

ସୋର, ୨୪।୧୨(ଡି.ଏନ.ଏ.)-ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ସୁନାପାଟିଆ ଗ୍ରାମରେ ପରିବେଶ ଉନ୍ନୟନ ସମିତି ତରଫରୁ ଏକ ପରିବେଶ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାଲେଶ୍ୱର ଏସିଏଫ୍, ଔପଦା ରେଞ୍ଜର ବବିତା ସରେନ୍, ପୂର୍ବତନ ରେଞ୍ଜର ମନୋରଞ୍ଜନ ଦେ, ଫରେଷ୍ଟର କିଶୋର ଚନ୍ଦ୍ର ଭୂୟାଁ, ଗାର୍ଡ କବିତା ମହାକୁଡ଼ ପ୍ରମୁଖ ଯୋଗଦେଇ ଜଙ୍ଗଲ ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ଜଙ୍ଗଲରେ ନିଆଁ, ଜଙ୍ଗଲୀ ଜୀବଜନ୍ତୁଙ୍କ ସୁରକ୍ଷା ଉପରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ରାଉତ, ବସନ୍ତ ସେଠୀ, ପରିବେଶ ଉନ୍ନୟନ ସମିତି ସଭାପତି ଜଗବନ୍ଧୁ ସେଠୀ, ସମ୍ପାଦକ ଶରତ କୁମାର ମଣ୍ଡଳ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏଥିରେ ଶତାଧିକ ଗ୍ରାମବାସୀ ଯୋଗଦେଇଥିଲେ।

### ବିଜେଡି କର୍ମୀ ସମ୍ମିଳନୀ

ବୈଶିଙ୍ଗା,୨୪।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମଛପଦା ମଞ୍ଜେଶ୍ୱର ମହାଦେବ ମନ୍ଦିରଠାରେ ଗୁରୁବାର ବିଜେଡିର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେତନଟୀ ବ୍ଲକ ୩୬ନଂ. ଜୋନ ଜିଲା ପରିଷଦ ଅନ୍ତର୍ଗତ ସନ୍ତରା ପଞ୍ଚାୟତର ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପୃଷ୍ଟି, ପୂର୍ବତନ ସମିତି ସଭ୍ୟ ସୁଦାମ ସାହୁଙ୍କ ସମେତ ବହୁ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଓ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମର ଅଧ୍ୟକ୍ଷ ଚିନ୍ମୟ ସାହୁ, ସମ୍ମାନିତ ଅତିଥି ରାଜ୍ୟ ସମ୍ପାଦିକା ସୀମା ରାଣୀ ଦାସ ଏବଂ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବେତନଟୀ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାହୁ, ବିଜେଡ଼ିର ବିଧାୟକ ପ୍ରାର୍ଥୀ ବୃନ୍ଦାବନ ଦାସ, ସଂଗଠକ ଅର୍ଜୁନ ଦଳେଇ, ରାମଚନ୍ଦ୍ର ପ୍ରଧାନ, ଶୁଭ୍ରାଂଶୁ ତିଆଡି, ତପନ ଜେନା , ଚିନ୍ମୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

### ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ସମ୍ପର୍କିତ ସଚେତନତା

ଢେଙ୍କିକୋଟ, ୨୪।୧୨ (ଡି.ଏନ.ଏ)- କେନ୍ଦୁଝର ଜିଲା ଢେଙ୍କିକୋଟ ଗ୍ରାମରେ ଶୁକ୍ରବାର ପଞ୍ଚାୟତର ମିଶନ ଶକ୍ତି ପକ୍ଷରୁ ମହିଳା ସ୍ୱେଚ୍ଛାସେବୀମାନେ ସାହି, ବସ୍ତି ବୁଲି ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡର ସଦ୍‌ବିନିଯୋଗ ସମ୍ପର୍କରେ ସଚେତନ କରାଇଛନ୍ତି। ମିଶନ ଶକ୍ତିର ସକ୍ରିୟ ସଦସ୍ୟ ସବିତାରାଣୀ ନାୟକଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା ସଂକୀର୍ତ୍ତନ ମଣ୍ଡପରୁ ରାଲିରେ ବାହାରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଛନ୍ତି। ଗୀତାରାଣୀ ନାୟକ ଓ ସନ୍ତୋଷିନୀ ନାୟକ ସହଯୋଗ କରିଥିଲେ।

# ସଂରକ୍ଷିତ ଜଙ୍ଗଲରେ ଚେକ୍‌ଡ୍ୟାମ୍

ସାରସକଣା,୨୪।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ମୁରୁଣିଆ ପଞ୍ଚାୟତର ସଂରକ୍ଷିତ ଜଙ୍ଗଲ ଜମିରେ ଚେକ୍‌ଡ୍ୟାମ୍ ନିର୍ମାଣ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଜମିକୁ ବ୍ୟାପକ ଜଳସେଚନ ପାଇଁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛି। ମାତ୍ର ଦ୍ୱାରା ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ମୁରୁଣିଆ, ଗଣ୍ଡଳି, ଯୋଗୀତଫା, ନୂଆସାହି ଆଦି ଗ୍ରାମର ବିଜୟ କୁମାର ମହାକୁଡ଼, ମଦନ ମହାକୁଡ଼, ଉପେନ୍ଦ୍ର ଘୋଷ, ରମେଶ ଘୋଷ ପ୍ରମୁଖ ଚାଷୀ ଅଭିଯୋଗରେ ଦର୍ଶାଇଛନ୍ତି। ଆଖପାଖ ଅଞ୍ଚଳରେ ଚାଷ ଜମି ନ ଥିବା ସତ୍ତ୍ୱେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏହା ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି।


ଜଙ୍ଗଲ ଭିତରେ ଖୋଳା ହୋଇଥିବା ଜଳସେଚନ ନାଳି।

### ବନ ବିଭାଗ ନୀରବ

ଜଙ୍ଗଲରେ ମୂଲ୍ୟବାନ ଶାଗୁଆନ ଗଛ କାଟିବାକୁ ଅନୁମତି କିଏ ଦେଲା ଓ ଦୀର୍ଘଦିନ ଧରି ନିର୍ମାଣ ଚାଲୁଥିଲେ ମଧ୍ୟ ବନବିଭାଗ ଜାଣି ପାରିଲା ନାହିଁ କିପରି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏ ସଂକ୍ରାନ୍ତରେ ମୁରୁଣିଆ ପଞ୍ଚାୟତର ଯନ୍ତ୍ରୀ ଶାନ୍ତନୁ ଦେବ ଭୂୟାଁ କୁହନ୍ତି, କାର୍ଯ୍ୟ ଚାଲୁ ରହିଛି ଏବଂ ଏହା ସଂରକ୍ଷିତ ଜଙ୍ଗଲ ଜମି ବୋଲି ମୁଁ ପ୍ରଥମରୁ ଜାଣି ନ ଥିଲି। ସାରସକଣା ବ୍ଲକ ବିଡିଓଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ହେବ ବୋଲି କହିଛନ୍ତି। ରେଞ୍ଜର ଅଜୟ ଦାସଙ୍କୁ ପଚାରିବାରୁ ଫରେଷ୍ଟର ତାହାର ତଦନ୍ତ କରିବେ ଏବଂ ଆବଶ୍ୟକ ହେଲେ ମୁଁ ନିଜେ ଯିବି ବୋଲି କହିଛନ୍ତି।

# ଅଟୋରିକ୍ସା ଚାଳିକା ଅଙ୍ଗନୱାଡି ଦିଦି



କେନ୍ଦୁଝର,୨୪।୧୨(ଡି.ଏନ.ଏ.)

ବର୍ତ୍ତମାନ ସମୟରେ ମହିଳାମାନେ ମଧ୍ୟ ନିଜକୁ ପୁରୁଷଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ଆଗକୁ ବଢୁଥିବାରୁ ଲକ୍ଷ୍ୟ କରାଯାଉଛି । ଏଭଳି ଜଣେ ମହିଳା ହେଲେ କେନ୍ଦୁଝର ସହର ୧୦ନଂ. ୱାର୍ଡ ମଣ୍ଡୁଆ ଗ୍ରାମର ଅଙ୍ଗନୱାଡି କର୍ମୀ ଦମୟନ୍ତୀ ନାଏକ। ଦମୟନ୍ତୀ ପେସାରେ ଜଣେ ଅଙ୍ଗନୱାଡି କର୍ମୀ ହୋଇଥିବା ବେଳେ ଅଧିକ ଅର୍ଥ ରୋଜଗାର ପାଇଁ ଅଟୋ ଚଳାଇବାକୁ ଘରୁ ଗୋଡ଼ କାଢ଼ିଛନ୍ତି। ଅଙ୍ଗନୱାଡିରେ ହେଉଥିବା କାର୍ଯ୍ୟକୁ ସେ ସୁଚାରୁରୂପେ ତୁଲାଇଥାନ୍ତି। ସେଥିପାଇଁ ଉପରିସ୍ଥ ଅଫିସରଙ୍କଠାରୁ ପ୍ରଶଂସା ମଧ୍ୟ ପାଇଛନ୍ତି।

ବର୍ତ୍ତମାନ କରୋନା କଟକଣା ପାଇଁ ଶିଶୁଙ୍କୁ ପାଠ ପଢାଇବା ବନ୍ଦ ରହିଛି। ତେବେ ଶିଶୁଙ୍କ ଖାଦ୍ୟ ଯୋଗାଣ, ଟିକାକରଣ, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ସହ ସରକାରଙ୍କ ଯୋଜନାର ସଫଳ ରୂପାୟନ ଆଦି କାର୍ଯ୍ୟକୁ ସେ ଠିକ୍ ଭାବ ପାଳନ କରିଥାନ୍ତି। କିନ୍ତୁ ଅଙ୍ଗନୱାଡି କାର୍ଯ୍ୟରେ ମିଳୁଥିବା ମାସିକ ବେତନ ତାଙ୍କ

### ପ୍ରଶଂସା ସାଉଁଟୁଛନ୍ତି ଦମୟନ୍ତୀ

ପରିବାରର ଭରଣ ପୋଷଣରେ ସହାୟ ହୋଇପାରୁ ନାହିଁ। ଅନ୍ୟପଟେ ତାଙ୍କ ସ୍ୱାମୀ ଟେଲରିଂ କାର୍ଯ୍ୟ କରୁଥିଲେ ବି କରୋନା ଯୋଗୁ ବ୍ୟବସାୟ ମଧ୍ୟ ଠିକ୍ ଭାବେ ଚାଲୁ ନାହିଁ। ଏପଟେ ଦୁଇପୁଅଙ୍କ ପାଠପଢ଼ା ବୋଝ ମଧ୍ୟ ଦମୟନ୍ତୀଙ୍କ ଉପରେ। ସେଥିପାଇଁ ଅଙ୍ଗନୱାଡି କାର୍ଯ୍ୟ ସରିଲା ପରେ ଅନ୍ୟ ସମୟର ସଦୁପଯୋଗ କରିବାକୁ ଚିନ୍ତା କରି ଦମୟନ୍ତୀ ଲୋନ୍ କରି ଏକ ଯାତ୍ରୀବାହୀ ଅଟୋ ଆଣି ନିଜେ ଚଳାଇବାକୁ ମନସ୍ଥ କରିଥିଲେ। ସକାଳେ ଓ ସନ୍ଧ୍ୟାରେ ଅଙ୍ଗନୱାଡି କାର୍ଯ୍ୟ ଏବଂ ଅନ୍ୟ ଘର କାମ ସାରି ଅଟୋ ଧରି ବାହାରି ଯାଆନ୍ତି। ପୁରୁଷପ୍ରାଧାନ୍ୟ ଅଟୋ ବ୍ୟବସାୟରେ ମହିଳା ଭାବେ ସେ ପାଦ ଥାପି ଥିବାରୁ ଗର୍ବ ଅନୁଭବ କରିଥାନ୍ତି। ଅଟୋ ଚଳାଇ ପରିବାର ପାଇଁ ବେଶ୍ କିଛି ଅର୍ଥ ଉପାର୍ଜନ କରିପାରୁଥିବା ସେ କହିଛନ୍ତି। ଅନ୍ୟ ମହିଳାଙ୍କୁ ମଧ୍ୟ ଅଟୋ ଚାଳନା ଶିଖାଇବା ସହ ସ୍ୱାବଲମ୍ବୀ କରିବା ପାଇଁ ଦମୟନ୍ତୀ ଆଶା ରଖିଛନ୍ତି।

# ରାସ୍ତା, ନାଟ୍ୟମଣ୍ଡପ ଗୃହ ଶିଳାନ୍ୟାସ କଲେ ପର୍ଯ୍ୟଟନ ମନ୍ତ୍ରୀ


ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କୁପାରୀ ନାଟ୍ୟମଣ୍ଡପର ଶିଳାନ୍ୟାସ କରୁଛନ୍ତି।

ଖଇରା, ୨୪।୧୨(ଡି.ଏନ.ଏ.)

ପର୍ଯ୍ୟଟନ ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଶୁକ୍ରବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରଥମେ ୧କୋଟି ୧୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଅଡା ଅନ୍ତରା ମୁଖ୍ୟ ରାସ୍ତାଠାରୁ ବଡମୁହାଁ ବନ୍ଧଗାଁ ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ କରିଥିଲେ । ପରେ ରପେୟା ସରକାରୀ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣର ଶୁଭ ଶିଳାନ୍ୟାସ କରିଥିଲେ। ସେହିଭଳି କୁପାରୀ ପର୍ଯ୍ୟଟନ କ୍ଷେତ୍ରରେ ଗଡଚଣ୍ଡୀ ମନ୍ଦିର ନିକଟରେ ୫୦ଲକ୍ଷ ଟଙ୍କା ବ୍ୟୟରେ ଏକ ନାଟ୍ୟମଣ୍ଡପର ଭୂମିପୂଜନ କରିଥିଲେ। ଏହି ଅବସରରେ ମକର ମେଳା କଳାମଣ୍ଡପରେ ଆୟୋଜିତ ସଭାରେ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ କେବଳ କୁପାରୀ ପର୍ଯ୍ୟଟନ କ୍ଷେତ୍ର ନୁହେଁ ସବୁବର୍ଗର ତଥା ପ୍ରତ୍ୟେକ ବ୍ୟକ୍ତିର ବିକାଶ କଥା ନବୀନ ସରକାର ବୁଝୁଛନ୍ତି ବୋଲି କହିଥିଲେ। ଭଦ୍ରକ ଏମ୍‌ପି ମଞ୍ଜୁଳତା ମଣ୍ଡଳ, ସରପଞ୍ଚ ଭବଜ୍ୟୋସ୍ନା ନାୟକ, ସମିତିସଭ୍ୟା ସୁନୀତା ସାହୁ, ବାଉଁଶଗଡିଆ ସରପଞ୍ଚ ବିଷ୍ଣୁପଦ ଘଡେଇ, ମହିଳା ସଂଘ ସଭାପତି ରଶ୍ମିତା ମହାପାତ୍ର, ଜିଲାପରିଷଦ ସଭ୍ୟା ଜୟନ୍ତୀ ମହାଲା ଓ କଳ୍ପନା ନାଇକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ଜଳପ୍ରପାତ ଫଳକ ଭାଙ୍ଗିଲେ ପଥରମାଫିଆ

ଶାରୀଶୁଆ ଜଳପ୍ରପାତର ଶିଳାନ୍ୟାସ ଶୁକ୍ରବାର ଧାର୍ଯ୍ୟ କରାଯାଇଥିବା ବେଳେ ଗୁରୁବାର ରାତିରେ ଖଣି ମାଫିଆମାନେ କିଛି ରାଜସ୍ୱ କର୍ମଚାରୀଙ୍କ ସହଯୋଗରେ ଭାଙ୍ଗି ଦେଇଛନ୍ତି। ଯେଉଁଥିପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଓ ଏମ୍‌ପି ସ୍ଥଗିତ ରଖିଛନ୍ତି। ଏହି ଘଟଣାକୁ ନେଇ କୁପାରୀ ସରପଞ୍ଚ ଭବଜ୍ୟୋସ୍ନା ନାୟକ ଓ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତ ତୀବ୍ର ନିନ୍ଦା କରିଛନ୍ତି । ପୁଣିଥରେ ଏହି ପ୍ରକଳ୍ପର ଶିଳାନ୍ୟାସ କରାଯିବ ଏବଂ ନିର୍ବାଚନ ଆଚରଣବିଧି ଲାଗୁ ପୂର୍ବରୁ ଏହି ଭୂମିପୂଜନ କାର୍ଯ୍ୟ ସରିବ। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେବ ବୋଲି ପ୍ରକଳ୍ପ ଶେଷ ପରେ କାମଧନ୍ଦା ଅପେକ୍ଷାରେ ଥିବା ସ୍ଥାନୀୟ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି।


ଭାଙ୍ଗି ଦିଆଯାଇଥିବା ଶିଳାନ୍ୟାସ ଫଳକ।

# ୯ ବ୍ଲକରେ ହେବ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ

କେନ୍ଦୁଝର,୨୪।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲାର ୯ ବ୍ଲକରେ ହେବ ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ। ଗୁରୁବାର ମୁଖ୍ୟମନ୍ତ୍ରୀ ରାଜ୍ୟର ୨୨ଟି ଜିଲାର ୫୫ଟି ବ୍ଲକସ୍ତରୀୟ ଅତ୍ୟାଧୁନିକ ବସ୍ ଷ୍ଟାଣ୍ଡ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। ସେଥିମଧ୍ୟରୁ କେନ୍ଦୁଝର ଜିଲାର ୯ଟି ବ୍ଲକ ଯଥାକ୍ରମେ ଆନନ୍ଦପୁର, ଘଷିପୁରା, ଘଟଗାଁ, ପାଟଣା, ସାହାରପଡ଼ା, ହରିଚନ୍ଦନପୁର, ତେଲକୋଇ, ବାଂଶପାଳ ଓ ଝୁମ୍ପୁରାରେ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ଏହା ଦ୍ୱାରା ଜିଲାରେ ଯୋଗାଯୋଗ କ୍ଷେତ୍ରରେ ଭିତ୍ତିଭୂମି ଉନ୍ନତ ହେବା ସହିତ ଜନସାଧାରଣ ଅନେକ କ୍ଷେତ୍ରରେ ଉପକୃତ ହେବେ ବୋଲି କୁହାଯାଇଛି।

# ଖବରକାଗଜ ବିତରକଙ୍କୁ କୋଭିଡ୍ ସହାୟତା

ବାରିପଦା ଅଫିସ,୨୪।୧୨

ମୟୂରଭଞ୍ଜ ଜିଲାପାଳଙ୍କ ଓସ୍ୱାନ ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାରେ କାର୍ଯ୍ୟରତ ଖବରକାଗଜ ବିତରକମାନଙ୍କୁ କୋଭିଡ୍ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ପଞ୍ଜୀକୃତ ପ୍ରତ୍ୟେକ ବିତରକଙ୍କ ବ୍ୟାଙ୍କ ପାସ୍ ବହିରେ ୬ହଜାର ଲେଖାଏ ଜମା ହୋଇଛି। ଭର୍ଚୁଆଲ ମୋଡ଼ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟର ସମସ୍ତ ଜିଲା ମୁଖ୍ୟାଳୟରେ ଏକ ସଙ୍ଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ବିନୀତ ଭରଦ୍ୱାଜ ଓ ଜିଲା ଶ୍ରମ ଅଧିକାରିଣୀ ମୋନାଲିସା ନାୟକ ଓ ଡିଇଜିଏମ୍ ସେବତୀ କର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ତାଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ୨୦ଜଣ ବିତରକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ପ୍ରେମିକାଙ୍କୁ ନେବାକୁ ଆସି ମାଡ଼ ଖାଇଲେ ପ୍ରେମିକ

ଭଦ୍ରକ ଅଫିସ, ୨୪।୧୨

ପ୍ରଥମେ ପ୍ରେମ ଓ ପରେ ବିବାହ। ଆଉ ପ୍ରେମିକାଙ୍କ ପ୍ରତାରଣାର ଶିକାର ହୋଇଥିବା ପ୍ରେମିକ ଶେଷରେ ମାଡ଼ ଖାଇ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଯୁବକଙ୍କ ପରିବାର ଲୋକେ ଏଠାରେ ପହଞ୍ଚି ଭଦ୍ରକ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ଗୁରୁତର ଯୁବକ କୋରାପୁଟ ଜିଲା ଜୟପୁରର ସମୀର ସାମଲଙ୍କ ଏତଲା କ୍ରମେ ପୋଲିସ ଏକ ମାମଲା (ନଂ.୪୬୭/୨୧) ରୁଜୁ କରି ଏହି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସମୀର ଅଭିଯୋଗ କରିଛନ୍ତି ଯେ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ୪ ବର୍ଷ ପୂର୍ବେ ସେମାନେ ଭଦ୍ରକର ଏକ ମନ୍ଦିରରେ ପ୍ରେମବିବାହ କରିଥିଲେ। ଯୁବତୀ

### ୩ ଗିରଫ

ଜଣଙ୍କ ବାପଘରେ ରହୁଥିବା ବେଳେ ସେ ଜୟପୁରରେ ରହୁଥିଲେ। ତିନିମାସ ହେଲା ମୋବାଇଲ ଯୋଗେ କଥା ହେବା ବେଳେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା ଏବଂ ପ୍ରେମିକା ଭଦ୍ରକ ଆସି ତାଙ୍କୁ ନେଇଯିବା ପାଇଁ କହିଥିଲେ। ସେ ଗୁରୁବାର ଭଦ୍ରକରେ ପହଞ୍ଚିଥିଲେ। ହେଲେ ପୂର୍ବ ଯୋଜନା ମୁତାବକ ପ୍ରେମିକାଙ୍କ ଭିଣୋଇ ଓ ଭାଇ ମିଶି ତାଙ୍କୁ ନିଘୁଞ୍ଚ ମାଡ଼ ମାରିଥିଲେ। ଏହାପରେ ତାଙ୍କୁ ଏକ ଅଟୋରେ ନେଇ ବନ୍ତ ଅଞ୍ଚଳର ଜଣେ ସମ୍ପର୍କୀୟଙ୍କ ଘରେ ରଖି ରାତିସାରା ନିର୍ଘୃମ ମାଡ଼ ମାରିଥିଲେ। ଖବର ପାଇ ସେଠାକାର ଗ୍ରାମବାସୀ ପହଞ୍ଚି ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ବିଦ୍ୟାଳୟ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

ବାସୁଦେବପୁର, ୨୪।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡୁଆ ପଞ୍ଚାୟତର ପୁରାତନ ଶିକ୍ଷାନୁଷ୍ଠାନ ଜଗବନ୍ଧୁ ବିଦ୍ୟାପୀଠକୁ ୫-ଟି ରୂପାନ୍ତରଣ ବିଦ୍ୟାଳୟ ପରିସରଭୁକ୍ତ କରାଯିବା ପରେ ପ୍ରଥମ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବିଦ୍ୟାପୀଠର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିପଦସଙ୍କୁଳ ଶ୍ରେଣୀଗୃହକୁ ତୁରନ୍ତ ଭାଙ୍ଗିବା, ଅସମ୍ପୂର୍ଣ୍ଣ ବାଉଣ୍ଡରୀ ୱାଲକୁ ସମ୍ପୂର୍ଣ୍ଣ କରିବା, ଖେଳପଡ଼ିଆର ଉନ୍ନତୀକରଣ, ଚାରାରୋପଣ କରାଯାଇ ସବୁଜ ବଳୟ ସୃଷ୍ଟି, ସୁନ୍ଦର ଉଦ୍ୟାନ ତିଆରି, ପୋଖରୀକୁ ପୁନରୁଦ୍ଧାର କରାଯାଇ ଆଦର୍ଶ ପୋଖରୀରେ ପରିଣତ କରିବା ସହ ପାନୀୟଜଳ ଯୋଗାଣ ଓ ସ୍ୱଚ୍ଛତା ବଜାୟ ରଖିବା ଦିଗରେ ଅଧିକ ସଚେତନ ରହିବାକୁ ନିଷ୍ପତ୍ତି ନିଆଯାଇଛି। ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ପୁରାତନ ଛାତ୍ର ଓ ବଦାନ୍ୟ ବ୍ୟକ୍ତିମାନେ ୧.୧୧ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଘୋଷଣା କରାଯାଇଥିଲା।

ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ, ପୂର୍ବତନ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ପାତ୍ର, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ସେଠୀ, ଏସ୍‌ଏମ୍‌ସି ସଭାପତି ସରୋଜ ନନ୍ଦିନୀ ମହାନ୍ତି, ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା, ମୁରଲୀଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମୋ ସ୍କୁଲ ଅଭିଯାନ ଓ ୫-ଟି କାର୍ଯ୍ୟକ୍ରମ ସଫଳ କରିବାକୁ ୨୧ ଜଣିଆ ଏକ କମିଟି ଗଠନ କରାଯାଇଛି। ସଭାପତି ଭାବେ ସୁରେନ୍ଦ୍ର ପ୍ରସାଦ ପାତ୍ର, ସମ୍ପାଦକ ନଗେନ୍ଦ୍ର ବିଶ୍ୱାଳ, ସଙ୍ଗଠନ ସମ୍ପାଦକ ଭାବେ ଜିତେନ୍ଦ୍ର ନାୟକ, ପରାମର୍ଶଦାତା ଭାବେ ସାଧୁଚରଣ ମହାନ୍ତି, ନରେନ୍ଦ୍ର ସ୍ୱାଇଁ, ବାବାଜୀ ରାଉତ ଓ ଚୈତନ୍ୟ ମଳିକ ମନୋନୀତ ହୋଇଛନ୍ତି।

# ୧୪୧ ଭୂମିହୀନଙ୍କୁ ବଣ୍ଟାଗଲା ଜଙ୍ଗଲ ଜମି ପଟ୍ଟା

ପାଟଣା,୨୪।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ସଭାଗୃହରେ ଶୁକ୍ରବାର ୧୪୧ଜଣ ଭୂମିହୀନଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଛି। ବିଡିଓ ଈଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ବଳ, ତହସିଲଦାର ତାପସ ରଞ୍ଜନ ଦେହୁରୀ, ରେଞ୍ଜର ଟିକେଶ୍ୱର ମହାନ୍ତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭେନ୍ଦୁ କୁମାର ବଳ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିଙ୍କ ଦ୍ୱାରା ପାଟଣା ତହସିଲ ଅଧୀନ ୫ ଗ୍ରାମର ଭୂମିହୀନଙ୍କୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ କରାଯାଇଥିଲା।

# ମା' ଭୂଧାରଚଣ୍ଡୀ ମନ୍ଦିର ଗର୍ଭଗୃହରେ ଫାଟ

ସଜନାଗଡ଼, ୨୪।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରିଠାରୁ ୫କି.ମି. ଦୂର ସଜନାଗଡ଼ ଗ୍ରାମରେ ଅବସ୍ଥିତ ମା' ଭୂଧାରଚଣ୍ଡୀଙ୍କ ମନ୍ଦିର ଏବେ ଅସୁରକ୍ଷିତ ଅବସ୍ଥାରେ ରହିଛି। ମନ୍ଦିର ଦ୍ୱାରବନ୍ଧ ସହ ମୁଖ୍ୟ ଗର୍ଭଗୃହରେ ପାଣି ଓ ମନ୍ଦିର ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ବର୍ଷା ହେଲେ ମା'ଙ୍କ ମନ୍ଦିରରେ ପାଣି ଝରିପଡୁଛି। ପାଣି ଝରୁଥିବା ସ୍ଥାନରେ ଶିଉଳି ଲାଗିଥିବା ଦେଖିବାକୁ ମିଳିଛି। ଫଳରେ ଏହି ମନ୍ଦିର ପ୍ରତି ବିପଦ ଦେଖାଦେଇଛି। ଦେବୋତ୍ତର ବିଭାଗର ଓ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହେଉଛି। ଠାକୁର ମାହାଲ ଅଧିକାରୀ ନିରଞ୍ଜନ ଧଳ କହିଛନ୍ତି, ସେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ମନ୍ଦିର ପାରିପାର୍ଶ୍ୱିକ ଅବସ୍ଥା ତଥା ରକ୍ଷଣାବେକ୍ଷଣ ଉପରେ କୌଣସି ଅଭିଯୋଗ ହସ୍ତଗତ ହୋଇ ନ ଥିବା ପ୍ରକାଶ କରିବା ସହ ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ।


ମନ୍ଦିର କାନ୍ଥରେ ଫାଟ।

# ହାତ ପାଆନ୍ତାରେ ରାଜସ୍ୱ ସେବା

ବାଲେଶ୍ୱର ଅଫିସ, ୨୪।୧୨

ଡିସେମ୍ବର ୨୦ରୁ ୨୫ତାରିଖ ପର୍ଯ୍ୟନ୍ତ ଉତ୍ତମ ଶାସନ ସପ୍ତାହ ପାଳନ ଅବସରରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଗ୍ରାମାଞ୍ଚଳରେ ସ୍ୱତନ୍ତ୍ର ଶିବିର 'ଗାଁରେ ପ୍ରଶାସନ'କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଜନସାଧାରଣଙ୍କୁ ରାଜସ୍ୱ ସେବା ଅଧୀନ ବିଭିନ୍ନ ପ୍ରମାଣପତ୍ର ବଣ୍ଟନ କରାଯାଉଛି । ଜିଲାର ବିଭିନ୍ନ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗାଁଗୁଡିକରେ ଶିବିର ଆୟୋଜନ କରାଯାଇ ବିଭିନ୍ନ ପ୍ରମାଣପତ୍ର ଜମିପଟ୍ଟା, ବିବିଧ ପ୍ରମାଣପତ୍ର, ବୈଧ ଉତ୍ତରାଧିକାରୀ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜମି କିସମ ପରିବର୍ତ୍ତନ ପ୍ରମାଣପତ୍ର ପ୍ରଦାନ କରାଯାଉଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାକୁ ଜିଲାର ସମସ୍ତ ତହସିଲରେ କାର୍ଯ୍ୟକାରୀ କରାଯାଇଛି। ଶୁକ୍ରବାର ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ସଦର ତହସିଲ ଅଧୀନ ରୂପସା ଗ୍ରାମରେ ପହଞ୍ଚି ଆବେଦନକାରୀଙ୍କୁ ବିଭିନ୍ନ ପ୍ରମାଣପତ୍ର ବଣ୍ଟନ କରିଛନ୍ତି । ପ୍ରଶାସନକୁ କ୍ରିୟାଶୀଳ କରି ଜନସାଧାରଣ ନିକଟରେ ଉତ୍ତମ ସେବା ପହଞ୍ଚାଇବା ଏଭଳି କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିରିକ୍ତ ଜିଲାପାଳ ମହାପାତ୍ର କହିଥିଲେ। ଏହାଦ୍ୱାରା ଜିଲାର ଜନସାଧାରଣ ହାତ ପାଆନ୍ତାରେ ରାଜସ୍ୱ ବିଭାଗର ବିଭିନ୍ନ ସେବା ପାଇପାରୁଛନ୍ତି । ୫-ଟି କାର୍ଯ୍ୟକ୍ରମ ଆଧାରରେ ରାଜସ୍ୱ ବିଭାଗ ତ୍ରୁଟିଶୂନ୍ୟ, ତ୍ୱରିତ ସେବା ଯୋଗାଇବା ପାଇଁ ଅନଲାଇନରେ ବିଭିନ୍ନ ସେବା ଯୋଗାଉଛି। ମାତ୍ର ଯେଉଁ ଲୋକଙ୍କ



ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଆବେଦନକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରୁଛନ୍ତି।

### 'ଗାଁରେ ପ୍ରଶାସନ'

ପାଖରେ ଇଣ୍ଟରନେଟ୍ ସୁବିଧା ନାହିଁ ସେମାନେ ରାଜସ୍ୱ ବିଭାଗର ବିଭିନ୍ନ ଦପ୍ତର କିମ୍ବା ମୋ ସେବା କେନ୍ଦ୍ରର ସହାୟତା ନେଉଛନ୍ତି। ତେଣୁ ଏଭଳି ଅଭିନବ ବ୍ୟବସ୍ଥା ମାଧ୍ୟମରେ ରାଜସ୍ୱ କର୍ମଚାରୀମାନେ ଲୋକଙ୍କ ପାଖରେ ପହଞ୍ଚି ଆବେଦନ ଗ୍ରହଣ କରିବା ସହିତ ସେମାନଙ୍କୁ ସେବା ଯୋଗାଉଛନ୍ତି । ଏହି ଅବସରରେ ସଦର ତହସିଲଦାର ଅନାମିକା ସିଂ, ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର, ଜିଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଏଭଳି ବ୍ୟବସ୍ଥା ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିଥିଲେ। ଗ୍ରାମାଞ୍ଚଳବାସୀଙ୍କ ପାଇଁ ଏହା ବେଶ ସହାୟକ ହୋଇପାରିବ ବୋଲି ଅତିରିକ୍ତ ଜିଲାପାଳ ମହାପାତ୍ର ଆଶାପ୍ରକଟ କରିଛନ୍ତି।

## ଦିବ୍ୟାଙ୍ଗ ନାବାଳିକାଙ୍କୁ ସହାୟତା

ଢେଙ୍କାନାଳ ଅଫିସ, ୨୪।୧୨

ଭୁବନ ବ୍ଲକ ମଝିପାଳ ଗ୍ରାମର ଦିନମଜୁରିଆ ଅରୁଣ ମହାରଣାଙ୍କ ଦିବ୍ୟାଙ୍ଗ ନାବାଳିକା ଝିଅଙ୍କ ଚିକିତ୍ସା ଲାଗି ଜିଲାପାଳ ସରୋଜ କୁମାର ସେଠୀ ଗୁରୁବାର ରେଡ୍‌କ୍ରସ୍ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ଏବଂ ଏକ କମ୍ବଳ ପ୍ରଦାନ କରିଛନ୍ତି। ଝିଅଙ୍କ ଚିକିତ୍ସା ଏବଂ ଭରଣପୋଷଣ ଲାଗି ସହାୟତା ପ୍ରଦାନ ଲାଗି ଅରୁଣ ଜିଲାପାଳଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ସରକାରୀ ଯୋଜନା ବିଷୟରେ ଅନଭିଜ୍ଞ ଅରୁଣ ବିଭିନ୍ନ ସୁବିଧାସୁଯୋଗରୁ ବଞ୍ଚିତ ହୋଇ ରହିଛନ୍ତି। ତାଙ୍କର ୩ ସନ୍ତାନ ଥିବାବେଳେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଯାଇଛି। ଝିଅଙ୍କ ଚିକିତ୍ସା ପାଇଁ ତାଙ୍କୁ ତୁରନ୍ତ ସ୍ମାର୍ଟ ହେଲ୍‌ଥ କାର୍ଡ ସହିତ ଅନ୍ୟ ସରକାରୀ ସୁବିଧା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ପୂରଣ ହେବ ରାମିଆଳ ସେତୁ ସ୍ୱପ୍ନ

- ୧୧ କୋଟି ବ୍ୟୟବରାଦ
- ୧୬ ମାସରେ ସମ୍ପୂର୍ଣ୍ଣ ଲକ୍ଷ୍ୟ
- ଉପକୃତ ହେବେ ୧୧ ପଞ୍ଚାୟତବାସୀ

ଭୁବନ, ୨୪।୧୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଦେଇ ପ୍ରବାହିତ ରାମିଆଳ ନଦୀ ଉପରେ ନିର୍ମାଣ ହେବ ସେତୁ। ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଶୁକ୍ରବାର ଏହାର ଭୂମିପୂଜନ କରିଛନ୍ତି। ୧୧ କୋଟି ଟଙ୍କା ବ୍ୟୟରେ ପ୍ରସ୍ତାବିତ ୧୦୧ ମିଟର ଦୀର୍ଘ ଏହି ବ୍ରିଜ୍‌କୁ ୧୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ସେତୁ ନିର୍ମାଣ ହେଲେ ମାର୍ଥାପୁରଠାରୁ ଯମୁନାକୋଟକୁ ଗମନାଗମନ ସୁଗମ ହେବ। ଭୁବନ ବ୍ଲକର ୬ ଏବଂ କାମାକ୍ଷନଗର ବ୍ଲକ ଅଧୀନ ୫ ପଞ୍ଚାୟତର ଲକ୍ଷାଧିକ ଜନସାଧାରଣ ଉପକୃତ ହେବେ। ଅଞ୍ଚଳର ଆର୍ଥିକ, ସାମାଜିକ ବିକାଶରେ ଏହି ବ୍ରିଜ୍ ମାଇଲ୍‌ଖୁଣ୍ଟ ସାଜିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରତିବର୍ଷ ବର୍ଷାଦିନେ ରାମିଆଳ ନଦୀରେ ବଢ଼ି ଆସୁଛି।



ସେତୁ ଶିଳାନ୍ୟାସ ଅବସରରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

ନଦୀକୂଳିଆ ଅଞ୍ଚଳବାସୀ ଏହାଦ୍ୱାରା ପ୍ରଭାବିତ ହେଉଥିବାବେଳେ ଉଭୟ ପାର୍ଶ୍ୱକୁ ଯାତାୟାତ ପ୍ରଭାବିତ ହେଉଛି। ଅନ୍ୟଦିନରେ ନଦୀ ପ୍ରାୟତଃ ଶୁଖିଲା ପଡୁଥିବାବେଳେ ଲୋକମାନେ ନଦୀ ଶଯ୍ୟାରେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ତେଣୁ ଯମୁନାକୋଟ-ମାର୍ଥାପୁର ମଧ୍ୟରେ ସୁରକ୍ଷିତ ଗମନାଗମନ ପାଇଁ ଏହି ସେତୁ ଜରୁରୀ ହୋଇପଡ଼ିଥିଲା। ଲୋକମାନଙ୍କ ଦୀର୍ଘଦିନର ସ୍ୱପ୍ନ ବାସ୍ତବ ରୂପ ନେବାକୁ ଯାଉଥିବାବେଳେ ଏହାକୁ ବିଭିନ୍ନ ମହଲରେ ସ୍ୱ । ଗ ତ କରାଯାଇଛି। ଭୂମିପୂଜନ କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, କାମାକ୍ଷନଗର ନିର୍ବାହୀ ଯନ୍ତ୍ରୀ ପ୍ରତାପ ହରିପାଲ, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଉପାଧ୍ୟକ୍ଷା ସୁଭଦ୍ରା ପାତ୍ର, ପୂର୍ବତନ ଉପାଧ୍ୟକ୍ଷ ଅଭିମନ୍ୟୁ ମିଶ୍ର, ସରପଞ୍ଚ ଖୁଲଣା ରାଉତ, ସଞ୍ଜୟ ଦାସଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଏସିଏଫ୍‌ଙ୍କ ବିରୋଧରେ ହେବ ତଦନ୍ତ

କେନ୍ଦୁଝର,୨୪।୧୨(ସ୍ୱ.ପ୍ର)

ଆକ୍ରୋଶମୂଳକ ଭାବେ ବନ ବିଭାଗ ଏକ ଟ୍ରାକ୍ଟର ଜବତ କରିବା ଘଟଣାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ହସ୍ତକ୍ଷେପ କରିଛନ୍ତି। ଟ୍ରାକ୍ଟର ମାଲିକ କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଗୋପାଳପୁର ଗ୍ରାମର ଜନାର୍ଦ୍ଦନ ଗିରିଙ୍କ ଅଭିଯୋଗକୁ ଭିତ୍ତିକରି ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ (ଚିଠି ନଂ.ପି-୧-୬/୨୦୨୧) ଏସିଏଫ୍ ଘନଶ୍ୟାମ ମହାନ୍ତଙ୍କ ବିରୋଧରେ ତଦନ୍ତ ପାଇଁ ଜିଲାପାଳଙ୍କୁ ସୁପାରିଶ କରାଯାଇଛି। ଜିଲାପାଳ ତଦନ୍ତ ରିପୋର୍ଟ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଓ ଅଭିଯୋଗକାରୀଙ୍କୁ ପ୍ରଦାନ କରିବାକୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, ୨୦୧୪ ନଭେମ୍ବର ୧୩ରେ ଘନଶ୍ୟାମ ଘଟଗାଁ ରେଞ୍ଜର ଥିବାବେଳେ ବେଆଇନଭାବେ ଏକ ଟ୍ରାକ୍ଟର ଜବତ୍ କରିଥିଲେ। ଉକ୍ତ ଟ୍ରାକ୍ଟର ଟ୍ରଲିରେ ୧୦୦ ସିଫଟ ଉଚ୍ଚମାନର ପଥର ଓ ୩୫ଟି ଶାଳ ବହ୍ଲା ଲୋଡ୍ ହୋଇଥିବା ଦର୍ଶାଯାଇଥିଲା। ମାତ୍ର ଉକ୍ତ ଟ୍ରାକ୍ଟରରେ ଏତେ ପରିମାଣର ସାମଗ୍ରୀ ଲୋଡ୍ ହେବା ଅସମ୍ଭବ। ଆକ୍ରୋଶମୂଳକ ଭାବେ ଟ୍ରାକ୍ଟର ଜବତ କରି କେଶ କରାଯାଇଥିଲା ବୋଲି ଜନାର୍ଦ୍ଦନ ଅଭିଯୋଗ କରିଥିଲେ। ଘନଶ୍ୟାମଙ୍କ ଘର କେନ୍ଦୁଝର ଜିଲାରେ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ସେ ପଦୋନ୍ନତି ପାଇ ଏସିଏଫ୍ ଭାବେ ଡିଏଫ୍‌ଓ ଅଫିସରେ ନିଯୁକ୍ତି ପାଇଛନ୍ତି। ସେ ଏଠାରେ ରହିଲେ ତଦନ୍ତରେ ପକ୍ଷପାତିତା ଆଶଙ୍କା କରି ତାଙ୍କୁ ଅନ୍ୟତ୍ର ବଦଳି ପାଇଁ ମଧ୍ୟ ଜନାର୍ଦ୍ଦନ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ।


**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BHAWANIPATNA**
Ph. 06670-235504; E-Mail: serwbpt@yahoo.com
Bid identification No.:- BPT/Online-18/2021-22
No. O-1516 Date:23.12.2021
**NOTICE INVITING TENDERS FOR ROAD AND BRIDGE WORKS IN ODISHA NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Road and Bridge works in the district of Kalahandi for the year 2021-22
2. No of Works : 4 Nos.
3. Location details : Kalahandi District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 28.01.2021 11.00 A.M. | 07.01.2022 5.00 P.M. | 06.01.2022 | 10.01.2022 at 11.00 A.M. |

Further details can be seen from the website "www.tendersorissa.gov.in"
Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0021/2122

**BHUBANESWAR MUNICIPAL CORPORATION**
No. C-1671 E-Mail Id: ae-elect@bmc.gov.in and sethyshyamsundar@gmail.com
**E-Procurement Notice**

1. Bid Reference No. : BMC-EE (Elect)19/2020-21 Dt.23.12.21
2. Tender Call Notice No. : No. 92475 / Dt.23.12.2021
3. No. of Works : 2 Nos.
4. Bid Value of each work : Rs.257043/- to Rs.284523/-
5. Period of Completion :

Date and time Schedule

| Start | End | Opening |
|---|---|---|
| 11.00 A.M. of 25.12.2021 | 5.00 P.M. Dt.03.01.2022 | 11.00 A.M. Dt.04.01.2022 |

6. Tender details can be seen for the e-Procurement portal **https://www.tendersodisha.gov.in**

Sd./- Executive Engineer (Elect.)
Bhubaneswar Municipal Corporation
OIPR-13002/11/0112/2122

**DISTRICT MINERAL FOUNDATION, JAJPUR**
Ph.- 06728-222227
E-mail: dmfjajpur@gmail.com, Website- https://jajpur.nic.in
**REQUEST FOR PROPOSAL (RFP)**
No.CAD-2481:- District Mineral Foundation (DMF), Jajpur invites RFP in the prescribed format from agencies for "Selection of Agency for Revival of Tasar Sericulture and Livelihood Enhancement of Tasar Rearer of Jajpur District".
The detail of the RFP is available in the district website portal i.e. www.jajpur.nic.in.
Sd./- Collector & Managing Trustee
DMF Trust, Jajpur
OIPR-24163/11/0032/2122

**ODISHA SPACE APPLICATIONS CENTRE (ORSAC)**
Dept. of Science & Technology, Govt. of Odisha
Bhubaneswar - 751 023
**RFP Advt. No. 17/2021**
No. CAD-2477: Odisha Space Applications Centre (ORSAC) invites sealed RFP from reputed, established and reliable firms for selection of a System Integrator (S.I.) to Design,Develop, Deploy and Operate a Web and Mobile enabled e-Learning Platform for Forest, Environment & Climate Change Department, Govt. of Odisha under Technical Supervision of OSRAC. For details please visit Website **http://www.odisha.gov.in** and ORSAC website **http://www.orsac.gov.in** or ORSAC office for the tender papers.
CHIEF EXECUTIVE
OIPR-28007/11/0013/2122

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER, DEO IRRIGATION PROJECT, KARANJIA**
At/P.O.: Karanjia, Dist.- Mayurbhanj - 757037
Tel.: 06796-296144, e-mail: cce.dip.dowr@gmail.com
No. A-775
**"e" Procurement Notice**
Bid Identification No. 04/CCEDIP of 2021-22

Name of Work : As per Detailed Tender Call Notice
Total No. of Pacakges : 02 (Two) Nos. of Individual work
Estimated cost of Package : As per DTCN
Period of Completion : As per DTCN
Class of Contrator : As per DTCN
Other Details

| Procurement Officer | Bid Identification No. | Availability of tender Online for Bidding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 04/CCEDIP of 2021-22 (Online) | 30.12.2021 at 10.00 A.M. | 17.01.2022 upto 05.00 P.M. |

Further detials can be seen from the Govt. website **www.tendersorissa.gov.in**. Any addendum/corrigendum/cancellation of tender can also be seen in the said website.
Chief Construction Engineer
OIPR-32337/11/0004/2122 Deo Irrigation Project, Karanjia

**OFFICE OF THE SUPERINTENDING ENGINEER RWSS DIVISION, RAIRANGPUR**
**INVITATION FOR BIDS**
E-mail-eerwss_rai@nic.in, eerwss.rai@gmail.com
**e-PROCUREMENT NOTICE**
IDENTIFICATION No.62 RWSS/RRPUR-2021-2022/ Dated 23.12.2021
No.O-1518:- The Superintending Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade / class registered with Central Govt./Railways.

1. Nature of work : Execution of clubbed up PWS schemes to different villages of Bahalda, Tiring, Jamda & Bisoi Block under RWS&S Division, Rairangpur in the District of Mayurbhanj.
2. No. of packages : 4 (Four) Nos.
3. Period of completion : 11 (Eleven) months
4. Cost of tender : Rs.10000.00
5. Estimated cost : Rs.342.07 lakhs to Rs.416.95 lakhs
6. Class of contractor : (As mentioned in Tender Call Notice)
7. Date and time of availability of bid document in portal : From 10 hours of 04.01.2022 to 17.00 hours of 20.01.2022.
8. Receipt of bid cost, bid security, documents : Online only
9. Date & time of opening of technical bid : Dt.21.01.2022 at 16.00 hours onwards.
10. Other documents : (As mentioned in DTCN)
11. The bidders have to participate in online bidding only. Further details can be seen from the website https://www.tendersodisha.gov.in.
12. Any addendum / corrigendum / cancellation of tender can also be seen in the said website.

Sd./- Superintending Engineer, RWSS Division, Rairangpur
OIPR-25010/11/0038/2122

**OFFICE OF THE SUPERINTENDING ENGINEER, RWS&S DIVISION, BHANJANAGAR- 761126**
Phone No.06821-241026 (O)/241079(R),
Fax No.-06821--241026/240056
e-mail: eerwss_bnj@nic.in, eerwssbnj2009@gmail.com
Govt. of Orissa "e" Procurement Notice
Bid Identification No. S.E._RWS&S_47/2021-22
No.O-1512

1. The Superintending Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate / $G_2$ bid in Double Cover system according to the norm of "e" Procurement system in online mode for different PWS Schemes in Ganjam District from the eligible contractors as per DTCN.
2. Nature of work : Construction, testing, commissining of RCC ESR/OGR construction of Pump House, Compund Wall, Valve Chamber, providing 100% FHTC, laying of distribution of pipeline etc. for PWS to different village in the Ganjam District.
3. No. of tender : 08 Nos.
4. Tender paper cost : Rs.10000/-
5. Tender cost : 249.01 lakhs to 351.74 lakhs
6. Class of contractor : B, A & Special Class
7. Date and time of availability of bid document in the portal : Dt. 05.01.2022 at 11.00 A.M. to 25.01.2022 upto 5.00 P.M.
8. Date of opening of bid : Dt.27.01.2022 at 11.00 A.M.
9. Period of completion : 360 (Three hundred sixty) days
10. The bidders have to participae in online bidding only. Further details can be seen from the website https://tendersorissa.gov.in

Sd./- Superintending Engineer, RWS&S Division, Bhanjanagar
OIPR-25021/11/0035/2122

**OFFICE OF THE BARIPADA MUNICIPAL COUNCIL, BARIPADA**
Phone: 06792-252703, Fax: 06792-252703
E-mail: baripadam.hud@nic.in, Website: www.baripadamunicipality.in
No. 6039 Date: 23.12.2021
**DTCN PART - I (TECHNICAL BID) SECTION - II**
**COMPETITIVE BIDDING THROUGH 'e' Procurement**
No. C-1680: The Executive Officer on behalf of Baripada Municipality, Baripada invites percentage rate bids in single cover system in **ONLINE MODE** only in conformity with Detailed Tender Call Notice (DTCN).
All Govt. of Odisha registered contractors are eligible to participate in this 'e' procurement. If any bidder becomes L1 who is not enlisted with Baripada Municipality, then he/she will have to get his/her name enlisted with Baripada Municipality before issue of work order.
Bid documents consisting of Work, Estimated Cost, Cost of Tender paper and time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.
Tender Reference No. **BPDM-12 of 2021-2022** Tender I.D No.:

| Sl. No. | Description | Critical Dates |
|---|---|---|
| 1 | Procurement Officer - Publisher/ Tender Inviting Authority/Bids | Executive Officer, Baripada Municipality, Baripada |
| 2 | Name of the Work | Construction of Civil Work (As per DTCN) |
| 3 | Nos. of Work | As per DTCN |
| 4 | Tendered Cost of the Works | As per DTCN |
| (i) | Period of availability of tenders Online for bidding | From Dt.28.12.2021 (11.00 A.M.) to Dt.06.01.2022 (5.00 P.M.) |
| (ii) | Last date & time of bidding Online (Submission of Bids) | Dt.06.01.2022 (5.00 P.M.) |
| (iii) | Date & time of opening of the Bids received Online | Dt.07.01.2022 (11.30 A.M. onwards) |
| (iv) | To be intimated later to the bidder(s) found qualified after evaluation of Technical Bids and Price Bid received Online. | |

5. Detailed Tender Call Notice (DTCN) may also be seen from the Baripada Municipality website i.e. **www.baripadamunicipality.in**

Further details can be seen from the procurement portal i.e. **www.tendersorissa.gov.in**.
Sd./- Executive Officer
Baripada Municipality
OIPR-13078/11/0035/2122

**OFFICE OF THE MUNICIPAL COUNCIL, NAYAGARH**
No. 4242 Date: 23.12.2021
**QUOTATION CALL NOTICE**
No. C-1677: Sealed quotations are invited through **Registered Post/ Speed Post/By Hand** from the Suppliers/Contractors having updated GST/PAN Card/Licence for **Supplying, Laying & Maintenance of Lawn & Plants to Nayagarh Municipality** as per detailed specification, terms and conditions in separate Schedule, which may be obtained from Office of the Municipal Council, Nayagarh on any working days from **25.12.2021 to 03.01.2022** upto 5.00 P.M. on payment of cost of bid document of **Rs.2000.00** in shape of Cash Deposit Receipt of Nayagarh Municipality & EMD of **Rs.5000.00** in shape of Cash Deposit Receipt of Nayagarh Municipality/Bank Draft/ Pay Order, drawn on any Nationalised Bank, in favour of Executive Officer, Nayagarh Municipality, payable at Nayagarh. All quotations are to be received in the Office of the undersigned during office hour upto 2.00 P.M. on date 05.01.2022. The quotations will be opened by the undersigned or authorised official on date 05.01.2022 at 04.00 P.M. in the Office of the Executive Officer, Nayagarh Municipality in presence of the quotationers or their authorised representative who wish to remain present at that time, other terms and conditions can be seen in the DTCN documents.
The authority reserves the right to reject any or all the tender without assigning any reason thereof.
Sd./- Executive Officer, Nayagarh Municipality
OIPR-13134/11/0015/2122

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, HIRAKUD HEAD WORKS & ADDITIONAL SPILLWAY CIRCLE, BURLA**
No. A-776 E-mail Id: se.hdc@rediffmail.com
**"e" Procurement Notice**
Bid Identification No. HHW & ASC - 02/2021-22

1. Name of the work : Building Project work as per DTCN.
2. Total No. of Works : 01 (One) No. work
3. Estimated Cost : Rs.507.56 lakhs
4. Period of Completion : 12 (Twelve) Calendar months
5. Date & time of availability of Bid document in the portal : 11.00 A.M. of Dt.29.12.2021 upto 5.00 P.M. of Dt.27.01.2022
6. Last date & time for receipt of Bids in the portal : Upto 5.00 P.M. of Dt.27.01.2022
7. Date of Opening of Technical Bid : Dt.28.01.2022 at 11.30 A.M. onwards
8. Date of Opening of Financial Bid : To be informed later
9. Name and address of the Officer Inviting Tender : Additional Chief Engineer, O/o. the Additional Chief Engineer, Hirakud Head Works & Additional Spillway Circle, Burla, Sambalpur, PIN - 768017
10. Further details can be seen from the e-Procurement Portal "**https://tendersodisha.gov.in**".

Sd./- Additional Chief Engineer
Hirakud Head Works & Additional Spillway Circle, Bural
OIPR-32394/11/0005/2122

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
**ODISHA POWER TRANSMISSION CORPORATION LIMITED**
Lifeline of Odisha
(A Government of Odisha Undertaking)
Regd. Office: Janpath, Bhubaneswar-751022
No. CAD-2493 CIN:U40102OR2004SGC007553
No.OPTCL-14013/1/2021-T AND D-20312 Dated:23.12.2021
**ଇଂଜିନିୟରିଂ ବ୍ୟତୀତ ଅନ୍ୟ ବିଭାଗ ପାଇଁ ଆପ୍ରେଣ୍ଟିଶିପ୍ ସୁଯୋଗ**
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ (ଓ.ପି.ଟି.ସି.ଏଲ୍), ଓଡ଼ିଶା ସରକାରଙ୍କ ଅଧିନସ୍ଥ ବିଦ୍ୟୁତ୍ ଶକ୍ତି ସଂଚାରଣ ବ୍ୟବସାୟରେ ନିୟୋଜିତ ଦେଶର ଅନ୍ୟତମ ବୃହତ୍ ଉପକ୍ରମ । ଆପ୍ରେଣ୍ଟିଶିପ୍ ଅଧିନିୟମ (**Apprenticeship Act**) ୧୯୬୧ ଏବଂ ପରବର୍ତ୍ତୀ ସଂଶୋଧନ ଅଧିନରେ, ଓପିଟିସିଏଲ୍ ନିମ୍ନଲିଖିତ ବିଷୟ ମାନଙ୍କରେ ଆପ୍ରେଣ୍ଟିଶିପ୍ ତାଲିମ ପ୍ରଦାନ ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ କରୁଛି। ଯୋଗ୍ୟ ବିବେଚିତ ପ୍ରାର୍ଥୀ ମାନେ ଓପିଟିସିଏଲର ବିଭିନ୍ନ ବିଭାଗରେ ଏକ ବର୍ଷ ପାଇଁ ପ୍ରଶିକ୍ଷଣ ନେବେ।

| କ୍ର. ସଂ. | ବିଷୟ | ପ୍ରଶିକ୍ଷାର୍ଥୀ ସଂଖ୍ୟା | ମାସିକ ଷ୍ଟାଇପେଣ୍ଟ୍ ରାଶି |
|---|---|---|---|
| ୧ | ମାନବ ସମ୍ବଳ /ଲୋକସଂପର୍କ Human Resource/ Corporate Relations | ୦୭ | ଟ.୯୦୦୦/- |
| ୨ | ଅର୍ଥ(ହିସାବ)Finance(Accounts) | ୦୫ | |
| ୩ | ଆଇନ୍ (Law) | ୦୨ | |
| ୪ | ଆତିଥ୍ୟ ପରିଚାଳନା (Hospitality Management) | ୦୨ | |
| ୫ | ପାଠାଗାର ବିଜ୍ଞାନ (Library Science) | ୦୨ | |
| | ସମୁଦାୟ | ୧୮ | |

ଆବେଦନ ପ୍ରକ୍ରିୟା ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ପ୍ରଶିକ୍ଷଣ ସର୍ତ୍ତାବଳୀ ଓପିଟିସିଏଲ୍ ୱେବ୍‌ସାଇଟ୍ **www.optcl.co.in** ରେ ଉପଲବ୍ଧ।
ସ୍ୱା/-
HIPR-44/2021-22 ମୁଖ୍ୟ ମହାପ୍ରବନ୍ଧକ (ମାନବ ସମ୍ବଳ)
OIPR-04011/11/0127/2122

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
**ODISHA POWER TRANSMISSION CORPORATION LIMITED**
Lifeline of Odisha
(A Government of Odisha Undertaking)
Regd. Office: Janpath, Bhubaneswar-751022
No. CAD-2492 CIN:U40102OR2004SGC007553
No.OPTCL-14013/1/2021-T AND D-20311 Dated:23.12.2021
**ସ୍ନାତକ (ଡିଗ୍ରୀ)/ (ଡିପ୍ଲୋମା) ଧାରକ ମାନଙ୍କ ପାଇଁ ଆପ୍ରେଣ୍ଟିଶିପ୍ ସୁଯୋଗ**
ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ (ଓ.ପି.ଟି.ସି.ଏଲ୍), ଓଡ଼ିଶା ସରକାରଙ୍କ ଅଧିନସ୍ଥ ବିଦ୍ୟୁତ୍ ଶକ୍ତି ସଂଚାରଣ ବ୍ୟବସାୟରେ ନିୟୋଜିତ ଦେଶର ଅନ୍ୟତମ ବୃହତ୍ ଉପକ୍ରମ । ଆପ୍ରେଣ୍ଟିଶିପ୍ ଅଧିନିୟମ (**Apprenticeship Act**) ୧୯୬୧ ଏବଂ ପରବର୍ତ୍ତୀ ସଂଶୋଧନ ଅଧିନରେ, ଓପିଟିସିଏଲ୍ ନିମ୍ନଲିଖିତ ବିଷୟ ମାନଙ୍କରେ ଆପ୍ରେଣ୍ଟିଶିପ୍ ତାଲିମ ପ୍ରଦାନ ନିମନ୍ତେ ଆବେଦନ ପ୍ରକ୍ରିୟା ଆରମ୍ଭ କରୁଛି। ନିମ୍ନ ବିଷୟ ଗୁଡିକରେ ସ୍ନାତକ (ଇଂଜିନିୟରିଂ ଡିଗ୍ରି- ସମୁଦାୟ ୮୦/ ଡିପ୍ଲୋମା- ସମୁଦାୟ ୧୫୨) ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନେ ଏଥିପାଇଁ ଆବେଦନ କରିପାରିବେ। ଯୋଗ୍ୟ ବିବେଚିତ ପ୍ରାର୍ଥୀ ମାନେ ଓପିଟିସିଏଲର ବିଭିନ୍ନ ବିଭାଗରେ ଏକ ବର୍ଷ ପାଇଁ ପ୍ରଶିକ୍ଷଣ ନେବେ।

| କ୍ର. ସଂ. | ବିଷୟ | ପ୍ରଶିକ୍ଷାର୍ଥୀ ସଂଖ୍ୟା | ମାସିକ ଷ୍ଟାଇପେଣ୍ଟ୍ ରାଶି |
|---|---|---|---|
| ୧ | ଇଲେକ୍ଟ୍ରିକାଲ/ଇଲେକ୍ଟ୍ରିକାଲ୍ ଏବଂ ଇଲେକ୍ଟ୍ରୋନିକ୍ସ ଇଂଜିନିୟରିଂରେ ସ୍ନାତକ | ୪୦ | ଟ.୯୦୦୦/- |
| ୨ | ଆପ୍ଲାୟଡ୍ ଇଲେକ୍ଟ୍ରୋନିକ୍ସ ଏବଂ ଇଂଷ୍ଟ୍ରୁମେସନ/ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ ଇଂଜିନିୟରିଂରେ ସ୍ନାତକ | ୩୦ | |
| ୩ | ଇନ୍‌ଫରମେସନ ଟେକ୍ନୋଲୋଜି/ କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂରେ ସ୍ନାତକ | ୧୦ | |
| ୪ | ଇଲେକ୍ଟ୍ରିକାଲ୍ ଇଂଜିନିୟରିଂରେ ଡିପ୍ଲୋମା | ୯୦ | ଟ.୮୦୦୦/- |
| ୫ | ଇଲେକ୍ଟ୍ରୋନିକ୍ସ ଏବଂ ଟେଲିକମ୍ୟୁନିକେସନ/ ଆପ୍ଲାୟଡ୍ ଇଲେକ୍ଟ୍ରୋନିକ୍ସ ଏବଂ ଇଂଷ୍ଟ୍ରୁମେସନ ଇଂଜିନିୟରିଂରେ ଡିପ୍ଲୋମା | ୫୦ | |
| ୬ | ଇନ୍‌ଫରମେସନ ଟେକ୍ନୋଲୋଜି/ କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂରେ ଡିପ୍ଲୋମା | ୧୨ | |
| | ସମୁଦାୟ | ୨୩୨ | |

ଆବେଦନ ପ୍ରକ୍ରିୟା ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ପ୍ରଶିକ୍ଷଣ ସର୍ତ୍ତାବଳୀ ଓପିଟିସିଏଲ୍ ୱେବ୍‌ସାଇଟ୍ **www.optcl.co.in** ରେ ଉପଲବ୍ଧ।
HIPR-43/2021-22 ସ୍ୱା/- ମୁଖ୍ୟ ମହାପ୍ରବନ୍ଧକ (ମାନବ ସମ୍ବଳ)
OIPR-04011/11/0125/2122

**NOTICE INVITING BID**
**ODISHA STATE MEDICAL CORPORATION LIMITED (OSMCL)**
Infront of Ram Mandir, Convent Square, Unit - III, Bhubaneswar - 751001
Tel.: (0674) 2380950, Website: www.osmcl.nic.in, E-mail: logistics.osmcl.od@nic.in
Bid Ref. No. OSMCL/2022-23/(SUT.-SURG. & Other)-DHS/04 Date: 24.12.2021
No. CAD-2487: Online Bids through **e-Tender Portal (https://tendersodisha.gov.in)** are invited from eligible bidders for supply of **Surgical, Sutures, Syrings and other items** as per the particulars mentioned below:

| Sl. No. | Particulars | Date and time | |
|---|---|---|---|
| 1. | Date & time of release of bid | 24.12.2021, 3 P.M. | |
| 2. | Date & time for submission of queries by E-Mail ID: **logistics.osmcl.od@nic.in** | 30.12.2021 upto 5.00 P.M. | |
| 3. | Date & time of Online bid submission | Start Date & Time | End Date & Time |
| | | 03.01.2022, 3 P.M. | 24.01.2022, 6.00 P.M. |
| 4. | Date & time for submission of Tender Documents, Tender Document Fee of tender document | Start Date & Time | End Date & Time |
| | | 25.01.2022, 10 A.M. | 01.02.2022, 11.00 A.M. |
| 5. | Date & time of Online Technical Bid Opening | 01.02.2022, 11.30 A.M. | |
| 6. | Date of Opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, prequalification criteria and terms & conditions are available in the websites: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.
Sd./- Managing Director, OSMC Ltd., Odisha
OIPR-10112/11/0065/2122

**ODISHA SCHOOL EDUCATION PROGRAMME AUTHORITY**
"SHIKSHA SOUDHA", UNIT-V, BHUBANESWAR-751001
Phone-0674-2395325, FAX-2392721, E mail: opepaedu@yahoo.co.in
No.12624/FIN/2021
FIN (THV)-575 Dated 24/12/2021
**TENDER/EXPRESSION OF INTEREST (EOI) CALL NOTICE**
**No. n-78:-** Sealed tender / EoI are invited separately from interested reputed Travel Agencies / Tour operators or private individuals for providing different vehicles for official use in State Project Office of Odisha School Education Programme Authority (OSEPA), Bhubaneswar on monthly as well as on call basis respectively as detailed below.

| Name of the Tender/EoI | Cost of Tender/ EoI Paper | Last Date & time of receipt of Tender | Date & time of opening of bid |
|---|---|---|---|
| Tender for Selection of Service Provider for Hiring of vehicle on monthly basis | Rs.1000/- | Upto 12 noon of 20.01.2022 in all working days | 3.00 P.M. of 20.01.2022 |
| EoI for Empanelment of Service provider/s for hiring of vehicle on call basis | Rs.1000/- | Upto 12 noon of 20.01.2022 in all working days | 3.30 PM of 20.01.2022 |

The detailed BID / EoI document is available in the website of OSEPA osepa.odisha.gov.in. Interested and eligible agency / firm may download BID / EoI document from website osepa.odisha.gov.in and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Authority (OPEPA) reserves the right to accept / reject any / all BIDs, EoIs / cancel the entire selection process at any stage without assigning any reson thereof.
OIPR-27005/11/0011/2122 Sd./- STATE PROJECT DIRECTOR

## ସଂକ୍ଷେପରେ

### ପୂର୍ବତନ ରାଜ୍ୟ ସଭା ସଦସ୍ୟ ଗଣେଶ୍ୱର କୁସୁମଙ୍କ ପରଲୋକ



**ସୁନ୍ଦରଗଡ଼, ୨୪।୧୨ (ଡି.ଏନ୍.ଏ):** ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ବରିଷ୍ଠ କଂଗ୍ରେସ ନେତା ଗଣେଶ୍ୱର କୁସୁମଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ବର୍ଷ ବୟସ ହୋଇଥିଲା। ସେ ଅବିଭକ୍ତ ସମ୍ବଲପୁର ଜିଲା ତାଲପଟିଆଠାରେ ୧୯୩୪ ମାର୍ଚ୍ଚ ୨୧ରେ ଜନ୍ମଗ୍ରହଣ କରିଥିଲେ। ଗତ ୩ଦିନ ହେଲା ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ଼ସ୍ଥିତ ସମଲେଶ୍ୱରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ରାତି ୧ଟା ୪୦ରେ ତାଙ୍କର ପରଲୋକ ଘଟିଥିଲା। ସେ ୧୯୮୪ରୁ ୧୯୯୦ ମସିହା ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ ରହିଥିଲେ। ପୂର୍ବରୁ ସଦର ବ୍ଲକର ଉପାଧ୍ୟକ୍ଷ ଥିଲେ। ୧୯୯୨ ରୁ ୧୯୯୪ ଓ ୧୯୯୭ ରୁ ୧୯୯୯ ପର୍ଯ୍ୟନ୍ତ ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟିର ସଭାପତି ଥିଲେ। ପରଲୋକ ଖବର ପାଇ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ, ପ୍ରଫୁଲ୍ଲ ସୁନାନୀ ପ୍ରମୁଖ ବହୁ କଂଗ୍ରେସ ନେତା ତଥା ବିଶିଷ୍ଟ ବ୍ୟକ୍ତି ତାଙ୍କ ସୁନ୍ଦରଗଡ଼ ଜିଲା ଭଷ୍ମାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

### ଗହଣା ପାଇଁ ବୃଦ୍ଧାଙ୍କୁ ହତ୍ୟା

**ଅଖାରୁ ମୃତଦେହ ଜବତ ଘଟଣା**

**ଏରସମା, ୨୪।୧୨(ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ଗ୍ରାମରେ ଅଖାରୁ ବୃଦ୍ଧାଙ୍କ ମୃତଦେହ ଜବତ ଘଟଣାରେ ଅଭିଯୁକ୍ତ ସଞ୍ଜୟ ଦାସ ଶୁକ୍ରବାର ପୋଲିସ ଆଗରେ ନିଜର ଦୋଷ ସ୍ୱୀକାର କରିଛନ୍ତି। ବୃଦ୍ଧା ତୁଳସୀ ମଣ୍ଡଳ ପିନ୍ଧିଥିବା ସୁନାଗହଣା ନେବା ପାଇଁ ତାଙ୍କୁ ହତ୍ୟା କରାଯାଇଥିଲା ବୋଲି ସଞ୍ଜୟ କହିଛନ୍ତି। ଏହାପରେ ପୋଲିସ ଅଭିଯୁକ୍ତଙ୍କ ଘରେ ଥିବା ଚାଉଳ ଡ୍ରମରୁ ମୃତକଙ୍କ କାନଫୁଲ ଓ ହାତ ମୁଦି ଜବତ କରିଛି। ତେବେ ଅନ୍ୟ ଅଳଙ୍କାରଗୁଡ଼ିକୁ କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଏକ ଦୋକାନରେ ବିକ୍ରି କରାଯାଇଛି ବୋଲି ସଞ୍ଜୟ କହିଥିଲେ। ଏହାପରେ ପୋଲିସ ତାଙ୍କୁ ନେଇ କେନ୍ଦ୍ରାପଡ଼ା ଗସ୍ତ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଆଇଆଇସି ଲିଜାରାଣୀ ବିଶ୍ୱାଳ କହିଛନ୍ତି। ତୁଳସୀଙ୍କଠାରୁ ସଞ୍ଜୟ ସୁଧ ଆକାରରେ ୩୦ ହଜାର ଟଙ୍କା ଦୀର୍ଘଦିନ ତଳେ ନେଇଥିଲେ। ବାରମ୍ବାର ମାଗିବା ସତ୍ତ୍ୱେ ମଧ ସଞ୍ଜୟ ଟଙ୍କା ଫେରାଉ ନ ଥିଲେ। ଏ ନେଇ ସେମାନଙ୍କ ମଧ୍ୟରେ ମତାନ୍ତର ହୋଇଥିଲା। ଗତ ଗୁରୁବାର ମଧାହ୍ନ ସମୟରେ ସଞ୍ଜୟ ଓ ତାଙ୍କ ସ୍ତ୍ରୀ ସବିତା ଚକ୍ରାନ୍ତ କରି ବୃଦ୍ଧାଙ୍କୁ ଘରକୁ ଡାକିନେବା ପରେ ଶାବଳରେ ପିଟି ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ଓଟିଡିସିର ‘ଉତ୍କଳ ଅରୋମା’ ଓ ‘ବେକଡ୍ ବୋନାଞ୍ଜା’

- ରେଷ୍ଟୁରାଣ୍ଟ, ବେକରି ୟୁନିଟ୍ ଲୋକାର୍ପିତ
- ନୂଆ ରୂପ ପାଇବ ପାନ୍ଥନିବାସ

**ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)**

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଦ୍ୱାରା ଭୁବନେଶ୍ୱରସ୍ଥିତ ପାନ୍ଥନିବାସ ପରିସରରେ ଓଡ଼ିଆ ପାରମ୍ପରିକ ଖାଦ୍ୟକୁ ନେଇ ‘ଉତ୍କଳ ଅରୋମା’ ରେଷ୍ଟୁରାଣ୍ଟ ଏବଂ ନିଜସ୍ୱ କେକ୍ ଓ ବିସ୍କୁଟ ଆଦି ତିଆରି ନିମନ୍ତେ ‘ବେକଡ୍ ବୋନାଞ୍ଜା’ ବେକରି ୟୁନିଟ୍ ଖୋଲିଛି। ଏହାସହିତ ଏହି ପାନ୍ଥନିବାସର ସମ୍ପୂର୍ଣ୍ଣ ନବକଳେବର କରାଯାଇ ଏଠାରେ ପର୍ଯ୍ୟଟକଙ୍କ ନିମନ୍ତେ ଅତ୍ୟାଧୁନିକ ସୁବିଧାସୁଯୋଗ ଉପଲବ୍ଧ ପାଇଁ ପଦକ୍ଷେପ ନିଆଇଛି। ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଶୁକ୍ରବାର ଏହି ନୂଆ ପ୍ରକଳ୍ପଗୁଡ଼ିକୁ ଉଦ୍‌ଘାଟନ କରିବା ସହ ଲୋକାର୍ପଣ କରିଛନ୍ତି।

ପାନ୍ଥନିବାସର ନବୀକରଣ କରାଯିବା ସହ ଏହାକୁ ବ୍ୟବସାୟିକ ଦୃଷ୍ଟିରୁ ଅଧିକ ପ୍ରତିଯୋଗିତାମୂଳକ ଭାବେ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ ସରକାରଙ୍କ ସହଯୋଗରେ ଗତ କିଛିବର୍ଷ ଧରି ଓଟିଡିସି ନିଜର ଭିତ୍ତିଭୂମିକୁ ସୁଦୃଢ ଓ ନବୀକରଣ ଉପରେ ଗୁରୁତ୍ୱ ଦେଇ ଆସୁଛି। ନୂତନ ଭାବେ ଲୋକାର୍ପିତ ହୋଇଥିବା ଏହି ରେଷ୍ଟୁରାଣ୍ଟ ଓ ବେକରି ୟୁନିଟ୍ ଗୁଣାତ୍ମକ ସେବା ଓ ଖାଦ୍ୟସାମଗ୍ରୀ ଯୋଗାଇ ଖୁବଶୀଘ୍ର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ଓଟିଡିସି ଅଧ୍ୟକ୍ଷା ମିଶ୍ର କହିଛନ୍ତି।

ଓଟିଡିସି ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର. ଯାଦବ କହିଛନ୍ତି, ଏସବୁ ପ୍ରକଳ୍ପ ପାଇଁ ମୋଟ ୧.୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପାନ୍ଥନିବାସର ମୋଟ ୫୮ ରୁମ୍‌ରୁ ୩୩ଟିରେ ଆଧୁନିକୀକରଣ କାର୍ଯ୍ୟ ସରିଛି ଓ ବାକି କାର୍ଯ୍ୟ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଓଟିଡିସିର ସମସ୍ତ ୟୁନିଟଗୁଡ଼ିକୁ ଲାଭଜନକ ସଂସ୍ଥାରେ ପରିଣତ କରାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇ ସେ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି। ଜେନେରାଲ ମ୍ୟାନେଜର ଶାନ୍ତନୁ ମହାନ୍ତି କହିଛନ୍ତି, କୋଭିଡ୍ ଗାଇଡ୍‌ଲାଇନ୍ ପାଳନ କରି ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ସେବା ଓ ଖାଦ୍ୟସାମଗ୍ରୀ ଯୋଗାଇବା ଉପରେ ଆମେ ଗୁରୁତ୍ୱ ଦେଉଛୁ। ଗତ କିଛିଦିନ ମଧ୍ୟରେ ଓଟିଡିସି ଦ୍ୱାରା ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ଧାର୍ଯ୍ୟ ସମୟସୀମା ମଧ୍ୟରେ ସାରିବାକୁ ପଦକ୍ଷେପ ନିଆଯାଉଛି। ଲୋକାର୍ପଣ ଉତ୍ସବରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ଶୁଭାଶିଷ ଶର୍ମା (ମଣ୍ଟୁ) ଓ ଅଭିନେତ୍ରୀ ଲିପ୍‌ସା ମିଶ୍ରଙ୍କ ସମେତ ଓଟିଡିସିର କମ୍ପାନୀ ସେକ୍ରେଟେରୀ ପ୍ରଶାନ୍ତ ପଣ୍ଡା, ଡିଭିଜନାଲ ମ୍ୟାନେଜର ପ୍ରଣବ କୁମାର ଚାନ୍ଦ, ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଶଶାଙ୍କ ଶେଖର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ଅନ୍ୟମାନେ କେକ୍ କାଟି ଶୁଭାରମ୍ଭ କରୁଛନ୍ତି।




# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ‘ଭିଭିଡ କ୍ୱିଲିସ’ ପୁସ୍ତକ ଉନ୍ମୋଚନ

**ପାରାଦୀପ, ୨୪।୧୨(ସ୍ୱ.ପ୍ର.)**

ପାରାଦୀପ ବନ୍ଦରାଞ୍ଚଳର ପିପିଏଲ୍(ପାରାଦୀପ ଫସ୍‌ଫେଟସ୍ ଲିମିଟେଡ) କମ୍ପାନୀ ପରିସରକୁ ପ୍ରତିବର୍ଷ ଶୀତଦିନେ ଆସୁଥିବା ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ଏକ ପୁସ୍ତକ ଲେଖାଯାଇଛି। ଏହାର ନାମ ‘ଭିଭିଡ କ୍ୱିଲିସ’। ଇଂଲିଶ୍ ଭାଷାରେ ଲିଖିତ ଏହି ପୁସ୍ତକରେ ବିଦେଶାଗତ ପକ୍ଷୀଙ୍କ ବିଭିନ୍ନ ଫଟୋ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଗୁରୁବାର ଭର୍ଚୁଆଲ ଜରିଆରେ ଏହାକୁ ଆନୁଷ୍ଠାନିକଭାବେ ଉନ୍ମୋଚନ କରିଛନ୍ତି। କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ଏନ୍. ସୁରେଶ କ୍ରିଷ୍ଣନଙ୍କ କହିବାନୁଯାୟୀ, ରସାୟନଯୁକ୍ତ ଏହି କାରଖାନା ପରିସରରେ ସମ୍ପୂର୍ଣ୍ଣ ପ୍ରାକୃତିକ ପରିବେଶ ରହିଛି। ଯେଉଁଥିପାଇଁ ପ୍ରତିବର୍ଷ ଏଠାରେ ପକ୍ଷୀଙ୍କ ସମାଗମ ହୋଇଥାଏ। ସେମାନେ ନିରାପଦରେ ଏଠାରେ ମାସାଧିକ କାଳ ରହିଥାନ୍ତି। ପିପିଏଲ୍ କମ୍ପାନୀ ପକ୍ଷରୁ ପକ୍ଷୀଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। କାରଣ କମ୍ପାନୀ ସର୍ବଦା ପରିବେଶକୁ ଅଧିକ ପ୍ରାଧାନ୍ୟ ଦେଇଥାଏ। ଏହି ପୁସ୍ତକକୁ ୱାଇଲଡ୍‌ଲାଇଫ ସଂରକ୍ଷକ ଶାଶ୍ୱତ ପତି ରଚନା କରିଥିବାବେଳେ ସୌରଭ ପତି ଫଟୋ ଫିଚର କରିଛନ୍ତି। ଏହି ଦୁଇ ଭାଇ ଗତ ଦଶବର୍ଷ ହେଲା ପିପିଏଲ୍ ପକ୍ଷୀଙ୍କ ଆଗମନ ଓ ସମାଗମ ସମ୍ପର୍କରେ ସବିଶେଷ ବିବରଣୀ ପୁସ୍ତକରେ ଦେଇଛନ୍ତି।




ମୁଖ୍ୟମନ୍ତ୍ରୀ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ରେଙ୍ଗାଲି ଭୂତଳ ଜଳସେଚନ, ସାଲନ୍ଦୀ ପ୍ରକଳ୍ପ ଟେଣ୍ଡରକୁ ଅନୁମୋଦନ

**କ୍ୟାବିନେଟ ନିଷ୍ପତ୍ତି**

- ଓଡ଼ିଶା ଜୁଡିସିଆଲ ସର୍ଭିସ ରୁଲ୍-୨୦୦୭ ସଂଶୋଧନ ହେବ
- ଆଇଓସିଏଲ୍ ବିଦ୍ୟୁତ୍ ଛାଡ଼ ପ୍ରସ୍ତାବକୁ ମୋହର
- କାର୍ଯ୍ୟକାରୀ ହେବ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା (ନିଯୁକ୍ତି ଓ ସେବା) ନିୟମାବଳୀ-୨୦୨୧

**ଭୁବନେଶ୍ୱର, ୨୪।୧୨ (ବ୍ୟୁରୋ)**

ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ରେଙ୍ଗାଲି ଭୂତଳ ପାଇପ ଜଳସେଚନ ପ୍ରକଳ୍ପ ଟେଣ୍ଡରକୁ ଅନୁମୋଦନ କରାଯାଇଛି। ଏଥିପାଇଁ ୪୪୩.୨୨ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ସରକାର ଏହାର ସମସ୍ତ ଖର୍ଚ୍ଚ ବହନ କରିବେ। ୨୦୨୩ ଡିସେମ୍ବର ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ। ଏହି ପ୍ରକଳ୍ପ ଦ୍ୱାରା ୨୬,୩୩୪ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଏହାଛଡ଼ା ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ସାଲନ୍ଦୀ ମୁଖ୍ୟ ବାମପାର୍ଶ୍ୱ କେନାଲର ୨୫୭,୪୬, ୪୮,୩୮୪ ଟଙ୍କାର ଜଳସେଚନ ପ୍ରକଳ୍ପ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପ ୧୮ ମାସ ମଧ୍ୟରେ ଶେଷ ହେବ। ଏହି ପ୍ରକଳ୍ପ ଖର୍ଚ୍ଚ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ପାଣ୍ଠିରୁ ଖର୍ଚ୍ଚ କରାଯିବ। ଏହି ପ୍ରକଳ୍ପ ଦ୍ୱାରା ୯୮୦୩ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରିବ।

ଏଥିସହିତ ଜିଲା ବିଚାରପତି ଏବଂ ସିଭିଲ ଜଜ୍ କ୍ୟାଡରରେ ନ୍ୟାୟିକ ଅଧିକାରୀଙ୍କ ଆଇନଗତ ଓ ପ୍ରଶାସନିକ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ସୁପର ଜୁଡିସିଆଲ ସର୍ଭିସ ଏବଂ ଓଡ଼ିଶା ଜୁଡିସିଆଲ ସର୍ଭିସ ରୁଲ୍-୨୦୦୭କୁ ସଂଶୋଧନ କରାଯିବ। ଆଇନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଛି। ପ୍ରାଣୀ ଚିକିତ୍ସା ସେବା ବର୍ଗରେ ମୂଳ ପଦବୀରେ ନିଯୁକ୍ତି କରାଯିବା ସହିତ ପଦୋନ୍ନତିଭିତ୍ତିକ ପଦବୀ ସୃଷ୍ଟି କରିବା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା (ନିଯୁକ୍ତି ଓ ସେବା) ନିୟମାବଳୀ ୨୦୨୧ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି।

ସହରାଞ୍ଚଳର କାଉନସିଲର ଓ ମହାନଗର ନିଗମର କର୍ପୋରେଟର ପଦବୀ ଥିବା ସଂରକ୍ଷଣ ବ୍ୟବସ୍ଥାରେ ସଂଶୋଧନ ହେବ। ଏହାସହ ଏଥର ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେବାକୁ ଯାଉଥିବା ପୌରାଧ୍ୟକ୍ଷ ଓ ମେୟରଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାରେ ମଧ ସଂଶୋଧନ କରାଯିବ। ନଗର ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

୨୦୦୪ ଫେବୃୟାରୀ ୧୬ରେ ଭାରତୀୟ ତୈଳ ନିଗମ, ପାରାଦୀପ ତୈଳ ବିଶୋଧନାଗାର ଏବଂ ରାଜ୍ୟ ସରକାରଙ୍କ ସହିତ ହୋଇଥିବା ବୁଝାମଣା ଅନୁଯାୟୀ ଆସନ୍ତା ୫ ବର୍ଷ ସକାଶେ ବିଦ୍ୟୁତ୍ ଶୁଳ୍କ ଛାଡ଼ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

# ବାପପୁଅଙ୍କୁ ଆଜୀବନ କାରାଦଣ୍ଡ

**ଭବାନୀପାଟଣା, ୨୪।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଚିଚୈଗୁଡ଼ା ଗ୍ରାମର ଜଣେ ଯୁବକଙ୍କୁ ହତ୍ୟା ଓ ମୃତକଙ୍କ ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଧର୍ମଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ବନ୍ଦନା କର ଏହି ଘଟଣାରେ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଉକ୍ତ ଗ୍ରାମର ଜଗତ ଜୁଏଡ ଓରଫ୍ ଡମବୁଡା (୫୫) ଓ ତାଙ୍କ ପୁଅ ପବିତ୍ର ଓରଫ୍ ମଣ୍ଟୁ (୨୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ସେକ୍ସନ ୩୦୨ ଆଇପିସି ୩୪ ଧାରାରେ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ଉଭୟଙ୍କୁ ୨୦ ହଜାର ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଅନାଦାୟେ ଅଧିକ ୨ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ଗତ ୭।୯।୨୦୧୬ ନୂଆଁଖାଇ ବାସିରେ ଚିଚୈଗୁଡା ଗ୍ରାମର ଶ୍ରୀମୁଖ ବାଗଙ୍କୁ ଜଗତ ଓ ତାଙ୍କ ପୁଅ ପବିତ୍ର ହତ୍ୟା କରିଥିଲେ। ଏହାସହ ମୃତକଙ୍କ ପୁଅ କୁନା ବାଗଙ୍କୁ ମଧ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଜୁନାଗଡ଼ ଥାନାରେ ପୋଲିସ ଏକ ମାମଲା (ନଂ.୨୬୮/୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ପରେ ଏହି ମାମଲା କୋର୍ଟକୁ ଆସିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର (ପିପି) ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରିଥିଲେ।

# ଓଡିଶାରେ ସ୍ୱାଧୀନତା ସଂଗ୍ରାମ ୫ ପର୍ଯ୍ୟାୟରେ ହୋଇଥିଲା

**ମହାରାଷ୍ଟ୍ରରେ ପ୍ରଥମ ବିଦ୍ରୋହ ଥିଲା ‘ଦାରା’**

**ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)**

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା ଓ ମହାରାଷ୍ଟ୍ର ପତ୍ର ସୂଚନା କାର୍ଯ୍ୟାଳୟ ଏବଂ ଆଞ୍ଚଳିକ କ୍ଷେତ୍ରପ୍ରଚାର ବ୍ୟୁରୋ ପକ୍ଷରୁ ଶୁକ୍ରବାର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ଓ ମହାରାଷ୍ଟ୍ରର ଅବଦାନ ଉପରେ ଏକ ଜାତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ସାମ୍ବାଦିକ ତଥା ସ୍ତମ୍ଭକାର ତପନ କୁମାର ମିଶ୍ର ଯୋଗଦେଇ କହିଲେ, ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶା ମୁଖ୍ୟତଃ ୫ଟି ପର୍ଯ୍ୟାୟରେ ଗତି କରିଥିଲା। ପ୍ରଥମ ପର୍ଯ୍ୟାୟରେ ଜୟୀ ରାଜଗୁରୁ, ଦ୍ୱିତୀୟ ପର୍ଯ୍ୟାରେ ବକ୍ସି ଜଗବନ୍ଧୁ ଓ ପାଇକ ବିଦ୍ରୋହ, ତୃତୀୟ ପର୍ଯ୍ୟାୟ ସିପାହି ବିଦ୍ରୋହ ଓ ଚନ୍ଦନ ହଜୁରୀଙ୍କ ଅବଦାନ, ଚତୁର୍ଥରେ କେନ୍ଦୁଝର ଭୂୟାଁ ମେଳି ଏବଂ ପଞ୍ଚମରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସଂଗ୍ରାମ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ସ୍ୱାଧୀନତା ସଂଗ୍ରାମ ଓଡ଼ିଶାରେ ଅଧିକ ଲୋକାଭିମୁଖୀ ହୋଇଥିଲା ବୋଲି ସେ କହିଛନ୍ତି। ବକ୍ତାଭାବେ ମହାରାଷ୍ଟ୍ରର ସହାୟକ ପ୍ରଫେସର ବାବା ସାହେବ ନାମଲେ ମହାରାଷ୍ଟ୍ରରେ ଇଷ୍ଟଇଣ୍ଡିଆ କମ୍ପାନୀ ବିରୋଧରେ ଆଦିବାସୀଙ୍କ ଦାରା ପ୍ରଥମ ବିଦ୍ରୋହ ହୋଇଥିଲେ ମଧ ପରବର୍ତ୍ତୀ କାଳରେ ସଂଗ୍ରାମ ନରମପନ୍ଥୀ, ଚରମପନ୍ଥୀ, ବିପ୍ଳବୀ ଓ ଗାନ୍ଧୀଙ୍କ ନେତୃତ୍ୱରେ ଆନ୍ଦୋଳନ ଆଗକୁ ବଢ଼ିଥିଲା ବୋଲି କହିଥିଲେ। ଭୁବନେଶର ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର କୁମାର ଚୌଧୁରୀ ୱେବିନାରରେ ଅଧ୍ୟକ୍ଷତା କରି ଓଡ଼ିଶା ଓ ମହାରାଷ୍ଟ୍ର ମଧ୍ୟରେ ରହିଥିବା ଆନ୍ତଃ-ରାଜ୍ୟ ସମ୍ପର୍କ ଜାତୀୟ ବିକାଶରେ ସହାୟକ ବୋଲି କହିଥିଲେ।




ୱେବିନାରରେ ଯୋଗଦେଇଥିବା ଅତିଥିମାନେ।

# କଣାସ ଅଞ୍ଚଳରେ ୬ଶହ ଚିଲିକା ପକ୍ଷୀ

**କଣାସ, ୨୪।୧୨(ସ୍ୱ.ପ୍ର.):** ଶୀତର ଆଗମନ ହେବା ମାତ୍ରେ ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଏସିଆ ମହାଦେଶର ସର୍ବବୃହତ୍ତମ ହ୍ରଦ ଚିଲିକାକୁ ଆଗମନ କରନ୍ତି। ଚଳିତବର୍ଷ ମଧ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଚିଲିକାକୁ ଆସିଥିବା ବେଳେ ଚିଲିକାର ଅଭୟାରଣ୍ୟ ଭାବେ ପରିଚିତ ନଳବଣରେ ଖାଦ୍ୟ ଅଭାବ ଯୋଗୁ ପକ୍ଷୀମାନେ ଉତ୍ତରନାଶି ତଥା ଦୟା ଓ ମକରାନଦୀର ମୁହାଣ ମୁହାଁ ହେଉଛନ୍ତି। ସେଠାରେ ଥିବା କଳିକତିଦଳ, କଇଁଫୁଲ କେଶର ଓ ପୋକଜୋକ ଖାଇବା ପାଇଁ ଆସି ରୁଣ୍ଡ ହୋଇଛନ୍ତି ବିଦେଶୀ ପକ୍ଷୀ। କିଛିଦିନ ତଳେ ଲଗାତର ବର୍ଷାରେ ପାଚିଲା ଧାନଗଛ ଜମିରେ ପଡିଯାଇଥିବାରୁ ପକ୍ଷୀମାନେ ଧାନ ଓ ପୋକଜୋକ ଖାଇବା ପାଇଁ ଧାନଜମିରେ ଆଡା ଜମାଇଛନ୍ତି। ଶୁକ୍ରବାର କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ନୂଆପଡା ମୌଜାର ଧାନଜମିରେ ୬ଶହରୁ ଊର୍ଦ୍ଧ୍ୱ ବିଦେଶୀ ପକ୍ଷୀ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା।

# ପାଟଦର୍ହା ଜଙ୍ଗଲରୁ ମାଓବାଦୀ କ୍ୟାମ୍ପ ଠାବ



ମାଓବାଦୀ ସାମଗ୍ରୀକୁ ଏସ୍‌ପି ଏବଂ ସିଆରପିଏଫ୍ କମାଣ୍ଡାଣ୍ଟମାନେ ଦେଖାଉଛନ୍ତି।

**ନୂଆପଡ଼ା ଅଫିସ, ୨୪।୧୨**

ନୂଆପଡା ପୋଲିସ, ଏସ୍‌ଓଜି, ଡିଭିଏଫ୍ ଓ ସିଆର୍‌ପିଏଫ୍ ଯବାନମାନେ ସୀମାନ୍ତରେ ଶୁକ୍ରବାର ପୂର୍ବାହ୍ନରେ କୋମ୍ବିଂ ଅପରେଶନ କରୁଥିବା ବେଳେ ବୋଡେନ ବ୍ଲକ ପାଟଦର୍ହା ଜଙ୍ଗଲ କୋକଟିଆମ ଗାଁ ନିକଟରେ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ। ଯବାନମାନେ ସେଠାରେ ପହଞ୍ଚିବା ପୂର୍ବରୁ ମାଓବାଦୀମାନେ ସେହି ସ୍ଥାନରୁ ପଳାୟନ କରିଥିଲେ। ଏହାପରେ ସେହି ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି ବୋଲି ନୂଆପଡା ଏସ୍‌ପି ପ୍ରତ୍ୟୁଷ ଦିବାକର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେହି ସ୍ଥାନରୁ ୨ଟି ଟିଫିନ ବୋମା, ୧୨ ଭୋଲ୍ଟର ୨ଟି ବ୍ୟାଟେରି, ୧୦ ମିଟର ବିଦ୍ୟୁତ୍ ତାର, ୨ଟି ମୋବାଇଲ ବ୍ୟାଟେରୀ, ସୋଲ୍ଡିଂ ଆଇରନ, ଛତା, କମ୍ବଳ, ମୋବାଇଲ ଚାର୍ଜର, ସୋଲାର ପ୍ଲେଟ, ମାଓବାଦୀ ପୁସ୍ତିକା, ପାଣି ଡବା, ପୋଷାକ, ଜୋତା ଇତ୍ୟାଦି ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୧୭ ତାରିଖରେ ନୂଆପଡା ଜିଲା ସିନାପାଲି ଥାନା ଝୋଲାପଡା ଗାଁ ସଂରକ୍ଷିତ ଜଙ୍ଗଲରେ ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଥିଲା।

# ଆଇନ ଅନୁଯାୟୀ ପଦକ୍ଷେପ ନିଅ: ହାଇକୋର୍ଟ

**ନିର୍ବନ୍ଧ ପରେ ବ୍ଲାକ୍‌ମେଲିଂ କରିବା ମାମଲା**

**କଟକ ଅଫିସ, ୨୪।୧୨**

ନିର୍ବନ୍ଧପରେ ବ୍ଲାକମେଲିଂ କରିବା ମାମଲାରେ ଶୁକ୍ରବାର ହାଇକୋର୍ଟଙ୍କ ରାୟ ପ୍ରକାଶ ପାଇଛି। ଆଇନ ଅନୁଯାୟୀ ପଦକ୍ଷେପ ନିଅ। କ’ଣ ପଦକ୍ଷେପ ନିଆଗଲା, ୨ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ଜଣାଇବାକୁ ହାଇକୋର୍ଟ ବିଚାରପତି ବିଶ୍ୱଜିତ୍ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରି ଭୁବନେଶ୍ୱର ଡିସିପିଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ଗତ ଜୁଲାଇ ୨୧ରେ ଭୁବନେଶ୍ୱରରର ଜଣେ ପୁଅ ଓ ବ୍ରହ୍ମପୁରର ଝିଅଙ୍କ ସହ ଧଉଳି ଅଞ୍ଚଳରେ ବହୁ ଆଡ଼ମ୍ବରରେ ନିର୍ବନ୍ଧ ହୋଇଥିଲା। ଡିସେମ୍ବରରେ ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ଏହି ମାସରେ ଝିଅ ସର୍ତ୍ତ ରଖିଲେ ତାଙ୍କ ନାମରେ ୧୦ ଲକ୍ଷ ସ୍ଥାୟୀ ଜମା କଲେ ସେ ବିବାହ କରିବେ। ଏତେ ଟଙ୍କା କେଉଁଠୁ ଆଣିବି ବୋଲି ପୁଅ କହିବାରୁ ଝିଅ ବିବାହ ପାଇଁ ମନା କରି ଚାଲିଯାଇଥିଲେ। ହଠାତ୍ ଡିସେମ୍ବର ୧୦ ତାରିଖରେ ନିଜକୁ ମାନବିକ ଅଧିକାରରୁ ଜଣେ ମହିଳା କଲ୍ କରିଥିଲେ। ଦେଖା ହୋଇ ବାହାଘର ସମସ୍ୟାର ସମାଧାନ ପାଇଁ କହିଥିଲେ। ମୋବାଇଲ ନ ନେଇ ଯିବାକୁ ମଧ କହିଥିଲେ। କଥା ଅନୁସାରେ ସେହିଦିନ ଧଉଳି ପାଖରେ ଦେଖାହୋଇଥିଲେ, ସେଠାରେ ଉକ୍ତ ମହିଳା, ଭାବି ସ୍ତ୍ରୀ ଓ ଆବେଦନକାରୀ ଦେଖାହୋଇଥିଲେ। ସେଠାରେ ତାଙ୍କୁ ୫ ଲକ୍ଷ ଟଙ୍କା ମଗା ଯାଇଥିଲା। ହେଲେ ଟଙ୍କା ଦେବାକୁ ପୁଅ ମନା କରିବାରୁ ବିବାହ ପୂର୍ବର କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫୋଟୋ ଦେଖାଯାଇଥିଲା। ଯେଉଁ ଫଟୋଗୁଡିକ ବିବାହ ପୂର୍ବରୁ ଉଭୟଙ୍କ ସହମତିରେ ସମ୍ପର୍କ ରଖୁଥିବାବେଳେ ଉଭୟେ ମିଶି ଉଠାଇଥିଲେ। ୧୫ ଦିନ ମଧ୍ୟରେ ୫ ଲକ୍ଷ ନ ଦେଲେ ବଳାତ୍କାର ମାମଲା କରିବେ ସମ୍ପୃକ୍ତ ଝିଅ ଧମକ ଦେଇଥିଲେ। ଏହି ଘଟଣା ପରେ ପୁଅଜଣକ ଗତ ୧୦ରେ ଧଉଳି ଥାନାରେ ଓ ୧୯ ତାରିଖରେ ଡିସିପିଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ଆତ୍ମହତ୍ୟା ପାଇଁ ମନସ୍ଥ କରିଥିଲେ। ପରେ କୌଣସି ଜଣେ ବ୍ୟକ୍ତି ଆଇନଜୀବୀ ବ୍ୟୋମକେଶ ତ୍ରିପାଠୀଙ୍କ ପାଖକୁ ଯିବାକୁ ପୁଅଙ୍କୁ ପରାମର୍ଶ ଦେଇଥିଲେ। ହାଇକୋର୍ଟରେ ଏକ ମାମଲା (ନଂ. ୨୩୫୭/୨୧) ରୁଜୁ ହୋଇଥିଲା।



# ଧସିଲା ଓଏମ୍‌ସି ମାଟି ଡମ୍ପ

- ପୋତି ହୋଇଗଲା ଚାଷ ଜମି, ଫୁଟ୍‌ବଲ ପଡ଼ିଆ
- ବର୍ତ୍ତିଲେ ପଥଚାରୀ, ଫୁଟ୍‌ବଲ ଖେଳାଳି

**କାଳିଆପାଣି, ୨୪।୧୨(ଡି.ଏନ.ଏ.)**

ଯାଜପୁର ଜିଲା ସୁକିନ୍ଦା ତହସିଲ ଅଧୀନ ଓଡ଼ିଶା ଖଣି ନିଗମ(ଓଏମ୍‌ସି) ସାଉଥ୍ କାଳିଆପାଣି ଖଣିର ମାଟି ଡମ୍ପ ଶନିବାର ଅପରାହ୍ନରେ ଧସି ପଡ଼ିଛି। ଫଳରେ ଡମ୍ପ ନିକଟରେ ଥିବା ଫୁଟବଲ ଖେଳପଡ଼ିଆ ଓ ପ୍ରାୟ ୩୦ ଏକର ଚାଷଜମି ପୋତି ହୋଇଯାଇଛି। ତେବେ ଡମ୍ପ ନିକଟରେ କେହି ନ ଥିବାରୁ ଏକ ବିରାଟ ବିପଦରୁ ଖଣି ଅଞ୍ଚଳବାସୀ ଓ କର୍ମଚାରୀ ରକ୍ଷା ପାଇଯାଇଛନ୍ତି। ସୁକୁରୁଙ୍ଗି ଗ୍ରାମ ରାସ୍ତା ସନ୍ନିକଟରେ ଡମ୍ପ ରହିଥିବାରୁ ତାହା ଧସିବା ଦେଖି ଲୋକେ ଭୟରେ ଏଣେତେଣେ ଦୌଡ଼ିଥିଲେ। ଫୁଟବଲ ଖେଳୁଥିବା ସ୍ଥାନୀୟ ଯୁବକ ଓ ପଥଚାରୀ କ’ଣ ହୋଇଛି ଭାବିଲା ବେଳକୁ ଡମ୍ପ ଫାଟି ରାସ୍ତା ଆଡ଼କୁ ମାଡ଼ି ଆସିଥିଲା। ସେମାନେ ମଧ ଭୟରେ ଦୌଡ଼ିବାକୁ ଲାଗିଥିଲେ। ଫଳରେ ଏହି ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ତେବେ ଦୌଡ଼ାଦୌଡ଼ି ବେଳେ ଅନେକ ଲୋକ କ୍ଷତାକ୍ତ ହୋଇଥିବା ଶୁଣିବାକୁ ମିଳିଛି।

ପ୍ରକାଶ ଯେ, ସୁକିନ୍ଦା ଖଣି ଅଞ୍ଚଳରେ ଓଏମ୍‌ସିର ଅନେକ କ୍ରୋମାଇଟ ଖଣି ଚାଲୁ ରହିଛି। ସାଉଥ୍ କାଳିଆପାଣି ଓ ସୁକୁରୁଙ୍ଗି ଖଣିରୁ କ୍ରୋମାଇଟ ଉତ୍ତୋଳନ ବେଳେ ବାହାରୁଥିବା ମାଟିକୁ ଅଣାଯାଇ ସାଉଥ୍ ଖଣି ସନ୍ନିକଟରେ ଡମ୍ପ କରି ରଖାଯାଇଛି। ବହୁ ବର୍ଷ ଧରି ଖଣି କାର୍ଯ୍ୟ ଚାଲୁ ରହିଥିବା ବେଳେ ମାଟି ଡମ୍ପର ଉଚ୍ଚତା ବଢୁଛି। ତେବେ ଡମ୍ପ ଦ୍ୱାରା ଯେପରି କାହାର କ୍ଷତି କିମ୍ବା ଅସୁବିଧା ନ ହେବ ସେଥିପ୍ରତି କମ୍ପାନୀ ଧ୍ୟାନ ଦେବାକଥା। ମାତ୍ର ଏଠାରେ ସବୁ ନିୟମ ଉଲ୍ଲଂଘନ କରାଯାଇଛି। ଫଳରେ ଏପରି ଦୁର୍ଘଟଣା ଘଟିଲା ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଖଣି ଖନନରେ ନିୟୋଜିତ ଡେକୋ ଠିକା ସଂସ୍ଥାକୁ ଓଏମ୍‌ସି ଅଧିକ ଅନୁକମ୍ପା ଦେଖାଉଥିବାରୁ ଏଭଳି ଘଟଣା ଘଟିଲା ବୋଲି ଖଣି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଡେକୋ ଠିକାଦାର ହାତରେ ସମସ୍ତ କାର୍ଯ୍ୟ ଟେକିଦେଇ ଓଏମ୍‌ସି କର୍ମଚାରୀମାନେ ବେପରୁଆ ରହୁଥିବା ଅଭିଯୋଗ ହୋଇଛି। ତେଣୁ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ଲାଗି ଖଣିର ବରିଷ୍ଠ ପରିଚାଳକ ବୈଷ୍ଣବ ଚରଣ ମଲ୍ଲିକଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।



ମାଟି ଡମ୍ପ ଧସି ପଡ଼ିଛି।

# ଓଡ଼ିଆ ଭାଷା ଚର୍ଚ୍ଚାର ନୂଆ ଯୁଗ

## ଶତବର୍ଷ ସ୍ମରଣ



ଗୋଲୋକ ବିହାରୀ ଧଳ
(୧୯୨୧-୧୯୭୪)

ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ସାଧନାନିଷ୍ଠ ଯୋଗଦାନରେ ଓଡ଼ିଆ ଭାଷା ଚର୍ଚ୍ଚାରେ ଏକ ନୂଆ ଯୁଗ ଆରମ୍ଭ ହୋଇଥିଲା। ଓଡ଼ିଶାରେ ଆଧୁନିକ ଭାଷାବିଜ୍ଞାନ ଶିକ୍ଷାର ପ୍ରବର୍ତ୍ତନରେ ତାଙ୍କ ଭୂମିକା ଅନନ୍ୟ ଓ ଅନୁପମ। ଊନବିଂଶ ଶତାବ୍ଦୀର ଶେଷଭାଗରୁ ଓଡ଼ିଆ ଭାଷାତତ୍ତ୍ୱ ଚର୍ଚ୍ଚା ପ୍ରାଚୀନ ଧାରାରେ ହେଉଥିଲା। ଏହି ଧାରା ସଂସ୍କୃତ ବ୍ୟାକରଣ ଧାରାରେ ପର୍ଯ୍ୟବସିତ ଥିଲା। ପ୍ରଫେସର ଧଳ ଅନ୍ୟାନ୍ୟ ଭାଷାଠାରୁ ଓଡ଼ିଆର ମହତ୍ତ୍ୱ ପ୍ରତିପାଦନ, 'ତଦ୍‌ଭବ' ନିର୍ଣ୍ଣୟ କରିବାର ପରାକାଷ୍ଠା, ଧ୍ୱନିତାତ୍ତ୍ୱିକ ବିଚାର, ଭାଷାର ଐତିହାସିକ ଓ ତୁଳନାତ୍ମକ ଅଧ୍ୟୟନ ତଥା ପ୍ରୟୋଗାତ୍ମକ ଦୃଷ୍ଟିକୋଣରୁ ଭାଷାର ଅଧ୍ୟୟନ ନିମିତ୍ତ ବିଶେଷ ପ୍ରୟାସ କରିଥିଲେ। ଏହି ପୁରୋଦୃଷ୍ଟିରେ ଓଡ଼ିଆ ଭାଷାତତ୍ତ୍ୱ ଚର୍ଚ୍ଚା କ୍ଷେତ୍ରରେ ପ୍ରଫେସର ଧଳଙ୍କ ଅଭ୍ୟୁଦୟ ତାତ୍ପର୍ଯ୍ୟପୂର୍ଣ୍ଣ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଓଡ଼ିଆ ବଙ୍ଗଳା ବିବାଦ ପ୍ରସଙ୍ଗରୁ ଓଡ଼ିଆ ଭାଷାତତ୍ତ୍ୱର ଆଲୋଚନା ଆରମ୍ଭ ହେଲା। ଏହି ଆଲୋଚନାର ଉପଲକ୍ଷ୍ୟ ଥିଲା ଓଡ଼ିଆ ଭାଷାର ପ୍ରାଚୀନତା, ବଙ୍ଗଳା ଭାଷାଠାରୁ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଓ ଶ୍ରେଷ୍ଠତା ପ୍ରତିପାଦନ। ଅନେକ ସ୍ୱାଭିମାନୀ ଓ ଭାବପ୍ରବଣ ଆଲୋଚକ ଏ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ ହେଁ ଜନ୍ ବୀମ୍‌ସ ହିଁ ଚରମ ସିଦ୍ଧି ଆଣିଥିଲେ। ସେ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାର ତୁଳନାତ୍ମକ ବ୍ୟାକରଣ ପୁସ୍ତକରେ ଓଡ଼ିଆ ବ୍ୟାକରଣର ବିବିଧ ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ। ପରବର୍ତ୍ତୀ କାଳରେ ଏହି ଧାରାର ଉତ୍ତର ସାଧକ ରୂପେ ପଣ୍ଡିତ ଶ୍ୟାମ ସୁନ୍ଦର ରାଜଗୁରୁ, ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା ଓ ପଣ୍ଡିତ ବିନାୟକ ମିଶ୍ର ପ୍ରମୁଖ ତଥ୍ୟାନୁସନ୍ଧାନ ଓ ମୌଳିକ ବିଶ୍ଳେଷଣରେ ପ୍ରବୃତ୍ତ ହୋଇଥିଲେ। କ୍ରମେ ପଣ୍ଡିତ ମୃତ୍ୟୁଞ୍ଜୟ ରଥ, ପଣ୍ଡିତ ନୀଳକଣ୍ଠ ଦାସ, ଗୋପାଳ ଚନ୍ଦ୍ର ପ୍ରହରାଜ, ଆର୍ତ୍ତବଲ୍ଲଭ ମହାନ୍ତି, କରୁଣାକର କର ପ୍ରମୁଖ ଓଡ଼ିଆ ଭାଷାତାତ୍ତ୍ୱିକ ଆଲୋଚନାର ପରିସର ବୃଦ୍ଧି କରିଥିଲେ। ୧୯୫୦ ମସିହାଠାରୁ ଓଡ଼ିଆ ଭାଷାତତ୍ତ୍ୱ ଚର୍ଚ୍ଚାରେ ନବଦିଗନ୍ତ ସୃଷ୍ଟି ହେଲା। ଭାଷାତତ୍ତ୍ୱ ବିଷୟରେ ବିଶ୍ୱବିଦ୍ୟାଳୟ ଅନୁମୋଦିତ ଗବେଷଣାତ୍ମକ ସନ୍ଦର୍ଭ ରଚନା ହେଲା ଏବଂ ପାଠ୍ୟପୁସ୍ତକ ପ୍ରକାଶିତ ହେଲା। ଏହି ନୂତନ ପର୍ଯ୍ୟାୟରେ କୁଞ୍ଜବିହାରୀ ତ୍ରିପାଠୀ, ସିଦ୍ଧେଶ୍ୱର ହୋତା, ଗୋଲୋକ ବିହାରୀ ଧଳ, ବିଜୟ ପ୍ରସାଦ ମହାପାତ୍ର, ଖଗେଶ୍ୱର ମହାପାତ୍ର, ଧନେଶ୍ୱର ମହାପାତ୍ର, ଗଗନେନ୍ଦ୍ର ନାଥ ଦାଶ, ହରିପ୍ରିୟା ମିଶ୍ର, ବାସୁଦେବ ସାହୁ, ଅପର୍ଣ୍ଣା ପ୍ରଧାନ, ବଂଶୀଧର ମହାନ୍ତି, ବେଣୀମାଧବ ପାଢ଼ୀ ପ୍ରମୁଖ ଓଡ଼ିଆ ଗବେଷକ ତଥା ଏ.ଏମ୍. ଘାଟଗେ, ଏ.କେ. କେଲକାର, ବି.ଏମ୍. କରପୁଲ୍ଲିନ, ଜନ୍ ବୋଲ୍‌ଟନ, ପି.ସି. ମଜୁମ୍‌ଦାର ଓ ଜନ୍ ମାଟସନ ପ୍ରମୁଖ ଅଣଓଡ଼ିଆ ଗବେଷକଙ୍କ ଅବଦାନ ସ୍ମରଣୀୟ।

ଓଡ଼ିଶାରେ ଭାଷାବିଜ୍ଞାନ ଚର୍ଚ୍ଚାର ଏହି ନୂତନ ପର୍ଯ୍ୟାୟରେ ପ୍ରଫେସର ଗୋଲୋକ ବିହାରୀ ଧଳଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଧ୍ୱନିବିଜ୍ଞାନରେ ଶିକ୍ଷା ଗ୍ରହଣ କରିଥିଲେ ତଥା କାନାଡ଼ା ଓ ଫ୍ରାନ୍ସରେ ଭାଷା ସମ୍ମିଳନୀରେ ଯୋଗଦାନ କରି ପ୍ରଭୂତ ଜ୍ଞାନ ଅର୍ଜନ କରିଥିଲେ। ବିଦେଶରୁ ପ୍ରତ୍ୟାବର୍ତ୍ତନ ପରେ ନୂତନ ଶିକ୍ଷାର ବିନିଯୋଗ ପାଇଁ ସେ କୌଣସି ସୁବିଧା ସୁଯୋଗ ନ ପାଇ ଓଡ଼ିଆ ଅଧ୍ୟାପନା ବୃତ୍ତିକୁ ଆପଣାଇଥିଲେ। ଧ୍ୱନିବିଜ୍ଞାନ ଓ ଭାଷାବିଜ୍ଞାନ ସଦୃଶ କଠିନ ବୈଜ୍ଞାନିକ ବିଷୟକୁ ନାନା କୌତୂହଳପ୍ରଦ ଦୃଷ୍ଟାନ୍ତ ଦ୍ୱାରା ସରସ ଓ ସାଧାରଣ ବୋଧଗମ୍ୟ କରିବାର ଶୈଳୀ ଥିଲା ତାଙ୍କର ଏକାନ୍ତ ନିଜସ୍ୱ। ଓଡ଼ିଆ ଭାଷାକୁ ଅନ୍ୟାନ୍ୟ ଭାରତୀୟ ଭାଷାର ସମକକ୍ଷ କରାଇ ବୈଜ୍ଞାନିକ ପଦ୍ଧତିରେ ଆଗେଇ ନେବା ଥିଲା ତାଙ୍କ ଜୀବନର ଲକ୍ଷ୍ୟ ଓ ସ୍ୱପ୍ନ। ସେ ଓଡ଼ିଆ ଧ୍ୱନିତତ୍ତ୍ୱ ସମ୍ବନ୍ଧରେ ବୈଜ୍ଞାନିକ ଆଲୋଚନାର ମାର୍ଗ ଉନ୍ମୁକ୍ତ କରିଥିଲେ, ଓଡ଼ିଆରେ ବର୍ଣ୍ଣନାତ୍ମକ ଭାଷାବିଜ୍ଞାନ ପ୍ରବର୍ତ୍ତନ କରିଥିଲେ, ଭାଷାବିଜ୍ଞାନର ପ୍ରୟୋଗାତ୍ମକ ପଦ୍ଧତି ଅନୁସରଣ କରିଥିଲେ, ସ୍ନାତକୋତ୍ତର ପାଠ୍ୟକ୍ରମରେ ସ୍ୱତନ୍ତ୍ର ଭାଷାବିଜ୍ଞାନ ପତ୍ରର ସଂଯୋଜନ କରିଥିଲେ, ବିଦ୍ୟାଳୟ ସ୍ତରରୁ ଭାଷାବିଜ୍ଞାନ ଓ ଧ୍ୱନିବିଜ୍ଞାନ ସମ୍ମତ ରୀତିରେ ଭାଷାଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ଓ ପାଠ୍ୟପୁସ୍ତକ ପ୍ରଣୟନ କରିଥିଲେ, ଆଧୁନିକ ଭାଷାବିଜ୍ଞାନର ଓଡ଼ିଆ ପରିଭାଷା ଉଦ୍ଭାବନ କରିଥିଲେ, ସର୍ବଭାରତୀୟ ସ୍ତରରେ ଭାଷାବିଜ୍ଞାନ ଅଧ୍ୟାପନାରେ ଅଂଶ ଗ୍ରହଣ କରିଥିଲେ ଏବଂ ବ୍ୟାକରଣ ଓ ଭାଷାବିଜ୍ଞାନର ଗୂଢ଼ ତଥ୍ୟାବଳୀର ସର୍ବଜନବୋଧ ସହଜ ବ୍ୟାଖ୍ୟାନ କରିଥିଲେ। ଭାଷାବିଜ୍ଞାନ ଓ ଧ୍ୱନିବିଜ୍ଞାନ ଉପରେ ଆହୁରି ଅନେକ କିଛି କରିବାକୁ ସେ ଇଚ୍ଛାପୋଷଣ କରିଥିଲେ ହେଁ ଭାଗ୍ୟ ତାଙ୍କର ଅନୁକୂଳ ହେଲା ନାହିଁ।




ଓଡ଼ିଆ ଭାଷାତତ୍ତ୍ୱ ଚର୍ଚ୍ଚାରେ ପ୍ରଫେସର ଧଳଙ୍କ ସବିଶେଷ କୃତିତ୍ୱ ଧ୍ୱନିବିଜ୍ଞାନର ଅନୁଶୀଳନ। ଲିଖିତ ବର୍ଣ୍ଣ ବା ଶବ୍ଦଭିତ୍ତିକ ଆଲୋଚନାର ଅପୂର୍ଣ୍ଣତା ସମ୍ବନ୍ଧରେ ସଚେତନ କରାଇବା ସମ୍ପର୍କରେ ତାଙ୍କର ବକ୍ତବ୍ୟ ଥିଲା- "ଭାଷାତତ୍ତ୍ୱର ଏପରି କୌଣସି ବିଭାଗ ନାହିଁ ଧ୍ୱନିବିଜ୍ଞାନର ସାହାଯ୍ୟ ବ୍ୟତିରେକେ ଯାହାର ଆଧୁନିକ ବୈଜ୍ଞାନିକ ବିଶ୍ଳେଷଣ କରାଯାଇପାରେ। ବିଶେଷତଃ ଆଧୁନିକ ଭାଷାତତ୍ତ୍ୱ କ୍ଷେତ୍ରରେ ଯେଉଁ ବର୍ଣ୍ଣନାତ୍ମକ ବିଭାଗ ଆଜି ସର୍ବାଧିକ ଜନପ୍ରିୟ ହୋଇପାରିଛି, ତାହା ଧ୍ୱନିବିଜ୍ଞାନ ଯୋଗୁ ହିଁ ସମ୍ଭବ। ଧ୍ୱନିବିଜ୍ଞାନ ଆଧୁନିକ ଭାଷାତତ୍ତ୍ୱର ଏକ ମୌଳିକ ତଥା ବିଶିଷ୍ଟ ବିଭାଗ। ତେଣୁ ଭାଷାତତ୍ତ୍ୱର ଯେ କୌଣସି ବିଭାଗ ବିଶ୍ଳେଷଣ କରିବା ପୂର୍ବରୁ ଧ୍ୱନିବିଜ୍ଞାନ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଅର୍ଜନ କରିବା ସର୍ବାଦୌ ବାଞ୍ଛନୀୟ।" ସେ ପ୍ରଣୟନ କରିଥିବା ପୁସ୍ତକ ଓ ପ୍ରବନ୍ଧାବଳୀରେ ଧ୍ୱନିବିଜ୍ଞାନର ସିଦ୍ଧାନ୍ତଗୁଡ଼ିକର ଉପସ୍ଥାପନ ଏବଂ ଓଡ଼ିଆ ଧ୍ୱନିତତ୍ତ୍ୱର ବିଶ୍ଳେଷଣ ତାଙ୍କର ଏକାନ୍ତ ମୌଳିକ କୃତିତ୍ୱ।

ଭାଷାବିଜ୍ଞାନ ସମ୍ପର୍କରେ ସେ ଯେଉଁ କେତେଖଣ୍ଡ ପୁସ୍ତକ ରଚନା କରିଛନ୍ତି, ସେଗୁଡ଼ିକ ହେଉଛି Aspiration in Oriya ବା ଓଡ଼ିଆରେ ମହାପ୍ରାଣ, ମଣିଷର ଭାଷା, ଓଡ଼ିଆ କେବେ?, ଇଂଲିଶ୍ ଉଚ୍ଚାରଣ ଶିକ୍ଷା, ଧ୍ୱନିବିଜ୍ଞାନ, ପେଟର ପବନ ପାଟିର ଭାଷା ଓ ଭାଷା ଶାସ୍ତ୍ର ପରିଚୟ। ଏହିସବୁ ପୁସ୍ତକରେ ସେ ଆଲୋଚନାର ପାରମ୍ପରିକ ଗଡ୍ଡାଳିକା ପ୍ରବାହ ପରିବର୍ତ୍ତେ ବୈଜ୍ଞାନିକ ସୁଲଭ ଅନୁସନ୍ଧିତ୍ସା ଓ ଶାସ୍ତ୍ରୋଚିତ ଶୃଙ୍ଖଳାର ଅନୁବର୍ତ୍ତିକା ପ୍ରକାଶ କରିଛନ୍ତି। ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ତାଙ୍କ ପ୍ରବନ୍ଧ ସମୂହରେ ତାଙ୍କର ପାଣ୍ଡିତ୍ୟ, ପ୍ରତିଭା ଓ ପ୍ରକାଶ କ୍ଷମତା ସହିତ ଶୃଙ୍ଖଳାବୋଧ ପ୍ରତିବିମ୍ବିତ ହୋଇଛି। ତାଙ୍କ ବିଚାରରେ ଭାଷାତତ୍ତ୍ୱ ଏକ ପଜିଟିଭ ବିଜ୍ଞାନ, ଯହିଁରେ କଳ୍ପନା ବିଳାସିତା, ଭାବପ୍ରବଣତା ଓ କୂଟକାରିତାର ସ୍ଥାନ ନାହିଁ ଏବଂ ସାହିତ୍ୟ ପରି ଭାଷା କ୍ଷେତ୍ରରେ ସୌଖୀନ ଚର୍ଚ୍ଚା ନିରାପଦ ନୁହେଁ। ଏହି ଦୃଷ୍ଟିରୁ ଓଡ଼ିଆ ଭାଷାତତ୍ତ୍ୱ ଚର୍ଚ୍ଚା କ୍ଷେତ୍ରରେ ଅଯଥା ଅନୁପ୍ରବେଶକାରୀ ତାଙ୍କ ନିକଟରେ ଅସହନୀୟ ଥିଲେ। ଭାଷାବିଜ୍ଞାନ ବ୍ୟତୀତ ସେ ଅନୁବାଦ, ଜୀବନୀ ଓ ଶିଶୁ ସାହିତ୍ୟ, ଭ୍ରମଣ ସାହିତ୍ୟ ଓ ପ୍ରୌଢ଼ଶିକ୍ଷା ଭିତ୍ତିକ ସାହିତ୍ୟ ରଚନାରେ ମନୋନିବେଶ କରିଥିଲେ। ସ୍ୱଳ୍ପ ଜୀବନକାଳ ଭିତରେ ତାଙ୍କ ଲେଖନୀରୁ ୪୧ ଖଣ୍ଡ ପୁସ୍ତକ ଓ ଅଗଣିତ ପ୍ରବନ୍ଧ ନିଃସୃତ ହୋଇ ଓଡ଼ିଆ ବାଣୀ ଭଣ୍ଡାର ସମୃଦ୍ଧ ହୋଇଛି, ଯାହା ସ୍ୱତନ୍ତ୍ର ଆଲୋଚନା ପ୍ରତୀକ୍ଷା କରିଥାଏ।

ପ୍ରଫେସର ଧଳ ୧୯୨୧, ଡିସେମ୍ବର ୧୫ ତାରିଖରେ ଢେଙ୍କାନାଳ ଜିଲାର ଗଞ୍ଜେଇଡିହ ଗ୍ରାମରେ ଏକ ସମ୍ଭ୍ରାନ୍ତ କ୍ଷତ୍ରିୟ ପରିବାରରେ ଜନ୍ମଗ୍ରହଣ କରିଥିଲେ। ରେଭେନ୍ସା ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରଫେସର ଥିବାବେଳେ ସେ ୧୯୭୪ ଜୁନ୍ ଗ୍ରୀଷ୍ମାବକାଶରେ ଭୁବନେଶ୍ୱରଠାରେ ସର୍ବଭାରତୀୟ ଭାଷାତତ୍ତ୍ୱ ଆଲୋଚନାଚକ୍ରରେ ବକ୍ତବ୍ୟ ପ୍ରଦାନ କରିବା ସମୟରେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଲେ ତଥା ୧୯୭୪ ଜୁନ୍ ୨୪ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଚିକିତ୍ସାଧୀନ ଅବସ୍ଥାରେ ଶେଷନିଃଶ୍ୱାସ ତ୍ୟାଗ କଲେ। ମାତ୍ର ୫୨ ବର୍ଷ ବୟସରେ ତାଙ୍କର ମୃତ୍ୟୁ ଦେଶ ଓ ଜାତିନିମିତ୍ତ ଏକ ଅପୂରଣୀୟ କ୍ଷତି। ତାଙ୍କ ଜନ୍ମଶତବାର୍ଷିକୀରେ ରଚନା ସମଗ୍ର ଏକତ୍ର ଗ୍ରନ୍ଥାବଳୀ ପ୍ରକାଶନ ତଥା ପ୍ରଫେସର ଗୋଲୋକ ବିହାରୀ ଧଳ ଓଡ଼ିଆ ଭାଷା ଗବେଷଣା କେନ୍ଦ୍ର ଖୋଲାଯାଇ ପାରିଲେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

**- ଡ. ଅନ୍ତର୍ଯ୍ୟାମୀ ମିଶ୍ର**
ମୋ: ୮୮୯୫୨୩୦୭୨୨

## କବିତା

### କବି
**ଅକ୍ଷୟ ପାତ୍ର**

କିଛି ଅଲେଖା ଭାବକୁ ନେଇ
ଅହରହ ଧନ୍ଦି ହେଉଥିବା,

ବହୁବାର ଉଚ୍ଚାରିତ ଶବ୍ଦଙ୍କ କତିରୁ
କିଛି ନୂଆ ଇଙ୍ଗିତ ଲୋଡ଼ି
ଦିହଘଷା ଅର୍ଥବୋଧର କୁହେଳିରୁ
ମୁକୁଳିଯିବାର ରାହା ଲୋଡୁଥିବା,

ଅନ୍ତଃସ୍ଥ ପୀଡ଼ାକୁ
ଲୁହ ଛଳଛଳ ଆଖି ପରି
ସଂବେଗ-ସଜଳ ଲିପିର ତୂଳୀରେ
ସାଦା କାଗଜ ପିଠିରେ ଆଙ୍କିବାକୁ ଯାଇଁ
କେବେକେବେ ବିବଶ ପାଲଟୁଥିବା,

ଓ କିଛି କହିବି କହିବି ହୋଇ
ଆଉରି ଅକୁହା ଥିବା କଥାକୁ ନେଇ
ଚଳାପଥେ ଝୁଣ୍ଟିପଡୁଥିବା ଲୋକ ହିଁ କବି।

ନିଜେ ନିଜକୁ ପଢ଼ିବାକୁ ଯାଇଁ
ଜୀବନକୁ ପୃଷ୍ଠାଭର୍ତ୍ତି
ଏକ ବହିର ମାନ୍ୟତା ଦେଇ
ନିରୋଳାରେ ନୀରବତାର ଦେହଳିରେ
ଆତ୍ମ-ଦର୍ଶନ ଆଶାରେ
ନିଖୋଜ ସାଜୁଥିବା,

ଚଉକତିର ବସ୍ତୁନିଷ୍ଠ ସତ୍ୟର
ଘନଘଟାରେ କ୍ଲାନ୍ତ ଓ ସଂତ୍ରସ୍ତ
ଜିଜୀବିଷାକୁ ଆପଣା ନିରୀହତାର
ଲହୁରେ ରଞ୍ଜିତ କରି
ଜୀବନର ମୂଳ ତଉଲୁଥିବା,

ଓ ଅଫୁରନ୍ତ କୋହ, ମୋହ
ଦ୍ରୋହ, ଦାହକୁ
ହୃଦ୍‌ଖୋପରେ ଗୋପନେ ସାଇତି
କିଛି ସଂଜୀବକ-ଗୀତି
ସାଥୀ-ସୁହୃଦ୍‌ଙ୍କ ଲାଗି
ରଚିବାର ପ୍ରବଣତାରେ
ନିଜ ଅସ୍ତିତ୍ୱର ଗୁମର ଲୋଡୁଥିବା
ଲୋକ ହିଁ କବି।
ସେ ଅନିର୍ବଚନୀୟତାର
ବାଙ୍ମୟ ହବିଃ
ଛବିଳ ଅନୁକ୍ତତାର ଅମଳିନ ରବି।

ମୋ: ୮୮୯୫୮୮୪୯୭୦

### ଆସ ସାଥୀ
**କୃଷ୍ଣା ମିଶ୍ର**

ଆସ ସାଥୀ!
ଦୁଆର ଯେ ଖୋଲା,
ପ୍ରବେଶ କର...
ନା ନା... ଟିକିଏ ଅପେକ୍ଷା କର!

ଏରୁଣ୍ଡିର ପାପୋଛରେ, ସ୍ୱୟଂର
ଅହଂକୁ ଝାଡ଼ିଦେବ!
ଛାତରେ ଲୋଟିଛି ମାଳତୀ ଲତା,
କ୍ରୋଧର ପସରା ସେଇଠି
ଅଜାଡ଼ି ଦେବ!
ମନର ଭଗ୍ନାଂଶକୁ ରଖିଦେବ,
ଚଉଁରା ମୂଳରେ...
ଜୀବନର ବ୍ୟସ୍ତତାକୁ ଓହଳେଇଦେବ
ପାଚେରି ଖୁଣ୍ଟରେ
ଶୁଭୁଛି ଶିଶୁଙ୍କ କୋଳାହଳ,
ସେଥିରୁ, ଦୁଷ୍ଟାମି ଟିକିଏ ମାଗି ଆଣିବ...
ଉପବନେ ଫୁଲର ରଙ୍ଗିନ ଛିଟା,
ସେଥିରୁ କିଛି ଶରୀରେ ମାଖିବ...

ଆସ! ତୁମର ସବୁ ଦ୍ୱନ୍ଦ୍ୱ,
ମୋତେ ଦିଅ,
ତୁମ କ୍ଳାନ୍ତ ଶରୀର, କରିଦେବି
ସ୍ୱେଦମୁକ୍ତ...
ଦେଖ, ସନ୍ଧ୍ୟାର ଗାଲିଚା ବିଛାଇ
ତାରା ଫୁଲେ ସଜାଇଛି,
ଜ୍ୟୋତ୍ସ୍ନାର କିରଣ ଚଉଦିଗେ ବିଞ୍ଚି
ଦେଇଛି,
ପ୍ରୀତି ଓ ବିଶ୍ୱାସର ଆଞ୍ଚରେ ଚା'
ତିଆରିଛି,
ଧୀରେ ଧୀରେ ପିଇବ!
ଦୁନିଆରେ ବଞ୍ଚିବାଟା,
ଏତିକି ବି କଷ୍ଟ ନୁହଁ...
ଆସ!

ମୋ: ୯୩୦୧୦୧୨୩୩୩

### ଗଜଲ
### ଚିଠି ପାଇ ଚିଠି...
**ମହମ୍ମଦ ଆୟୁବ**

ଚିଠି ପାଇ ଚିଠି ଖୋଲି ମୁଁ ଦେଖିଲି
ହାତ ଲେଖା ଥିଲା ତା'ର
ଏଇ କେତେ ପଦ ଲେଖିବା ପାଇଁକି
କେତେ ଗଢ଼ିଥିଲା ବାର ।।୦।।

ନିରୋଳାରେ ଯେବେ
ଚିଠି ଖୋଲି ପଢ଼େ
ସତ ଲେଖା ଥିଲା ତା'ର
ପଚାରି ଥିଲା ସେ ଚିଠିରେ ଲେଖିକି
ପ୍ରଣୟ କି ହେଲା ମୋର? ।।୧।।

କେମିତି କହିବି ପ୍ରଣୟ ହୋଇଛି
ନିଦ ଯେ ନ ଥିଲା ତା'ର
କାମ କରିବାକୁ ମନ ଲାଗୁ ନାହିଁ
କାହିଁ ହଉଥିଲା ତା'ର ।।୨।।

ଆସି ଛିଡ଼ା ହେଲେ ନଜର ଉଠେନି
ତଳ ମୁହଁ ଥିଲା ତା'ର
'ଆୟୁବ' ଆଜିବି ବୁଝି ପାରି ନାହିଁ
କେମିତି ସେ ହେଲା ମୋର ।।୩।।

ମୋ: ୭୯୭୮୭୨୫୪୧୮

## ପୁସ୍ତକ ପରିଚୟ

### ତୋଷାମଦ ଜିନ୍ଦାବାଦ




**ଲେଖକ:** ରାଧାଶ୍ୟାମ ରାଉଳ
**ପ୍ରକାଶକ:** ଓଡ଼ିଶା ବୁକ୍ ଏମ୍ପୋରିୟମ୍, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୧,
**ମୂଲ୍ୟ:** ଟ.୧୫୦/-

ମୋଟ ୨୮ଟି ବ୍ୟଙ୍ଗ ଗଳ୍ପର ଏକ ମନୋଜ୍ଞ ସଂକଳନ, ଯହିଁରେ ସମକାଳୀନ ସମୟ, ସମାଜ ଓ ଜୀବନ ପ୍ରତି ରହିଛି ତିର୍ଯ୍ୟକ୍ ଦୃଷ୍ଟିଭଙ୍ଗୀ। ମୋର କହିବାର କଥା ଶୀର୍ଷକ ଗଦ୍ୟରେ ଲେଖକ କହିଛନ୍ତି: "ମୋର ବ୍ୟଙ୍ଗ ଶୈଳୀ କଦାପି ଉଦ୍ଧତ ଶୈଳୀ ନୁହେଁ, ବରଂ ଅହଂ ବିନାଶକାରୀ ଶୈଳୀ ଏବଂ ଏ ପ୍ରକାର ଅନନ୍ୟ ଶୈଳୀରେ ମୁଁ ଅନୁବନ୍ଧିତ ହୋଇଆସୁଛି, ମୋ' ହେତୁ ପାଇବା ଦିନଠୁଁ ଆଜିଯାଏଁ।" 'ତୋଷାମଦ ଜିନ୍ଦାବାଦ' ହେଉଛି ରାଧାଶ୍ୟାମଙ୍କର ସପ୍ତମ ଗଳ୍ପ ସଂକଳନ ଏବଂ ବ୍ୟଙ୍ଗ ଓ ରମ୍ୟ ରଚନା ପୁସ୍ତକ କ୍ରମରେ ଏହାର ସ୍ଥାନ ଷଷ୍ଠ। ଗ୍ରନ୍ଥର ଶୀର୍ଷକ ଗଳ୍ପଟି ଭାତହାଣ୍ଡିରୁ ଗୋଟିଏ ଟିପିଲା ଭଳି ଲେଖକଙ୍କ ମୌଳିକତାର ପରିଚାୟକ ହୋଇପାରିଛି। ଗ୍ରନ୍ଥସ୍ଥ 'ସେଇ କଥା ତ', 'ମଧୁଚନ୍ଦ୍ରିକା', 'ଦ୍ୱିତୀୟ ଈଶ୍ୱର', 'ବିନା ପୁଞ୍ଜି ଲଗାଣରେ', 'କୃତଘ୍ନ', 'ଯେତେବେଳେ ଯେଉଁ କଥା', 'ନାରୀ ଶକ୍ତି ଜିନ୍ଦାବାଦ', 'ମୋତେ ଯେତେ ମାଠିବୁ ମାଠ୍', 'ଚାନ୍ଦା ପ୍ରସଙ୍ଗ', 'ବେନାମୀ ଚିଠି', 'ପ୍ରେମିକାର ସହେଲୀ' ଓ 'ମୋତେ ଚନ୍ଦାମୁଣ୍ଡ ସମ୍ପର୍କରେ' ଭଳି ଗଳ୍ପଗୁଡ଼ିକ ପଢ଼ିଲେ ମନରେ ଆନନ୍ଦ ଜନ୍ମେ ଓ ବ୍ୟଙ୍ଗ ସାହିତ୍ୟ ଯେ କେତେ ଶକ୍ତିଶାଳୀ ତାହା ବୁଝାପଡ଼େ। ଓଡ଼ିଆ ହାସ୍ୟବ୍ୟଙ୍ଗ କଥାଧାରାରେ ବହିଟି ଯେ ଏକ ରାଧାଶ୍ୟାମୀୟ ସଂଯୋଗ, ଏଥିରେ ସନ୍ଦେହ ନାହିଁ।

### ନାଗ ସଂସ୍କୃତିରେ ନାଗେଶ୍ୱରୀ ବିରଜା ଚିତ୍ରକଳ୍ପ




**ଲେଖକ:** ସାରଙ୍ଗଧର ରାୟଗୁରୁ
**ପ୍ରକାଶକ:** ନିଜେ ଲେଖକ, ବଳଗଣ୍ଡି, ପୁରୀ-୨
**ପ୍ରଥମ ପ୍ରକାଶ:** ୨୦୨୦,
**ମୂଲ୍ୟ:** ଟ.୮୫୦/-

ଆଲୋଚ୍ୟ ଗ୍ରନ୍ଥରେ ଲେଖକ ନାଗ ସଂସ୍କୃତି ଓ ଏହି ସଂସ୍କୃତି ସହ ଗଭୀର ଭାବେ ସମ୍ବନ୍ଧିତ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ସମ୍ପର୍କରେ ତଥ୍ୟାତ୍ମକ ଆଲୋଚନା କରିଛନ୍ତି। ଗ୍ରନ୍ଥର ଆଲୋଚନାକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗରେ ୨୧ଟି ଓ ଦ୍ୱିତୀୟ ଭାଗରେ ୨୪ଟି ନିବନ୍ଧ ସ୍ଥାନିତ ହୋଇଛି। ଶକ୍ତି ପୂଜନରେ ନାଗତତ୍ତ୍ୱର ଉନ୍ମେଷ ଓ ବିକାଶଠୁଁ ଆରମ୍ଭକରି ଓଡ଼ିଶାରେ ନାଗବଂଶର ଇତିବୃତ୍ତ ନାନା ତଥ୍ୟ ଓ ତତ୍ତ୍ୱର ସହାୟତାରେ ନିରୂପଣ କରାଯାଇଛି। ଏହି ଆଲୋଚନା କ୍ରମରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ନାଗେଶ୍ୱରୀ ରୂପକୁ ଲେଖକ ଉଜାଗର କରିଛନ୍ତି। ତନ୍ତ୍ରଧାରାର ଆଲୋକରେ ମା'ଙ୍କୁ ଆବିଷ୍କାର କରିବା କ୍ଷେତ୍ରରେ ବହିଟି ହେଉଛି ଓଡ଼ିଆ ଗବେଷଣାତ୍ମକ ଆକଳନର ଏକ ଅତୁଳନୀୟ ସୃଷ୍ଟି। ଗ୍ରନ୍ଥ ଶେଷରେ ରହିଛି ଲେଖକଙ୍କ ସୁଲିଖିତ ଆତ୍ମପରିଚୟ। ବହିଟି ମା' ବିରଜା ଓ ସାମଗ୍ରିକ ଭାବେ ଓଡ଼ିଶାର ନାଗ-ସଂସ୍କୃତି ସମ୍ପର୍କରେ ପରବର୍ତ୍ତୀ ଗବେଷକଙ୍କର ଅନୁସରଣୀୟ ହୋଇପାରିବ ବୋଲି ଆଶା।

## କାଳକାଳକୁ

**"ମଣିଷ ସେବନ କରୁଥିବା ନିଶା ମଧ୍ୟରେ ଶବ୍ଦ ହିଁ ସମ୍ଭବତଃ ସବୁଠୁଁ ଶକ୍ତିଶାଳୀ ନିଶା।"**
**- ରୁଡ୍‌ୟାର୍ଡ କିପ୍‌ଲିଙ୍ଗ୍**



**ରୁଡ୍‌ୟାର୍ଡ କିପ୍‌ଲିଙ୍ଗ୍‌ଙ୍କ** ଜନ୍ମ ୩୦ ଡିସେମ୍ବର ୧୮୬୫ରେ ଓ ପରଲୋକ ୧୮ ଜାନୁୟାରୀ ୧୯୩୬ରେ। ବୃତ୍ତିରେ ସେ ଥିଲେ ଖବରଦାତା, କିନ୍ତୁ ନିଶା ଥିଲା ସାହିତ୍ୟ। ଗଳ୍ପ, କବିତା ଓ ଉପନ୍ୟାସ ରଚନାରେ ସିଦ୍ଧହସ୍ତ ଏହି ଲେଖକଙ୍କର ବହୁ ସ୍ମରଣୀୟ ଗ୍ରନ୍ଥ ମଧ୍ୟରୁ ଦୁଇଟି ହେଉଛି- 'ଦ ଜଙ୍ଗଲ ବୁକ୍' ଓ 'କିମ୍'। ବିଶ୍ୱ ସାହିତ୍ୟକୁ ନିଜର ଅମୂଲ୍ୟ ଅବଦାନ ପାଇଁ ୧୯୦୭ରେ ତାଙ୍କୁ ମିଳିଛି ସାହିତ୍ୟ ପାଇଁ ନୋବେଲ ପୁରସ୍କାର। ଏହି ପୁରସ୍କାର ପାଇବାରେ କିପ୍‌ଲିଙ୍ଗ୍ ହେଉଛନ୍ତି ସର୍ବପ୍ରଥମ ଇଂଲିଶ୍ ଲେଖକ। ସେ ହିଁ ଏକଦା କହିଥିଲେ ଯେ 'ଅଜ୍ଞତାଠାରୁ ବଳି ବଡ଼ ପାପ ଆଉ ନାହିଁ- ଏହା ମନେରଖ'।

## ଗଳ୍ପ

# ଫେରନ୍ତି ଗାଡ଼ି
**କୈଳାସ ତ୍ରିପାଠୀ**

କୋଉଠୁ କେଜାଣି ଆଇଲେ ବାବୁଟେ। ଡେରା ବାନ୍ଧିଲେ ଗୁମ୍ମାରେ।

ବାବୁ ପହିଲେ ଥିଲେ କୋଲା ଗାଁରେ। ସେଇଠୁ ପରଜା ଗାଁ। ଦୁଗୁଦା, ଜୁମିୟାଁ, ଗଦବା, ମାଡ଼ବା ଗାଁ ହୋଇ ହୋଇ ଆଇଲେ ଗୁମ୍ମାକୁ। ବଣ୍ଡାଘାଟି ତାଙ୍କୁ ଭଲ ଲାଗିଲା। ରେମମାନେ ତାଙ୍କୁ ଭଲ ବି ଲାଗିଲେ ଭାଆରି।

ବାବୁ ଚାଲିଲେ ସେଇଠି। ବାଛି ବାଛି ସାଙ୍ଗ ହେଲେ ଭେଣ୍ଡିଆ ନକୁଳା ସାଙ୍ଗରେ। ଲଙ୍ଗଳା ନକୁଳାକୁ ଲେଙ୍ଗୁଟିରୁ ପୋଷାକ ପିନ୍ଧେଇଲେ। ପାଠ ଶିଖେଇଲେ। ଟାଉନ ବୁଲେଇ ଭଳିକିଭଳି ଖୋଇଲେ ପେଇଲେ।

ବାବୁ କୁଆଡ଼େ ଆସିଥିଲେ ରେମଙ୍କ ଉପରେ କ'ଣ ଲେଖାଲେଖି କରିବାକୁ। ତାଙ୍କର ଲୋଡ଼ା ଥିଲା ସାଥୀଟେ। ନକୁଳାଠୁ ବଡ଼ ସାଥୀ ଆଉ କୋଉଠୁ ମିଳିଥା'ନ୍ତା?

ବାବୁ ତାକୁ ବୁଲେଇଲେ ସହର। ସିଏ ତାଙ୍କୁ ବୁଲେଇଲା ଘାଟିକୁ ଘାଟି। ବାବୁ ଶିଖିଲେ ତା' ଭାଷା। ସିଏ ଶିଖିଲା ତାଙ୍କର।

ଦିନେ ଡିଙ୍ଗର ବୁଲୁବୁଲୁ ବାବୁ ପଚାରିଲେ ହଇରେ ନକୁଳା- ତମେ ସବୁ ଲଙ୍ଗଳା ମୁକୁଳା ହେଇ ବୁଲୁଚ, ଲାଜ ଲାଗୁନି? ମାଇପି ମିଣିପି ସବୁଗୁଡ଼ାକ ଲଙ୍ଗଳା?

ବାବୁଙ୍କ ଆଖି କଳା ଚଷମା ଫାଙ୍କରୁ ଲାଖିଥାଏ ପାହାଡ଼ ଝରଣାରେ ଗାଧଉଥିବା ଟୋକୀଙ୍କ ଉପରେ। ଉଧୁଲଙ୍ଗଳା ଦିହର ଢିପା ଢିପା, ଖାଲ ଖାଲ ଥାନମାନଙ୍କରେ। ନକୁଳା ଦାଣ୍ଟେଇକି କହିଲା- ଲାଜ କାଇଁକି ଲାଗିବ ମାହାପୁରୁ? ସୀତା ମାଇ ପରା ଶିୟାପ ଦେଇଚି।

- ଶିୟାପ?

- ହଁ, ମାହାପୁରୁ! ସୀତା ମାଇ ଗାଧଉଥିଲା ଲଙ୍ଗଳା। ଆମ ମାଆ ଯାଇ ହସିଲେ। ସେଇଠୁ ସିଏ ଦେଲା ଶିୟାପ। ଲଙ୍ଗଳା ରହ। ନଇଲେ ବଉଁଶ ବୁଡ଼ିବ। ସୀତା ମାଇର କୁପକୁ କା'ର ଡର ନାଇଁ? ସେଇ ଦିନଠୁ ଆମ ମାଇପେ ଲଙ୍ଗଳା।

ବାବୁ ଗପ ଶୁଣୁଥା'ନ୍ତି ହୁଁ ହାଁରେ। ଆଖି କୁଡ଼େଇଥାନ୍ତି ଝରଣାରେ।

ଟୋକୀଏ ଆଇଲେ କୂଳକୁ। ଲଙ୍ଗଳା ଦିହ ପାଣି ଆଉଟାରେ ଦୁଶୁଥାଏ ଚକମକ। ବାବୁ ଅନେଇଥାନ୍ତି ଆବାକାବା।

ଟୋକୀଏ ସେଇଠୁ ଅଣ୍ଟାରେ ଗୁଡ଼େଇଲେ କେରଂଗ। ଚାଲିଗଲେ ଡାଙ୍ଗରରେ। ଲିଭିଗଲେ ଗଛ ଉହାଡ଼ରେ।

ବାବୁ ଅନେଇଥା'ନ୍ତି ସେମାନେ ଅଦୁରୁଶ ହେଲାଯାଏ। ନକୁଳା ଦେଖୁଥାଏ, କ'ଣ ଦେଖୁଚି ଏ ମାହାପୁରୁଟା। କା'କୁ ଦେଖୁଚି?

ଆଉ କିଏ ହେଇଥିଲେ ଦି'ଗଡ଼। ହେଲେ ମାହାପୁରୁଟା ଆପଣାର ଆପଣାର ହେଇଯାଇଛି। ଟାଙ୍ଗିଆ ଉଠିବ କୁଆଡୁ?

ସେ ନିଘା କଲା ଆଉ କୁଆଡ଼କୁ।

ସେଦିନ ନକୁଳାର ବିଭାଘର। ସେ ବିଭାହେଲା ସତର ବରଷର ମାଙ୍ଗିଲ ଟୋକୀକୁ। ଦେଲା ଗାଈ, ମେଣ୍ଢା, ଛେଳି, କୁକୁଡ଼ା, ମଦଭାର ଆଉ ସଲପ ଗଛ। ଧୁମ୍ ନାଚ ଧୁମ୍ ଗୀତରେ ସେ ବିଭା ହେଲା ମାଙ୍ଗିଲକୁ।

ବିଭାଘର ଦିନ କିନ୍ତୁ ନକୁଳା କାନ୍ଦିଲା। କାନ୍ଦିଲା ବହେ। ବାବୁ ପଚାରିଲେ- କିରେ, ଆଜିପରା ଦିନରେ ତୋ' କାନ୍ଦ କାଇଁକି?

ନକୁଳା ଆଖି ପୋଛୁ ପୋଛୁ କହିଲା- ନାଇଁ ମାହାପୁରୁ। ବାପଟା ମନେପଡୁଚି।

- ତୋ ବାପ କୁଆଡ଼େ ଗଲା କି?

- କୁଆଡ଼େ ନାଇଁ ମାହାପୁରୁ। ଗଲାବରଷ ମୁଇଁ ତାକୁ ତୀର ବିନ୍ଧି ମାରିଦେଲି।

- ଏଁ!

- ହଁ, ମୋ' ସଲପ ଗଛରୁ ମଦ ପିଇଦେଲା। ମୁଇଁ ତାକୁ ମାରିଦେଲି।

- ମଦ ପିଇଦେଲା ଯେ ମାରିଦେଲୁ?

- ହଁ, ଆମର ଏଇଠି କିଏ କା' ଗଛରୁ ମଦ ନେଇପାରିବନି। ବାପ ନେଇଗଲା। ମୁଁ ତାକୁ ଛାଡ଼ି ଦେଇଥା'ନ୍ତି କେମିତି?

- ଆହା... କେଡ଼େ କଥାଟେ କରିଦେଲୁରେ?

- କାଇଁକି? ପେଣ୍ଡମ ଗଛରୁ ନେଲାନି? ଛାଡ଼ି ଦେଇଥା'ନ୍ତି। ହେଲେ...

- ସେଇଠୁ? ପୁଲିସି?

- ବାନ୍ଧିନେଲା ମାହାପୁରୁ। ପିଟିଲା। ହେଲେ ଛାଡ଼ିଦେଲା। କୁକୁଡ଼ା, ଛେଳି ସବୁ ନେଇଗଲା। କହିଲା, କା'କୁ କହିବୁନି ଏ କଥା ହଁ...

ବାବୁ କ'ଣ ଭାବିଲେ। ତା'ପରେ କହିଲେ- ହଉ, ବାପ ତ ମଲାଣି। ଛାଡ଼ ସେ କଥା।

- ଛାଡ଼ି ହଉନି ମାହାପୁରୁ। ସବୁବେଳେ ମନେପଡୁଛି ବାପଟା। ପାଟଖଣ୍ଡା, ଚଇତି, ନୂଆଁଖାଇ, ବିଜା, ସବୁ ପରବରେ କେଡ଼େ ମଉଜ କରୁଥିଲୁ। ଶିକାର କରୁଥିଲୁ ସାଙ୍ଗ ହେଇ। ଥିଲେ କେଡ଼େ ଖୁସି ହେଉ ନ ଥା'ନ୍ତା!

ବାବୁ ତାକୁ ବୋଧ କଲେ। ଆଖିରୁ ଲୁହ ପୋଛି ଦେଲେ ରୁମାଲରେ। ପିଠି ଥାପୁଡ଼େଇଲେ।

ହେଲେ ତାଙ୍କ ଆଖିଟା ଲଟେଇ ଯାଇଥିଲା ମାଙ୍ଗିଲ ଉପରେ।

ସେ ଦିନ ବାବୁ ତାକୁ ଦେଲେ ସୁନାମୁଦି, ଶାଢ଼ି। ନକୁଳାକୁ ଦେଲେ ବିଲେଇତି ମଦ। ରାତିସାରା ତାଙ୍କ ସାଙ୍ଗରେ ନାଚିଲେ ଡେଇଁଲେ। ଭୋଜି ଭାତ ଖାଇଲେ। ସଲପ ପିଇଲେ। ପେଣ୍ଡମ ପିଇଲେ।

ସକାଳୁ ସକାଳୁ ଫେରିଆସିଲେ ଡେରାକୁ।

ବାବୁ ଦିନେ ପହଞ୍ଚିଥିଲେ ଗାଡ଼ିରେ। କହିଲେ- ହଇରେ ନକୁଳା, ତୋ' ବାପର ମର୍ଡ଼ର କେସ୍‌ଟା ପୁଣି ଉଠିଲାଣି। କିଏ କେଜାଣି ବଡ଼ ପୁଲିସ ସାଇବକୁ ଖବର ଦେଇ ଦେଇଚି। ସିଏ ତତେ ଡକେଇଚନ୍ତି। ପୁଲିସି ଆସିବ। ବାଡ଼େଇ ବାଡ଼େଇ ନବ। ତୁ ଆ' ମୋ' ସାଙ୍ଗରେ। ସାଇବ ପାଖକୁ ଯିବା। ମୁଁ ବୁଝେଇ ଦେବି। ତୋର କିଛି ହବନି। ଆ।

ନକୁଳା ଛାନିଆରେ ବାହାରିପଡ଼ିଲା। ଏତେ ଛେଳି କୁକୁଡ଼ା ବୋହିନେଲା ପୁଲିସି। କହିଲା, କା'କୁ କହିବୁନି। କହି କହି ତ ସିଏ ମାହାପୁରୁଟାକୁ ଯା' କହିଥିଲା। ହେଲେ...

ଆଗକୁ ଆଉ କିଛି ହେଜି ପାରିଲାନି ନକୁଳା। ବାହାରି ପଡ଼ିଲା ବାବୁ ସାଥିରେ।

ବାବୁ କହିଲେ- ଆରେ ମାଙ୍ଗିଲଟାକୁ ଆଣି ଆସୁନୁ ସାଙ୍ଗରେ। ବୁଲି ଆସିବ। ସଞ୍ଜ ସଞ୍ଜକୁ ଫେରିଆସିବାନି!

ନକୁଳା ନାଇଁ କଲାନି। ବାବୁ ଚାହୁଁଚି ତ ଆସୁ। ମାଙ୍ଗିଲ ସଜ ହେଲା। ଗାଡ଼ିରେ ବସିଲା ନକୁଳା ସାଥିରେ। ଗାଁ ସାରା ରୁଣ୍ଡ ହୋଇଥିଲେ ଦୁଆରରେ। ସହରୀ ଗାଡ଼ି ଲାଗିଚି। ନକୁଳା ବି ବାବୁ ସମାନିଆ ହେଇଗଲାଣି। ପୋଷାକ ପିନ୍ଧୁଚି। କଥା କହୁଚି ବାଗେଇ ବୁଗେଇ। ସାଇବ ଭାଷାରୁ ଖଞ୍ଜି ପକଉଚି ପଦେଅଧେ। ବିଲେଇତି ବୋତଲରୁ ଗୋଟେ ଯୋଡ଼େ ଗଡ଼ଉଚି ଦୁଆରରେ। ସିଗ୍ରେଟ ପିଉଚି। ବାସେନା ସାବୁନୁରେ ଗାଧଉଚି।

ନକୁଳା ଯିମିତି ଗୁମ୍ମା ଗାଁରେ ଏକଲା ବାବୁ, ମାଙ୍ଗିଲ ବି କମ୍ ବାବୁଆଣୀ ନୁହଁ। ସିଏ ଆଉ କେରାଙ୍ଗ ପିନ୍ଧୁନି। କି ମୁଣ୍ଡରେ ମାଳି ଗଳଉନି।

ଗାଡ଼ି ଗଡ଼ିଲା ଆଗକୁ। ପିଲେ ଗୋଡ଼େଇଲେ ପଛରେ। ଗାଡ଼ି ଚାଲିଲା ଧୂଳି ଉଡ଼େଇ ଡାଙ୍ଗରରେ। ଶେଷକୁ ଆଉ ଦୁଶିଲାନି। ଉଭାନ୍ ହେଇଗଲା ଡେଙ୍ଗା ଡେଙ୍ଗା ଶାଳ ପିଆଶାଳ, କସି, କୁରୁମ ଜଙ୍ଗଲ ସନ୍ଧିରେ।

ଜଙ୍ଗଲ ପାହାଡ଼ର ମିଛିମିଛିକା ସଞ୍ଜର ଆଲୁଅ ଅନ୍ଧାର ଭିତରେ ସତସତିକା ସଞ୍ଜ ପାଦ ଥାପିଲା। ସୂରୁଯ ଦେବତା ଛୁଇଁଲେ ପଚ୍ଛିମ ପାହାଡ଼ର ମଥାନ। ଢୋଳେଇ ପଡ଼ିଲେ ପାହାଡ଼ କୋଳରେ।

ସଞ୍ଜ ଆସିଲା। ସଞ୍ଜ ଗଲା। ରାତି ଘୋଡ଼େଇଲା ଗାଁକୁ। ଶୁଭିଲା ଭୋ ଓ ଭୋ... ହୁକ୍କୋ... ହୋ...। ଶୁଭିଲା ହୁକ୍... ହୁକ୍...। ହେଣ୍ଟାଳ ପେଁ କାଳ। ସବୁ ଶୁଭିଲା, ଯିମିତି ଶୁଭେ ଫି ରାତି।

ହେଲେ ଶୁଭିଲାନି ଆଉ ସେ ଫେରନ୍ତି ଗାଡ଼ିର ଘୁଁ। ଗାଁ ସାରା ଅନେଇଲେ। କାନେଇଲେ ଶୋଇପଡ଼ିଲେ। ନକୁଳା ଫେରିଲା ସକାଳୁ ଶୁଖିଲା ମୁହଁରେ। କହିଲା- ମାହାପୁରୁଟା ମାଙ୍ଗିଲକୁ ପଟକେଇ ନେଇଗଲା କୁଆଡ଼େ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଶନିବାର, ଡିସେମ୍ବର ୨୫/୨୦୨୧ Balasore, Saturday, December 25/ 2021






रेलୱେ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ଚତୁର୍ଥ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଖେଳିବା ଅବସରରେ ଦୁଇ ପ୍ରତିଯୋଗୀ।



ଆକର୍ଷଣର କେନ୍ଦ୍ରବିନ୍ଦୁ ମାସ୍କଟ ଓଲି।

# ପାରାଲିମ୍ପିଆନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଟୋକିଓ ପାରାଲିମ୍ପିକ୍ସରେ ପଦକ ହାସଲ କରିଥିବା ପାରା ଆଥଲେଟମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ବାସଭବନରେ ଶୁକ୍ରବାର ସମ୍ବର୍ଦ୍ଧିତ କରିଛନ୍ତି। ସମସ୍ତ ପାରା ଆଥଲେଟଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ପାରା ସ୍ପୋର୍ଟ୍ସ ଇଭେଣ୍ଟ ଓ ପାରା ଆଥଲେଟମାନଙ୍କୁ ସମର୍ଥନ କରିବା ନେଇ ସେ ଏହି ଅବସରରେ ପ୍ରତିଶ୍ରୁତି ଦେଇଛନ୍ତି। ଭୁବନେଶ୍ୱରରେ ଚାଲିଥିବା ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ସବୁ ଆଥଲେଟଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି। ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଅଧ୍ୟକ୍ଷା ଦୀପା ମଲିକ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ନିବାସରେ ଦୀପା ମଲିକଙ୍କ ସମେତ ପ୍ରଭାକର ରାଓ (ପାରା- ବ୍ୟାଡମିଣ୍ଟନ ଇଣ୍ଡିଆ ଅଧ୍ୟକ୍ଷ), ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ମୁଖ୍ୟ କୋଚ୍ ଗୌରବ ଖାନ୍ନା, ଓଡ଼ିଶା ପାରା ବ୍ୟାଡମିଣ୍ଟନ ମୁଖ୍ୟ କୋଚ ଶିବ ପ୍ରସାଦ ଦାସ, ଟୋକିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ, ବ୍ରୋଞ୍ଜ ପଦକ ବିଜେତା ମନୋଜ ସରକାର, ପାରାଲିମ୍ପିଆନ ତରୁନ ଧିଲନ, ପାରୁଲ କୁମାର, ପଲକ କୋହଲି ଓ ଅର୍ଜୁନ ପୁରସ୍କାର ବିଜେତା ରାଜକୁମାରଙ୍କୁ ସମ୍ମାନିତ କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସମ୍ବର୍ଦ୍ଧିତ ପାରା ଆଥଲେଟ୍‌ମାନେ ।

# ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ

ଭୁବନେଶ୍ୱର,୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଚତୁର୍ଥ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପାରାମ୍ପରିକ ଶୈଳୀରେ ଏକ ରଙ୍ଗାରଙ୍ଗ ଉତ୍ସବରେ ଧୂମ୍‌ଧାମରେ ଏହି ମେଗା ଇଭେଣ୍ଟ ଉଦ୍‌ଘାଟିତ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ମିଳିତ ଭାବେ ଏହି ୩ ଦିନିଆ ମେଗା ଇଭେଣ୍ଟ ଆୟୋଜନ କରୁଛନ୍ତି। ଏଥିରେ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଦୁଇଟି ଭେନ୍ୟୁ ଭୁବନେଶ୍ୱର ରେଲୱେ ଇନଡୋର ଷ୍ଟାଡିୟମ ଓ ଉଡାନ ବ୍ୟାଡମିଣ୍ଟନ ଏକାଡେମୀରେ ଏହି ପ୍ରତିଯୋଗିତା ଆୟୋଜନ ହେଉଛି। ଏହା ୨୬ ତାରିଖ ରବିବାର ଶେଷ ହେବ। ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ ଓ ବ୍ୟାଡମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ ତତ୍ତ୍ୱାବଧାନରେ ଏହି ଚାମ୍ପିୟନଶିପ ଆୟୋଜନ ହେଉଛି।

ଏ ନେଇ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ କ୍ରୀଡ଼ାମନ୍ତ୍ରୀଙ୍କ ସମେତ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣା, ପଦ୍ମଶ୍ରୀ ପୁରସ୍କାର ବିଜୟୀ ତଥା ପାରାଲିମ୍ପିକ୍ସ ଇଣ୍ଡିଆ ସଭାପତି ଦୀପା ମଲିକ, ପାରା ବ୍ୟାଡମିଣ୍ଟନ ଇଣ୍ଡିଆ ଅଧ୍ୟକ୍ଷ ପ୍ରଭାକର ରାଓ, ରାଜ୍ୟ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ନିୟୋଜିତ କମିଶନର ସୁଲୋଚନା ଦାସ, ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଧ୍ୟକ୍ଷ କମଳା କାନ୍ତ ରଥ ଓ ଉଡାନ ଏକାଡେମୀ ଚେୟାରମ୍ୟାନ ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଟୋକିଓ ପାରାଲିମ୍ପିକ୍ସରେ ଆମ ପାରା ଆଥଲେଟମାନେ ଉଚ୍ଚକୋଟୀର ପ୍ରଦର୍ଶନ କରି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ଓ ସେମାନଙ୍କ ପାଇଁ ଆମେ ଗର୍ବିତ ବୋଲି କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ କହିଥିଲେ। ଚତୁର୍ଥ ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆୟୋଜନ କରୁଥିବାରୁ ଆମେ ଗର୍ବ ଅନୁଭବ କରୁଛୁ ଓ ଏହି ଇଭେଣ୍ଟକୁ ଆମେ ସମସ୍ତଙ୍କୁ ସ୍ୱାଗତ କରୁଛୁ। ଏହି ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜନ ହେବ ବୋଲି ଆଶା କରୁଛି ବୋଲି ସେ କହିଛନ୍ତି।

କ୍ରୀଡ଼ା ବିକାଶରେ ଓଡ଼ିଶା ସାରା ଦେଶରେ ଦୃଷ୍ଟାନ୍ତମୂଳକ ଭୂମିକା ଗ୍ରହଣ କରିଛି। ବିଭିନ୍ନ କ୍ରୀଡ଼ାର ସମର୍ଥନ କରିବାରେ ଓଡ଼ିଶା ସବୁଠାରୁ ଆଗରେ ରହିଛି। କ୍ରୀଡ଼ାକୁ ନୂଆ ସୋପାନରେ ପହଞ୍ଚାଇବାରେ ଓଡ଼ିଶା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସହ ଉଦାହରଣ ସୃଷ୍ଟି କରିଛି ବୋଲି ଦୀପା ମଲିକ କହିଛନ୍ତି। ଏବେ ଓଡ଼ିଶା ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଆୟୋଜନ କରୁଛି। ପାରା ବ୍ୟାଡମିଣ୍ଟନ ଇଭେଣ୍ଟରେ ଆମ ଦେଶର ଖେଳାଳିମାନେ ୪ଟି ପାରାଲିମ୍ପିକ୍ ପଦକ ହାସଲ କରିଛନ୍ତି। ଏହି ଚାମ୍ପିୟନଶିପ ଆୟୋଜନ ନେଇ ଓଡ଼ିଶା ସରକାର ଓ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସହ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ ଗର୍ବ ଅନୁଭବ କରୁଛି ବୋଲି ଦୀପା କହିଛନ୍ତି। ଏହି ଟୁର୍ନାମେଣ୍ଟକୁ ସଫଳ ଭାବେ ଆୟୋଜନ କରିବାକୁ ଆମେ ଦିନ ରାତି କାର୍ଯ୍ୟକରିଛୁ ଓ ଏ ନେଇ ଆମେ କୌଣସି କାର୍ଯ୍ୟରେ ହେଳା କରିନାହୁଁ ବୋଲି କମଳା କାନ୍ତ ରଥ କହିଛନ୍ତି। କ୍ରୀଡ଼ାମନ୍ତ୍ରୀ ଏହି ଚାମ୍ପିୟନଶିପ୍ ଉଦ୍‌ଘାଟନ କରିଥିବାରୁ ଆମେ ତାଙ୍କ ପାଖରେ କୃତଜ୍ଞ ଓ ଏହାକୁ ଆମେ ବଡ଼ ଆକାରରେ ଆୟୋଜନ କରୁଛୁ ବୋଲି ଉଡାନ ଏକାଡେମୀ ଅଧ୍ୟକ୍ଷ ଆଶୋକ ମିଶ୍ର କହିଛନ୍ତି।




ଶୁକ୍ରବାର ଜାତୀୟ ପାରା ବ୍ୟାଡମିଣ୍ଟନ ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ କର୍ମକର୍ତ୍ତା।

## ଆନ୍ତଃମଣ୍ଡଳ ସିଏମ୍‌ପିଡିଆଇ ଚେସ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୪।୧୨ (କ୍ରୀଡ଼ା ପ୍ରତିନିଧି)

ଆନ୍ତଃମଣ୍ଡଳ ସିଏମ୍‌ପିଡିଆଇ (ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନ୍‌ଷ୍ଟିଚ୍ୟୁଟ) ଚେସ୍ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଛି। ଏହାର ଦଳଗତ ବିଭାଗରେ ରାଞ୍ଚି ହେଡ୍‌କ୍ୱାର୍ଟର ଚାମ୍ପିୟନ ହୋଇଥିବାବେଳେ ବ୍ୟକ୍ତିଗତ ବିଭାଗରେ ବିଳାସପୁର ଆରଆଇ-୫ର ସନ୍ତୋଷ ଚୌଧୁରୀ ଟାଇଟଲ ହାସଲ କରିଛନ୍ତି। ଦଳଗତ ବିଭାଗରେ ବିଳାସପୁର ଆରଆଇ-୫ ଏବଂ ବ୍ୟକ୍ତିଗତରେ ଏମ୍.ଡି. ଆଶଫାକ୍ୟୁ (ରାଞ୍ଚି) ରନର୍ସଅପ୍ ହୋଇଥିଲେ। ଗତ ୨୦ ତାରିଖରୁ ୩ ଦିନଧରି ଏହି ପ୍ରତିଯୋଗିତାକୁ ସ୍ଥାନୀୟ ମଣ୍ଡଳ ଆରଆଇ ୭ ଆୟୋଜନ କରିଥିଲେ। ମଣ୍ଡଳର କ୍ରୀଡ଼ା ସଚିବ ଅଲେଖ ନାୟକ ଓ କ୍ରୀଡ଼ା ସହ ସମ୍ପାଦକ ପି. ସବାପଥିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ.ଆର. ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଫିଡେ ଆର୍ବିଟର ଭବେଶ ମହାନ୍ତି ଓ ଏଲୋ ରେଟେଡ ଖେଳାଳି ଅବିନାଶ ଦାସ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ କ୍ଷେତ୍ରୀୟ ନିର୍ଦ୍ଦେଶକ ଆର.କେ. ମହାପାତ୍ର ଓ ସମ୍ମାନିତ ଅତିଥିଭାବେ ଏସ.କେ. ମାଇତି ଯୋଗଦେଇ କୃତି ଖେଳାଳିଙ୍କୁ ଟ୍ରଫି ଓ ପଦକ ପ୍ରଦାନ କରିଥିଲେ।

# ଫାଇନାଲରେ ଇଷ୍ଟକୋଷ୍ଟ ରେଲୱେ

**ସୋର, ୨୪।୧୨ (ଡି.ଏନ୍.ଏ.):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି କ୍ରିକେଟ ପଡ଼ିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୩ତମ ମହାବୀର ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଏଚ୍‌ସିଏ, ଭାଇଜାଗକୁ ହରାଇ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଫାଇନାଲରେ ପ୍ରବେଶ କରିଛି। ଏଚ୍‌ସିଏ, ଭାଇଜାଗ ୨୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୮୬ ରନ୍ କରିଥିଲା। ଜବାବରେ ଇଷ୍ଟକୋଷ୍ଟ ରେଲୱେ ୨୫.୩ ଓଭରରେ ୫ ଉଇକେଟ୍ ହରାଇ ୧୮୭ ରନ୍ କରି ବିଜୟୀ ହୋଇଥିଲା। ଇଷ୍ଟକୋଷ୍ଟ ରେଲୱେର ଅଭିଷେକ ଯାଦବ ୫୩ ବଲ୍‌ରେ ୬୦ରନ୍ ସଂଗ୍ରହ କରିବା ସହ ୫ ଓଭର ବୋଲିଂ କରି ୨ ଉଇକେଟ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଖେଳକୁ ଓସିଏ ପ୍ୟାନେଲ ଅମ୍ପାୟାର ପ୍ରାଣନାଥ ଜେନା ଏବଂ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ଜ୍ଞାନରଞ୍ଜନ ଘଡାଇ ଓ ସୁରଞ୍ଜନ ମଲ୍ଲିକ ଦାୟିତ୍ୱ ତୁଲାଇଥିବା ବେଳେ ସ୍କୋରର ଥିଲେ ଜୟନ୍ତ ଜେନା, ଜ୍ଞାନରଞ୍ଜନ ନାୟକ ଓ ଦେବାଶିଷ ପ୍ରିୟଦର୍ଶୀ। ସଭାପତି ଅଖିଳରାମ ଜେନା, ସମ୍ପାଦକ ବୀରେନ୍ଦ୍ର ଜେନା, ବାସୁଦେବ ଜେନା, ଚିତ୍ତରଞ୍ଜନ ଜେନା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ଫାଇନାଲ ମ୍ୟାଚ୍ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଏବଂ ସେରସା ଖଡ଼ଗପୁର ମଧ୍ୟରେ ହେବ।

# ହିମାଚଳ-ତାମିଲନାଡୁ ଫାଇନାଲ

**ବିଜୟ ହଜାରେ ଟ୍ରଫି**

ଜୟପୁର,୨୪।୧୨: ଘରୋଇ ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫିର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମରେ ଟାଇଟଲ ପାଇଁ ହିମାଚଳ ପ୍ରଦେଶ ଓ ତାମିଲନାଡୁ ଫାଇନାଲ ମୁକାବିଲରେ ଅବତୀର୍ଣ୍ଣ ହେବେ। ଶୁକ୍ରବାର ପ୍ରଥମ ସେମିଫାଇନାଲରେ ହିମାଚଳ ୭୭ ରନରେ ସର୍ଭିସେସକୁ ଓ ଦ୍ୱିତୀୟ ସେମିଫାଇନାଲରେ ତାମିଲନାଡୁ ୨ ଉଇକେଟରେ ସୌରାଷ୍ଟ୍ରକୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

ପ୍ରଥମେ ବ୍ୟାଟିଂ କରି ହିମାଚଳ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୨୮୧ ରନ କରିଥିଲା। ଜବାବରେ ସର୍ଭିସେସ୍ ୪୬.୧ ଓଭରରେ ୨୦୪ ରନକରି ଅଲଆଉଟ ହୋଇଥିଲା। ସର୍ଭିସେସ ତରଫରୁ ଅଧିନାୟକ ରଜତ ପାଲିୱାଲ ସର୍ବାଧିକ ୫୫, ରବି ଚୌହାନ ୪୫ ରନକରି ଆଉଟ ହୋଇଥିଲେ। ବୋଲିଂରେ ହିମାଚଳର ଋଷି ଧାୱନ ସର୍ବାଧିକ ୪, ସିଦ୍ଧାର୍ଥ ଶର୍ମା ଓ ଆକାଶ ବଶିଷ୍ଠ ୨ଟି ଲେଖାଏ, ପଙ୍କଜ ଜୟସ୍ୱାଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ହିମାଚଳ ତରଫରୁ ଅଧିନାୟକ ଋଷି ଧାୱନ ସର୍ବାଧିକ ୮୪, ପ୍ରଶାନ୍ତ ଚୋପ୍ରା ୭୮, ଦିଗ୍‌ବିଜୟ ରଙ୍ଗି ୩୭, ନିଖିଲ ଗଙ୍ଗଟା ୧୬ ରନକରି ଆଉଟ ହୋଇଥିବା ବେଳେ ଆକାଶ ବଶିଷ୍ଠ ୪୫ ରନକରି ଅପରାଜିତ ରହିଥିଲେ। ବୋଲିଂରେ ସର୍ଭିସେସ ପକ୍ଷରୁ ରାଜ ବହାଦୁର ୨, ଦିୱେଶ ପଠାଣିଆ, ଅଭିଷେକ ତିୱାରୀ ଓ ରାହୁଲ ସିଂ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

### ଶେଷ ବଲ୍‌ରେ ଜିତିଲା ତାମିଲନାଡୁ

ସ୍ଥାନୀୟ କେ.ଏଲ. ସଇନି ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ହାଇସ୍କୋରିଂ ଦ୍ୱିତୀୟ ସେମି ଫାଇନାଲରେ ତାମିଲନାଡୁ ଶେଷ ବଲ୍‌ରେ ସୌରାଷ୍ଟ୍ରକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ସୌରାଷ୍ଟ୍ର ୫୦ ଓଭରରେ ୮ ଉଇକେଟ ହରାଇ ୩୧୦ ରନ ସଂଗ୍ରହ କରିଥିଲା। ଜବାବରେ ତାମିଲନାଡୁ ୫୦ ଓଭରରେ ୮ ଉଇକେଟ ହରାଇ ୩୧୪ ରନ ସଂଗ୍ରହ କରି ବିଜୟୀ ହୋଇଛି। ତାମିଲନାଡୀ ତରଫରୁ ଓପନର ବାବା ଅପରାଜିତ ସର୍ବାଧିକ ୧୨୨ ରନର ଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୭୦, ବାବା ଇନ୍ଦ୍ରଜିତ ୫୦, ଦୀନେଶ କାର୍ତ୍ତିକ ୩୧ ରନ ସଂଗ୍ରହ କରିଥିଲେ। ବୋଲିଂରେ ସୌରାଷ୍ଟ୍ରର ଚେତେନ ସାକାରିୟା ସର୍ବାଧିକ ୪, ଯୁବରାଜ ଚୁଡସମା ୨ ଓ ଜୟଦେବ ଉନାଡକଟ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ସୌରାଷ୍ଟ୍ର ତରଫରୁ ଉଇକେଟକିପର ବ୍ୟାଟର ସେଲଡନ ଜ୍ୟାକସନ ୧୩୪ ରନର ଶତକୀୟ ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ବିଶଭରାଜ ଜାଡେଜା ୫୨, ଅର୍ପିତ ଭାସଭଡା ୫୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ତାମିଲନାଡୁର ବିଜୟ ଶଙ୍କର ସର୍ବାଧିକ ୪, ରଗୁପତି ସିଲାମ୍ବରସରନ ୩, ମନିମରନ ସିଦ୍ଧାର୍ଥ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।




ଶତକ ହାସଲ କରିଥିବା ତାମିଲନାଡୁ ବ୍ୟାଟ୍ସମ୍ୟାନ ବାବା ଅପରାଜିତ (ଡାହାଣ)।

# ଆର୍ନା ରାଜ ରନର୍ସଅପ୍

**୧୪ ବର୍ଷରୁ କମ୍ ଏଆଇଟିଏ ସିରିଜ**

**ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ନୋଇଡାରେ ଅନୁଷ୍ଠିତ ଏଆଇଟିଏ ସିଏସ୍ ୧୪ ବର୍ଷରୁ କମ୍ ଇଭେଣ୍ଟରେ ଓଡ଼ିଶାର ଆର୍ନା ରାଜ ରନର୍ସଅପ ବିବେଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ସେ ଦିଲ୍ଲୀର ସେ ଜି. ଗାବାଙ୍କଠାରୁ ୬-୨, ୬-୭, ୩-୬ ସେଟ୍‌ରେ ପରାସ୍ତ ହୋଇଥିଲେ। ଏହି ଟୁର୍ନାମେଣ୍ଟ ୨୧ ତାରିଖରେ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହୋଇଥିଲା। ଆର୍ନା ପ୍ରତିଷ୍ଠିତ କୋଚ୍ ଶୁଭ୍ରାଂଶୁ ଷଡଙ୍ଗୀଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ।




ପୁରସ୍କାର ସହ ଆର୍ନା ଓ ଜି. ଗାବା।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଡିସେମ୍ବର ୨୫/୨୦୨୧ (୧୨+୮=୨୦ ପୃଷ୍ଠା) | Balasore, Saturday, December 25/2021 | ପୃଷ୍ଠା-୧



**କ୍ରିକେଟରୁ ହରଭଜନଙ୍କ ଅବସର**
ଭାରତର ଅଭିଜ୍ଞ ଅଫ୍ ସ୍ପିନର ହରଭଜନ ସିଂ କ୍ରିକେଟର ସବୁ ଫର୍ମାଟରୁ ଅବସର ନେଇଛନ୍ତି।
୦୮

୦୭
**ଧଳା ପୋଷାକକୁ ଅନନ୍ୟାଙ୍କ ନାପସନ୍ଦ**
ବଲିଉଡ ଷ୍ଟାର କିଡ୍ ତଥା ନବାଗତା ନାୟିକା ଅନନ୍ୟା ପାଣ୍ଡେଙ୍କର ଧଳା ପୋଷାକ ଆଦୌ ପସନ୍ଦ ନୁହେଁ।






# ନିୟମିତ ହେବେ ବହୁଭାଷୀ ଶିକ୍ଷା ସହାୟକ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ନିୟମିତ ହେବେ ୩୩୨୮ ବହୁଭାଷୀ ଶିକ୍ଷା ସହାୟକ। ୬ ବର୍ଷ ପରେ ସେମାନଙ୍କୁ ସହକାରୀ ଶିକ୍ଷକ ମାନ୍ୟତା ମିଳିବ। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଆଦିବାସୀ ଅଧ୍ୟୁଷିତ ୧୭ ଜିଲାରେ ବସବାସ କରୁଥିବା ଜନଜାତିମାନଙ୍କ ନିଜସ୍ୱ ମାତୃଭାଷାରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଉକ୍ତ ବହୁଭାଷୀ ଶିକ୍ଷା ସହାୟକମାନଙ୍କୁ ୨୦୧୩ରେ ନିଯୁକ୍ତି ଦିଆଯାଇଥିଲା। ଯେଉଁ ଶିକ୍ଷା ସହାୟକମାନେ ୩ ବର୍ଷ ନିରବଚ୍ଛିନ୍ନ ତଥା ସନ୍ତୋଷଜନକ ଭାବେ ଶିକ୍ଷକତା କରିଥିବେ ସେମାନେ କନିଷ୍ଠ ଶିକ୍ଷକ ଭାବେ ପରିଣତ ହେବେ। ଯେଉଁ କନିଷ୍ଠ ଶିକ୍ଷକମାନେ ୩ ବର୍ଷ ସନ୍ତୋଷଜନକ ଶିକ୍ଷକତା କରିଥିବେ ସେମାନେ ସହାୟକ ଶିକ୍ଷକ ହେବେ। ଏହି ଶିକ୍ଷକମାନଙ୍କ ଚାକିରି ନିୟମିତ ହେବା ପରେ ସେମାନେ ଓଡ଼ିଶା ପ୍ରାଥମିକ ଶିକ୍ଷା ରୁଲ୍ ୧୯୯୭ ଏବଂ ସମୟାନୁଯାୟୀ ସଂଶୋଧନ ନିୟମ ଅଧୀନରେ ପରିଚାଳିତ ହେବେ। ଏହାକୁ ମିଶାଇ ମୋଟ ୧୩ଟି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି।

ରାଜ୍ୟରେ ଗ୍ରୀଡ୍ ସବ୍‌ଷ୍ଟେଶନ, ପ୍ରାଇମେରୀ ସବ୍‌ଷ୍ଟେଶନ ଓ ବିଦ୍ୟୁତ୍ ଲାଇନର ସଦୁପଯୋଗ ନିମନ୍ତେ ଚିହ୍ନଟ ହୋଇଥିବା ଲୋଭୋଲଟେଜ ଅଞ୍ଚଳଗୁଡ଼ିକରେ ଅତିରିକ୍ତ ୩୩/୧୧ କେଭି ସବ୍‌ଷ୍ଟେଶନ ଏବଂ ସ୍ୱତନ୍ତ୍ର ୩୩ କେଭି ସବ୍‌ଷ୍ଟେଶନ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକର ଲୋଡ୍‌କୁ ଆଧାର କରି ଓପିଟିସିଏଲ୍ ୧୭୨୬.୭୩ କୋଟି ଟଙ୍କା ବ୍ୟୟ ଅଟକଳରେ ୯୯ଟି ୩୩/୧୧ କେଭି ସବ୍‌ଷ୍ଟେଶନ ଏବଂ ୮୧୨.୦୫ କିମି ଦୀର୍ଘ ୬୪ଟି ସ୍ୱତନ୍ତ୍ର ୩୩ କେଭି ଲାଇନ୍ ନିର୍ମାଣ କରିବ। ଆସନ୍ତା ୩ ବର୍ଷ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଆଠମଲ୍ଲିକ, ଏମ୍-ରାମପୁର, ଚିତାଲୋ, ଆଗଲପୁର, ଡୁମୁରୁରେ ଗ୍ରୀଡ୍ ସବ୍‌ଷ୍ଟେଶନ ହେବ। ସେହିପରି ଡୁମୁଲଠାରୁ ଢେଙ୍କିକୋଟ ପର୍ଯ୍ୟନ୍ତ ୧୩୨ କେଭି ଲାଇନ ଟଣାଯିବ। ଲୋଭୋଲଟେଜ ସମସ୍ୟା ଦୂର ପାଇଁ ୨୬୦କୋଟି ଟଙ୍କାର ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥାରେ ସୁଧାର ପାଇଁ ଖର୍ଚ୍ଚ ହେବ ୧୭ଶହ ୯୬କୋଟି ଟଙ୍କା।

ସେହିପରି ଓଡ଼ିଶା ବୈଦ୍ୟୁତିକ ଯାନ୍ତ୍ରିକ ସେବା କ୍ୟାଡର ପୁନର୍ଗଠନ କରାଯାଇଛି। ଶକ୍ତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର ମାରିଛି। ରାଜ୍ୟରେ ଓଡ଼ିଶା ବୈଦ୍ୟୁତିକ ଯାନ୍ତ୍ରିକ ସେବା ପ୍ରତି ମେଧାବୀ ଛାତ୍ରମାନଙ୍କୁ ଆକୃଷ୍ଟ କରିବା ସହ କାର୍ଯ୍ୟରତ ଯନ୍ତ୍ରୀମାନଙ୍କର ପଦୋନ୍ନତିରେ ଗତିଶୀଳତା ଆଣି କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଏହି ପୁନର୍ଗଠନର ମୂଳ ଲକ୍ଷ୍ୟ। କ୍ୟାଡର ପୁନର୍ଗଠନ ହେବା ପରେ ମୋଟ ପଦବୀ ସଂଖ୍ୟା ୩୪୬ ଅପରିବର୍ତ୍ତିତ ରଖାଯାଇଛି। ଉପନିର୍ବାହୀ ଯନ୍ତ୍ରୀ ପଦବୀକୁ ଉଚ୍ଛେଦ କରାଯାଇଛି। ଅଧୀକ୍ଷଣ ଯନ୍ତ୍ରୀ ଲେଭଲ-୧ ଓ ୨କୁ ଏକତ୍ରୀକରଣ କରି ଏକକ ଅଧୀକ୍ଷଣ ଯନ୍ତ୍ରୀ ପଦବୀ ସୃଷ୍ଟି କରାଯାଇଛି। ଅଧୀକ୍ଷଣ ଯନ୍ତ୍ରୀମାନେ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଉପବୈଦ୍ୟୁତିକ ନିରୀକ୍ଷକ ଭାବେ କାର୍ଯ୍ୟ ତୁଲାଇବେ। ଏହାଛଡ଼ା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନାମରେ ଏକ ନୂତନ ପଦବୀ ସୃଷ୍ଟି କରାଯାଇଛି। କ୍ଷେତ୍ରୀୟ କାର୍ଯ୍ୟାଳୟରେ ଅତିରିକ୍ତ ମୁଖ୍ୟ ବୈଦ୍ୟୁତିକ ଯନ୍ତ୍ରୀମାନେ ବୈଦ୍ୟୁତିକ ନିରୀକ୍ଷକ ☞ପୃଷ୍ଠା-୨

**କ୍ୟାବିନେଟ ନିଷ୍ପତ୍ତି**
- ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ ପାଇଁ ଖର୍ଚ୍ଚ ହେବ ୧୭୨୬.୭୩ କୋଟି
- ଓଡ଼ିଶା ବୈଦ୍ୟୁତିକ ଯାନ୍ତ୍ରିକ ସେବା କ୍ୟାଡର ପୁନର୍ଗଠିତ
- ଉଚ୍ଛେଦ ହେଲା ଉପ ନିର୍ବାହୀଯନ୍ତ୍ରୀ ପଦବୀ
- ଏସ୍‌ସିବି ଷ୍ଟାଫ୍ କ୍ୱାର୍ଟର୍ସ ଟେଣ୍ଡରକୁ ମୋହର



## ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ପରଲୋକ



### ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର(ବ୍ୟୁରୋ)/ବ୍ରହ୍ମପୁର ଅଫିସ/ ପୋଲସରା, (ଡି.ଏନ୍.ଏ.)୨୪।୧୨:** ବରିଷ୍ଠ ରାଜନେତା ତଥା ଓଡ଼ିଶାର ପୂର୍ବତନ ଅର୍ଥମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକ(୮୧)ଙ୍କ ଶୁକ୍ରବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି। ବିଧାନସଭା ପକ୍ଷରୁ ରାମକୃଷ୍ଣଙ୍କ ମରଶରୀର ପ୍ରତି ଯଥୋଚିତ ସମ୍ମାନ ପ୍ରଦାନ କରାଯାଇଥିଲା। ବିଧାନସଭା ପରିସରରେ ମର ଶରୀର ପହଞ୍ଚିବା ପରେ ଗାର୍ଡ ଅଫ୍ ଅନର ପ୍ରଦାନ ସହ ଫୁଲତୋଡ଼ା ଅର୍ପଣ କରାଯାଇ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ ମର ଶରୀରକୁ ନିଜ ଗ୍ରାମ ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ଢୁଙ୍କାପଡ଼ାକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ ଶେଷ ଦର୍ଶନ ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ୧୯୪୦ ଅଗଷ୍ଟ ୧୫ରେ ଜନ୍ମଗ୍ରହଣ କରିଥିବା ରାମକୃଷ୍ଣ ଓଡ଼ିଶା ପ୍ରଶାସନିକ ସେବା ☞ପୃଷ୍ଠା-୨

# ୧.୧ ଲକ୍ଷ ହିତାଧିକାରୀଙ୍କୁ ଦିଆଗଲା ୩୦.୩ କୋଟି

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ରାଜ୍ୟର ୧୧୪ ସହରାଞ୍ଚଳର ୧ ଲକ୍ଷ ୧ ହଜାର ପଥପାର୍ଶ୍ୱ ବ୍ୟବସାୟୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ତୃତୀୟ ପର୍ଯ୍ୟାୟରେ ୩୦୦୦ ଟଙ୍କା ଲେଖାଏ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି। ଏଥିପୂର୍ବରୁ ମାର୍ଚ୍ଚ ୨୦୨୦ ଏବଂ ଜୁନ୍ ୨୦୨୧ରେ ୩୦୦୦ ଟଙ୍କା ଲେଖାଏ ସହାୟତା ଦିଆଯାଇଥିଲା। ରାଜ୍ୟର ବଜାର ସୁବିଧା ପାଇଁ 'ମୁକ୍ତା' ଯୋଜନାରେ ୮୭ଟି ସହରାଞ୍ଚଳରେ ଭେଣ୍ଡିଂ ଜୋନ୍ ନିର୍ମାଣ ହେବ। ଏଥିରେ ୬୦ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପଥପାର୍ଶ୍ୱ ବିକ୍ରେତାଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ, କୋଭିଡ୍ ସମସ୍ତଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି। ଏହି କଷ୍ଟକୁ ଅନୁଭବ କରିହେଉଛି। ସରକାର ସର୍ବଦା କ୍ଷୁଦ୍ର ବ୍ୟବସାୟୀଙ୍କ ସାଥିରେ ରହିଛନ୍ତି। ସହରାଞ୍ଚଳ ଅର୍ଥନୀତିରେ ପଥପାର୍ଶ୍ୱ ବିକ୍ରେତା ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ବଡ଼ ମଲ୍, ଦୋକାନ ଥିବା ସତ୍ତ୍ୱେ ପଥପ୍ରାନ୍ତ ବିକ୍ରେତାଙ୍କ ଗୁରୁତ୍ୱ ରହିଛି। ଏହି ସହାୟତା ସେମାନଙ୍କ ଜୀବିକାକୁ ସୁରକ୍ଷା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କରୋନା ଭୟ ସମ୍ପୂର୍ଣ୍ଣ ଯାଇ ନ ଥିବାରୁ ସର୍ବାଧିକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଲେ, ମୁଖ୍ୟମନ୍ତ୍ରୀ ହେଉଛନ୍ତି ଗରିବଙ୍କ ମନର କଥା ବୁଝୁଥିବା ଜଣେ ଜନନେତା। ଅଭିନବ ଉପାୟରେ ସେ ସମସ୍ତଙ୍କୁ ସବୁ ସମୟରେ ସହାୟତା ଯୋଗାଇ ଆସିଛନ୍ତି। ମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଘର ମରାମତି ସହାୟତା ସହିତ ରାଜ୍ୟର ଅନେକ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ।

ଭୁବନେଶ୍ୱରର ପଥପ୍ରାନ୍ତ ବ୍ୟବସାୟୀ ଅକ୍ଷୟ ମହାନ୍ତି, ରାଉରକେଲାର କୃଷ୍ଣଚନ୍ଦ୍ର ମୁଖାର୍ଜୀ, ସମ୍ବଲପୁରର ରବିନାରାୟଣ ପ୍ରଧାନ, କଟକର ଶ୍ରୀଧର ରାୟ, ବ୍ରହ୍ମପୁରରୁ ରୁନି ବେହେରା କହିଲେ, ଲକ୍‌ଡାଉନ୍ ହେବାପରେ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀ ସେମାନଙ୍କ ଦୁଃଖ ବୁଝି ତୃତୀୟ ଥର ସହଯୋଗର ହାତ ବଢ଼ାଇଛନ୍ତି। ସେଥିପାଇଁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘଜୀବନ କାମନା କରିଥିଲେ। ୫-ଟି ସଚିବ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ☞ପୃଷ୍ଠା-୨

**ପଥପାର୍ଶ୍ୱ ବ୍ୟବସାୟୀଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା ପ୍ରଦାନ**

ନିର୍ମାଣ ହେବ ୮୭ ଭେଣ୍ଡିଂ ଜୋନ୍, ଖର୍ଚ୍ଚ ହେବ ୬୦ କୋଟି

# ନଗଦ ୧୫୦ କୋଟି ଟଙ୍କା ଜବତ



## ପର୍‌ଫ୍ୟୁମ୍ କମ୍ପାନୀରେ ଚଢ଼ାଉ

କାନପୁର, ୨୪।୧୨

ଉତ୍ତରପ୍ରଦେଶର କାନପୁରସ୍ଥିତ ତ୍ରିମୂର୍ତ୍ତି ଫ୍ରାଗ୍ରାନ୍ସ ନାମକ ଏକ ପର୍‌ଫ୍ୟୁମ୍ କମ୍ପାନୀ ଉପରେ ଶୁକ୍ରବାର କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ପର୍ଫ୍ୟୁମ୍ କମ୍ପାନୀ ମାଲିକ ପୀୟୂଷ ଜୈନ୍‌ଙ୍କ ବିଭିନ୍ନ ସ୍ଥାନରେ ଥିବା ଘରୁ ନଗଦ ୧୫୦ କୋଟି ଟଙ୍କା ଜବତ ହେବା ସହ ଟଙ୍କା ଗଣା ଜାରି ରହିଛି। ସିବିଆଇସି ଇତିହାସରେ ଏହା ସର୍ବାଧିକ ନଗଦ ଅର୍ଥ ଜବତ ଘଟଣା ବୋଲି ଏହାର ଅଧ୍ୟକ୍ଷ ବିବେକ ଜୋହରି କହିଛନ୍ତି।

ସିବିଆଇସି ଅଧ୍ୟକ୍ଷଙ୍କ ସୂଚନା ଅନୁଯାୟୀ ତ୍ରିମୂର୍ତ୍ତି ଫ୍ରାଗ୍ରାନ୍ସ ବିନା ଇନ୍‌ଭଏସରେ ବା ଟିକସ ପୈଠ ନ କରି କାରବାର ଚଳାଇଥିଲା। ଏହାର ୩ଟି ସ୍ଥାନରେ ଥିବା ସଂସ୍ଥା ଉପରେ ଚଢ଼ାଉ କରାଯାଇ ନଗଦ ପ୍ରାୟ ୧୫୦ କୋଟି ଟଙ୍କା ଜବତ ହୋଇଛି। ଜୋହରିଙ୍କ କହିବା ଅନୁଯାୟୀ, ପାନ ମସଲା ଏବଂ ଜି କମ୍ପାନୀ ତ୍ରିମୂର୍ତ୍ତି ଫ୍ରାଗ୍ରାନ୍ସ ଗୁଟଖା ଉତ୍ପାଦନ କରିଥାଏ। ଏହାକୁ ସେମାନେ ବିନା ଟିକସରେ ପରିବହନ କରୁଥିବା ଡିଜିଜିଆଇ (ଜିଏସ୍‌ଟି ଗୋଇନ୍ଦା ମହାନିର୍ଦ୍ଦେଶାଳୟ) ଅହମଦାବାଦ ୟୁନିଟ୍‌କୁ ସୂଚନା ମିଳିଥିଲା। ଡିଜିଜିଆଇ ଉକ୍ତ ପାନ ମସଲା କମ୍ପାନୀ ଓ ଏହାର ଯୋଗାଣକାରୀଙ୍କ ଘର ଉପରେ ଚଢ଼ାଉ କରିଥିଲା। ଏଥିସହିତ ଉନ୍ନାଓର ଜଣେ ପରିବହନକାରୀ ଓ ଏକ ଫ୍ରାଗ୍ରାନ୍ସ କମ୍ପାନୀ ଉପରେ ମଧ୍ୟ ☞ପୃଷ୍ଠା-୨



## ସଂକ୍ଷେପରେ

### ଦଶମ ଶ୍ରେଣୀର ସ୍ୱୀକୃତି ନବୀକରଣ ଆବେଦନ ଘୁଞ୍ଚିଲା

କଟକ ଅଫିସ, ୨୪।୧୨: ୨୦୨୧-୨୨ ଶିକ୍ଷାବର୍ଷ ଦଶମ ଶ୍ରେଣୀର ସ୍ୱୀକୃତି ନବୀକରଣର ଆବେଦନ ତାରିଖ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଯାଇଛି। ଏ ନେଇ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୪ ତାରିଖ ମଧ୍ୟରେ ବିଦ୍ୟାଳୟଗୁଡ଼ିକ ଅଫ୍‌ଲାଇନ୍‌ରେ ଆବେଦନ କରିପାରିବେ। ଏଥିନିମନ୍ତେ ଆଉ ସମୟ ବୃଦ୍ଧି କରାଯାଇପାରିବ ନାହିଁ। ୧୦ ତାରିଖ ସୁଦ୍ଧା ସ୍କୁଲ କର୍ତ୍ତୃପକ୍ଷ ଆବେଦନପତ୍ର ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ କରିବେ। ଜିଲା ଶିକ୍ଷା ଅଧିକାରୀ ଉକ୍ତ ଆବେଦନପତ୍ରକୁ ଯାଞ୍ଚ କରିବା ପରେ ୧୭ ସୁଦ୍ଧା ଜୋନାଲ କାର୍ଯ୍ୟାଳୟର ସମ୍ପୃକ୍ତ ଡେପୁଟି ସେକ୍ରେଟାରିଙ୍କ ନିକଟକୁ ପଠାଇବେ। ଜୋନାଲ କାର୍ଯ୍ୟାଳୟର ଅଧିକାରୀ ୨୫ ତାରିଖ ମଧ୍ୟରେ କଟକ ସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଏହାକୁ ଦାଖଲ କରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

### ବ୍ୟାସକବିଙ୍କ ପାଣ୍ଡୁଲିପି ଛପା ମାମଲା
### 'ଅସଲି, ଡିଜିଟାଲ ପାଣ୍ଡୁଲିପି ଫେରାଅ'

କଟକ ଅଫିସ,୨୪।୧୨: କଟକ ବାଣିଜ୍ୟିକ ଅଦାଲତରେ ଶୁକ୍ରବାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ପାଣ୍ଡୁଲିପି ଛପା ମାମଲାର ଶୁଣାଣି ହୋଇଥିଲା। ଫକୀରମୋହନଙ୍କ ଆତ୍ମଜୀବନୀ ପୁସ୍ତକ ପ୍ରକାଶ ଉପରେ ଅଦାଲତ ରୋକ୍ ଲଗାଇଛନ୍ତି। ଏଥିସହ ଆବେଦନକାରୀ ତଥା ଫକୀରମୋହନଙ୍କ ଅଣନାତୁଣୀ ଡ. ମୀନାକ୍ଷୀ ଦତ୍ତଙ୍କୁ ଅସଲି ଓ ଡିଜିଟାଲ ପାଣ୍ଡୁଲିପିକୁ ୧ ମାସ ମଧ୍ୟରେ ଫେରାଇବାକୁ କୋର୍ଟ ପ୍ରତିପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଡ. ମୀନାକ୍ଷୀ ଦତ୍ତ ପିଟିଶନରେ ଦର୍ଶାଇଛନ୍ତି, ସେ ସ୍ୱର୍ଗତ ଫକୀରମୋହନଙ୍କ ଅଣନାତୁଣୀ ଓ ଜନ୍ମବେଳୁ ତାଙ୍କ ଘରେ ରହିଆସୁଥିଲେ। ତେଣୁ ଫକୀରମୋହନଙ୍କ ଲିଖିତ ସମସ୍ତ ଅସଲି ପାଣ୍ଡୁଲିପିର ସେ ହେଉଛନ୍ତି ସ୍ୱତ୍ୱାଧିକାରୀ। ସେ ଫକୀରମୋହନଙ୍କ ଜୀବନୀ ସମ୍ପର୍କିତ ତଥ୍ୟକୁ ଡିଜିଟାଲାଜେଶନ କରିବା ସହ ଜଣେ ପ୍ରକାଶକ ଯୋଗାଡ କରିବାକୁ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କୁ କହିଥିଲେ। ଏନେଇ ୨୦୧୯ ଅଗଷ୍ଟ ୧୮ରେ ଉଭୟଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। କିନ୍ତୁ ତାଙ୍କ ବିନା ଅନୁମତିରେ ପଟ୍ଟନାୟକ ବ୍ୟାସକବିଙ୍କ ଆତ୍ମଜୀବନୀ ବହି ମାଧ୍ୟମରେ ପ୍ରକାଶ କରିବାକୁ ପ୍ରକ୍ରିୟା ଆରମ୍ଭ କରିଥିଲେ। ପରେ ମୀନାକ୍ଷୀ ଏହାକୁ ଚ୍ୟାଲେଞ୍ଜ କରି କୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ଆଇନଜୀବୀ ଗୌତମ କୁମାର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

# ଚକ୍ରପଡ଼ା ଘଟଣାକୁ ନେଇ ଚିତ୍ତଙ୍କୁ ହତ୍ୟା

## ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ମୃତ୍ୟୁ ଘଟଣା

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ
- ୭ ଦିନିଆ ରିମାଣ୍ଡରେ ଆଣିବ କ୍ରାଇମବ୍ରାଞ୍ଚ
- ଜଣେ ଯୁବତୀ ଓ ଅନ୍ୟ କେତେଜଣ ସମ୍ପୃକ୍ତି ସନ୍ଦେହ



ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ପରିସରରୁ ଅଣାଯାଉଛି।



କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର ମିଶ୍ର ସୂଚନା ଦେଉଛନ୍ତି।

ପୁରୀ ଅଫିସ, ୨୪।୧୨

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲେଇ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ୍ କରିଛି କ୍ରାଇମବ୍ରାଞ୍ଚ। ଚକ୍ରପଡ଼ା ଗ୍ରାମର ଏକ ଘଟଣାକୁ ନେଇ ଚିତ୍ତରଞ୍ଜନଙ୍କୁ ହତ୍ୟା କରାଯାଇଥିବାବେଳେ ତାଙ୍କ ସହଯୋଗୀ ପୁରୀ ଶାସନ ଦାମୋଦରପୁରର ଜଗନ୍ନାଥ ଷଡ଼ଙ୍ଗୀ ହିଁ ମୁଖ୍ୟ ଅଭିଯୁକ୍ତ। କ୍ରାଇମବ୍ରାଞ୍ଚ ଶୁକ୍ରବାର ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜଗନ୍ନାଥଙ୍କ ସମେତ ବାସୁଦେବପୁର ଅଞ୍ଚଳର ଅଶୋକ ଉପାଧ୍ୟାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉଭୟଙ୍କ ବିରୋଧରେ ଦଫା ୩୦୨, ୨୦୧, ୧୨୦(ବି), ୩୪ ଆଇପିସି ରୁଜୁ ହୋଇଛି। ସେମାନଙ୍କ ଜାମିନ ଆବେଦନ ଖାରଜ ପରେ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ପଚରାଉଚରା ପାଇଁ ୭ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରାଯାଇଛି ବୋଲି ଶୁକ୍ରବାର ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କ୍ରାଇମବ୍ରାଞ୍ଚ ଡିଏସ୍‌ପି ଶିଶିର ମିଶ୍ର ସୂଚନା ଦେଇଛନ୍ତି।

କ୍ରାଇମବ୍ରାଞ୍ଚ ଡିଏସ୍‌ପି ମିଶ୍ର କହିଛନ୍ତି, ୧୧ତାରିଖ ରାତିରୁ ଚିତ୍ତରଞ୍ଜନ ନିଖୋଜ ଥିବାନେଇ ତାଙ୍କ ଦାଦା ୧୨ତାରିଖରେ ପୁରୀ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ୧୩ ତାରିଖ ସକାଳେ ଚିତ୍ତରଞ୍ଜନଙ୍କ କ୍ଷତବିକ୍ଷତ ଶରୀର ଗଡ଼ମୃଗଶିରା ପୋଲ ନିକଟ ନୂଆନଈରୁ ମିଳିଥିଲା। ତେଣୁ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିଲେ। ଫଳରେ ୧୫ ତାରିଖରେ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଟିମ୍ ଜମାରସୁଆଁ ନଈବନ୍ଧ, ସାନବନ୍ଧକେରା, ଚକ୍ରପଡ଼ା ଏବଂ ଚିତ୍ତରଞ୍ଜନ ରହୁଥିବା ମାଟିଆପଡ଼ାସ୍ଥିତ ଭଡ଼ାଘରେ ତଦନ୍ତ କରିବା ସହ ସାକ୍ଷୀମାନଙ୍କୁ ପଚରାଉଚରା କରିଥିଲା। ଚକ୍ରପଡ଼ାର ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରୁ ଘଟଣାର ସୁରାକ ମିଳିଥିଲା। ଚିତ୍ତରଞ୍ଜନଙ୍କ ମୃତ୍ୟୁ ଏକ ଦୁର୍ଘଟଣା ନୁହେଁ ବରଂ ତାଙ୍କୁ ହତ୍ୟା କରାଯାଇଥିଲା। ଚକ୍ରପଡ଼ାର ଏକ ଘଟଣାରୁ ହିଁ ଏହି ହତ୍ୟାକାଣ୍ଡର ସୂତ୍ରପାତ ହୋଇଥିଲା। ୧୧ତାରିଖ ବିଳମ୍ବିତ ରାତିରେ ଚିତ୍ତ ନିଜ ବାଇକ୍‌ରେ ଚକ୍ରପଡ଼ାର ରହସ୍ୟମୟୀ ଯୁବତୀଙ୍କ ଘରକୁ ଯାଇଥିଲେ। ଜଗନ୍ନାଥଙ୍କ ସହ ଯୁବତୀଙ୍କ ପରିବାରର ସମ୍ପର୍କ ରହିଥିଲା, ମାତ୍ର ଚିତ୍ତରଞ୍ଜନ ଏତେରାତିରେ କାହିଁକି ଆସିଛନ୍ତି ବୋଲି ଗାଁରେ ଉତ୍ତେଜନା ପ୍ରକାଶ ପାଇବା ସହ ଗଣ୍ଡଗୋଳ ହୋଇଥିଲା। ଅଶୋକଙ୍କ ସହ ଗାଁର କେତେଜଣ ଯୁବକ ସେମାନଙ୍କୁ ପିଛା କରିଥିଲେ। ନଦୀବନ୍ଧ ଉପରେ ଚିତ୍ତରଞ୍ଜନଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ଦୁଇଦିନ ପରେ ଘଟଣାସ୍ଥଳର ମାତ୍ର କେଇଫୁଟ ଦୂର ନୂଆନଈରୁ ଚିତ୍ତରଞ୍ଜନଙ୍କ ମୃତଦେହ ମିଳିଥିଲା। ହତ୍ୟାକାଣ୍ଡର ମୁଖ୍ୟ ଥିଲେ ଜଗନ୍ନାଥ। ହତ୍ୟା ଘଟଣା ସହ ଜଣେ ଯୁବତୀ ଏବଂ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଚିତ୍ତରଞ୍ଜନଙ୍କ ପରିବାର ଲୋକଙ୍କ ସମେତ ଅନ୍ୟ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। କ୍ରାଇମବ୍ରାଞ୍ଚ ଟିମ୍ ମୋଟ ୫ଜଣଙ୍କ ପଲିଗ୍ରାଫ ଟେଷ୍ଟ କରିଥିଲା। ସେମାନଙ୍କ ମଧ୍ୟରୁ ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଅଭିଯୁକ୍ତ ଜଗନ୍ନାଥ ଓ ତାଙ୍କ ସହଯୋଗୀ ଅଶୋକଙ୍କୁ ଗିରଫ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

# କିଟ୍ ବିଶ୍ୱବିଦ୍ୟାଳୟର ପ୍ରଥମ ମହିଳା କୁଳପତି



ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ହେଲେ ପ୍ରଫେସର ସସ୍ମିତାରାଣୀ ସାମନ୍ତ। ପ୍ରଫେସର ହୃଷୀକେଶ ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ହୋଇଯିବା ପରେ କୁଳାଧିପତି ପ୍ରଫେସର ବେଦ ପ୍ରକାଶ ପ୍ରଫେସର ସସ୍ମିତା ସାମନ୍ତଙ୍କୁ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ସେ ହେଉଛନ୍ତି ପ୍ରଥମ ମହିଳା କୁଳପତି। ଏହା ପୂର୍ବରୁ ପ୍ରଫେସର ସାମନ୍ତ ଦୀର୍ଘ ୨୬ବର୍ଷ ଧରି କିଟ୍ ବିଶ୍ୱବିଦ୍ୟାଳୟର କୁଳସଚିବ, ଉପକୁଳପତି ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ କରିଆସିଛନ୍ତି। ଶିକ୍ଷାଦାନ ଓ ପ୍ରଶାସନିକ କ୍ଷେତ୍ରରେ ତାଙ୍କର ୨୫ ବର୍ଷର ଅଭିଜ୍ଞତା ରହିଛି। ଶୁକ୍ରବାର ପ୍ରଫେସର ମହାନ୍ତିଙ୍କଠାରୁ ପ୍ରଫେସର ସାମନ୍ତ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ପ୍ରଫେସର ସାମନ୍ତ ବ୍ରିଟେନର ରୟାଲ୍ ସୋସାଇଟି ଅଫ୍ ଆର୍ଟସ୍ (ଏଫ୍‌ଆର୍‌ଏସ୍‌ଏ, ବ୍ରିଟେନ) ଏବଂ କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆ (ଏଫ୍‌ସିଏସ୍‌ଆଇ, ଭାରତ)ର ଫେଲୋ ରହିଆସିଛନ୍ତି। କୁଳପତି ଚୟନ ନିମନ୍ତେ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ବେଦ ପ୍ରକାଶ ପ୍ରତିଷ୍ଠିତ ଶିକ୍ଷାବିତ୍ ଜାତୀୟ ବିଶ୍ୱବିଦ୍ୟାଳୟର କୁଳପତି ଏବଂ ୟୁଜିସି ପକ୍ଷରୁ ଜଣେ ସଦସ୍ୟଙ୍କୁ ନେଇ ଏକ ୩ ଜଣିଆ ଚୟନ କମିଟି ଗଠନ କରିଥିଲେ। ଯାଞ୍ଚ ପରେ ଚୟନ କମିଟି ପ୍ରଫେସର ସାମନ୍ତଙ୍କ ସମେତ ୧୩ଜଣଙ୍କ ସାକ୍ଷାତକାର ନେଇ ୩ ପ୍ରାର୍ଥୀଙ୍କ ନାମ କୁଳାଧିପତିଙ୍କ ନିକଟକୁ ପଠାଇଥିଲେ। ଶିକ୍ଷାଦାନ ଓ ପ୍ରଶାସନିକ ଅଭିଜ୍ଞତା ସମେତ ଅନ୍ୟାନ୍ୟ ଦିଗକୁ ବିଚାରକୁ ନେଇ କୁଳାଧିପତି ପ୍ରଫେସର ସସ୍ମିତାରାଣୀ ସାମନ୍ତଙ୍କୁ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ନିଯୁକ୍ତି ଦେଇଥିଲେ। ଆସନ୍ତା ୫ବର୍ଷ ପାଇଁ ପ୍ରଫେସର ସାମନ୍ତ ଏହି ପଦବୀରେ କାର୍ଯ୍ୟ କରିବେ। କିଟ୍ ବିଶ୍ୱବିଦ୍ୟାଳୟ ଆରମ୍ଭରୁ ଏହାର କୁଳପତି ଭାବେ ବହୁ ବିଶିଷ୍ଟ ଶିକ୍ଷାବିତ୍ ଓ ବୈଜ୍ଞାନିକ କାର୍ଯ୍ୟ କରିଛନ୍ତି। ଏଥିରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସି ବ୍ୟକ୍ତ କରିବା ସହ ପ୍ରଫେସର ସସ୍ମିତାରାଣୀ ସାମନ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଝଲସିବ ଥୁଆମୂଳ-ରାମପୁର ମାଣିକେଶ୍ୱରୀ ପୀଠ

## ୨ କୋଟିର ବିକାଶ ପ୍ରକଳ୍ପ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ଝଲସିବ କଳାହାଣ୍ଡି ଜିଲା ଥୁଆମୂଳ-ରାମପୁରର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ ପୀଠ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ବିଶ୍ୱାସର ପ୍ରତୀକ ପାଲଟିଥିବା ଏହି ମନ୍ଦିର ନୂଆ ରୂପ ପାଇବ। ଏଥିରେ ଖର୍ଚ୍ଚ ହେବ ୨ କୋଟି ଟଙ୍କା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଶୁକ୍ରବାର ଏହି ବିକାଶ ପ୍ରକଳ୍ପ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ମା'ଙ୍କ ପୀଠର ମହିମା ଆହୁରି ବଢ଼ିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଲେ, ୫-ଟି ଅଧୀନରେ ଏହି ପୀଠର ବିକାଶ କାମ ଆରମ୍ଭ ହୋଇଛି। ମା' ମାଣିକେଶ୍ୱରୀଙ୍କ ଆଶୀର୍ବାଦ ସମସ୍ତଙ୍କ ଉପରେ ରହିଛି। କଳାହାଣ୍ଡିବାସୀଙ୍କ ଉଦ୍ୟମ ଜିଲାର ରୂପାନ୍ତର ଆଣିଛି। ପ୍ରତି ପରିବାର ଓ ପ୍ରତି ଲୋକଙ୍କ ଅବଦାନରେ କଳାହାଣ୍ଡି ନୂଆ ପରିଚୟ ନେଇ ଆଗକୁ ବଢୁଛି। ଜିଲାର ଚାଷୀ ସାରା ଦେଶକୁ ଖାଦ୍ୟ ଯୋଗାଉଛନ୍ତି। କପାର ଚାହିଦା ବଢ଼ିଛି। ଶିଳ୍ପ ପାଇଁ ନୂଆ ସୁଯୋଗ ଆଣିଛି। ଭିତ୍ତିଭୂମି ମଜଭୁତ ହୋଇଛି। କଳାହାଣ୍ଡି ୟୁନିଭର୍‌ସିଟି, ସରକାରୀ ମେଡିକାଲ କଲେଜ, ସରକାରୀ ଇଞ୍ଜିନିୟରିଂ କଲେଜ ନୂଆ ପରିଚୟ ଆଣିଛି। ବିଜୁଳି ଯୋଗାଣରେ ଉନ୍ନତି ହୋଇଛି। କଳାହାଣ୍ଡିକୁ ସେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଆସିଛନ୍ତି। ଚଳିତବର୍ଷ ୨ଥର ଜିଲା ଗସ୍ତ କରି ବହୁ ବିକାଶମୂଳକ କାମ ଆରମ୍ଭ କରିଛନ୍ତି। ଜିଲାବାସୀଙ୍କ ଅକୁଣ୍ଠ ସମର୍ଥନ ପାଇଁ ମୁଖ୍ୟମନ୍ତ୍ରୀ କୃତଜ୍ଞତା ଜଣାଇବା ସହ ଲୋକଙ୍କ ବିଶ୍ୱାସକୁ ସାଥିରେ ଧରି ବିକାଶ ଧାରା ଆଗକୁ ବଢ଼ିବ ବୋଲି କହିଛନ୍ତି।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଏବଂ କଳାହାଣ୍ଡିର ବିକାଶ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଳାହାଣ୍ଡି ଜିଲାପାଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ପି ସୁଜିତ କୁମାରଙ୍କ ସମେତ ଜିଲାର ବିଧାୟକମାନେ ଉପସ୍ଥିତ ଥିଲେ।

# ଆକାଶବାଣୀର ପୂର୍ବତନ ଉପସ୍ଥାପିକାଙ୍କ ପରଲୋକ

କଟକ ଅଫିସ, ୨୪।୧୨



ଗୋପା ଦାସ

ଆକାଶବାଣୀ କଟକ କେନ୍ଦ୍ରର ପୂର୍ବତନ ଉପସ୍ଥାପିକା ତଥା 'ନାରୀମହଲ' କାର୍ଯ୍ୟକ୍ରମର ସଞ୍ଚାଳିକା ଗୋପା ଦାସ(୭୩)ଙ୍କର ଗତ ୨୨ ତାରିଖରେ କଟକ ତୁଳସୀପୁର ମଧୁସୂଦନ ନଗରସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ ପୁଅ ରାହୁଲ ମୁଖାଗ୍ନି ଦେଇଥିଲେ।

ସୂଚନାଯୋଗ୍ୟ, ୧୯୪୮ ମସିହାରେ ଜଗତ୍‌ସିଂହପୁର ଜିଲାର ବାଘସାହିରେ ଦାସ ଜନ୍ମଗ୍ରହଣ କରିଥିଲେ। ସେ ରେଭେନ୍‌ଶା ମହାବିଦ୍ୟାଳୟରୁ ଶିକ୍ଷାରେ ସମ୍ମାନ ସହ ସ୍ନାତକ ଶିକ୍ଷା ଶେଷ କରିବା ପରେ ୧୯୭୦ ଫେବୃୟାରୀରେ ଆକାଶବାଣୀ କଟକ କେନ୍ଦ୍ରରେ ଉପସ୍ଥାପିକା ଭାବେ ଯୋଗଦେଇଥିଲେ। 'ନାରୀମହଲ' କାର୍ଯ୍ୟକ୍ରମ ଉପସ୍ଥାପନା କରି ସେ ଏହାକୁ ଶ୍ରୋତାଦ୍ଧୃତ କରାଇପାରିଥିଲେ। ଆକାଶବାଣୀ କଟକ କେନ୍ଦ୍ରର ବିଭିନ୍ନ ନାଟକ, ରୂପକ ଏବଂ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱରଦାନ କରି ଜଣେ ସଫଳ ଉପସ୍ଥାପିକାର ଶ୍ରେୟ ସାଉଁଟିଥିଲେ। ୨୦୦୯ ଜୁନ୍‌ରେ ସେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ଲିଖିତ ପୁସ୍ତକ ମଧ୍ୟରେ 'ଉପସ୍ଥାପିକାର ଉପକଥା' ଅନ୍ୟତମ।

ପ୍ରଥମ ପୃଷ୍ଠାରୁ...

### ନିୟମିତ ହେବେ...

ଭାବେ କାର୍ଯ୍ୟ ତୁଲାଇବେ। କଳାହାଣ୍ଡି ଜିଲାର ମ.ରାମପୁର ବ୍ଲକର ଦୁଉା ଗ୍ରାମ ନିକଟରେ ସାନ୍ଦୁଲ ନଦୀ ଉପରେ ଗୋଟିଏ ବ୍ୟାରେଜ ନିର୍ମାଣ ହେବ। ଏହି ପ୍ରକଳ୍ପ ପାଇଁ ୧୨୬କୋଟି ୪୬ ଲକ୍ଷ ୮୨ ହଜାର ୪୯୮ ଟଙ୍କା ଏବଂ ୫ ବର୍ଷ ପାଇଁ ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ ପାଇଁ ୧.୮୭ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁର କରିଛି। ଏହି ପ୍ରକଳ୍ପ କାର୍ଯ୍ୟ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ୫ ହଜାର ହେକ୍ଟର ଜମିକୁ ଜଳସେଚନ କରାଯାଇ ପାରିବ। ଏହିପ୍ରକଳ୍ପ ଦ୍ୱାରା ଜିଲାର ୨୯ ଗ୍ରାମକୁ ପାନୀୟ ଜଳ ଓ ଜଳସେଚନ ସୁବିଧା ଯୋଗାଇ ଦିଆଯିବ। ଜଳ ସମ୍ପଦ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଏସ୍‌ସିବି ମେଡିକାଲ କଲେଜ କର୍ମଚାରୀ କ୍ୱାର୍ଟର୍ସ ଏବଂ ଛାତ୍ରାବାସ ନିର୍ମାଣ ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। କ୍ୱାର୍ଟର୍ସ ପାଇଁ ୮୮କୋଟି ଖର୍ଚ୍ଚ ହେବ। ୬୦୦ରୁ ଅଧିକ ଡାକ୍ତରଙ୍କ ପାଇଁ ଏହି କ୍ୱାର୍ଟର୍ସ ନିର୍ମାଣ ହେବ। ଏହାର ନିର୍ମାଣ କାର୍ଯ୍ୟ ୨ ବର୍ଷରେ ଶେଷ ହେବ।

### ନଗଦ ୧୫୦ କୋଟି...

ଚଢ଼ାଉ ହୋଇଥିଲା। କାରଣ ସେମାନେ ପାନ ମସଲା କମ୍ପାନୀକୁ ଅତର ଯୋଗାଉଥିଲେ। ଏହି ଘଟଣାରେ ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇନାହିଁ। ଡିଜିଜିଆଇ ଚଢ଼ାଉ ବେଳେ ୨୮ ପ୍ରତିଶତରୁ ଅଧିକ ଜିଏସ୍‌ଟି ଲାଗୁଥିବା ସାମଗ୍ରୀ ପାଇଥିଲେ। ଉକ୍ତ କମ୍ପାନୀ ବିନା ଇନ୍‌ଭଏସ ଏବଂ ଇ-ୱେ ବିଲ୍‌ରେ ସାମଗ୍ରୀ ଚାଲାଣ କରୁଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହି କାରବାରରେ ଦୁଇ ତିନୋଟି ଗୋଷ୍ଠୀ ସମ୍ପୃକ୍ତ। ମିଳିଥିବା ଇନ୍‌ଭଏସଗୁଡ଼ିକ ନକଲି ବୋଲି ଜଣାପଡ଼ିଥିବା ଜୋହରି କହିଛନ୍ତି।

### ୧.୧ ଲକ୍ଷ ହିତାଧିକାରୀଙ୍କୁ...

ପରିଚାଳନା କରିଥିବାବେଳେ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାଥନନ ସ୍ୱାଗତ ଭାଷଣ ଦେଇଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ସୁଶାନ୍ତ ରାଉତ, ଅନନ୍ତ ଜେନାଙ୍କ ସମେତ ବିଭିନ୍ନ ମହାନଗର ନିଗମ କମିଶନର, ଜିଲାପାଳ, ପୌରାଞ୍ଚଳ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପୂର୍ବତନ ମନ୍ତ୍ରୀ ରାମକୃଷ୍ଣ...

(ଓଏଏସ୍) ପାଇବା ପରେ ପ୍ରଥମେ କାମାକ୍ଷାନଗର ତହସିଲଦାର ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ପରେ ଚାକିରି ଛାଡ଼ି ରାଜନୀତି ଓ ଓକିଲାତିରେ ପ୍ରବେଶ କରିଥିଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଏକାନ୍ତ ଅନୁଗତ ଥିଲେ। ୧୯୭୧ ନିର୍ବାଚନରେ ଉତ୍କଳ କଂଗ୍ରେସରୁ କୋଦଳା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହୋଇ ପ୍ରଥମେ ବିଶ୍ୱନାଥ ଦାସଙ୍କ ମନ୍ତ୍ରିମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ। ଏହାପରେ ୧୯୭୭, ୧୯୮୫, ୧୯୯୦, ୧୯୯୫ ଓ ୨୦୦୦ରେ ଜନତା ପାର୍ଟି, ଜନତା ଦଳ ଓ ବିଜେଡିରୁ ମୋଟ ୬ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୦ରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସରକାର ଓ ୨୦୦୦ରେ ନବୀନ ପଟ୍ଟନାୟକଙ୍କ ସରକାରରେ ରାମକୃଷ୍ଣ ଅର୍ଥମନ୍ତ୍ରୀ ରହିଥିଲେ। ୨୦୦୯ରେ ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନର୍ଗଠନ ଓ ସୀମା ନିର୍ଦ୍ଧାରଣ ହୋଇ କୋଦଳାକୁ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ କରାଯାଇଥିଲା। ରାମକୃଷ୍ଣଙ୍କ ଗଞ୍ଜାମ ଟାଇଗର ଭାବେ ଜଣାଶୁଣା ଥିଲେ। ତାଙ୍କ ଦେହାନ୍ତରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ରାଜ୍ୟପାଳ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଓଡ଼ିଶା ବିକାଶରେ ରାମକୃଷ୍ଣଙ୍କ ଅବଦାନ ଚିରସ୍ମରଣୀୟ ବୋଲି ରାଜ୍ୟପାଳ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ସ୍ୱର୍ଗତ ପଟ୍ଟନାୟକ ଜଣେ ଅଭିଜ୍ଞ ଜନନେତା ଓ ପ୍ରଶାସକ ଥିଲେ। ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଜନସେବାରେ ନିଜକୁ ନିୟୋଜିତ କରିଥିଲେ। ଗଞ୍ଜାମ ଜିଲା ତଥା ଓଡ଼ିଶାର ବିକାଶ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ରାମକୃଷ୍ଣଙ୍କ ମୃତ୍ୟୁରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଉପବାଚସ୍ପତି ରଜନୀକାନ୍ତ ସିଂ, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ, ଉପସଭାପତି ପ୍ରଭାକର ପଣ୍ଡା, ଜିଲା ସମ୍ପାଦକ ସୀମା ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ରାମକୃଷ୍ଣଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୨୪।୧୨(ବ୍ୟୁରୋ)

ପୂର୍ବତନ ଅର୍ଥମନ୍ତ୍ରୀ ରାମକୃଷ୍ଣ ପଟ୍ଟନାୟକଙ୍କ ବିୟୋଗରେ ପିସିସି ପକ୍ଷରୁ ସଭାପତି ନିରଞ୍ଜନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, ରାମକୃଷ୍ଣ ବାବୁଙ୍କ ସହିତ ତାଙ୍କର ଦୀର୍ଘଦିନର ବ୍ୟକ୍ତିଗତ ସମ୍ପର୍କ ରହିଆସିଛି। ତାଙ୍କ ବିୟୋଗ ଖବର ମୋତେ ଦାରୁଣ ଦୁଃଖ ସହ ଗଭୀର ମର୍ମାହତ କରିଛି। ରାଜ୍ୟ ରଜାନୀତିରେ ସେ ଜଣେ ଟାଣୁଆ ନେତା ଓ ଜଣେ ଅର୍ଥନୀତିଜ୍ଞ ଭାବେ ଜଣାଶୁଣା ଥିଲେ। ଗଞ୍ଜାମ ଜିଲାରୁ ୬ଥର ବିଧାୟକ ଭାବେ ନିର୍ବାଚିତ ହୋଇ ଅର୍ଥ, ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇ ରାଜ୍ୟ ପାଇଁ ଅନେକ ଜନମଙ୍ଗଳ କାର୍ଯ୍ୟ କରିଯାଇଛନ୍ତି। ଏହା ତାଙ୍କୁ ଚିରଦିନ ପାଇଁ ସ୍ମରଣୀୟ କରି ରଖିବ। ତାଙ୍କ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଛନ୍ତି ପିସିସି ସଭାପତି।

# ୧୦ ଡିଗ୍ରୀ ତଳେ ୧୨ ସହର

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)

ରାଜ୍ୟରେ ଏବେ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଘଟିଛି। ଏଥିସହ ଶୀତ କମି କମି ଯାଉଛି। ଆଗକୁ ବି ଶୀତ ଆହୁରି କମିବ। ଆସନ୍ତା ୨ ଦିନ ପର୍ଯ୍ୟନ୍ତ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛନ୍ତି। ତେବେ ଶୁକ୍ରବାର ୧୨ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଫୁଲବାଣୀରେ ସର୍ବନିମ୍ନ ୬.୫ ଡିଗ୍ରୀ ତାପମାତ୍ରା ରହିଥିବାବେଳେ ସୁନ୍ଦରଗଡ଼ ୭.୫, ଦାରିଙ୍ଗବାଡ଼ି ୭.୫, ସୁନ୍ଦରଗଡ଼ ୭.୫, ସୋନପୁର ୮.୨, ଟିଟିଲାଗଡ଼ ୮.୩, କେନ୍ଦୁଝର ୮.୬, ଝାରସୁଗୁଡ଼ା ୮.୮, ଭବାନୀପାଟଣା ୯, ବୌଦ୍ଧ ୯, ହୀରାକୁଦ ୯.୫, କୋରାପୁଟ ୯.୬ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

# ଛାତ୍ରାବାସ ଗୁରୁକୁଳର ପ୍ରତିରୂପ: ରାଜ୍ୟପାଳ




ଉତ୍ସବରେ ଇଷ୍ଟ ହଷ୍ଟେଲର ବାର୍ଷିକ ପତ୍ରିକା 'ଜାଗରଣ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

କଟକ ଅଫିସ, ୨୪।୧୨

ଛାତ୍ରାବାସକୁ ଉତ୍କଳ ପ୍ରଦେଶ ସମେତ ବିଶ୍ୱର ଅନେକ ଦେଶରୁ ଲୋକ ଆସି ରହିଥାନ୍ତି। ସେଥିଲାଗି ଏଠାରେ ଉଚ୍ଚନୀଚର ଭାବ ପରିଲକ୍ଷିତ ହୋଇ ନ ଥାଏ। ଏଠାରେ ସମସ୍ତେ ଏକତାର ସହ ବ୍ୟବହାର କରିବା ଶିଖିଯାଇଥାନ୍ତି। ତାହାକୁ ବ୍ୟବହାରିକ ରାଷ୍ଟ୍ରବାଦ କୁହାଯାଏ। ପୂର୍ବରୁ ଭାରତରେ ପ୍ରଚଳିତ ଥିବା ଗୁରୁକୁଳ ପ୍ରଥାରେ ସବୁ ପ୍ରକାରର ଛାତ୍ର ପ୍ରବେଶ କରୁଥିଲେ। ଗୁରୁକୁଳ ଛାତ୍ରଙ୍କ ମଧ୍ୟରେ ଏକତ୍ୱକୁ ଜନ୍ମ ଦେଇଥାଏ। ଛାତ୍ରାବାସ ହେଉଛି ଗୁରୁକୁଳର ପ୍ରତିରୂପ। ସେହିପରି ଇଷ୍ଟ ହଷ୍ଟେଲରେ ରହି ପାଠପଢି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତିମାନେ କେବଳ ଏହି ବିଶ୍ୱବିଦ୍ୟାଳୟକୁ ନୁହେଁ ସମଗ୍ର ଉତ୍କଳ ପ୍ରଦେଶକୁ ଦେଶବିଦେଶରେ ପରିଚିତ କରିପାରିଛନ୍ତି ବୋଲି ଶୁକ୍ରବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଷ୍ଟ ହଷ୍ଟେଲର ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍‌ଲାଇନ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଏହା କହିଛନ୍ତି।

### ଇଷ୍ଟ ହଷ୍ଟେଲର ଶତବାର୍ଷିକୀ ଉତ୍ସବ



ଉତ୍ସବରେ ଯୋଗଦେଇଥିବା ନିମନ୍ତ୍ରିତ ଅତିଥି ଓ ପୂର୍ବତନ ଛାତ୍ର।

ବିଶ୍ୱବିଦ୍ୟାଳୟର ସେଭେନ୍ ପିଲାର ଅଫ ୱିସ୍‌ଡମ୍‌ରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁପ୍ରିମକୋର୍ଟରେ ଅବସରପ୍ରାପ୍ତ ପ୍ରଧାନ ବିଚାରପତି ଦୀପକ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଶିଷ୍ଟ ଅତିଥିଭାବେ ଓପିଏସ୍‌ସି ଅଧ୍ୟକ୍ଷ ଡ. ସତ୍ୟଜିତ ମହାନ୍ତି ଯୋଗଦେଇ କହିଥିଲେ, ସବୁ ଛାତ୍ରୀଛାତ୍ର ସ୍ୱପ୍ନ ଦେଖିବା ନିହାତି ଆବଶ୍ୟକ। ଏହାଦ୍ୱାରା ଉଚ୍ଚାଭିଳାଷୀ ହୋଇପାରିବା। ସମ୍ମାନିତ ଅତିଥି ବୈଜ୍ଞାନିକ ଯୋଗେଶ ଚନ୍ଦ୍ର ପତି ଯୋଗଦେଇ ଛାତ୍ରାବାସରେ ରହିବା ସମୟର ସ୍ମୃତି ମନ ପକାଇଥିଲେ। ସେହିପରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ କହିଥିଲେ, ଏହି ବିଶ୍ୱବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁ ଦାସ, ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ, କାଳୀପ୍ରସାଦ ରଥ, ବିରୁପାକ୍ଷ ମିଶ୍ର, ରାମଚନ୍ଦ୍ର ମିଶ୍ର, ଅଶୋକ ରଥ ପ୍ରମୁଖ ପାଠପଢି ଦେଶବିଦେଶରେ ବିଶ୍ୱବିଦ୍ୟାଳୟ ନାମକୁ ଗୌରବାନ୍ୱିତ କରିଛନ୍ତି। ଏହି ଅବସରରେ ଓଡ଼ିଶାର ବରପୁତ୍ର ବା ଛାତ୍ରାବାସରୁ ବାହାରିଥିବା ମହାନ୍ ବ୍ୟକ୍ତିତ୍ୱଙ୍କ ସ୍ମୃତିରେ ଛାତ୍ରାବାସ ପରିସରରେ ସ୍ମୃତିର ଷଠିଘର ନାମରେ ସ୍ମୃତି ସମ୍ଭାର ଶିଳାନ୍ୟାସ ହୋଇଛି। ଏଥିସହ ଏକ ଜ୍ଞାନଗଛ ଲଗାଯାଇଥିବାବେଳେ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସେହିପରି ଇଷ୍ଟ ହଷ୍ଟେଲର ଲୋଗୋ, ଜାଗରଣ ପତ୍ରିକା, ସ୍ମରଣିକା, ପୋଷ୍ଟାଲ ଷ୍ଟାମ୍ପ ଉନ୍ମୋଚନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସହଦେବ ସାହୁ, ମନୋରଞ୍ଜନ ପାଣିଗ୍ରାହୀ, ସଞ୍ଜୟ ଶତପଥୀ, ସୁଭ୍ରଜିତ ସ୍ୱାଇଁ, ସୁରଜ ଶତପଥୀ, ସ୍ୱାମୀ ପ୍ରଜ୍ଞାନାନନ୍ଦ ସରସ୍ୱତୀ, ଡ. ଗୌରୀଶଙ୍କର ସାହୁ, ଗୌରବ ମେହେର ପ୍ରମୁଖ ଯୋଗଦେଇଥିଲେ।





# ରାୱତ୍‌ଙ୍କ ମନ ବଦଳିଲା


ନୂଆଦିଲ୍ଲୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିବାକୁ ଯାଇଥିବା ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ୍।

**ନୂଆଦିଲ୍ଲୀ,୨୪।୧୨**

ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରିଶ ରାୱତ୍ କଂଗ୍ରେସର ନେତୃତ୍ୱ ନେବେ। ସେ କଂଗ୍ରେସ ପ୍ରଚାର କମିଟିର ମଙ୍ଗ ଧରିବେ ବୋଲି ଗୁରୁବାର ସୂଚନା ଦେଇଛନ୍ତି। କଂଗ୍ରେସରେ ତାଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ବୁଧବାର ମୁହଁ ଫୁଲାଇଥିବା ବରିଷ୍ଠ ନେତା ରାୱତ୍ ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ତାଙ୍କ ମନ ବଦଳିଛି। ତେବେ ନିର୍ବାଚନରେ କଂଗ୍ରେସ ବିଜୟୀ ହେଲେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ରାୱତ୍ କହିଛନ୍ତି। ପ୍ରକାଶ ଯେ, ବରିଷ୍ଠ କଂଗ୍ରେସ ନେତା ହରିଶ ରାୱତ୍

## ଉତ୍ତରାଖଣ୍ଡ କଂଗ୍ରେସ ପ୍ରଚାର କମିଟି ମଙ୍ଗ ଧରିଲେ

ବୁଧବାର ଏକାଧିକ ଟୁଇଟ୍ କରି ଦଳ ପ୍ରତି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସେ ଆଗାମୀ ନିର୍ବାଚନ ଲଢ଼ିବାକୁ ଚାହୁଁଛନ୍ତି। କିନ୍ତୁ ତାଙ୍କ ହାତ ବନ୍ଧାହୋଇଛି ବୋଲି ସେ କହିଥିଲେ। ରାୱତ୍‌ଙ୍କ ଟୁଇଟ୍ ପରେ ଦିଲ୍ଲୀରେ ବରିଷ୍ଠ ନେତାମାନଙ୍କ ବୈଠକ ବସିଥିଲା। ଉଚ୍ଚସ୍ତରୀୟ ବୈଠକ ପୂର୍ବରୁ ରାଜ୍ୟର କଂଗ୍ରେସ ବିଧାୟକ ପ୍ରୀତମ ସିଂ କହିଥିଲେ, ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ସମସ୍ତେ ମାନିନେବୁ। ରାୱତ୍ ଆମର ବରିଷ୍ଠ ନେତା। ତାଙ୍କ ଟୁଇଟ୍ ଉପରେ କିଛି ପ୍ରତିକ୍ରିୟା ଦେବାର ନାହିଁ। ଦଳରେ କିଛି ବିବାଦ ନାହିଁ।

# ଭାଜପା ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡ଼ିଲା

**ପାଟଣା,୨୪।୧୨(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ ଭାଜପାର ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡ଼ିବା ଚର୍ଚ୍ଚାର ବିଷୟ ହୋଇଛି। ଉଦୟପୁରସ୍ଥିତ ବିର୍ସା ମୁଣ୍ଡା ଛକରେ ଶୁକ୍ରବାର ଭାଜପାର ପୂର୍ବତନ କର୍ମକର୍ତ୍ତାମାନେ ଏକ କର୍ମୀ ସମ୍ମିଳନୀ କରି ୨୯ନଂ. ଜୋନ୍ ଜିଲା ପରିଷଦ ଆସନରୁ ଖଗେଶ୍ୱର ସେଠୀଙ୍କୁ ପ୍ରାର୍ଥୀ କରିବା ପାଇଁ ଏକାଠି ହୋଇଥିଲେ। ଏଥିରେ ଜଣାଶୁଣା ନେତା ବୁଟା ସିଂ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୌତମ ନାଏକ,ପୂର୍ବତନ ମଣ୍ଡଳ ସଭାପତି ହୀରାଲାଲ ମହାନ୍ତ, ନେତ୍ରାନନ୍ଦ ମହାନ୍ତ, ଲାଲମୋହନ ନାଏକ, ସୁବାସ ମହାନ୍ତ, ସୁଶୀଲ ଚାନ୍ଦ ମହାନ୍ତ, ମନୋଜ ମହାନ୍ତ, ରମାକାନ୍ତ ପରିଡ଼ା, ଦୀନବନ୍ଧୁ ମହାନ୍ତ, ତରଣୀସେନ ମହାନ୍ତ ପ୍ରମୁଖ ୩୦୦ରୁ ଊର୍ଦ୍ଧ୍ୱ କର୍ମୀ ଏକାଠି ହୋଇ ସେଠୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥ ଜଣାଇଥିଲେ। ତେବେ ଏହି ସମାବେଶକୁ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଓ ତାଙ୍କ ସମର୍ଥକଙ୍କୁ ଡକାଯାଇ ନ ଥିବାରୁ ନାନା କଥା ଶୁଣିବାକୁ ମିଳୁଛି। ଏହି ଘଟଣାରୁ ସାହାରପଡ଼ା ଭାଜପାରେ ଅନ୍ତର୍ଦ୍ୱନ୍ଦ୍ୱ ଓ ଫାଟ ସ୍ପଷ୍ଟ ବାରି ହୋଇପଡ଼ୁଛି ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଭାଜପାର ଦୁଇ ଗୋଷ୍ଠୀ ମଧ୍ୟରେ ଦୀର୍ଘଦିନରୁ ଲାଗି ରହିଥିବା କ୍ଷମତା ଲଢ଼େଇ ଓ ଆଭ୍ୟନ୍ତରଣ କନ୍ଦଳ ପଦାରେ ପଡ଼ିଛି।

# ସମୀକ୍ଷା ପରେ ୟୁପି ନିର୍ବାଚନ ନିଷ୍ପତ୍ତି: ସିଇସି

**ଡେରାଡୁନ୍, ୨୪।୧୨**

ଓମିକ୍ରନ୍ ଭାରିଆଣ୍ଟ ଯୋଗୁ ମହାମାରୀର ତୃତୀୟ ଲହର ଆସିବା ଆଶଙ୍କା ବ୍ୟକ୍ତ କରି ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ମାସେ ଦୁଇ ମାସ ସ୍ଥଗିତ ରଖିବା ଲାଗି ଆଲ୍ଲାହାବାଦ ହାଇକୋର୍ଟ ଗୁରୁବାର ନିର୍ବାଚନ କମିଶନଙ୍କୁ ପ୍ରସ୍ତାବ ଦେଇଥିଲେ। ନିର୍ବାଚନୀ ରାଲି ବନ୍ଦ ଲାଗି ମଧ ଅଦାଲତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ନିର୍ବାଚନ କମିଶନଙ୍କୁ ଅନୁରୋଧ କରିଥିଲେ। ଆସନ୍ତା ସପ୍ତାହରେ କମିଶନ ୟୁପି ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ନିର୍ବାଚନ ସ୍ଥଗିତ ରଖିବା ପ୍ରସ୍ତାବ ଉପରେ ଉପଯୁକ୍ତ ନିଷ୍ପତ୍ତି ନେବେ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ସୁଶୀଲ ଚନ୍ଦ୍ରା ଶୁକ୍ରବାର କହିଛନ୍ତି।

ରାଲି ବନ୍ଦ କରା ନ ଗଲେ ସଂକ୍ରମଣ ଦ୍ୱିତୀୟ ଲହରକୁ ଟପିଯିବ ବୋଲି ଜଷ୍ଟିସ୍ ଶେଖର ଯାଦବ କହିଥିଲେ। ଉତ୍ତରପ୍ରଦେଶ ଗ୍ରାମପଞ୍ଚାୟତ ନିର୍ବାଚନ ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ବେଳେ କୋଭିଡ୍ ସଂକ୍ରମଣ ଦ୍ରୁତ ବୃଦ୍ଧି ଘଟିବା ସହ ଅନେକ ଲୋକଙ୍କ ଜୀବନ ଯାଇଥିଲା। ତେଣୁ ରାଲି ଓ ସମାବେଶକୁ ନିଷେଧ କରି ଦୂରଦର୍ଶନ କିମ୍ବା ଖବରକାଗଜ ଜରିଆରେ ପ୍ରଚାର କରିବା ନିମନ୍ତେ ରାଜନୈତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟ ନିର୍ବାଚନ କମିଶନଙ୍କୁ କହିଥିଲେ।







ଅମୃତସରରେ ଶିରୋମଣି ଅକାଳୀ ଦଳ ନେତା ବିକ୍ରମ ସିଂ ମାଜିଥିଆଙ୍କ ବିରୋଧରେ ଏଫ୍‌ଆଇଆର୍ ପ୍ରତିବାଦରେ ଦଳୀୟ କର୍ମୀ ବିକ୍ଷୋଭ କରୁଛନ୍ତି।

# ସରକାରଙ୍କ ବିରୋଧରେ ଗର୍ଜିଲା କଂଗ୍ରେସ

**ଖୋର୍ଦ୍ଧା ଅଫିସ,୨୪।୧୨**

ବିଭିନ୍ନ ପ୍ରସଙ୍ଗକୁ ନେଇ ଶୁକ୍ରବାର ଖୋର୍ଦ୍ଧା ଜିଲାରେ ବିକ୍ଷୋଭ ପ୍ରଦର୍ଶନ କରିଛି କଂଗ୍ରେସ। ଜିଲା ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହସ୍ରାଧିକ କଂଗ୍ରେସ କର୍ମୀ ବାଇକ୍ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଦରଦାମ ବୃଦ୍ଧି, ବର୍ଦ୍ଧିତ ବିଦ୍ୟୁତ୍ ଦର, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି, ଧାନକିଣାରେ ଚାଷୀଙ୍କୁ ଉପେକ୍ଷା, ବେକାରୀ ସମସ୍ୟା, ଅନୁସୂଚିତ ଜାତି ଓ ଜନଜାତି ଏବଂ ଭୂମିହୀନଙ୍କ ସମସ୍ୟା ଏବଂ ଶ୍ରୀଜଗନ୍ନାଥ ଜମି କିସମ ପରିବର୍ତ୍ତନ ପ୍ରତିବାଦରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ।

ଏହି ଅବସରରେ ଆୟୋଜିତ ସମାବେଶରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ, ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ଚାଲିଛନ୍ତି। ଟଙ୍କିକିଆ ଚାଉଳ ଦେଇ ଲୋକଙ୍କୁ ଅଳସୁଆ କରିବା ପରିବର୍ତ୍ତେ ସେମାନଙ୍କୁ କର୍ମଠ, ସ୍ୱରୋଜଗାର ପାଇଁ ଚିନ୍ତା କଲେ, ଓଡ଼ିଶା ସମୃଦ୍ଧି ପଥରେ ଆଗେଇବ। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଥିଲେ, ରାଜ୍ୟରେ ମହିଳାମାନେ ସୁରକ୍ଷିତ ନୁହନ୍ତି। ଆବାସ ଯୋଜନା ଓ ଭତ୍ତା ପାଇଁ ଟଙ୍କା ନ ଦେଲେ କାମ ହେଉନି। ସରକାରୀ କାର୍ଯ୍ୟାଳୟଗୁଡିକ ଦୁର୍ନୀତିରେ ବୁଡି ରହିଛି। ପଞ୍ଚାୟତ ନିର୍ବାଚନକୁ ନେଇ ସରକାର ଭୟଭୀତ ଅଛନ୍ତି। ତେଣୁ ବାରମ୍ବାର ସଂରକ୍ଷଣ ତାଲିକା ପରିବର୍ତ୍ତନ କରୁଛନ୍ତି। ସରକାରଙ୍କ ବିରୋଧରେ ଖୋର୍ଦ୍ଧା ମାଟିରୁ ଲଢ଼େଇ ଆରମ୍ଭ ହେଲା। ଆଗକୁ ରାଜ୍ୟର ସମସ୍ତ ଜିଲାପାଳ, ସରକାରୀ କାର୍ଯ୍ୟାଳୟକୁ ଘେରାଉ କରାଯିବ। ଜଟଣୀ ବିଧାୟକ ରାଉତରାୟ କହିଥିଲେ, ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ ନ ଦେଲେ କାମ ହେଉନି। ସାଧାରଣ ଲୋକେ ହଇରାଣ

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ

ହେଉଛନ୍ତି। ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନକୁ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିଛନ୍ତି। ଆଗାମୀ ଦିନରେ ଏହାକୁ ତୀବ୍ର ବିରୋଧ କରାଯିବ। ବର୍ଷ ବର୍ଷ ଧରି ଭୋଗଦଖଲରେ ରହିଥିବା ଶ୍ରୀଜଗନ୍ନାଥଙ୍କ ଜମିକୁ ଛଡାଇ ନେବା ପାଇଁ ଚକ୍ରାନ୍ତ କରୁଛନ୍ତି। ପାଇକ ସ୍ମାରକୀ ନିର୍ମାଣ ପାଇଁ ସରକାର ଏପର୍ଯ୍ୟନ୍ତ ୧୦ଏକର ଜମି ଦେଇପାରୁନାହାନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୱାସିର ନୱାଜ କହିଥିଲେ, ଖୋର୍ଦ୍ଧା ପ୍ରାକୃତିକ ସମ୍ପଦରେ ଭରପୁର ରହିଛି। ଏହାର ହରିଲୁଟ ଚାଲିଛି। ଜିଲାରେ ବେକାରୀ ସମସ୍ୟା ବଢିଚାଲିଛି। ଯୁବ ଏବଂ ଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଛାତ୍ର କଂଗ୍ରେସ ଲଢେଇ ଜାରି ରଖିବ। ନିର୍ବାଚିତ ପ୍ରତିନିଧିଙ୍କୁ ସରକାରୀ କାର୍ଯ୍ୟରୁ ଦୂରେଇ ରଖାଯାଉଛି ବୋଲି ସେ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଯୁବନେତା ମନ୍ମଥ ରାଉତରାୟ, ପିସିସି ସଭ୍ୟ ଶିଶିର ପରିଡା, ଜିଲା ମୁଖପାତ୍ର ଅମିତ ମହାନ୍ତି, ଜିଲା ସମ୍ପାଦକ ପ୍ଲାବନ ପଟ୍ଟନାୟକ, ବ୍ଲକ ସଭାପତି ବିଶ୍ୱଭୂଷଣ ଛୋଟରାୟ, ପ୍ରଦୀପ ସାହୁ, ପଦ୍ମଚରଣ ରାୟ, ରଣଜିତ୍ ମହାପାତ୍ର, ଜୟନ୍ତ ଭୋଇ, ବାପି ପଟ୍ଟନାୟକ, ସିଚେ ମଙ୍ଗରାଜ, ତ୍ରିଲୋଚନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୩ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲା।


ବିଭିନ୍ନ ପ୍ରସଙ୍ଗରେ ଶୁକ୍ରବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ।



DSPL - 346

**ହସ୍ତଶିଳ୍ପ ନିର୍ଦ୍ଦେଶାଳୟ**
**ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ**

**ହସ୍ତଶିଳ୍ପ କାରିଗର ଗଣନା ଅନ୍ତର୍ଗତ ସଂଶୋଧନ**

ଏତଦ୍‌ଦ୍ୱାରା ଓଡ଼ିଶାର ସମସ୍ତ ହସ୍ତଶିଳ୍ପ କାରିଗରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ହସ୍ତଶିଳ୍ପ କାରିଗରମାନଙ୍କ ସର୍ବେକ୍ଷଣ କରାଯାଇ ତାହାର ଏକ ତାଲିକା ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍‌ରେ (https://crafts.odisha.gov.in/) ଅପଲୋଡ୍ କରାଯାଇଅଛି । ଏହା ତା୨୪.୧୨.୨୦୨୧ ଠାରୁ ୨୪.୦୧.୨୦୨୨ରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ରହିବ । କାରିଗରମାନେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ଉକ୍ତ ୱେବ୍‌ସାଇଟ୍‌ରେ ସେମାନଙ୍କ ନାମ ତାଲିକାଭୁକ୍ତ ହୋଇଛି କି ନାହିଁ ଦେଖି ପାରିବେ । ଯଦି କୌଣସି ହସ୍ତଶିଳ୍ପ କାରିଗରଙ୍କ ନାମ ତାଲିକାଭୁକ୍ତ ହୋଇ ନଥାଏ, ତେବେ ସେମାନେ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ମାଧ୍ୟମରେ ଆବେଦନ କରିପାରିବେ । ସେହିପରି ପ୍ରକାଶିତ ତାଲିକା ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଥିଲେ, ଯେକୌଣସି ବ୍ୟକ୍ତି ସଂପୃକ୍ତ ସହକାରୀ ନିର୍ଦ୍ଦେଶକ, ହସ୍ତଶିଳ୍ପଙ୍କ କାର୍ଯ୍ୟାଳୟ ମାଧ୍ୟମରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ । ଉକ୍ତ ସର୍ଭେ ତାଲିକାର ସଂଶୋଧନ ସମ୍ବନ୍ଧରେ ଦରଖାସ୍ତ ତା ୨୪.୦୧.୨୦୨୨ରିଖ ଅପରାହ୍ନ ଘ.୫.୩୦ ମିନିଟ୍ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଏହାପରେ କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଏବିଷୟରେ ଅଧିକ ତଥ୍ୟ ଜାଣିବାପାଇଁ ଜିଲ୍ଲା ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କିମ୍ବା ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ପରିସଂଖ୍ୟାନ ଅଧିକାରୀ, (9937746794) ଙ୍କୁ ଯୋଗାଯୋଗ କରିପାରିବେ ।

ନିର୍ଦ୍ଦେଶକ

OIPR-31001/13/0002/2122

# ବିଚଳିତ ବିଶ୍ୱ

ବିଶ୍ୱ ପାଇଁ ଘଟଣାବହୁଳ ଥିଲା ବିଦାୟୀ ବର୍ଷ। କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ପରେ ତୃତୀୟ ଓ ଚତୁର୍ଥ ଲହରକୁ ସାମ୍ନା କରିଥିଲେ ଅନେକ ଦେଶ। ଜଳବାୟୁ ପରିବର୍ତ୍ତନର ଦୁଷ୍ପରିଣାମ ହ୍ରାସ ଦିଗରେ ନିର୍ଣ୍ଣାୟକ ପଦକ୍ଷେପ ନେବା ପାଇଁ ଜାତିସଂଘର କପ୍୨୬ରେ ସହମତ ପ୍ରକାଶ ନ ପାଇବା ଚିନ୍ତା ବୃଦ୍ଧିର କାରଣ ହୋଇଥିଲା। ଇତିମଧ୍ୟରେ କେତେକ ଭୂଖଣ୍ଡରେ ବିବାଦ, ବିଦ୍ରୋହ ଓ ସୀମା ସଂଘର୍ଷ ଲୋକଙ୍କୁ ବ୍ୟଥିତ କରିଥିଲା। ବିଶ୍ୱବାସୀଙ୍କ ସବୁଠୁ ବେଶି ଦୃଷ୍ଟି ଆକର୍ଷଣ କରିଥିଲା ତାଲିବାନ୍। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟ ଫେରିଯିବା ପୂର୍ବରୁ କାବୁଲ ଦଖଲ କରିଥିଲା ଏହି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ।





## କ୍ୟାପିଟୋଲ ହିଲ୍ ଦଙ୍ଗା

ବିଦାୟୀ ବର୍ଷ ଆରମ୍ଭରୁ ଅନେକ ବିବାଦୀୟ ଘଟଣାକ୍ରମ ଓ ବିଦ୍ରୋହକୁ ପ୍ରତ୍ୟକ୍ଷ କରିଥିଲା ବିଶ୍ୱ। ଆମେରିକାର ରିପବ୍ଲିକାନ୍ ନେତା ଡୋନାଲ୍ଡ ଟ୍ରମ୍ପ୍ ରାଷ୍ଟ୍ରପତି ନିର୍ବାଚନରେ ପରାଜିତ ହେବା ପରେ ଜାନୁୟାରୀ ୬ରେ ନିଜ ଅନୁଗତଙ୍କ ଜରିଆରେ କଂଗ୍ରେସରେ କ୍ଷମତା ହସ୍ତାନ୍ତରଣ ପ୍ରକ୍ରିୟାରେ ବିଭ୍ରାଟ ସୃଷ୍ଟି କରିଥିଲେ। ଟ୍ରମ୍ପ୍ଙ୍କ ହଜାର ହଜାର ସମର୍ଥକ କ୍ୟାପିଟୋଲ ହିଲ୍‌କୁ 'ସେଭ୍ ଆମେରିକା ମାର୍ଚ୍ଚ'ରେ ଯାଇ ଆକ୍ରମଣ କରିଥିଲେ। ଏଥିରେ ଜଣେ ପୋଲିସ ଅଫିସରଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ପୂର୍ବତନ ରାଷ୍ଟ୍ରପତି ଟ୍ରମ୍ପ୍ଙ୍କ ଏହି ରକ୍ତରଞ୍ଜିତ ଅଧ୍ୟାୟକୁ ଏକ ଆଭ୍ୟନ୍ତରୀଣ ଆତଙ୍କବାଦୀ ଆକ୍ରମଣ ଭାବେ ଅଭିହିତ କରାଯାଇଥିବାବେଳେ ବିଶ୍ୱ ସମୁଦାୟ ଏହାର ନିନ୍ଦା କରିଥିଲା। ଜାନୁୟାରୀ ୧୩ରେ ଟ୍ରମ୍ପ୍ଙ୍କ ବିରୋଧରେ କ୍ଷମତାର ଅପବ୍ୟବହାରକୁ ନେଇ ଦ୍ୱିତୀୟ ଥର ପାଇଁ ମହାଭିଯୋଗ ଅଣାଯାଇଥିଲା।



## ଡେଲ୍ଟା+ଓମିକ୍ରନ୍=ଡେଲ୍‌ମିକ୍ରନ୍

ସାରା ବିଶ୍ୱରେ କୋଭିଡ୍ ସଂକ୍ରମଣ କମିଆସୁଥିବାବେଳେ ନଭେମ୍ବର ଶେଷ ସପ୍ତାହରେ ଦକ୍ଷିଣ ଆଫ୍ରିକାରେ କରୋନା ଭୂତାଣୁର ନୂଆ ଭାରିଆଣ୍ଟ ବି.୧.୧.୫୨୯ ଚିହ୍ନଟ ହୋଇଥିଲା। ଏହା ଦ୍ରୁତ ସଂକ୍ରାମକ ହୋଇଥିବାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ନଭେମ୍ବର ୨୬ରେ ଏହାକୁ ଚିନ୍ତାଜନକ ଭାରିଆଣ୍ଟ କହିବା ସହ 'ଓମିକ୍ରନ୍' ଭାବେ ନାମିତ କରିଥିଲା। ଡିସେମ୍ବର ୧୬ ସୁଦ୍ଧା ଓମିକ୍ରନ୍ ୮୯ ଦେଶକୁ ବ୍ୟାପିଥିବାବେଳେ ବ୍ରିଟେନରେ ୧୨ରୁ ଅଧିକ ଲୋକଙ୍କ ଜୀବନ ନେଇଥିଲା। ଯଦିଓ ଡେଲ୍ଟା ଭଳି ଏହା ଆକ୍ରାନ୍ତଙ୍କୁ ଗୁରୁତର କରୁନାହିଁ, ତେବେ ଏଥିରେ ସ୍ପାଇକ୍ ପ୍ରୋଟିନ୍ ୨୬ରୁ ୩୨ ପର୍ଯ୍ୟନ୍ତ ଥିବାରୁ ଏହା ଦ୍ରୁତ ସଂକ୍ରମିତ ହେଉଛି। ଭାରତର ୧୭ ରାଜ୍ୟରେ ନୂଆ ଭାରିଆଣ୍ଟ ସଂକ୍ରମଣ ୩୬୦ରେ ପହଞ୍ଚିଥିବାବେଳେ ଏହା ଉପରେ ଅଧିକ ଗବେଷଣା ଜାରି ରହିଛି। ଫେବୃୟାରୀ ବେଳକୁ ସଂକ୍ରମଣ ଶୀର୍ଷରେ ପହଞ୍ଚିବା ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଇତିମଧ୍ୟରେ ଆମେରିକା, ବ୍ରିଟେନ ଓ ଅନ୍ୟ କେତେକ ୟୁରୋପୀୟ ରାଷ୍ଟ୍ରରେ ଡେଲ୍‌ମିକ୍ରନ୍ ଆତଙ୍କ ଦେଖାଦେଇଛି। ଡେଲ୍ଟା ଏବଂ ଓମିକ୍ରନ୍‌ର ମିଶ୍ରଣରେ ଏହି ନୂଆ ଭୂତାଣୁର ସୃଷ୍ଟି ବୋଲି କୁହାଯାଉଛି। ବିଦାୟୀ ବର୍ଷ ଶେଷ ବେଳକୁ କରୋନା ମହାମାରୀ ଆମେରିକାରେ ୫ କୋଟି ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସଂକ୍ରମିତ କରିଥିବାବେଳେ ପ୍ରାୟ ୮ ଲକ୍ଷ ୩୫ ହଜାର ଜଣଙ୍କ ଜୀବନ ନେଇସାରିଥିଲା।



## ନେତାନ୍ୟାହୁଙ୍କ ଶାସନ ଶେଷ

ଇସ୍ରାଏଲରେ ସର୍ବାଧିକ କାଳ କ୍ଷମତାରେ ରହିଥିବା ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଶାସନ ଜୁନ୍‌ରେ ଶେଷ ହୋଇଥିଲା। ନିର୍ବାଚନରେ ଷ୍ଟ୍ରଙ୍ଗମ୍ୟାନ୍ ନେତାନ୍ୟାହୁଙ୍କ ପରାଜୟ ପରେ ନଫଟାଲି ବେନେଟ ପ୍ରଧାନମନ୍ତ୍ରୀ ଏବଂ ୟାଇର ଲାପିଡ୍ ବିକଳ୍ପ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ।



## ଯୁଦ୍ଧଭୂଇଁରେ ଚାଦ୍ ରାଷ୍ଟ୍ରପତି ନିହତ

ତିନି ଦଶନ୍ଧି ଧରି କ୍ଷମତାରେ ରହିବା ପରେ ଏପ୍ରିଲ ୨୦ରେ ବିଦ୍ରୋହୀଙ୍କ ସହ ସଂଘର୍ଷରେ ଚାଦ୍ ରାଷ୍ଟ୍ରପତି ଇଦ୍ରିସ୍ ଡେବି ଇଟ୍‌ନୋ(୬୮)ଙ୍କ ପରଲୋକ ହୋଇଥିଲା। ଏପ୍ରିଲ ୧୧ରେ ଅନୁଷ୍ଠିତ ନିର୍ବାଚନ ଇଦ୍ରିସ୍‌ଙ୍କ ସପକ୍ଷରେ ଯାଇଥିବାବେଳେ ସେ ଷଷ୍ଠ ଥର ପାଇଁ ରାଷ୍ଟ୍ରପତି ହୋଇଥାଆନ୍ତେ। କିନ୍ତୁ ଫ୍ରଣ୍ଟ ଫର୍ ଚ୍ୟାଲେଞ୍ଜ ଆଣ୍ଡ କନ୍‌କର୍ଡ ଇନ୍ ଚାଦ୍ ନାମକ ବିଦ୍ରୋହୀ ଗୋଷ୍ଠୀର ଆକ୍ରମଣରେ ସେ ପ୍ରାଣ ହରାଇଥିଲେ।

## 'ଫେଜ୍ ଆଉଟ୍' ବଦଳରେ 'ଫେଜ୍ ଡାଉନ୍'




ସ୍କଟ୍‌ଲାଣ୍ଡ ରାଜଧାନୀ ଗ୍ଲାସ୍‌ଗୋରେ ଅକ୍ଟୋବର ୩୧ରୁ ଦୁଇ ସପ୍ତାହ ଧରି ଚାଲିଥିବା ୨୬ତମ ଜାତିସଂଘ ଜଳବାୟୁ ସମ୍ମିଳନୀ (କପ୍୨୬)ରେ ପ୍ରାୟ ୨୦୦ ଦେଶ ଏକ ସାଲିସପୂର୍ଣ୍ଣ ରାଜିନାମାକୁ ଗ୍ରହଣ କରିଥିଲେ। ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ୍‌ରେ ସୀମିତ ରଖିବା ପାଇଁ କୋଇଲା ବ୍ୟବହାରକୁ ପର୍ଯ୍ୟାୟକ୍ରମେ ସମ୍ପୂର୍ଣ୍ଣ ବନ୍ଦ କରିବା ମୁଖ୍ୟ ପ୍ରସଙ୍ଗ ଥିଲା। ତେବେ ଭାରତ ଶେଷ ମୁହୂର୍ତ୍ତରେ କୋଇଲାର ବ୍ୟବହାରକୁ ନେଇ 'ଫେଜ୍ ଆଉଟ୍' ବଦଳରେ 'ଫେଜ୍ ଡାଉନ୍' ଶବ୍ଦର ପ୍ରୟୋଗ ନେଇ ପରିବର୍ତ୍ତନ ଆଣିଥିଲା। ଫଳରେ ଉକ୍ତ ସମ୍ପୂର୍ଣ୍ଣ ବନ୍ଦ ପ୍ରସ୍ତାବ ଏଥିରେ ଗୃହୀତ ହେଲା ନାହିଁ। ଭାଷାଗତ ପରିବର୍ତ୍ତନକୁ ନେଇ ଅନେକ ରାଷ୍ଟ୍ର ଅସନ୍ତୋଷ ବ୍ୟକ୍ତ କରି ଭାରତକୁ ସମାଲୋଚନା କରିଥିଲେ।

## ପେଡ଼ି ଖୋଲିଲା ପାଣ୍ଡୋରା ପେପର୍ସ

ଶତାଧିକ ବିଲିଅନେୟାର, ୩୦ ବିଶ୍ୱନେତା ଓ ୩୦୦ ସରକାରୀ ଅଧିକାରୀଙ୍କ ଗୁପ୍ତ ଡିଲ୍ ଏବଂ ସମ୍ପତ୍ତିକୁ ନେଇ ୧୧.୯ ନିୟୁତ ଦସ୍ତାବିଜ ପାଣ୍ଡୋରା ପେପର୍ସ ଜରିଆରେ ସାମ୍ନାକୁ ଆସିଥିଲା ଅକ୍ଟୋବର ୩ରେ। ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ କିପରି ନିଜ କ୍ଷମତାର ଅପବ୍ୟବହାର କରି ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଛନ୍ତି ତାହା ୨.୯୪ ଟେରାବାଇଟ୍ ଡାଟାରେ ଗଚ୍ଛିତ ଦସ୍ତାବିଜ ପ୍ରଘଟ କରିଥିଲା। ବିଶ୍ୱର ସବୁଠୁ ବଡ଼ ଅଫ୍‌ଶୋର ଡଟା ଲିକ୍ ବୋଲି କୁହାଯାଉଥିବା ଏହି ଅନୁସନ୍ଧାନରେ ୬୦୦ରୁ ଅଧିକ ଖବରଦାତା ନିୟୋଜିତ ଥିବାବେଳେ ଭାରତରୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ସହଯୋଗୀ ଭାବେ କାର୍ଯ୍ୟ କରିଥିଲା। ପାଣ୍ଡୋରା ପେପର୍ସରେ ଜୋର୍ଡାନ କିଙ୍ଗଙ୍କ ସମେତ ୟୁକ୍ରେନ୍, କେନିଆ ଓ ଇକ୍ୱେଡର ରାଷ୍ଟ୍ରପତିଙ୍କ ଡିଲିଂ, ଚେକ୍ ପ୍ରଧାନମନ୍ତ୍ରୀ, ବ୍ରିଟେନ ପ୍ରଧାନମନ୍ତ୍ରୀ(ପୂର୍ବତନ) ଟୋନି ବ୍ଲେୟାର ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନାମ ରହିଥିଲା। ଶିଳ୍ପପତି ଅନୀଲ ଅମ୍ବାନୀଙ୍କ ୧୮ଟି ଦରିଆପାରି କମ୍ପାନୀ ଏବଂ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ କାରନାମା ମଧ୍ୟ ପାଣ୍ଡୋରା ପେପର୍ସ ପ୍ରଘଟ କରିଥିଲା।



## ଆଲେକ୍ସି ନଭେଲନିଙ୍କ ଖାଦ୍ୟରେ ବିଷ



ଦୀର୍ଘ ବର୍ଷ ଧରି କ୍ଷମତାରେ ଥିବା ରୁଷିଆ ରାଷ୍ଟ୍ରପତିଙ୍କ ଦୃଢ଼ ସମାଲୋଚକ ଭାବେ ପରିଚିତ ବିରୋଧୀ ଦଳ ନେତା ଆଲେକ୍ସି ନଭେଲନିଙ୍କୁ ଫେବୃୟାରୀ ୩ରେ ସାଢ଼େ ୩ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିଲା। ଏହା ପୂର୍ବରୁ ନଭେଲନି ବର୍ଲିନରୁ ରୁଷିଆକୁ ଫେରିବା ମାତ୍ରେ ତାଙ୍କୁ ଗିରଫ କରାଯାଇଥିଲା। ଏପରି କି ତାଙ୍କ ଖାଦ୍ୟରେ ବିଷ ମିଶାଇ ହତ୍ୟା ଉଦ୍ୟମ କରାଯାଇଥିବା ଆଲେକ୍ସିଙ୍କ ଓକିଲ ଅଭିଯୋଗ ଆଣିଥିଲେ। ରୁଷିଆରେ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଆଲେକ୍ସିଙ୍କ ମୁକ୍ତି ଦାବିରେ ବିକ୍ଷୋଭରତ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରାଯାଇଥିଲା। ଡିସେମ୍ବର ୧୫ରେ ନଭେଲନିଙ୍କ ପକ୍ଷରୁ ତାଙ୍କ ଝିଅ ଡାରିଆ ନଭେଲନ୍ୟା ୟୁରୋପୀୟ ସଂଘର ସର୍ବୋଚ୍ଚ ମାନବାଧିକାର ପୁରସ୍କାର ଗ୍ରହଣ କରିଥିଲେ।

## ବିବାଦରେ ବୋଲସୋନାରୋ

ଜୁନ୍ ଶେଷରେ ବ୍ରାଜିଲରେ କୋଭିଡ୍-୧୯ର ଭାରତୀୟ ଟିକା କୋଭାକ୍ସିନ୍‌କୁ ନେଇ ଝଡ଼ ସୃଷ୍ଟି ହୋଇଥିଲା। ୪୫ ନିୟୁତ ଡଲାରର ଏକ ଚାଲାଣ ସାମ୍ନାକୁ ଆସିବା ପରେ ଭାକ୍ସିନ ଡିଲ୍ ବିବାଦରେ ରାଷ୍ଟ୍ରପତି ଜୈର ବୋଲସୋନାରୋ ଫସିଥିଲେ। ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ ୩୦ ଲକ୍ଷ ଡୋଜ୍ କୋଭାକ୍ସିନ ପଠାଇବା ପାଇଁ ସିଙ୍ଗାପୁରର ଏକ କମ୍ପାନୀ ସହ ଚୁକ୍ତି ହୋଇଥିଲେ ହେଁ ବ୍ରାଜିଲରେ ଟିକା ପହଞ୍ଚି ନ ଥିବାରୁ ସେଠାକାର ସୁପ୍ରିମକୋର୍ଟରେ ମାମଲା ଦାଏର ହୋଇଥିଲା। ଟିକା କିଣିବା ପାଇଁ ହୋଇଥିବା ୩୨୦ ନିୟୁତ ଡଲାର (ପ୍ରାୟ ୨୩୭୭ କୋଟି ୮୯ ଲକ୍ଷ ୭୬ ହଜାର ଟଙ୍କା) ଡିଲ୍ ଦୁର୍ନୀତି ସମ୍ପର୍କରେ ବୋଲସୋନାରୋ ଜାଣି ସୁଦ୍ଧା ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ, ଯେତେବେଳେ କି କରୋନା ମହାମାରୀ ଯୋଗୁ ବ୍ରାଜିଲରେ ୫.୧୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିସାରିଥିଲା। ବୋଲସୋନାରୋଙ୍କ ବିରୋଧରେ ସିନେଟର ରାଣ୍ଡୋଲ୍‌ଫେ ରୋଡ୍ରିଗୁଏସ୍ ଏହି ଅଭିଯୋଗ ଆଣିଥିଲେ।






## କ୍ଷମତାକୁ ଫେରିଲା ତାଲିବାନ୍



କୋଡିଏ ବର୍ଷ ତଳେ ଆଫଗାନିସ୍ତାନରେ ଆରମ୍ଭ କରିଥିବା ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇ ଆମେରିକା ସେନା ପ୍ରତ୍ୟାହାର କରିଥିଲା। ଆମେରିକା ନେତୃତ୍ୱାଧୀନ ନାଟୋ ସେନାର ପ୍ରତ୍ୟାହାର ସହ ମାଡ଼ିବସିଥିଲା ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ତାଲିବାନ୍। ଜୁଲାଇ ୫ରେ ୧୦୦୦ରୁ ଊର୍ଦ୍ଧ୍ୱ ଆଫଗାନ ସୈନ୍ୟ ପଡ଼ୋଶୀ ତାଜିକିସ୍ତାନକୁ ପଳାୟନ କରିଥିଲେ। ଅଗଷ୍ଟ ୧୫ରେ ତାଲିବାନ୍ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପରେ ଦଖଲ କରିଥିଲା। ଏହା ପୂର୍ବରୁ ରାଷ୍ଟ୍ରପତି ଅଶ୍ରଫ ଗନି ପ୍ରାଣ ବିକଳରେ ଦେଶ ଛାଡ଼ିଥିଲେ। ସେପଟେ ହମିଦ୍ କାରଜାଇ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଲୋକଙ୍କୁ ଏୟାରଲିଫ୍ଟ କରି ସୁରକ୍ଷିତ ଭାବେ ନିଆଯାଉଥିବାବେଳେ ଆତ୍ମଘାତୀ ବିସ୍ଫୋରଣରେ ଥରି ଉଠିଥିଲା ଏୟାରପୋର୍ଟ। ଏହି ଆକ୍ରମଣରେ ୧୩ ଆମେରିକୀୟ ସର୍ଭିସ ମେମ୍ବରଙ୍କ ସହ ୧୮୨ ଜଣ ନିହତ ହୋଇଥିଲେ। ୨୭ ତାରିଖରେ ଆମେରିକା ଇସ୍‌ଲାମିକ୍ ଷ୍ଟେଟ୍ ଖୋରାସାନକୁ ଟାର୍ଗେଟ କରି ଏୟାରଷ୍ଟ୍ରାଇକ୍ କରିଥିଲା। ଅଗଷ୍ଟ ୩୦ରେ ଆମେରିକା ସମ୍ପୂର୍ଣ୍ଣ ଭାବେ ଆଫଗାନିସ୍ତାନ ଛାଡ଼ିଥିଲା। ସେପ୍ଟେମ୍ବରରେ ତାଲିବାନ ଇସ୍‌ଲାମିକ୍ ଏମିରେଟ୍ସ ଅଫ୍ ଆଫଗାନିସ୍ତାନରେ ସରକାର ଗଠନ କରିଥିଲା। ତେବେ ତାଲିବାନ୍‌ର ବର୍ବରତାକୁ ମନେପକାଇ ମହିଳାମାନେ ରାସ୍ତାକୁ ଓହ୍ଲାଇଥିଲେ, ଯାହାକି ଏବେ ବି ଜାରି ରହିଛି।

## ବାଇଡେନ୍ ଶାସନ



ଜାନୁୟାରୀ ୨୦ରେ ଆମେରିକାରେ ଡୋନାଲ୍ଡ ଟ୍ରମ୍ପ୍ଙ୍କ ପତନ ସହ ଦେଶର ୪୬ତମ ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ ୭୮ ବର୍ଷୀୟ ଡେମୋକ୍ରାଟ୍ ଜୋ ବାଇଡେନ୍। ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଅମଳରେ ଉପରାଷ୍ଟ୍ରପତି ଥିବା ଏହି ଅନୁଭୂତି ସମ୍ପନ୍ନ ନେତା ଆମେରିକା ଇତିହାସର ବରିଷ୍ଠତମ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ୍ଙ୍କ ଅମଳର ଅନେକ ବିବାଦୀୟ ନୀତିକୁ ପ୍ରତ୍ୟାହାର କରିଥିଲେ। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରୁ ଆମେରିକୀୟ ସୈନ୍ୟଙ୍କୁ ତରବରିଆ ଭାବେ ଫେରାଇଆଣିବା ହେଉଛି ଅଦ୍ୟାବଧି ବାଇଡେନ୍‌ଙ୍କ କାର୍ଯ୍ୟକାଳର ସବୁଠୁ ବିବାଦୀୟ ନିଷ୍ପତ୍ତି।

## ସୁ୍ୟ ଚୀଙ୍କୁ ଜେଲ



ମ୍ୟାନ୍‌ମାର ନିର୍ବାଚନରେ ଗଣତନ୍ତ୍ର ସପକ୍ଷବାଦୀ ନେତ୍ରୀ ନୋବେଲ ବିଜୟିନୀ ଅଙ୍ଗ୍ ସାନ୍ ସୁ୍ୟ ଚୀଙ୍କ ନ୍ୟାଶନାଲ ଲିଗ୍ ଫର୍ ଡେମୋକ୍ରାସି ବିପୁଳ ବିଜୟ ହାସଲ କରିଥିଲା। ସୁ୍ୟ ଚୀଙ୍କ ବିରୋଧରେ ନିର୍ବାଚନରେ ଅନିୟମିତତା ଅଭିଯୋଗ ଆଣି ଫେବୃୟାରୀ ୧ରେ ଦେଶର ଶକ୍ତିଶାଳୀ ସେନା ତାଙ୍କୁ ଜେଲକୁ ପଠାଇଦେଇଥିଲା। ସେବେଠୁ ଜେନେରାଲମାନଙ୍କ ହାତରେ କ୍ଷମତା ରହିଛି। ସେନା ଶାସନକୁ ବିରୋଧ କରି ମ୍ୟାନ୍‌ମାରରେ ବ୍ୟାପକ ବିକ୍ଷୋଭ ଓ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ସାମରିକ ବଳରୁ ଗୁଳିମାଡ଼ରେ ୧୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। ସେନା ପକ୍ଷରୁ ୩୫୪ ଜଣଙ୍କୁ ଆଜୀବନ କାରାଦଣ୍ଡ କିମ୍ବା ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଛି। ଡିସେମ୍ବର ୬ରେ ସୁ୍ୟ ଚୀଙ୍କୁ ମିଳିଥିବା ୪ ବର୍ଷ ଜେଲ ଦଣ୍ଡକୁ ପରେ ୨ ବର୍ଷକୁ ଖସାଇ ଦିଆଯାଇଛି।

## ଚାଇନା ବିରୋଧରେ ଅକସ୍ ମେଣ୍ଟ



ସେପ୍ଟେମ୍ବର ୧୫ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ହ୍ୱାଇଟ୍ ହାଉସ୍‌ର ଇଷ୍ଟ ରୁମ୍‌ରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ ଓ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍‌ଙ୍କ ସହ ଅକସ୍ ମେଣ୍ଟର ଘୋଷଣା କରିଥିଲେ। ଏହି ତ୍ରିପାକ୍ଷିକ ସୁରକ୍ଷା ମେଣ୍ଟ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆହ୍ୱାନର ମୁକାବିଲା କରିବା, ପ୍ରତିରକ୍ଷା ସାମର୍ଥ୍ୟ ସହଯୋଗିତା ବୃଦ୍ଧି ଏବଂ ଅଷ୍ଟ୍ରେଲିଆକୁ ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜ ଦେବା ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ତେବେ ସମ୍ପୃକ୍ତ ଅଞ୍ଚଳରେ ଶକ୍ତିଶାଳୀ ଚାଇନାର କ୍ରମବର୍ଦ୍ଧିଷ୍ଣୁ ବଳ ଓ ସାମରିକ ଉପସ୍ଥିତିକୁ ଆମେରିକା ଚିନ୍ତିତ ହୋଇ ବ୍ରିଟେନ ଓ ଅଷ୍ଟ୍ରେଲିଅ ସହ ହାତ ମିଳାଇଥିବା ବିଶେଷଜ୍ଞମାନେ ମତ ଦେଇଥିଲେ। ଇତିମଧ୍ୟରେ ଫ୍ରାନ୍ସ ସହ ୫୦ ବିଲିୟନ୍ ଡଲାର ପ୍ରତିରକ୍ଷା ଡିଲ୍‌କୁ ଅଷ୍ଟ୍ରେଲିଆ ବାତିଲ କରିଦେଇଥିଲା। କାରଣ ଅକସ୍ ମେଣ୍ଟର ସର୍ତ୍ତ ଅନୁସାରେ ଆମେରିକା ନିଜ ସବ୍-ମରିନ୍ ଟେକ୍ନୋଲୋଜି ଅଷ୍ଟ୍ରେଲିଆକୁ ଦେବା ପାଇଁ ରାଜି ହୋଇଥିଲା।

## ପେଗାସସ୍ ଝଡ଼




ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ପକ୍ଷରୁ ବିକଶିତ ପେଗାସସ୍ ସ୍ପାଏୱେର ଜରିଆରେ ବିଶ୍ୱର ବହୁ ରାଷ୍ଟ୍ରମୁଖ୍ୟ, ପ୍ରଧାନମନ୍ତ୍ରୀ, ବିଚାରପତି, ଖବରଦାତା, ମାନବାଧିକାର କର୍ମୀ ଓ ବିରୋଧୀ ନେତାଙ୍କ ସମେତ ୫୦ ହଜାର ଜଣଙ୍କ ଫୋନ୍ ହ୍ୟାକିଂ କରି ଗୁପ୍ତଚରଗିରି କରାଯାଇଥିଲା। ୧୭ଟି ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ପକ୍ଷରୁ କରାଯାଇଥିବା ତଦନ୍ତରୁ ଜୁଲାଇ ୧୮ରେ ଏହି ବିଷୟ ସାମ୍ନାକୁ ଆସିବା ପରେ ବିଶ୍ୱବ୍ୟାପୀ ଝଡ଼ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷେ ଏହି ସ୍ପାଏୱେର ପ୍ରୋଗ୍ରାମକୁ କେବଳ ସରକାରୀ ଏଜେନ୍ସିଗୁଡ଼ିକୁ ବିକ୍ରି କରାଯାଏ। ଆତଙ୍କବାଦ ଓ ଅପରାଧ ବିରୋଧରେ ଲଢ଼େଇ କରିବା ଏହାର ଉଦ୍ଦେଶ୍ୟ ବୋଲି ଏନ୍‌ଏସ୍‌ଓ କହିଥିଲା। ଭାରତରେ ପୂର୍ବତନ ସିଜେଆଇ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିବା ସୁପ୍ରିମକୋର୍ଟର ଜଣେ ମହିଳା କର୍ମଚାରୀ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ କେତେଜଣ ବିରୋଧୀ ନେତାଙ୍କ ବିରୋଧରେ ଗୁପ୍ତଚରଗିରି କରାଯାଇଥିବା ଜଣାପଡ଼ିବା ପରେ ପାର୍ଲାମେଣ୍ଟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଅଦାଲତଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ପାଇଁ ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର କରାଯାଇଥିଲା।



## ମହାକାଶ ମିଶନ

ବର୍ଷ ୨୦୨୧ରେ ମହାକାଶ ପର୍ଯ୍ୟଟନ ମିଶନ ଏକାଧିକ ଇତିହାସ ରଚିଛି। ମହାକାଶରେ ଫିଲ୍ମ ଶୁଟିଂଠାରୁ ଆରମ୍ଭ କରି ସବୁଠୁ ବୟୋଜ୍ୟେଷ୍ଠ ବ୍ୟକ୍ତି ସ୍ପେସ୍ ଭ୍ରମଣ କରିଛନ୍ତି। ଜୁଲାଇ ୧୧ରେ ବ୍ରିଟେନର ବିଗ୍ ବିଜ୍‌ନେସ୍‌ମ୍ୟାନ ତଥା ଭର୍ଜିନ ଗାଲାକ୍ଟିକ୍ ମୁଖ୍ୟ ସାର୍ ରିଚାର୍ଡ ବ୍ରାନ୍‌ସନ୍ ପ୍ରଥମ ବିଲିୟନେୟାର ଭାବେ ମହାକାଶ ଭ୍ରମଣ କରିଥିଲେ। ଜୁଲାଇ ୨୦ରେ ଆମାଜନ୍ ପ୍ରତିଷ୍ଠାତା ଜେଫ୍ ବେଜୋସ୍‌ଙ୍କ ସହ ପ୍ରଥମ ସ୍ୱୟଂଚାଳିତ ସ୍ପେସ୍‌କ୍ରାଫ୍ଟରେ ଭାଇ ମାର୍କ ବେଜୋସ୍, ନାସାର ପୂର୍ବତନ ପାଇଲଟ୍ ୮୨ ବର୍ଷୀୟା ୱାଲି ଫଙ୍କ୍ ଏବଂ ୧୮ ବର୍ଷୀୟ ଓଲିଭର ଡେମେନ୍ ମହାକାଶ ଯାଇ ଫେରିଥିଲେ। ସେପ୍ଟେମ୍ବର ୧୫ରେ ଆମେରିକୀୟ ବ୍ୟବସାୟୀ ଏଲନ ମସ୍କ ୪ ସାଧାରଣ ଲୋକଙ୍କୁ ପୃଥିବୀ କକ୍ଷକୁ ପଠାଇଥିଲେ। ଅକ୍ଟୋବର ୫ରେ ରୁଷିଆ ଅଭିନେତ୍ରୀ ୟୁଲିଆ ପେରେସିଲ୍ଡ ଏବଂ ନିର୍ଦ୍ଦେଶକ କ୍ଲିମ ଶିପେଙ୍କୋ ମହାକାଶରେ ୧୨ ଦିନ ଧରି ଫିଲ୍ମ 'ଚ୍ୟାଲେଞ୍ଜ'ର ଶୁଟିଂ ସାରି ଫେରିଥିଲେ। ବିଦାୟୀ ବର୍ଷରେ ବଡ଼ ବ୍ୟବସାୟୀଙ୍କୁ ନେଇ ସ୍ପେସ୍ ଟୁରିଜମ୍‌ରେ ପ୍ରତିଯୋଗିତା ଆରମ୍ଭ ହୋଇଛି। ସେହିପରି ଅଧିକ ଗବେଷଣା ପାଇଁ ଶତାଧିକ ମହାକାଶ ମିଶନ ସଫଳ ହୋଇଛି। ମଙ୍ଗଳ ଗ୍ରହରେ ଫେବୃୟାରୀ ୧୮ରେ ନାସାର ପର୍ସିଭରେନ୍ସ ଓ ମେ' ୧୪ରେ ଚାଇନାର ଝୁରୋଙ୍ଗ ରୋଭର ସଫଳତାର ସହ ଅବତରଣ କରିଥିଲା। ଏପ୍ରିଲରେ ଚାଇନା ନିଜର ସ୍ପେସ୍ ଷ୍ଟେଶନ ତିଆଙ୍ଗଓଙ୍ଗ ଲଞ୍ଚ କରିଛି। ପୃଥିବୀ କକ୍ଷପଥରେ ଏହାର ନିର୍ମାଣ କାମ ଚାଲିଛି।




## ସୁଏଜ୍ କେନାଲରେ ଟ୍ରାଫିକ୍ ଜାମ

ମାର୍ଚ୍ଚ ୨୩ରେ ଏକ ନୂଆ ଘଟଣା ଦେଖିବାକୁ ମିଳିଥିଲା। ଇଜିପ୍ଟର ୧୨୦ ମାଇଲ ବିଶିଷ୍ଟ ସୁଏଜ୍ କେନାଲରେ ୪୦୦ ମିଟର ଲମ୍ବା ଓ ୨୦୦,୦୦୦ ଟନ୍ ଓଜନର ମାଲବାହୀ ଜାହାଜ 'ଏଭରଗ୍ରିନ୍' ଫସିଯାଇଥିଲା। ଧୂଳିଝଡ଼ ଯୋଗୁ କିଛି ଦେଖାଯାଉ ନ ଥିବାରୁ ଏପରି ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଟ୍ରାଫିକ୍ ଜାମ୍ ହେବାରୁ ଜଳପଥର ଉଭୟ ପାର୍ଶ୍ୱରେ ୧୮୦ରୁ ଅଧିକ ଜାହାଜ ଓ ବୋଟ୍ ଫସିରହିଥିଲା। ଫଳରେ ବାଣିଜ୍ୟିକ ପରିବହନ ବାଧାପ୍ରାପ୍ତ ହୋଇ ୟୁରୋପ, ଏସିଆ ଓ ମଧ୍ୟପ୍ରାଚ୍ୟକୁ ପ୍ରାୟ ୯.୬ ବିଲିୟନ୍ ଡଲାର କ୍ଷତି ସହିବାକୁ ପଡ଼ିଥିଲା। ଅକ୍ଲାନ୍ତ ଉଦ୍ୟମ ପରେ ଏହି ବିଶାଳକାୟ ଜାହାଜକୁ ୨୯ ତାରିଖରେ ସେଠାରୁ ବାହାର କରାଯାଇଥିଲା।

## ଇସ୍ରାଏଲ୍-ପାଲେଷ୍ଟାଇନ୍ ମୁହାଁମୁହିଁ

ବିବାଦୀୟ ଜେରୁଜେଲମ୍‌କୁ ନେଇ ମେ' ମଧ୍ୟଭାଗରେ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ପୁଣି ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷଙ୍କ ଆକ୍ରମଣ ଓ ପ୍ରତି ଆକ୍ରମଣରେ ଗାଜା ଷ୍ଟ୍ରିପ୍ ଏକ 'ୱାର ଜୋନ୍' ପାଲଟିଯାଇଥିଲା। ଇସ୍ରାଏଲ୍ ସେନାର ରକେଟ ମାଡ଼ରେ ୪୦ ଶିଶୁଙ୍କ ସମେତ ପ୍ରାୟ ୨୫୦ ପାଲେଷ୍ଟାଇନ୍ ନାଗରିକ ନିହତ ହୋଇଥିଲେ। ଅନ୍ତର୍ଜାତୀୟ ଚାପ ବଢ଼ିବା ପରେ ଯୁଦ୍ଧବିରତି ପାଇଁ ଇସ୍ରାଏଲ ରାଜି ହୋଇଥିଲା। ଅନ୍ୟପକ୍ଷେ ଜମ୍ମୁ-କଶ୍ମୀରରେ ମଧ୍ୟ ଗାଜା ତାତି ଦେଖିବାକୁ ମିଳିଥିଲା। ପାଲେଷ୍ଟାଇନ୍ ସମର୍ଥନରେ ବିକ୍ଷୋଭ ପ୍ରଦର୍ଶନ କରିବାରୁ ଜମ୍ମୁ-କଶ୍ମୀର ପୋଲିସ ଜଣେ ଗ୍ରାଫିଟି ଆର୍ଟିଷ୍ଟ ଓ ଧର୍ମଗୁରୁଙ୍କ ସମତେ ଅନେକ ଲୋକଙ୍କୁ ଗିରଫ କରିଥିଲା।

### କିର୍ଗିଜସ୍ତାନ-ତାଜିକିସ୍ତାନ ସୀମା ସଂଘର୍ଷ

କିର୍ଗିଜସ୍ତାନ ଓ ତାଜିକିସ୍ତାନ ମଧ୍ୟରେ ଲାଗି ରହିଥିବା ଦୀର୍ଘ ସୀମା ବିବାଦ ଏପ୍ରିଲ ଶେଷରେ ଉଗ୍ରରୂପ ଧାରଣ କରିଥିଲା। କେନ୍ଦ୍ରୀୟ ଏସିଆର ଦୁଇ ପଡ଼ୋଶୀଙ୍କ ମଧ୍ୟରେ ୯୭୦ କି.ମି ସୀମା ରହିଥିବାବେଳେ ଟୋର୍ଟକୁଲ ଜଳାଶୟକୁ ନେଇ ସଶସ୍ତ୍ର ସଂଘର୍ଷ ଲାଗିରହିବାରୁ ୫୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ୫୦,୦୦୦ରୁ ଊର୍ଦ୍ଧ୍ୱ ବିସ୍ଥାପିତ ହୋଇଥିଲେ।



## ସେନ୍‌ସେକ୍ସ ୧୯୧ ପଏଣ୍ଟ ହ୍ରାସ

ଓମିକ୍ରନ୍‌ର ଭୟ ଦଲାଲ ବଜାର ଉପରେ ପଡ଼ିଛି। କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାର ଭଲ କାରବାର କରିଥିଲା। ହେଲେ ଶୁକ୍ରବାର ବଜାର କାରବାର ହ୍ରାସ ଘଟିଥିଲା। ଫଳରେ ଶେୟାର ବଜାରର ସୂଚନା ଅନୁସାରେ ଡିସେମ୍ବର ୨୪ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ବେଞ୍ଚମାର୍କ ଇଣ୍ଡେକ୍ସ ମୂଲ୍ୟ ୧୯୧ ପଏଣ୍ଟ ହ୍ରାସ ଘଟି ୫୭,୧୨୪ ଅଙ୍କରେ ବନ୍ଦ ରହିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ନିଫ୍ଟିରେ ମଧ୍ୟ ୬୯ ଅଙ୍କ କମି ୧୭,୦୦୪ ପଏଣ୍ଟରେ କାରବାର ବନ୍ଦ ହୋଇଥିଲା। ଶୁକ୍ରବାର ଷ୍ଟକ୍ ବଜାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସ ୧୯୦.୯୭ ଅଙ୍କ ହ୍ରାସ ପାଇ ୫୭,୧୨୪.୩୧ ପଏଣ୍ଟରେ ପହଞ୍ଚିଛି। ସେହିପରି ନିଫ୍ଟିରେ ୬୮.୮୫ ଅଙ୍କ କମି ୧୭,୦୦୩.୭୫ ପଏଣ୍ଟରେ ବନ୍ଦ ହୋଇଛି।

**ସଂକ୍ଷେପରେ**

### ଏସ୍‌ଟିପିଆଇ-ଆର୍‌ଏସ୍‌ପି ବୁଝାମଣାପତ୍ର

**ଭୁବନେଶ୍ୱର,୨୪।୧୨:** ଭାରତ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ଏବଂ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ମଧ୍ୟରେ ଏକ ବୁଝାମଣାପତ୍ର ଏସ୍‌ଟିପିଆଇ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ସ୍ୱାକ୍ଷରିତ ହୋଇଯାଇଛି। ଏହାର ମୂଳ ଲକ୍ଷ୍ୟ ହେଉଛି ଭୁବନେଶ୍ୱର ଏବଂ ରାଉରକେଲାରେ ନୂତନ ପ୍ରଯୁକ୍ତି (ଏମର୍ଜିଂ ଟେକ୍‌ନୋଲୋଜିସ) ଉପରେ ସ୍ଥାପିତ ହେବାକୁ ଯାଉଥିବା ଏସ୍‌ଟିପିଆଇ ଔଦ୍ୟୋଗିକତା କେନ୍ଦ୍ର (ଏସ୍‌ଟିପିଆଇ ସେଣ୍ଟର ଅଫ୍ ଏଣ୍ଟରପ୍ରେନ୍ୟୁରଶିପ)କୁ ସମର୍ଥନ ଯୋଗାଇଦେବାକୁ ଏସ୍‌ଟିପିଆଇ ଏବଂ ଆର୍‌ଏସ୍‌ପି ମଧ୍ୟରେ ଏକ ମଜଭୁତ ଏବଂ ଅର୍ଥପୂର୍ଣ୍ଣ ମେଣ୍ଟ ଗଠନ କରିବା। ଏମ୍‌ଟେକ ନାମରେ ପରିଚିତ ଏହି କେନ୍ଦ୍ର ଭାରତ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପାଣ୍ଠି ସହାୟତାରେ ସ୍ଥାପନ କରାଯାଉଛି। ଏସ୍‌ଟିପିଆଇ, ଭୁବନେଶ୍ୱରର ଜୁରିସଡିକ୍ସନାଲ ଡାଇରେକ୍ଟର (ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡ) ମାନସ ପଣ୍ଡା ଏବଂ ରାଉରଲୋ ଇସ୍ପାତ କାରଖାନାର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର (ୱାର୍କସ) ଏସ୍.ଆର୍.ସୂର୍ଯ୍ୟବଂଶୀଙ୍କ ସମେତ ଏସ୍‌ଟିପିଆଇ ଏବଂ ଆର୍‌ଏସ୍‌ପିର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

### ବିଓବିର ସିଏସ୍‌ଆର୍ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୪।୧୨:** ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବଦତ୍ତ ଚାନ୍ଦ ନିକଟରେ ପ୍ରଥମ ଥର ପାଇଁ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ ସେ ବ୍ୟାଙ୍କର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ସରକାରଙ୍କ ସହ ବିଭିନ୍ନ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଚାନ୍ଦ ତାଙ୍କ ଗସ୍ତ ଅବସରରେ ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧତା (ସିଏସ୍‌ଆର୍) କାର୍ଯ୍ୟକ୍ରମ ଜରିଆରେ ସହରର ପ୍ରମୁଖ ନିରାଶ୍ରୟସ୍ଥଳ ଦୟା ଆଶ୍ରମର ଅନ୍ତେବାସୀମାନଙ୍କୁ ବିଭିନ୍ନ ଜରୁରୀ ସାମଗ୍ରୀ ଯଥା ହୁଇଲ ଚେୟାର, ଛତା, ରାଶନ ସାମଗ୍ରୀ ଏବଂ ଫଳମୂଳ ବଣ୍ଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ପାଟନା ଜୋନାଲ ମୁଖ୍ୟ, ଏନ୍‌ଡିଜିଏମ୍ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ-୧ ଓ ୨ର କ୍ଷେତ୍ରୀୟ ମୁଖ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିବାଦ ମଧ୍ୟରେ ୧୦,୦୦୦କୋଟିର ବ୍ୟବସାୟ



**ନୂଆଦିଲ୍ଲୀ,୨୪।୧୨**

ଚଳିତ ବର୍ଷ ଶେଷ ବେଳକୁ ଭାରତ-ଚାଇନାର ବ୍ୟବସାୟିକ ସମ୍ପର୍କ ଏକ ମାଇଲଖୁଣ୍ଟ ଅର୍ଜନ କରିଛି। ଗତ ୧୧ ମାସ (୨୦୨୧ ଜାନୁଆରୀରୁ ନଭେମ୍ବର) ମଧ୍ୟରେ ଉଭୟ ଦେଶର ବ୍ୟବସାୟିକ ଫଳାଫଳ ରେକର୍ଡ ସ୍ତରରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ୧୦୦ ବିଲିୟନ ବା ୧୦,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାରବାର କରିଛି। ଏହା ଫଳରେ ଉଭୟ ଦେଶର ଆର୍ଥିକ କାରବାର ମଧ୍ୟ ସେହି ଅନୁସାରେ ବଢ଼ିଛି। କୋଭିଡ୍ ଓ ବେସାମରିକ ସମସ୍ୟା ଯୋଗୁ ଉଭୟ ଦେଶ ମଧ୍ୟରେ ଏକ ପ୍ରକାର କଟକଣା ଜାରି ରହିଛି। ଫଳସ୍ୱରୂପ ଗୋଟିଏ ପଟେ ଚାଇନା ସହ ଭାରତ ତିକ୍ତତା ଥମିବାର ନାଁ ନେଉ ନ ଥିବା ବେଳେ ଅପରପକ୍ଷରେ ଚାଇନା ସହ ଭାରତର ବାଣିଜ୍ୟ କାରବାର କିନ୍ତୁ ବଢ଼ିବାରେ ଲାଗିଛି। ଏସିଆର ଏହି ଦୁଇ ବୃହତ୍ ଦେଶ ମଧ୍ୟରେ ବ୍ୟବସାୟ ରେକର୍ଡ ସ୍ତରରେ ପହଞ୍ଚିଛି। ଏ ପରିସ୍ଥିତିରେ ଦୁଇ ଦେଶର ସରକାର ଏ ସମ୍ପର୍କରେ କୌଣସି ବିଶେଷ ଦୃଷ୍ଟି ଦେଉନାହାନ୍ତି। କାରଣ ବେଜିଂ ଦ୍ୱାରା ରାଜିନାମା ଉଲ୍ଲଂଘନ କାରଣରୁ ପୂର୍ବ ଲଦାଖରେ ବିଭିନ୍ନ ପ୍ରକାର ସମସ୍ୟା ବର୍ତ୍ତମାନ ମଧ୍ୟ ଲାଗି ରହିଛି।

ବର୍ତ୍ତମାନର ଘଟଣା ପୂର୍ବରୁ ଭାରତ ଏବଂ ଚାଇନା ମଧ୍ୟରେ ଯେଉଁ ଦ୍ୱିପାକ୍ଷିକ ବ୍ୟବସାୟ ରାଜିନାମା ହୋଇଥିଲା,ସେହି ଅନୁସାରେ ୨୦୦୧ରେ ଏହା ୧.୮୩ ବିଲିୟନ ଡଲାର ହୋଇଥିଲା। ତେବେ ଚଳିତ ବର୍ଷର ୧୧ମାସ ମଧ୍ୟରେ ଏହା ୧୦୦ବିଲିୟନ ଡଲାରରୁ ଊର୍ଦ୍ଧ୍ୱ କାରବାର କରିଛି। ଏହା ଉଭୟ ଦେଶର ବାଣିଜ୍ୟିକ କାରବାର ଦୃଷ୍ଟିରୁ ଏକ ମାଇଲଖୁଣ୍ଟ ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ଦୁଇ ଦେଶର ସମ୍ପର୍କରେ ସୁଧାର ପାଇଁ ବାଣିଜ୍ୟକୁ ଏକ ପ୍ରମୁଖ ମାଧ୍ୟମ କରିବାକୁ ଉଭୟ ପକ୍ଷରୁ ଉଦ୍ୟମ ହୋଇଛି । ମାତ୍ର ସୀମା ବିବାଦ ଏବଂ ରଣନୈତିକ ପ୍ରତିଦ୍ୱନ୍ଦ୍ୱିତା ଯୋଗୁ ଦୁଇ ଦେଶର ସମ୍ପର୍କରେ ସୁଧାର ଆସିପାରୁ ନାହିଁ।

ଗତ ୧୧ ମାସର ତଥ୍ୟ ଅନୁସାରେ ଚାଇନାର ସୀମା ଶୁଳ୍କ (ଜିଏସି) ପ୍ରଶାସନ ପକ୍ଷରୁ ନଭେମ୍ବରର ତଥ୍ୟ ଉପସ୍ଥାପନ କରି କୁହାଯାଇଛି, ଭାରତ-ଚାଇନା ଦ୍ୱିପାକ୍ଷିକ କାରବାର ୨୦୨୧ ଜାନୁଆରୀରୁ ନଭେମ୍ବର ପର୍ଯ୍ୟନ୍ତ ୪୬.୪% ବୃଦ୍ଧି ଘଟି ୧୧୪.୨୬୩ ବିଲିୟନ ଡଲାରରେ ପହଞ୍ଚିଛି। ଏଭଳି ସମୟରେ ଚାଇନାଠୁ ଭାରତ ମାତ୍ରାଧିକ ଆମଦାନୀ କରି ଚାଲିଛି, ହେଲେ ସେହି ଅନୁପାତରେ ରପ୍ତାନି କରିପାରୁ ନାହିଁ ବୋଲି ସୂଚନା ମିଳିଛି। ଫଳରେ ଚାଇନା ସହ ଭାରତର ବାର୍ଷିକ କାରବାର ପ୍ରାୟ ୩୮.୫% ବୃଦ୍ଧି ପାଇ ୨୬.୩୫୮ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଚାଇନାଠୁ ଭାରତର ଆମଦାନୀ ୪୯% ବଢ଼ି ୮୭.୯୦୫ ବିଲିୟନ ଡଲାରରେ ପହଞ୍ଚିଛି। ଭାରତ ଯେଉଁଭଳିଭାବେ ଚାଇନାଠୁ ଆମଦାନୀ କରୁଛି, ତା'ର ଅଧା ମଧ୍ୟ ରପ୍ତାନି କରିପାରୁନାହିଁ ବୋଲି ଜଣାପଡ଼ିଛି।

■କମୁଛି ଭାରତର ରପ୍ତାନି
■ଲାଭ ଉଠାଇଛି ଚାଇନା

# ୨୦୨୫ ସୁଦ୍ଧା ୫ହଜାର ଇଭି ଚାର୍ଜିଂ ପଏଣ୍ଟ କରିବ ଟିପି




**ନୂଆଦିଲ୍ଲୀ,୨୪।୧୨**

ଅନ୍ତଃରାଷ୍ଟ୍ରୀୟ ବ୍ୟାଟେରି କମ୍ପାନୀ ଟେସ୍ଲା ପାୱାର (ଟିପି) ୟୁଏସ୍‌ଏ ପକ୍ଷରୁ ୨୦୨୫ ସୁଦ୍ଧା ଭାରତରେ ୫୦୦୦ ଦୁଇଚକିଆ ଇଲେକ୍ଟ୍ରିକ ଯାନ (ଇଭି) ଚାର୍ଜିଂ ଷ୍ଟେଶନ 'ଟେସ୍ଲା ପାୱାର ଶପ୍' ସ୍ଥାପନ କରିବ ବୋଲି ଜଣାପଡ଼ିଛି। ନିକଟରେ ଦିଲ୍ଲୀର ଏକ ହୋଟେଲ ପରିସରରେ ଆୟୋଜିତ 'ଇଣ୍ଡିଆ ବିଜ୍‌ନେସ୍ ମିଟ୍' ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏହି ଅବସରରେ କମ୍ପାନୀର ଏମ୍‌ଡି ଓ ଗ୍ଲୋବାଲ୍ ସିଇଓ ଜନ୍ ଏଚ୍. ଭ୍ରାଟିସିନାସ୍‌ଙ୍କ ସମେତ କମ୍ପାନୀର ଭାରତ ବ୍ୟବସାୟର ଏମ୍‌ଡି (ଇଣ୍ଡିଆ) କବିନ୍ଦର ଖୁରାନା ଓ ଇଣ୍ଡିଆ ବ୍ୟବସାୟ ମୁଖ୍ୟ ସନ୍ଦୀପ ଅଭସ୍ତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କବିନ୍ଦର କହିଥିଲେ, କମ୍ପାନୀ ଖୁବ୍‌ଶୀଘ୍ର ସାରା ଦେଶରେ ୫୦୦୦ ୨ହ୍ୱିଲର୍ସ ଇଭି ଚାର୍ଜିଂ ପଏଣ୍ଟ ସ୍ଥାପନ କରିବାକୁ ଯୋଜନା କରିଛି। ଏହି ପଏଣ୍ଟଗୁଡ଼ିକ ଆମ ଫ୍ରାଞ୍ଚାଇଜ ଓ ନିଜସ୍ୱ ଉଦ୍ୟମରେ ସ୍ଥାପନ କରାଯିବ। ଫଳରେ ଭାରତରେ ସରକାରଙ୍କ ବିଦ୍ୟୁତ୍ ଯାନ ଚଳାଚଳ ଯୋଜନା ଏହା ଜରିଆରେ ମଜଭୁତ ହୋଇପାରିବ। ଫଳରେ ଉପଭୋକ୍ତା ଇଭି ଯାନ ପ୍ରତି ଆଗ୍ରହ ପ୍ରକାଶ କରିବେ ବୋଲି ଖୁରାନା ମତବ୍ୟକ୍ତ କରିଛନ୍ତି। ସେହିଭଳି ସନ୍ଦୀପ କହିଛନ୍ତି, ଇଭି ଷ୍ଟେଶନ ସ୍ଥାପନ ହେଲାପରେ ଉଭୟ ଇଭି ଯାନ ନିର୍ମାତା ଓ ଗ୍ରାହକ ଏହାର ଫାଇଦା ଉଠାଇପାରିବେ। ସେହିପରି ଜନ୍‌ଙ୍କ କହିବା ଅନୁସାରେ ଭାରତରେ ପ୍ରଥମଥର ପାଇଁ ଏକ ଅତ୍ୟାଧୁନିକ ଓ ଅନ୍ତର୍ଜାତୀୟ ସ୍ତରର ସେବା ଓ ସୁବିଧା ଏହାର ଗ୍ରାହକ ପାଇପାରିବେ। ବର୍ତ୍ତମାନ ଭାରତରେ କମ୍ପାନୀର ୨୦ରୁ ଊର୍ଦ୍ଧ୍ୱ ରାଜ୍ୟରେ ୨୫୦ରୁ ଅଧିକ ଟେସ୍ଲା ପାୱାର ଶପ୍ ରହିଥିବା ବେଳେ ୨୦୦ରୁ ଅଧିକ ବିତରକ ମଧ୍ୟ ରହିଛନ୍ତି। ନୂତନ ଭାବେ ସ୍ଥାପନ ହେବାକୁ ଥିବା ଚାର୍ଜିଂ ଷ୍ଟେଶନଗୁଡ଼ିକ ଦେଶରେ ଇଲେକ୍ଟ୍ରିକ୍ ଯାନ ଗ୍ରହଣୀୟତା ବଢ଼ାଇବାରେ ସହାୟକ ହେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ୟୁକୋ ବ୍ୟାଙ୍କ ପକ୍ଷରୁ ଟାଉନ ହଲ୍ ବୈଠକ

**ଭୁବନେଶ୍ୱର,୨୪।୧୨**

ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଟାଉନ୍ ହଲ୍ ବୈଠକ ନିକଟରେ ବ୍ୟାଙ୍କର ସମ୍ମିଳନୀ କକ୍ଷରେ 'ଆଜାଦୀ କା ଅମୃତ ମହୋତ୍ସବ' ବ୍ୟାନରରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଅରୂପାନନ୍ଦ ଜେନା, ଉପ ଆଞ୍ଚଳିକ ମୁଖ୍ୟ ଦୀପ୍ତି ସେନାପତି, ଏସ୍‌ଏଲ୍‌ବିସିର ସହାୟକ ମହାପ୍ରବନ୍ଧକ ଲିଙ୍ଗରାଜ ନାୟକ, ଅଶୋକା ମାର୍କେଟ ଶାଖାର ସହାୟକ ମହାପ୍ରବନ୍ଧକ ଲକି ନାୟକ, ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ବିଭୂତି ଭୂଷଣ ବେହେରାଙ୍କ ସମେତ ବ୍ୟାଙ୍କର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଭୁବନେଶ୍ୱର ସହର ଅନ୍ତର୍ଗତ ଶାଖାଗୁଡ଼ିକର ଗ୍ରାହକମାନେ ଉକ୍ତ ବୈଠକରେ ଯୋଗଦେଇଥିଲେ। ବ୍ୟାଙ୍କର ସମସ୍ତ ଗ୍ରାହକଙ୍କୁ ୩୧ ଜାନୁୟାରୀ ୨୦୨୨ ପର୍ଯ୍ୟନ୍ତ ଆବଶ୍ୟକ କାଗଜପତ୍ର ଏବଂ ପ୍ରୋସେସିଂ ଚାର୍ଜ ଛାଡ଼ ସହିତ ବ୍ୟାଙ୍କ ଗୃହଋଣର ସର୍ବନିମ୍ନ ସୁଧହାର ବିଷୟରେ ସୂଚନା ପ୍ରଦାନ କରିଥିଲା।

# ଇଞ୍ଚା ଖଣିକୁ କଳିଙ୍ଗ ନିରାପତ୍ତା ସମ୍ମାନ




**କାଳିଆପାଣି,୨୪।୧୨(ଡି.ଏନ.ଏ.)**

ଖଣି ସୁରକ୍ଷାରେ ଉଲ୍ଲେଖନୀୟ ସଫଳତା ପାଇଁ ଇଞ୍ଚା କମ୍ପାନୀର ସୁକିନ୍ଦା ଓ ମହାଗିରି ଖଣିକୁ କଳିଙ୍ଗ ନିରାପତ୍ତା ସମ୍ମାନ-୨୦୨୦ ମିଳିଛି। ଭୁବନେଶ୍ୱରଠାରେ ଆୟୋଜିତ ଜାତୀୟ ସୁରକ୍ଷା ସମ୍ମିଳନୀରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ ସମ୍ମାନ ପ୍ରଦାନ କରିଛନ୍ତି। ଇଞ୍ଚା ସୁକିନ୍ଦା କ୍ରୋମାଇଟ୍ ଖଣିର ସହପରିଚାଳକ ସରୋଜ କୁମାର ମହାନ୍ତଙ୍କୁ ସ୍ୱର୍ଣ୍ଣ, ମହାଗିରି ଭୂତଳ ଖଣିର ବରିଷ୍ଠ ଖଣି ପରିଚାଳକ ରାଜେଶ ରାମଧର ଶର୍ମାଙ୍କୁ ରୌପ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ବାଂଲାଦେଶର ଉପ-ଉଚ୍ଚ କମିଶନର ତୌଫିକ ହାସନ, ଶ୍ରମ କମିଶନର ଏନ୍. ତିରିମାଲା ନାୟକ, ରାଜସ୍ୱ ପରିଷଦର ପୂର୍ବତନ ସଦସ୍ୟ ଅଶୋକ ତ୍ରିପାଠୀ ଅନ୍ୟତମ ଅତିଥିଭାବେ ଯୋଗଦେଇ ଇଞ୍ଚା କମ୍ପାନୀ ସର୍ବଦା ଖଣି ସୁରକ୍ଷାକୁ ପ୍ରାଧାନ୍ୟ ଦେଇ ଆସିଥିବାରୁ ଏଭଳି ମର୍ଯ୍ୟାଦା ପୂର୍ଣ୍ଣ ସମ୍ମାନ ଲାଭ କରିବା ସହ ନିଜର ସ୍ୱତନ୍ତ୍ରତା ପ୍ରତିପାଦିତ କରିପାରିଛି ବୋଲି ମତ ପୋଷଣ କରିଥିଲେ।

# ଭିସା ଷ୍ଟିଲ୍‌କୁ କଳିଙ୍ଗ ସୁରକ୍ଷା ସ୍ୱର୍ଣ୍ଣ ପୁରସ୍କାର




କାରଖାନା ପ୍ରତିନିଧି ପୁରସ୍କାର ଗ୍ରହଣ କରୁଛନ୍ତି।

**କଳିଙ୍ଗନଗର,୨୪।୧୨(ଡି.ଏନ.ଏ.)**

କଳିଙ୍ଗନଗର ଭିସା ଷ୍ଟିଲ କାରଖାନାକୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଳିଙ୍ଗ ସୁରକ୍ଷା ସ୍ୱର୍ଣ୍ଣ ପୁରସ୍କାର-୨୦୨୦ ମିଳିଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଷ୍ଟିଲ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ଜାତୀୟ ସୁରକ୍ଷା ସମ୍ମିଳନୀ ଅବସରରେ ଭିସା ଷ୍ଟିଲ ଏହି କୃତିତ୍ୱ ହାସଲ କରିଛି। ବାଂଲାଦେଶର ଡେପୁଟି ହାଇ କମିଶନର ତୌଫିକ ହାସନ ଓ ଶ୍ରମ କମିଶନର ଏନ୍. ତିରିମାଲା ନାୟକଙ୍କ ଉପସ୍ଥିତିରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଭିସା ଷ୍ଟିଲ କାରଖାନା ପ୍ରତିନିଧିଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଭିସା ଷ୍ଟିଲର ନିର୍ଦ୍ଦେଶକ ମନୋଜ କୁମାର ଏହି ଅବସରରେ କହିଛନ୍ତି, ସୁରକ୍ଷା କ୍ଷେତ୍ରରେ ଏହି କମ୍ପାନୀ ସଦାସର୍ବଦା ଜାଗ୍ରତ ରହି କାମ ଜାରି ରଖିବ।

**ଫୁରସତ୍**



ଅନନ୍ୟା ପାଣ୍ଡେ

## ଧଳା ପୋଷାକକୁ ଅନନ୍ୟାଙ୍କ ନାପସନ୍ଦ

**ମୁମ୍ବାଇ:** ବଲିଉଡ ଷ୍ଟାର କିଡ୍ ତଥା ନବାଗତା ନାୟିକା ଅନନ୍ୟା ପାଣ୍ଡେଙ୍କ ଷ୍ଟାଇଲ ସବୁଠାରୁ ନିଆରା। ତାଙ୍କୁ ଧଳା ପୋଷାକ ଆଦୌ ପସନ୍ଦ ନୁହେଁ। ଲକ୍‌ଡାଉନ ସମୟରେ ଅନନ୍ୟା କରିନା କପୁର ଖାଁଙ୍କ ଚ୍ୟାଟ ଶୋ' ହ୍ୱାଟ ୱିମେନ ୱାଣ୍ଟରେ ଭାଗ ନେଇଥିଲେ। ଏହି ସମୟରେ ଷ୍ଟାଇଲ ଓ ଫ୍ୟାଶନକୁ ନେଇ ସେ ତାଙ୍କ ଇନ୍‌ସ୍ପିରେଶନ କରିନାଙ୍କ ସହ ମନଖୋଲି କଥା ହୋଇଥିଲେ। ଅନନ୍ୟା କହିଥିଲେ, ସେ ଖାଇବା ସମୟରେ କିଛି ନା କିଛି ଖାଦ୍ୟ ପୋଷାକରେ ପକାଇବା ଥୟ। ପୋଷାକରେ ଖାଦ୍ୟ ପଡିଲେ ଦାଗ ହେବ । ସେଥିପାଇଁ ସେ ଧଳା ପୋଷାକ ପିନ୍ଧିବାକୁ ଡରନ୍ତି । କରନ ଜୋହରଙ୍କ ମୁଭି 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର୨'ରେ ଡେବ୍ୟୁ କରିଥିବା ଅନନ୍ୟା ପରେ 'ଖାଲି ପିଲି'ରେ ନଜର ଆସିଥିଲେ। ଆଗାମୀ ଦିନରେ ସେ ଶକୁନ ବାତ୍ରାଙ୍କ ନିର୍ଦ୍ଦେଶିତ ଏକ ଫିଲ୍ମ ଓ ବିଜୟ ଦେବରକୋଣ୍ଡାଙ୍କ ଅପୋଜିଟ ଫିଲ୍ମ 'ଲାଇଗର'ରେ ନଜର ଆସିବେ।

## ଜେମ୍ସ ୱେବ୍ ଟେଲିସ୍କୋପ ପ୍ରସ୍ତୁତ



**ୱାଶିଂଟନ:** ନାସା ଲଞ୍ଚ କରିବା ପୂର୍ବରୁ ଜେମ୍ସ ୱେବ ଟେଲିସ୍କୋପର ଫଟୋ ପ୍ରକାଶ କରିଛି। ଏହି ଟେଲିସ୍କୋପ ମହାକାଶରେ ସବୁଠାରୁ ଶକ୍ତିଶାଳୀ ହେବ ବୋଲି ତାଲିକାରେ ରହିଛି। ପାଣିପାଗ ଓ ପ୍ରଯୁକ୍ତି ବିଦ୍ୟା ହେତୁ ଲଞ୍ଚ୍ରେ ବିଳମ୍ବର ସମ୍ମୁଖୀନ ହେବା ପରେ ଜେମ୍ସ ୱେବ ଟେଲିସ୍କୋପ ବର୍ତ୍ତମାନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ। ତେବେ ଡିସେମ୍ବର ୨୫ ଅର୍ଥାତ୍ ବଡ଼ଦିନ ଉପଲକ୍ଷେ ଏହା ମହାକାଶକୁ ପଠାଯିବ। ମହାକାଶରେ କୋଟି କୋଟି ବର୍ଷର ଘଟଣାବଳୀ ସମ୍ପର୍କରେ ଏହି ଟେଲିସ୍କୋପ ଡାଟା ସଂଗ୍ରହ କରିବ। ଏହି ଟେଲିସ୍କୋପ ହେଉଛି ଏମିତି ଏକ ଟେଲିସ୍କୋପ ଯାହା ହବଲର ଉତ୍ତରାଧିକାରୀ, ଇନ୍ଫ୍ରାରେଡ ଲାଇଟ ମାଧ୍ୟମରେ ଅନ୍ତରୀକ୍ଷରେ ଲୁକ୍କାୟିତ ଅଂଶଗୁଡ଼ିକୁ ଦେଖାଇବ। ଏହା ପୃଥିବୀଠାରୁ ୧.୫ ମିଲିୟନ କିଲୋମିଟର ଦୂରରେ ମହାକାଶରେ ସ୍ଥାପନ କରାଯିବ। ଏହି ଦୂରବୀକ୍ଷଣ ଯନ୍ତ୍ର ଗ୍ରହର ପ୍ରଣାଳୀ ମାପିବାରେ ସକ୍ଷମ ହେବ। ସେଠାରେ ସମ୍ଭାବ୍ୟ ଜୀବନ ଖୋଜିବାରେ ମଧ୍ୟ ସକ୍ଷମ ହେବ। ଏହି ଟେଲିସ୍କୋପ ଜରିଆରେ ୧୩.୫ ବିଲିୟନ ବର୍ଷ ପୂର୍ବେ ପୃଥିବୀରେ ଘଟିଥିବା ସମସ୍ତ ଘଟଣାବଳୀ ସମ୍ପର୍କରେ ସାରା ବିଶ୍ୱବାସୀ ଜାଣିପାରିବେ।

**୩ତମ ଜନ୍ମଦିନ ଶୁଭେଚ୍ଛା**



ହେଣାଂସି ଦାସ (ମେରି)
ସାଇଲୋ, ଝାରପଡ଼ା
ତୋର ଚଲାପଥ କୁସୁମିତ ହେଉ, ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ଜେଜ, ମାଆ, ବଡ଼ଅଜା, ବଡ଼ଆଈ, ଅଜା, ଆଈ, ମାମୁ, ମାଇଁ, କୁନାମାମୁ, ଅଙ୍କଲ, ଆଣ୍ଟି, ବଡ଼ବାପା, ବଡ଼ମାମା, ବାପା, ବୋଉ, ବଡ଼ନନା, ସାନୁ ନନା, ଜିନା ଦିଦି, ଖୁସି ଦିଦି, ଅପା, ପିଉସା ଓ ଚିକୁ ନନା ।
ଧ-୭୦୭୬୩

CLASSIFIED DISPLAY

| TARIFF | MORE SPACE • SAME PRICE | | | | | | | |
|---|---|---|---|---|---|---|---|---|
| | For Single Day | | For 7 Days | | For 15 Days | | For 30 days | |
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

**ମନେ ପଡ଼ନ୍ତି**

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ଶ୍ରୀମତୀ ଲାବଣ୍ୟପ୍ରଭା ଦାସ
ପ୍ଲଟ୍ ନଂ.- ୩୯ଇ, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର- ୭୫୧୦୦୯
ଆବିର୍ଭାବ: ୨୫।୧୨।୧୯୩୨
ତିରୋଧାନ: ୧୬।୧୨।୨୦୧୧
ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ: ଡ. ଉମାକାନ୍ତ ମହାପାତ୍ର, ପୁଅ-ବୋହୂମାନେ, ଝିଅ-ଜ୍ୱାଇଁମାନେ, ନାତି-ନାତୁଣୀମାନେ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୪୬୬

**ସପ୍ତମ ଶ୍ରାଦ୍ଧବାର୍ଷିକୀ**



୰ଚକ୍ରଧର ନନ୍ଦ
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ୧୬।୦୩।୧୯୩୪
ତିରୋଧାନ: ୧୨।୧୨।୨୦୧୪
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୨୨୬୪୯

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ହରିହର ଭ୍ରମରବର ରାୟ
କୁରାଡ଼ମଲ୍ଲ, ଖୋର୍ଦ୍ଧା
ଆବିର୍ଭାବ: ୩୧।୧୨।୧୯୩୭
ତିରୋଧାନ: ୧୫।୧୨।୨୦୨୧
ପିତା ସ୍ୱର୍ଗ ପିତା ତପ ପିତା ସ୍ମରନ୍ତି ସର୍ବାଗ୍ରେ, ସ୍ମରନ୍ତି ସର୍ବ ଜନେ ସ୍ମରନ୍ତି ଇତର ଜନା ସ୍ମରଣେ ବ୍ୟଗ୍ରେ, ପିତା ଦାନ ଏ ଶରୀର ଦାନ ବିନା ଶବ ସମ, ରକ୍ଷଣେ ପାଳନେ ସ୍ମରଣେ ଶବ ପାଏ ଜୀବ ଦାନ, ରକ୍ଷଣେ ପାଳନେ ପୋଷଣେ ଏ ଜୀବ ଲଭେ ବ୍ରହ୍ମତ୍ୱ, ଅନ୍ତିମେ ଶରଣ ସଦା ବ୍ରହ୍ମ ପାଏ ସନାତନ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ ଜୟ ଜଗନ୍ନାଥ
ଶୋକସନ୍ତପ୍ତ: ପୁଅ-ବୋହୂ: ବାବୁ-ରାନ୍ଦୁ, ମୁନା ଓ ରୁବି, କାଜଲ-ଶିଖା, କମଲ-ରାକ୍ଷୀ, ଝିଅ-ଜ୍ୱାଇଁ: ବେବିନା ଓ ବୁଢ଼ା, ଛବିନା ଓ ସୁବାସ, କବିନା ଓ ପ୍ରଭାତ, ନାତି ଓ ନାତୁଣୀମାନେ: କୁକୁଲ, ଅତୁଲ, ପୁତୁଲ, ଚନ୍ଦନ, ଶୋଭନ, ବାବୁନ, ବିଶାଲ, ଲକି, ଗୁନୁ, ସିଲ୍‌ଭା, ବର୍ଷା, ଦିଶା ଓ ପରିବାରବର୍ଗ।
ଧ-୬୮୮୫

**ଦଶମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍
N2-146, IRC Village, BBSR-15
ଆବିର୍ଭାବ: ୦୩।୦୪।୧୯୭୪
ତିରୋଧାନ: ୨୫।୧୨।୨୦୧୧
ଯହିଁ ଥାଅ ସୁଖେ ଥାଅ, ସଶରୀରେ ଅବା ନିଃଶରୀରେ ଅମରତ୍ୱ ପ୍ରାପ୍ତହୁଅ ଏତିକି ପ୍ରାର୍ଥନା, କରୁ ନିତି ପ୍ରଭୁଙ୍କ ପାଦରେ।
-:ଶୋକସନ୍ତପ୍ତ:-
ବାପା, ବୋଉ, ଇପ୍‌ସା, ଶ୍ରେୟା, ଈଶାନ ଓ ପରିବାରବର୍ଗ ।
ଧ-୨୨୬୪୧

## ନିଜ ପାଇଁ କନ୍ୟା ଖୋଜୁଛନ୍ତି ବିଶ୍ୱର ସବୁଠୁ ଡେଙ୍ଗା ବ୍ୟକ୍ତି



**ମସ୍କୋ:** ତୁର୍କୀର ସୁଲତାନ କୋସେନ ବିଶ୍ୱର ସବୁଠୁ ଡେଙ୍ଗା ବ୍ୟକ୍ତି ଭାବେ ଜଣାଶୁଣା। ଏବେ ସେ ତାଙ୍କ ପାଇଁ କନ୍ୟା ଖୋଜୁଛନ୍ତି। ଏଥିପାଇଁ ସେ ରୁଷିଆରେ ପହଞ୍ଚିଛନ୍ତି। ୩୯ ବର୍ଷୀୟ ସୁଲତାନଙ୍କ ଉଚ୍ଚତା ୮ ଫୁଟ୍ ୩ ଇଞ୍ଚ। ସବୁଠୁ ଡେଙ୍ଗା ବ୍ୟକ୍ତି ଭାବେ ତାଙ୍କ ନାମ ଗିନିଜ ୱାଲର୍ଡ ରେକର୍ଡରେ ସ୍ଥାନ ପାଇଛି। ସୁଲତାନ ପୂର୍ବରୁ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀ ସିରିଆର ମର୍ବ ଡିବୋ। ତାଙ୍କଠାରୁ ସେ ଛାଡ଼ପତ୍ର ନେଇ ସାରିଛନ୍ତି। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ଉଚ୍ଚତା ୫ ଫୁଟ ୯ ଇଞ୍ଚ। ଏବେ ସୁଲତାନ ଏମିତି କନ୍ୟା ଖୋଜୁଛନ୍ତି, ଯାହାଙ୍କ ଉଚ୍ଚତା ଏବଂ ହୃଦୟ ତାଙ୍କ ସହ ମେଳ ଖାଉଥିବ। ସୁଲତାନ କୁହନ୍ତି, ତାଙ୍କ ପ୍ରଥମ ସ୍ତ୍ରୀ ଆରବୀ ଭାଷା କହୁଥିଲେ। ତେଣୁ ଏଥିରେ ତାଙ୍କୁ ସମସ୍ୟା ହେଲା। ଏମିତି କିଛି ଦିନ ଚଳିବା ପରେ ଉଭୟଙ୍କର ଛାଡ଼ପତ୍ର ହୋଇଥିଲା। ସୁଲତାନଙ୍କୁ ଟ୍ୟୁମର ହେବାରୁ ତାଙ୍କର ପିଟ୍ୟୁଟାରୀ ଗ୍ଲାଣ୍ଡ ପ୍ରଭାବିତ ହୋଇ ଶରୀର କ୍ରମଶଃ ବଢ଼ି ଚାଲିଲା। ରୁଷିଆର ଯୁବତୀମାନେ ବହୁତ ସୁନ୍ଦର ଏବଂ ବହୁତ ସ୍ନେହ ଆଉ ଆଦର କରିଥାନ୍ତି। ତେଣୁ ସେ ରୁଷିଆ ଯୁବତୀଙ୍କୁ ବିବାହ କରିବାକୁ ଚାହୁଁଛନ୍ତି।

Very good news for who buy gold ornaments for marriage. If you buy more than 250 gram one time your gold rate will be Rs.42000/- for 10 gram, only for 7 days. Please come in time.
HINDUSTAN JEWELLERS
BAPUJINAGAR BOMIKHAL DHENKANAL

FINANCE
ପର୍ସନାଲ, ବିଜ୍‌ନେସ୍, ପ୍ରପର୍ଟି, ଗୃହ, ଶିକ୍ଷା, କୃଷି, ଗାଈ, କୁକୁଡ଼ା ଓ ଛେଳି ପାଳନ ପାଇଁ ସମସ୍ତ ପ୍ରକାର LOAN 7 ଦିନ ମଧ୍ୟରେ ଯୋଗାଇ ଦିଆଯାଉଛି । ଘରେ ବସି ONLINE ମାଧ୍ୟମରେ, ସୁଧ ୨% ।
Mob.- 7656825030
W.- 8280679121
B.D.F.C. FINANCE
BIJAPADA, BILASPUR, BARAGARH

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଶନିବାର, ଡିସେମ୍ବର ୨୫/୨୦୨୧ Balasore, Saturday, December 25/ 2021

# ଅବସର ନେଲେ ହରଭଜନ

**ନୂଆଦିଲ୍ଲୀ,୨୪।୧୨**

ଅଭିଜ୍ଞ ଅଫ୍ ସ୍ପିନର ହରଭଜନ ସିଂ କ୍ରିକେଟର ସବୁ ଫର୍ମାଟରୁ ଅବସର ନେଇଛନ୍ତି। ପ୍ରଥମ ଭାରତୀୟ ବୋଲର ଭାବେ ଟେଷ୍ଟରେ ହ୍ୟାଟ୍ରିକ ନେଇଥିବା ହରଭଜନ ଶୁକ୍ରବାର ଏ ନେଇ ଘୋଷଣା କରିଛନ୍ତି। ଗତ କେତେବର୍ଷ ଧର ସେ ଏ ନେଇ ଚିନ୍ତା କରିଆସୁଥିବା ବେଳେ ଶେଷରେ ଏହି ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ଏଥିସହି ତାଙ୍କ ୨୩ ବର୍ଷର ଉଜ୍ଜଳମୟ କ୍ୟାରିୟରର ଅନ୍ତ ଘଟିଛି। ପଞ୍ଜାବରେ ଜନ୍ମଗ୍ରହଣ କରିଥିବା ହରଭଜନ ୧୦୩ ଟେଷ୍ଟ ଖେଳି ୪୧୭ଟି ଉଇକେଟ ହାସଲ କରିଥିଲେ। ସେହିପରି ୨୩୬ଟି ଦିନିକିଆ ମ୍ୟାଚ୍ ଖେଳି ସେ ୨୬୯ ଉଇକେଟ ହାସଲ କରିଥିଲେ। ୧୯୯୮ରୁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ହରଭଜନ ୨୮ଟି ଟି୨୦ ମ୍ୟାଚ୍ ଖେଳି ୨୫ଟି



ଉଇକେଟ ଅକ୍ତିଆର କରିଥିଲେ। ୨୩ ବର୍ଷର ଏହି ଯାତ୍ରା ବେଶ୍ ସ୍ମରଣୀୟ ରହିଆସିଛି। ଏଥିପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି ବୋଲି ସେ କହିଛନ୍ତି। ଜଳନ୍ଧରର ଏକ ସଂକୀର୍ଣ୍ଣ ଗଳିରେ ଜନ୍ମଗ୍ରହଣ କରିଥିବା ହରଭଜନ ଦିନେ ଟିମ୍ ଇଣ୍ଡିଆର ଟର୍ବୋନେଟର ବନିବେ ବୋଲି କେହି ଚିନ୍ତା କରି ନ ଥିଲେ। ଦୀର୍ଘ ୨୫ ବର୍ଷ ଧରି କ୍ରିକେଟ ସହିତ ଜଡିତ ରହି ଆସିଛି ଓ ଶେଷରେ ଏହି ସୁନ୍ଦର ଯାତ୍ରା ଶେଷ ହୋଇଛ ବୋଲି ସେ କହିଛନ୍ତି। ୧୯୯୮ରେ ଶାରଜାରେ ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ଦିନିକିଆ ପଦାର୍ପଣ କରିଥିଲେ। ସେହିପରି ୨୦୧୬ରେ ସେ ଢାକାରେ ୟୁଏଇ ବିପକ୍ଷରେ ଟି୨୦ରେ ଅଂଶଗ୍ରହଣ କରି ଭାରତ ପାଇଁ ଶେଷ ମ୍ୟାଚ୍ ଖେଳିଥିଲେ। ମାନସିକ ଭାବେ ବହୁ ପୂର୍ବରୁ ଅବସର ନେଇ ସାରିଥିଲି। ତେବେ ଘୋଷଣା କରି ନ ଥିଲି। ଦୀର୍ଘ ବର୍ଷ ଧରି କ୍ରିକେଟରେ ଆକ୍ଟିଭ ନ ଥିଲି ବୋଲି ସେ ହକିଛନ୍ତି। ତେବେ ସେ ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ କୋଲକାତା ନାଇଟ ରାଇଡର୍ସ ତରଫରୁ କେତୋଟି ମ୍ୟାଚ ଖେଳିଥିଲେ। ତେବେ ୟୁଏଇ ଲେଗ୍‌ରେ ସେ କୌଣସି ମ୍ୟାଚ୍ ଖେଳି ନ ଥିଲେ। ପୂର୍ବରୁ ହରଭଜନ ଚେନ୍ନାଇ ସୁପର କିଙ୍ଗ୍ସ, ମୁମ୍ବାଇ ଇଣ୍ଡିଆନ୍ସ, କୋଲକାତା ନାଇଟ ରାଇଡର୍ସ, ସରେ ଓ ଏସେକ୍ସ କାଉଣ୍ଟି ତରଫୁ ଖେଳିଛନ୍ତି। ୨୦୦୧ରେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ସେ ୩୨ଟି ଉଇକେଟ ହାସଲ କରିଥିଲେ। ଏହି ସିରିଜରେ ସେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ଏହି ସିରିଜରେ ଭାରତ ଐତିହାସିକ ବିଜୟ ହାସଲ କରିଥିଲା। ସେହିପରି ୨୦୦୭ ଟି୨୦ ବିଶ୍ୱକପ୍ ଓ ୨୦୧୧ ଦିନିକିଆ ବିଶ୍ୱକପ୍ ବିଜୟ ମଧ୍ୟ ମୋ ପାଇଁ ସ୍ମରଣୀୟ ହୋଇ ରହିବ। ଶେଷରେ ସେ ମାତାପିତା, ସ୍ତ୍ରୀ ଗୀତା, ସନ୍ତାନ, ଆଧ୍ୟାତ୍ମିକ ଗୁରୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବ୍ୟକ୍ତିଗତ ଜୀବନ ଓ କ୍ୟାରିୟରରେ ଏମାନଙ୍କର ସମର୍ଥନ ମୋ ପାଇଁ ବିଶେଷ ଭାବେ ଗୁରୁତ୍ୱବହନ କରୁଛି। ମୋ କ୍ୟାରିୟରୀ ନେଇ ସମ୍ପୂର୍ଣ୍ଣ ଭାବେ ସନ୍ତୁଷ୍ଟ ଅଛି ବୋଲି ସେ କହିଛନ୍ତି।

### ସଂକ୍ଷେପରେ...

ପୂରା ନାମ: ହରଭଜନ ସିଂ ପ୍ଲାହା
ଜନ୍ମ: ୧୯୮୦ ଜୁଲାଇ ୩, ଜଳନ୍ଦର, ପଞ୍ଜାବ
ବୟସ: ୪୧ ବର୍ଷ
ପ୍ରତିନିଧିତ୍ୱ କରିଥିବା ଦଳ: ପଞ୍ଜାବ, ସରେ, ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ ସୁପର କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ।

**କ୍ୟାରିୟର**

**ଟେଷ୍ଟ:**
ମ୍ୟାଚ୍- ୧୦୩
ଉଇକେଟ- ୪୧୭
ବୋଲିଂ ଆଭରେଜ- ୩୨.୪୬
ଏକ ଇନିଂସରେ ୫ ଉଇକେଟ ସଫଳତା- ୨୫
ଗୋଟିଏ ମ୍ୟାଚ୍‌ରେ ୧୯ ଉଇକେଟ ସଫଳତା- ୫
ଶ୍ରେଷ୍ଠ ବୋଲିଂ- ୮/୮୪
ରନ ସଂଗ୍ରହ- ୨,୨୨୪
ବ୍ୟାଟିଂ ଆଭରେଜ- ୧୮.୨୩
ଶତକ-୨, ଅର୍ଦ୍ଧଶତକ- ୯

**ଦିନିକିଆ**
ମ୍ୟାଚ୍- ୨୩୬
ଉଇକେଟ- ୨୬୯
ବୋଲିଂ ଆଭରେଜ୍- ୩୩.୩୫
୫ ଉଇକେଟ ସଫଳତା- ୩
ଶ୍ରେଷ୍ଠ ବୋଲିଂ- ୫/୩୧
ରନ ସଂଗ୍ରହ- ୧,୨୩୭

**ଟି୨୦**
ମ୍ୟାଚ୍- ୨୮
ଉଇକେଟ - ୨୫
ବୋଲିଂ ଆଭରେଜ- ୨୫.୩୨
ଶ୍ରେଷ୍ଠ ବୋଲିଂ- ୪/୧୨
ରନ ସଂଗ୍ରହ- ୧୦୮

### କ୍ରିକେଟ ଜଗତର ପ୍ରଶଂସା

ଅବସର ଘୋଷଣା କରିବା ପରେ ହରଭଜନ ସିଂଙ୍କୁ ସାରା କ୍ରିକେଟ ଜଗତ ପ୍ରଶଂସା କରିଛି। ତାଙ୍କ ପାଖକୁ ଅବସର ଜନିତ ଅଭିନନ୍ଦନର ଶୁଅ ଛୁଟିଛି। ପୂର୍ବତନ ଭାରତୀୟ ଓପନର ଶିଖର ଧାୱନ, ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ତଥା ପୂର୍ବତନ ବ୍ୟାଟ୍ସମ୍ୟାନ ଭି.ଭି.ଏସ. ଲକ୍ଷ୍ମଣ, ପୂର୍ବତନ ଦ୍ରୁତ ବୋଲର ଏସ. ଶ୍ରୀସନ୍ଥ, ଓପନର ଲୋକେଶ ରାହୁଲ, ସ୍ପିନର କୁଲଦୀପ ଯାଦବ, ପୂର୍ବତନ କ୍ରିକେଟର ପାର୍ଥୀବ ପଟେଲ, ପୂର୍ବତନ ସ୍ପିନର ପ୍ରଜ୍ଞାନ ଓଝା, ଦ୍ରୁତ ବୋଲର ଉମେଶ ଯାଦବ, ଓପନର ମୟଙ୍କ ଅଗ୍ରୱାଲ, ପୂର୍ବତନ ବ୍ୟାଟ୍ସମ୍ୟାନ ସୁରେଶ ରାଇନା ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ହରଭଜନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଏମ୍‌କେସିଏ ଅଲ୍ ଓଡ଼ିଶା କ୍ୟାରମ୍ ୭ରୁ

**ଭୁବନେଶ୍ୱର, ୨୪।୧୨:** ମା କାଳିଆଶୁଣୀ କ୍ୟାରମ୍ ସଂଘ ଆନୁକୂଲ୍ୟରେ ଏମ୍‌କେସିଏ ଅଲ୍ ଓଡ଼ିଶା କ୍ୟାରମ୍ ପ୍ରତିଯୋଗିତାର ତୃତୀୟ ସଂସ୍କରଣ ଜାନୁଆରୀ ୭ରୁ ୯ ପର୍ଯ୍ୟନ୍ତ ଆୟୋଜିତ ହେବ। ଏଥିରେ ଉଭୟ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ହେବ। ମୋଟ ୧୨୮ ପ୍ରତିଯୋଗୀ (୬୪ ସିଙ୍ଗଲ୍ସ ଏବଂ ୩୨ ଯୋଡ଼ା ଡବଲ୍ସ) ଆକର୍ଷଣୀୟ ଟ୍ରଫି ସହ ୨୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ପାଇବେ। ସିଙ୍ଗଲ୍ସ ଲାଗି ଏଣ୍ଟ୍ରି ଫି' ୨୦୦ ଟଙ୍କା ରଖାଯାଇଥିଲା ବେଳେ ଡବଲ୍ସ ପାଇଁ ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଇଚ୍ଛୁକ ଥିବା ଖେଳାଳିମାନେ ଚଳିତ ମାସ ୩୦ ତାରିଖ ସୁଦ୍ଧା ନିଜ ନାମ ପଞ୍ଜୀକରଣ କରିପାରିବେ। ଖେଳାଳିମାନଙ୍କୁ ଫାଷ୍ଟ କମ୍ ଫାଷ୍ଟ ପଦ୍ଧତିରେ ଅଂଶଗ୍ରହଣ ସୁଯୋଗ ମିଳିବ ବୋଲି ସଂଘର ସଭାପତି ପ୍ରଲୀପ୍ତ କୁମାର ନନ୍ଦ ଜଣାଇଛନ୍ତି।

## ଦିବାରାତ୍ର ଟେନିସ ବଲ୍ କ୍ରିକେଟ ଆଜିଠାରୁ

**ଭୁବନେଶ୍ୱର,୨୪।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ୟୁନିଟ-୬ ବାଳିକା ହାଇସ୍କୁଲ ଗ୍ରାଉଣ୍ଡରେ ବନଦୁର୍ଗା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶନିବାରଠାରୁ ଗୌତମ ଓ ଗାଲୁ ସ୍ମାରକୀ ଦିବାରାତ୍ର ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଭୁବନେଶ୍ୱର, କଟକ ଓ ଆଖାପାଖ ଅଞ୍ଚଳର ୧୬ଟି ଦଳ ଅଂଶଗ୍ରହଣ କରିବେ। ଚାମ୍ପିୟନ ଓ ରନର୍ସଅପ ଦଳକୁ ଯଥାକ୍ରମେ ୨୦ ଓ ୧୨ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଜେନ-ନେକ୍ସଟ୍ ୟୁଥ ଆସୋସିଏଶନ, ୟୁନିଟ-୭ ଓ ବନଦୁର୍ଗା କ୍ରିକେଟ କ୍ଲବ୍ ଆଥଲେଟିକ୍ ସେକ୍ରେଟାରୀ ତନ୍ମୟ ପରିଡା ସୂଚନା ଦେଇଛନ୍ତି।

## ଭାରତର ପୂର୍ବତନ ଗୋଲକିପରଙ୍କ ପରଲୋକ

**କୋଲକାତା, ୨୪।୧୨ (ପି.ଟି.):** ଏସିଆନ ଗେମ୍ସ ୧୯୫୪ ଦଳର ଅନ୍ୟତମ ସଦସ୍ୟ ରହିଥିବା ଭାରତର ପୂର୍ବତନ ଗୋଲକିପର ସନତ ସେଠ୍‌ଙ୍କର ୯୧ ବର୍ଷ ବୟସରେ ଶୁକ୍ରବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗୋଲପୋଷ୍ଟ ବାର୍ ତଳେ ଏରୋବାଟିକ୍ ସେଭ୍ ପାଇଁ ସେ ପରିଚିତ ଥିଲେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ସଭାପତି ପ୍ରଫୁଲ୍ଲ ପଟେଲ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭାରତୀୟ ଫୁଟ୍‌ବଲ ପ୍ରତି ସନତଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ଏଥିପାଇଁ ସେ ସ୍ମରଣୀୟ ହୋଇ ରହିବେ ବୋଲି ସେ କହିଛନ୍ତି। ୧୯୪୯ରେ ଇଷ୍ଟର୍ନ ରେଲୱେ ତରଫରୁ ଖେଳି ସନତ ତାଙ୍କ ଫୁଟ୍‌ବଲ କ୍ୟାରିୟର ଆରମ୍ଭ କରିଥିଲେ।

## ଓଡ଼ିଶା-ଗୋଆ ମ୍ୟାଚ୍ ଡ୍ର



ଓଡ଼ିଶା ଏଫ୍‌ସି ଓ ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଭାସ୍କୋ,୨୪।୧୨:** ଇଣ୍ଡିଆନ ସୁପର ଲିଗ (ଆଇଏସ୍‌ଏଲ)ରେ ଶୁକ୍ରବାର ଓଡ଼ିଶା ଏଫସି ଓ ଗୋଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଗୋଆ ତରଫରୁ ଇଭାନ ଗାରିଡୋ ଗୋଞ୍ଜାଲେଜ ୪୨ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧରେ ଗୋଆ ୧-୦ରେ ଅଗ୍ରଣୀ ରହିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ଜୋନାଥସ ଡି ଜେସସ ୫୩ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ଗୋଲ ନ ହେବା କାରଣରୁ ମ୍ୟାଚ୍ ଅମୀମାଂସିତ ରହିଥିଲା। ବଲ ପଜେସନ, ପାସ ଓ ପାସ ଆକ୍ୟୁରେସିରେ ଗୋଆ କିନ୍ତୁ ଓଡ଼ିଶାଠାରୁ ଆଗରେ ରହିଥିଲା। ଏଥିସହ ଓଡ଼ିଶା ୭ଟି ମ୍ୟାଚ୍ ଖେଳି ୩ ବିଜୟ, ୧ ଡ୍ର ଓ ୩ ପରାଜୟ ସହ ୧୦ ପଏଣ୍ଟ ପାଇ ସପ୍ତମ ସ୍ଥାନରେ ରହିଥିବା ବେଳେ ଗୋଆ ସମାନ ୭ଟି ମ୍ୟାଚ୍ ଖେଳି ୨ ବିଜୟ, ୨ ଡ୍ର ଓ ୩ ପରାଜୟ ସହ ୮ ପଏଣ୍ଟ ପାଇ ଅଷ୍ଟମ ସ୍ଥାନରେ ରହିଛି। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୨୮ ତାରିଖ ମଙ୍ଗଳବାର ହାଇଦ୍ରାବାଦ ଏଫ୍‌ସିକୁ ଭେଟିବ। ସେହିପରି ଗୋଆ ୨୯ ତାରିଖ ବୁଧବାର ଦିନ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଏଟିକେ ମୋହନ ବାଗାନକୁ ଭେଟିବ।

## ସୋଆ, ଭୁବନ ସେମିଫାଇନାଲ୍‌ରେ

**ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ**

**ଭୁବନ, ୨୪।୧୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ମିନିଷ୍ଟାଡିୟମ୍‌ରେ ଚାଲିଥିବା ୩୦ତମ ସର୍ବଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ୨ୟ ଲିଗ୍ ମ୍ୟାଚ୍‌ରେ ଧର୍ମଶାଳା ସ୍ପୋର୍ଟସ୍ କାଉନ୍‌ସିଲ୍‌କୁ ହରାଇ ଆୟୋଜକ ଭୁବନ କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଧର୍ମଶାଳା ପ୍ରଥମେ ବ୍ୟାଟିଂ କରି ମାତ୍ର ୯୩ ରନ୍ କରିଥିଲା। ଅନୁପ ପାଲ ୩୦ ରନ୍ କରିଥିଲେ। ଜବାବରେ ଭୁବନ ୯.୧ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଶୁଭାଶିଷ ବେହେରା ୨୮ ବଲ୍‌ରୁ ୪୫ ରନ୍ କରିଥିଲେ। ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ପାଇଁ ମିଥୁନ ଗୁରୁ, ପ୍ରଭଞ୍ଜନ ବେହେରାଙ୍କୁ ଯୁଗ୍ମ ଭାବେ 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ପ୍ରଦାନ କରାଯାଇଥିଲା। ସବ୍ୟସାଚୀ ସାହା, ଗିରିଜା ପ୍ରସାଦ ମିଶ୍ର ଅମ୍ପାୟରିଂ କରିଥିବାବେଳେ ବିପିନ ବିହାରୀ ସାହୁ ଧାରା ବିବରଣୀ ଦେଇଥିଲେ। କାଳୀବଜାର ବଣିକ ସଂଘ ସଭାପତି ସମୀର ସାହୁ, ଗଣେଶ ବଜାର ବଣିକ ସଂଘର ସଭାପତି ଶୁଭେନ୍ଦୁ ସାହୁ ଅତିଥି ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସୂଚନାଯୋଗ୍ୟ, ଗୁରୁବାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଜାରକାକୁ ହରାଇ ଭୁବନେଶ୍ୱର ସୋଆ ୟୁନିଭର୍ସିଟି ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ଅନ୍ୟତମ ଅତିଥି ଭାବେ ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ବିଡିଓ ଆଶୀର୍ବାଦ ପରିଡ଼ା, ବିଇଓ ପ୍ରତାପ ଶତପଥୀ, ସାମାଜିକ କର୍ମୀ ଅଜୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।




ଦ୍ୱିତୀୟ ଲିଗ୍ ମ୍ୟାଚ୍‌ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ଭବାନୀ ଦେବୀଙ୍କ ପାଇଁ ୮.୧୬ ଲକ୍ଷ ଟଙ୍କା

**ନୂଆଦିଲ୍ଲୀ, ୨୪।୧୨ (ପି.ଟି.):** ଭାରତର ପ୍ରଥମ ଅଲିମ୍ପିଆନ ଫେନ୍‌ସର ଭବାନୀ ଦେବୀ ଆସନ୍ତା କ୍ୟାଲେଣ୍ଡର ବର୍ଷରେ ଚାରୋଟି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବେ। ଏଥିଲାଗି କ୍ରୀଡ଼ା ମନ୍ତ୍ରଣାଳୟ ତାଙ୍କୁ ୮.୧୬ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଆନୁଆଲ କ୍ୟାଲେଣ୍ଡର ଫର ଟ୍ରେନିଂ ଆଣ୍ଡ୍ କମ୍ପିଟିଶନ (ଏସିଟିସି) ସ୍କିମ୍ ଜରିଆରେ ଏହି ରାଶି ମଞ୍ଜୁର କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ପ୍ରଥମଭାଗରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଭାଗ ନେଇ ଭବାନୀ ତାଙ୍କ ପ୍ରଥମ ରାଉଣ୍ଡ ବ୍ୟକ୍ତିଗତ ସାବ୍ରେ ଇଭେଣ୍ଟ ଜିତିଥିଲେ। ମାତ୍ର ରାଉଣ୍ଡ ଅଫ୍ ୩୨ରେ ସେ ପରାସ୍ତ ହୋଇଯାଇଥିଲେ। ଭବାନୀ ଜାନୁୟାରୀ ୧୪ରୁ ୧୬ ପର୍ଯ୍ୟନ୍ତ ଜର୍ଜିଆର ଟିବିଲିସିଠାରେ ଅନୁଷ୍ଠିତ ହେବାକୁଥିବା ଇଣ୍ଟରନ୍ୟାଶନାଲ ଫେନ୍‌ସିଂ ଫେଡେରେଶନ (ଏଫଆଇଇ) ୱାର୍ଲ୍ଡ କପ୍‌ରେ ଭାଗ ନେବେ। ଏହା ପୂର୍ବରୁ ସେ ଏହି ସହରରେ ଜାନୁୟାରୀ ୪ରୁ ଏକ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେବେ।

## ସତ୍ୟସାଇ କ୍ରିକେଟ: ଫାଇନାଲରେ ଭଦ୍ରକ



ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

**ରସୁଲପୁର, ୨୪।୧୨ (ଡି.ଏନ.ଏ.):** ଯାଜପୁର ବ୍ଲକ ଖାଲପଡ଼ା ପଞ୍ଚାୟତର କାକୁଡ଼ିକୁଦ-ନୀଳକଣ୍ଠପୁର ସତ୍ୟସାଇ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାର ଶନିବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏହି ମ୍ୟାଚ୍ ୟୁନିକ ଇଲେଭେନ ଭଦ୍ରକ ଓ ଦି ସ୍କାନ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଏଥିରେ ୟୁନିକ ଇଲେଭେନ ଭଦ୍ରକ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ୟୁନିକ ଇଲେଭେନ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଦଳ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ବିନିମୟରେ ୨୩୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟରଞ୍ଜନ ଦାସ ବ୍ୟକ୍ତିଗତ ସର୍ବାଧିକ ୯୭ ରନ ଓ କ୍ଷମାସାଗର ବଳ ୫୭ରନ ବଳରେ ଦଳ ପ୍ରତିପକ୍ଷ ଦଳକୁ ଏକ ବିଶାଳ ରନ୍‌ର ଟାର୍ଗେଟ ଦେଇବାକୁ ସକ୍ଷମ ହୋଇଥିଲେ। ବିପକ୍ଷ ଦଳର ବୋଲର ସୁକାନ୍ତ ଦାସ ୨ ଉଇକେଟ ନେଇଥିଲେ। ବିପକ୍ଷ ଦି ସ୍କାନ ଦଳ ନିର୍ଦ୍ଧାରତି ଓଭର ଖେଳି ୧୦ ଉଇକେଟ ବିନିମୟରେ ୧୩୪ ରନରେ ସୀମିତ ରହି ପରାଜୟବରଣ କରି ଟୁର୍ନାମେଣ୍ଟରୁ ବାଦ ପଡ଼ିଛି। ରବୀନ୍ଦ୍ର ଦାସ ସର୍ବାଧିକ ୪୬ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ବୋଲର କ୍ଷମା ସାଗର ବଳ ୫ ଉଇକେଟ ଅକ୍ତିଆର କରି ଦଳକୁ ଫାଇନାଲରେ ପ୍ରବେଶ କରାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବରୀ ଯୁବନେତା ଉମେଶ ଜେନା, ସରପଞ୍ଚ ଗଣେଶ୍ୱର ଦାସ, ନିରଞ୍ଜନ ଜେନା, ସାଇପ୍ରବୀର ସାହୁ, ବବି ନାରାୟଣ ସେଠୀ, ସରୋଜ ଜେନା, ରଞ୍ଜିତ ନାୟକ, ପ୍ରଭାକର ସାହୁ, ଶୁକଦେବ ବିଶ୍ୱାଳ, ପ୍ରଶାନ୍ତ ଜେନା ପ୍ରମୁଖ ଯୋଗଦେଇ ୟୁନିକ ଇଲେଭେନ ଦଳର କ୍ଷମା ସାଗର ବଳଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।

## ବ୍ଲୁମୁନ୍- ଜେଏମ୍‌ଡି ଫାଇନାଲ

**ହାଡ଼ିବନ୍ଧୁ, ସତ୍ୟବାଦୀ ସ୍ମାରକୀ କ୍ରିକେଟ**

**ଭୁବନେଶ୍ୱର, ୨୪।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ସୁନ୍ଦରପଦା, କପିଳ ପ୍ରସାଦ ସାକ୍ସ ଖେଳ ପଡ଼ିଆରେ ଚାଲିଥିବା ହାଡ଼ିବନ୍ଧୁ ଓ ସତ୍ୟବାଦୀ ସ୍ମାରକୀ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ବ୍ଲୁମୁନ୍ ଓ ଜେଏମ୍‌ଡି ଦଳ ଟାଇଟଲ ପାଇଁ ରବିବାର ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବ୍ଲୁମୁନ ୩ ଉଇକେଟରେ ବୈଶାଳୀ ଜାଗୁଆରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜତିତ ବୈଶାଳୀ ପ୍ରଥମେ ବ୍ୟାଟିଂ କରି ୧୧୦ ରନ କରି ଅଲ ଆଉଟ ହୋଇଥିଲା। ଦଳର ତରଫରୁ ହାରି ଶଙ୍କର ୧୭ ବଲରୁ ସର୍ବାଧିକ ୩୦ ରନ ସଂଗ୍ରହ କରିଥିଲେ। ବ୍ଲୁମୁନର ରାହୁଲ ଦାସ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ବ୍ଲୁମୁନ୍ ୧୧୧ ରନକରି ବିଜୟୀ ହୋଇଥିଲା। ଦଳ ତରଫରୁ ଅଭିଜିତ ସ୍ୱାଇଁ ୧୯ ବଲରୁ ୪୭ ରନ କରିଥିବା ବେଳେ ଜାଗୁଆର ତରଫରୁ ଯଶବନ୍ତ ମାଝି ଓ ହରିଶଙ୍କର ୨ଟି ଲେଖାଏ ଉଇକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ଅଭିଜିତ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ଅତିଥି ଭାବେ ଯୋଗ ଦେଇଥିଲେ ସୁଭେନ୍ଦୁ ନନ୍ଦ। ଅମ୍ପାୟର ଭାବେ ପ୍ରଶାନ୍ତ ଶୁକ୍ଳା ଓ ଡମ୍ବରୁଧର ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଜେଏମ୍‌ଡି ୪ ରନରେ ଲାଲବାହାଦୂରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଟସ୍ ଜିତି ଜେଏମ୍‌ଡି ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଆଶିଷ ପ୍ରଧାନ ୧୩ ବଲରୁ ସର୍ବାଧିକ ୨୬ ରନ ସଂଗ୍ରହ କରିଥିଲେ। ଲାଲବାହଦୂର ତରଫରୁ ଏସ୍. ଗିରି ୩ ଉଇକେଟ ନେଇଥିଲେ। ଜବାବରେ ଲାଲବାହଦୂର ୪ ଉଇକେଟ ହରାଇ ୧୨୨ ରନକରି ପରାସ୍ତ ହୋଇଥିଲା। ଦଳ ତରଫରୁ ଏସ୍. ଗିରି ୨୨ ବଲରୁ ୩୪ ରନ ସଂଗ୍ରହ କରିଥିଲେ। ଜେଏମ୍‌ଡିର ଦେବାଷିଶ ବାରିକ ୨ ଉଇକେଟ ନେଇଥିଲେ। ଆଶିଷ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିପିନ ତ୍ରିପାଠୀ ଓ ରବି ନାରାୟଣ ଶତପଥୀ ଅତିଥି ରୂପେ ଯୋଗ ଦେଇଥିଲେ। ପିଲୁ ମାର୍ଥା ଓ ଚିତ୍ତରଞ୍ଜନ ମହାପାତ୍ର ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ।





ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## '୫ ବୋଲରଙ୍କୁ ନେଇ ଖେଳିବ ଭାରତ'

**ସେଞ୍ଚୁରିଅନ, ୨୪।୧୨ (ପି.ଟି.)**

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତ ଏହାର ୫ବୋଲରଙ୍କୁ ନେଇ ରଣନୀତି ବଜାୟ ରଖିବ ବୋଲି ଭାରତର ନବନିଯୁକ୍ତ ଉପଅଧିନାୟକ କେ.ଏଲ୍. ରାହୁଲ ଶୁକ୍ରବାର ସୂଚନା ଦେଇଛନ୍ତି। ୫ମ ସ୍ଥାନ ପାଇଁ ଅଜିଙ୍କ୍ୟ ରାହାନେ ଓ ଶ୍ରେୟାସ ଆୟାରଙ୍କ ମଧ୍ୟରୁ ଜଣକୁ ବାଛିବା କଷ୍ଟକର ହୋଇପଡ଼ିଛି। ଓପନିଂ ମ୍ୟାଚ ପୂର୍ବରୁ ଭାରତ ଏଠାରେ ଏକ ସପ୍ତାହ ହେଲା ଏହାର ଅଭ୍ୟାସ ଜାରି ରଖିଛି। ଦକ୍ଷିଣ ଆଫ୍ରିକାରେ ଥରେ ହେଲେ ଏକ ଟେଷ୍ଟ ସିରିଜ ଜିତିପାରି ନ ଥିବା ଭାରତକୁ ଏହି ଧାରା ଭଙ୍ଗ କରିବାକୁ ହେଲେ ଭଲ ଆରମ୍ଭର ଆବଶ୍ୟକତା ରହିଛି। ଭାରତ ଯଦି ୪ ବୋଲରଙ୍କୁ ନେଇ ଖେଳେ ତେବେ ବ୍ୟାଟିଂ ଲାଇନ୍‌ଅପ୍‌ରେ ଜଣେ ଅତିରିକ୍ତ ବ୍ୟାଟରଙ୍କୁ ସାମିଲ କରାଯାଇ ପାରିବ। ଏହିନୀତି ଆପଣେଇଲେ ଅସୁବିଧା କ'ଣ ବୋଲି ପଚରାଯିବାରେ ରାହୁଲ ସକାରାତ୍ମକ ଜବାବ ଦେଇଥିଲେ। ଟେଷ୍ଟ ମ୍ୟାଚ ଜିତିବା ଲାଗି ପ୍ରତ୍ୟେକ ଦଳ ୨୦ଟି ଉଇକେଟ ପତନ ଘଟାଇବାକୁ ଚାହିଁବେ। ଆମେ ମଧ୍ୟ ଏହି ରଣନୀତି ଆପଣେଇଛୁ। ବିଦେଶରେ ଟେଷ୍ଟ ଖେଳିବା ବେଳେ ଏହା ସହାୟକ ହୋଇଛି ବୋଲି ରାହୁଲ ଏକ ଭର୍ଚୁଆଲ ମିଡିଆ ବାର୍ତ୍ତାଳାପ ବେଳେ କହିଛନ୍ତି। ୫ ବୋଲରଙ୍କୁ ଖେଳାଇବା ଦ୍ୱାରା ୱାର୍କଲୋଡ୍ ମ୍ୟାନେଜ କରିବା ଅପେକ୍ଷାକୃତ ସହଜ ହୋଇଥାଏ। ଉନ୍ନତ ବ୍ୟାଟିଂ ସ୍କିଲ୍ ଯୋଗୁ ସିନିୟର ବୋଲର ଇଶାନ୍ତ ଶର୍ମାଙ୍କ ତୁଳନାରେ ଶାର୍ଦ୍ଦୂଳ ଠାକୁର ଫେଭରାଇଟ୍। ଆୟାର, ରାହାନେ ଓ ହନୁମାଙ୍କ ମଧ୍ୟରୁ ଜଣେ କେହି ଦଳରେ ସ୍ଥାନ ପାଇବେ। ଅନ୍ୟପକ୍ଷରେ ଦଳରେ ରାହୁଲ, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ବିରାଟ କୋହଲି ଓ ରିଷଭ ପନ୍ତଙ୍କ ସ୍ଥାନ ପକ୍କା ରହିବା ସ୍ୱାଭାବିକ। ଅଜିଙ୍କ୍ୟଙ୍କ ଉପରେ ନିଜର ମତ ଉପସ୍ଥାପନ କରିବାକୁ ଯାଇ ରାହୁଲ କହିଛନ୍ତି ଅଜିଙ୍କ୍ୟ ଟେଷ୍ଟ ଟିମ୍‌ର ଜଣେ ପ୍ରମୁଖ ସଦସ୍ୟ। ସେ ତାଙ୍କ କ୍ୟାରିୟରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ଲର୍ଡ୍ସଠାରେ ପୂଜାରାଙ୍କ ସହ ତାଙ୍କ ପାର୍ଟନରଶିପ୍ ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚରେ ଆମକୁ ଜିତାଇବାରେ ସହାୟକ ହୋଇଥିଲା। ଶ୍ରେୟାସ ମଧ୍ୟ କୌଣସି ଗୁଣରେ କମ୍ ନୁହନ୍ତି। କାନପୁରରେ ସେ ଏକ ଅର୍ଦ୍ଧଶତକ ବ୍ୟତୀତ ଏକ ଚମତ୍କାର ଶତକ ହାସଲ କରିଥିଲେ। ହନୁମା ମଧ୍ୟ ଦଳ ପାଇଁ ସମାନ କାର୍ଯ୍ୟ କରିଛନ୍ତି। ତେଣୁ ଏମାନଙ୍କ ମଧ୍ୟରୁ କାହାରିକୁ ଦଳରେ ସାମିଲ କରାଗଲେ ଭଲ ହେବ ସେ ନେଇ ନିଷ୍ପତ୍ତି ନେବା କଷ୍ଟକର ନିଶ୍ଚୟ।



ଲୋକେଶ ରାହୁଲ



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ